# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୨୫/୨୦୧୮ (୧୬ ପୃଷ୍ଠା) | Bhubaneswar, Tuesday, September 25/ 2018 | ★★★★

୪୪ଶ ଭାଗ ୩୦୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ଈଶାନଙ୍କ ବିସ୍ଫୋରକ ଶତକ**

ଆସାମ ବିପକ୍ଷ ବିଜୟ ହଜାରେ ଟ୍ରଫି ମ୍ୟାଚରେ ଝାଡ଼ଖଣ୍ଡ ବ୍ୟାଟ୍ସମ୍ୟାନ ଈଶାନ କିଷାନ ଏକ ବିସ୍ଫୋରକ ଶତକ ହାସଲ କରିଛନ୍ତି।

୧୪

୦୨

**ଚର୍ଚ୍ଚିତ ଚରିତ୍ର ହେବାକୁ ପସନ୍ଦ କରେନାହିଁ: ରାଧିକା**

ସବୁ କାମ କରିବାରେ କୃତଜ୍ଞତା ପ୍ରକାଶ କରେ। ତେବେ ଚର୍ଚ୍ଚାରେ ରହିବାକୁ ପସନ୍ଦ କରେନାହିଁ ବୋଲି ବଲିଉଡ୍ ଅଭିନେତ୍ରୀ ରାଧିକା ଆପ୍ତେ ପ୍ରକାଶ କରିଛନ୍ତି।




DADLS-116

## ରାଜ୍ୟର କୃଷକଙ୍କୁ ସଶକ୍ତ କରୁଛି ଓଡ଼ିଶା

୧୨୯ଟି ବ୍ଲକର ୨୪୨୯ ଗ୍ରାମ ପଞ୍ଚାୟତର ୬୦୦୦ରୁ ଉର୍ଦ୍ଧ୍ୱ ଚାଷୀଙ୍କୁ ତାଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନା, ନୂତନ ଉତ୍ପାଦନ ଜ୍ଞାନ କୌଶଳ ଏବଂ ଭୁବନେଶ୍ୱରରେ ଅବସ୍ଥିତ ପ୍ରମୁଖ କୃଷି ଗବେଷଣା କେନ୍ଦ୍ର ପରିଦର୍ଶନ ସହ କୃଷି ବୈଜ୍ଞାନିକମାନଙ୍କ ବିଭିନ୍ନ ପରାମର୍ଶ ମାଧ୍ୟମରେ ଦିଆଯାଇଛି ପ୍ରଶିକ୍ଷଣ।

ରାଜ୍ୟର ପ୍ରାୟ ୨ ହଜାର ମହିଳା ଚାଷୀ ମଧ୍ୟ ହୋଇଛନ୍ତି ସାମିଲ ଏହି ପ୍ରଶିକ୍ଷଣରେ।

କୃଷକମାନଙ୍କ ପାଇଁ ସଚେତନତା, ପ୍ରଶିକ୍ଷଣ ଏବଂ ପରାମର୍ଶ ଗ୍ରହଣ ବଢ଼େଇବ ଉତ୍ପାଦନ, ବଢ଼ିବ କୃଷିରୁ ଆୟ।

୨୦ ଜୁନ୍‌ରୁ ଆରମ୍ଭ ହୋଇଥିବା ଏହି କୃଷକ ସଚେତନତା କାର୍ଯ୍ୟକ୍ରମ ପାଇଁ କୃଷକମାନେ ତାଙ୍କ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦେଉଛନ୍ତି ଆନ୍ତରିକ ଧନ୍ୟବାଦ।

15001/13/0250/1819




@Naveen_Odisha | CMO.Odisha | @CMO_Odisha

**ସଚେତନ କୃଷକ, ସଶକ୍ତ କୃଷକ**


## ସୋଲି ମାଳଦ୍ୱୀପ ନୂଆ ରାଷ୍ଟ୍ରପତି

**ମାଲେ/ନୂଆଦିଲ୍ଲୀ, ୨୪।୯(ପି.ଟି.)**



ବହୁଚର୍ଚ୍ଚିତ ମାଳଦ୍ୱୀପ ରାଷ୍ଟ୍ରପତି ନିର୍ବାଚନରେ ବାଜି ମାରିଛନ୍ତି ବିରୋଧୀ 'ମାଲ୍‌ଡେଭିଏନ୍ ଡେମୋକ୍ରାଟିକ୍ ପାର୍ଟି' (ଏମ୍‌ଡିପି) ପ୍ରାର୍ଥୀ ଇବ୍ରାହିମ୍ ମହମ୍ମଦ ସୋଲି। ଦ୍ୱିତୀୟ ପାଳି ପାଇଁ ଆଶା ରଖିଥିବା ଶାସକ 'ପ୍ରୋଗ୍ରେସିଭ୍ ପାର୍ଟି ଅଫ୍ ମାଳଦ୍ୱୀପ' (ପିପିଏମ୍) ପ୍ରାର୍ଥୀ ତଥା ରାଷ୍ଟ୍ରପତି ୟାମିନ୍ ଅବ୍ଦୁଲ ଗୟୁମ୍‌ଙ୍କୁ ପରାଜୟର ମୁହଁ ଦେଖିବାକୁ ପଡ଼ିଛି। ରବିବାର ଦେଶରେ ଅନୁଷ୍ଠିତ ରାଷ୍ଟ୍ରପତି ନିର୍ବାଚନର ଫଳାଫଳ ସୋମବାର ପ୍ରକାଶ ପାଇଛି। ଏଥିରେ ସୋଲି ୧,୩୪,୬୧୬ (୫୮.୩%) ଭୋଟ୍ ସହ ବିଜୟୀ ହୋଇଥିବାବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଗୟୁମ୍‌ଙ୍କୁ ମିଳିଛି ୯୬,୧୩୨ (୪୧.୫%) ଭୋଟ୍। ନଭେମ୍ବର ୧୭ରେ ସୋଲି ରାଷ୍ଟ୍ରପତି ଭାବେ ଶପଥ ଗ୍ରହଣ କରିବେ ଏବଂ ୨୦୨୩ ଯାଏ ସେ ଏହି ପଦରେ ରହିବେ। ବିଜୟ ପରେ ଦେଶବାସୀଙ୍କୁ ଉଦ୍‌ବୋଧନ ଦେଇ ସୋଲି କହିଛନ୍ତି, ଏହି ଜନାଦେଶର ବାର୍ତ୍ତା ଏକ୍‌ଦମ ସ୍ପଷ୍ଟ ଏବଂ ଶାଣିତ। ଦେଶବାସୀ ପରିବର୍ତ୍ତନ, ଶାନ୍ତି ଏବଂ ନ୍ୟାୟ ଚାହାନ୍ତି। ସେପଟେ ସୋଲି ମାଳଦ୍ୱୀପ ପାଇଁ ସର୍ବୋତ୍କୃଷ୍ଟ ସେବା ପ୍ରଦାନ କରିଛନ୍ତି ବୋଲି ଫଳାଫଳ ଘୋଷଣା ପରେ ପୂର୍ବତନ ରାଷ୍ଟ୍ରପତି ମହମ୍ମଦ ନଶିଦ ଟୁଇଟ୍ କରି କହିଛନ୍ତି। ସୋଲିଙ୍କ ବିଜୟ ପରେ ଦେଶବିଦେଶରୁ ତାଙ୍କ ନିକଟକୁ ଅଭିନନ୍ଦନର ବାର୍ତ୍ତା ଛୁଟିଛି। ଭାରତ ମଧ୍ୟ ସୋଲି ଏବଂ ଏମ୍‌ଡିପିକୁ ଶୁଭେଚ୍ଛା ବାର୍ତ୍ତା ଜଣାଇଛି। ସେପଟେ ନିଜର ପରାଜୟ ସ୍ୱୀକାର କରିଛନ୍ତି ଦେଶର ପ୍ରଭାବଶାଳୀ ନେତା ଅବ୍ଦୁଲ ଗୟୁମ୍।

# ଧାନ ବିକ୍ରି ପାଇଁ ହଟିଲା କଟକଣା

**ଭୁବନେଶ୍ୱର,୨୪।୯(ବ୍ୟୁରୋ)**

**କ୍ୟାବିନେଟ ନିଷ୍ପତ୍ତି**



- ସବୁ ଧାନ ବିକିପାରିବେ କ୍ଷୁଦ୍ର, ଭାଗ ଚାଷୀ
- ନଭେମ୍ବରରୁ ଆରମ୍ଭ ହେବ ଧାନ ସଂଗ୍ରହ
- ଲକ୍ଷ୍ୟ ୫୫ ଲକ୍ଷ ମେଟ୍ରିକ ଟନ
- ୨୪ ଘଣ୍ଟାରେ ଚାଷୀଙ୍କୁ ମିଳିବ ପ୍ରାପ୍ୟ
- ୧୦୦ ପ୍ରତିଶତ ଚାଉଳ ଫେରାଇ ନ ଥିବା ମିଲରଙ୍କୁ ମନା

ଭାଗ ଚାଷୀ, କ୍ଷୁଦ୍ର ଓ ନାମମାତ୍ରପ ଚାଷୀ ଏଣିକି ସେମାନଙ୍କ ଧାନ ବିକ୍ରି କରିପାରିବେ। ରାଜ୍ୟ ସରକାର ଏ ନେଇ ପୂର୍ବରୁ ଲଗାଇଥିବା କଟକଣାକୁ ହଟାଇ ଦେଇଛନ୍ତି। ନିଜ ପରିବାର ପାଇଁ ବର୍ଷ ସକାଶେ ଧାନ ରଖିବା ଆବଶ୍ୟକ ନାହିଁ। ସବୁ ଧାନ ଚାହିଁଲେ ସେମାନେ ବିକ୍ରି କରିଦେଇ ପାରିବେ। କେନ୍ଦ୍ର ସରକାର ରାଜ୍ୟରେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା କାର୍ଯ୍ୟକାରୀ କରିଥିବା ବେଳେ ରାଜ୍ୟ ସରକାର ଆସନ୍ତା ଅକ୍ଟୋବର ୨ ତାରିଖଠାରୁ ଓଡ଼ିଶା ଖାଦ୍ୟ ସୁରକ୍ଷା ଆଇନ କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି। ଗରିବ ଲୋକଙ୍କୁ ମୁଣ୍ଡ ପିଛା ୫ କିଲୋ ଚାଉଳ ମିଳୁଥିବାରୁ ଧାନ ରଖିବାର କୌଣସି ଆବଶ୍ୟକତା ନାହିଁ। ଅଧିକ ସଂଖ୍ୟାରେ କ୍ଷେତ୍ର ଚାଷୀଙ୍କୁ ଧାନକିଣା ପ୍ରକ୍ରିୟାରେ ସାମିଲ କରିବା ପାଇଁ ଏଭଳି ପଦକ୍ଷେପ ନିଆଯାଇଛି। ରାଜ୍ୟ ସରକାର ଖାଦ୍ୟ ଓ ଧାନ ସଂଗ୍ରହ ନୀତି–୨୦୧୮ କାର୍ଯ୍ୟକାରୀ କରିଛନ୍ତି। ଏହାକୁ ସୋମବାର ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି। ଏହି ନୂତନ ନୀତି ଅନୁଯାୟୀ, ଭାଗ ଚାଷୀ, କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ପାଇଁ ପୂର୍ବରୁ ଥିବା କଟକଣାକୁ ହଟାଇ ଦିଆଯାଇଛି। ପୂର୍ବରୁ ବାର୍ଷିକ ମୁଣ୍ଡପିଛା ୩ କୁଇଣ୍ଟାଲ ହିସାବରେ ଧାନ ବିକ୍ରି ଉପରେ କଟକଣା ରହିଥିଲା। ଏଥିଯୋଗୁ କ୍ଷୁଦ୍ର ଓ ଭାଗ ଚାଷୀମାନେ ସେମାନଙ୍କର ସ୍ୱଳ୍ପ ପରିମାଣ ଧାନକୁ ବିକ୍ରି କରିପାରୁ ନ ଥିଲେ। କ୍ୟାବିନେଟ ବୈଠକ ଶେଷରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, କ୍ଷୁଦ୍ର ଓ ଭାଗ ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି। ସୋମବାର ସଚିବାଳୟଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ୩ଟି ପ୍ରସ୍ତାବକୁ ଅନୁମୋଦନ ଦିଆଯାଇଛି।

ଆସନ୍ତା ଅକ୍ଟୋବର ୧ରୁ ରାଜ୍ୟରେ ଖରିଫ ଧାନ ସଂଗ୍ରହ ବର୍ଷ ଆରମ୍ଭ ହେବ। ଏହା ୨୦୧୯ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ଚାଲିବ। ଆସନ୍ତା ବର୍ଷ ପାଇଁ ରାଜ୍ୟ ସରକାର ୫୫ ଲକ୍ଷ ମେଟ୍ରିକ୍ ଟନ୍ ଧାନ ତଥା ଚାଉଳ ହିସାବରେ ୩୭ ଲକ୍ଷ ମେଟ୍ରିକ୍ ଟନ୍ ସଂଗ୍ରହ କରିବା ପାଇଁ ଲକ୍ଷ୍ୟଧାର୍ଯ୍ୟ କରିଛନ୍ତି। ☞ପୃଷ୍ଠା–୪

## ଲୁଟିନେଲେ ୩୦ଲକ୍ଷ

**ଭଦ୍ରକ ଅଫିସ,୨୪।୯**

- ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କରୁ ୟୁକୋ ବ୍ୟାଙ୍କକୁ ଯାଉଥିଲା ଟଙ୍କା
- ବନ୍ଧୁକ, ମାରଣାସ୍ତ୍ର ଦେଖାଇ ନେଇଗଲେ ଟଙ୍କା ଭର୍ତ୍ତି ବାକ୍ସ
- ବିନା ସୁରକ୍ଷା ବ୍ୟବସ୍ଥାରେ ଏତେ ଟଙ୍କା ନିଆଯାଇଥିବା ନେଇ ପ୍ରଶ୍ନବାଚୀ

ଭଦ୍ରକ ସହର ଓ ଏହାର ଆଖପାଖ ଅଞ୍ଚଳରେ ଏବେ ଦୁର୍ବୃତ୍ତଙ୍କ ଆତଙ୍କ ବଢ଼ିବାରେ ଲାଗିଛି। ସୋମବାର ବ୍ୟାଙ୍କ କର୍ମଚାରୀଙ୍କୁ ବନ୍ଧୁକ ଦେଖାଇ ଓ ମାରଣାସ୍ତ୍ରରେ ଆକ୍ରମଣ କରି ଦୁର୍ବୃତ୍ତମାନେ ୩୦ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଏକ ଇଣ୍ଡିଗୋ ଯୋଗେ ଭଦ୍ରକ ବାଇପାସ୍ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କରୁ ଗ୍ରାମାଞ୍ଚଳ ଥାନା ଅଧୀନ ଜଳଙ୍ଗା ୟୁକୋ ବ୍ୟାଙ୍କକୁ ଏହି ଟଙ୍କା ନିଆଯାଉଥିଲା। କୁଆପଦା ନିକଟରେ କଳା ପଲସରରେ ମୁହଁରେ କପଡ଼ା ବାନ୍ଧିଥିବା ୩ ଜଣ ଦୁର୍ବୃତ୍ତ ଆସି ଡ୍ରାଇଭରଙ୍କୁ ବନ୍ଧୁକ ଦେଖାଇ ଗାଡ଼ି ଅଟକାଇ ପରେ ଚାବି ଛଡ଼ାଇ ନେଇଥିଲେ। ଗାଡ଼ିର ପଛପାଖ ଡିକି ଖୋଲି ସେଥିରେ ତିଣି ବାକ୍ସ ଭିତରେ ଥିବା ୩୦ଲକ୍ଷ ଟଙ୍କା ଲୁଟି ନେଇଥିଲେ। ଦୁର୍ବୃତ୍ତଙ୍କ ମଧ୍ୟରୁ ଜଣେ ଇଣ୍ଡିଗୋ ଡ୍ରାଇଭରଙ୍କୁ ବନ୍ଧୁକ ଦେଖାଇଥିବାବେଳେ ଅନ୍ୟ ୨ ଜଣ ଗାଡ଼ି ଭିତରେ ବସିଥିବା ୨ ବ୍ୟାଙ୍କ କର୍ମଚାରୀଙ୍କୁ ଭୁଜାଲିରେ ଆକ୍ରମଣ କରିଥିଲେ। ତେବେ ଭୁଜାଲି ମାଡ଼ ଗାଡ଼ି ସିଟରେ ବାଜିବାରୁ ବ୍ୟାଙ୍କ କର୍ମଚାରୀ ଅଳ୍ପକେ ବର୍ତ୍ତି ଯାଇଥିଲେ। ଖବର ପାଇ ଭଦ୍ରକ ଏସ୍‌ପି ରାଜେଶ ପଣ୍ଡିତ, ଅତିରିକ୍ତ ଏସ୍‌ପି କୈଳାସ ଚନ୍ଦ୍ର ପରିଡା, ଗ୍ରାମାଞ୍ଚଳ ଥାନାଧିକାରୀ ଦୟାନିଧି ଦାସ, ଟାଉନ ଥାନାଧିକାରୀ ଦିଲୀପ ସାହୁ ପ୍ରମୁଖ ପହଞ୍ଚି ଘଟଣାର ତଦନ୍ତ ଚଳାଇଥିଲେ। ଘଟଣା ପରେ ବିଭିନ୍ନ ରାସ୍ତାକୁ ସିଲ୍ କରି ଯାଞ୍ଚ କରାଯାଇଥିଲା। ରିପୋର୍ଟ ଲେଖା ହେବା ସୁଦ୍ଧା ଦୁର୍ବୃତ୍ତଙ୍କ ସନ୍ଧାନ ମିଳିପାରି ନାହିଁ। ☞ପୃଷ୍ଠା–୪

### ରାଜ୍ୟ ସରକାରଙ୍କ ଉପରେ ବର୍ଷିଲେ ଶାହ

# ୫ ବର୍ଷ ସୁଯୋଗ ଦିଅ, ଓଡ଼ିଶା ହେବ ୧ ନମ୍ବର



ପୁରୀଠାରେ ଅନୁଷ୍ଠିତ ଭାଜପା ମହିଳା ମୋର୍ଚ୍ଚା ପ୍ରତିନିଧି ସଭାରେ ଉପସ୍ଥିତ ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ (ମଝି) ଓ ଅନ୍ୟ ନେତୃମଣ୍ଡଳୀ।

**ପୁରୀ ଅଫିସ, ୨୪।୯**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ୨୨ ତାରିଖରେ ଦିନିକିଆ ଓଡ଼ିଶା ଗସ୍ତରେ ଆସି ବିଜେଡି ସରକାରକୁ ଟାର୍ଗେଟ କରିଥିଲେ। ସୋମବାର ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ଓଡ଼ିଶା ଆସି ପୁରୀରେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ଦୁର୍ନୀତି, ଭ୍ରଷ୍ଟାଚାର ଓ ମହିଳା ନିର୍ଯାତନା ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ସମାଲୋଚନା କରି ଦେଇଛନ୍ତି ପରିବର୍ତ୍ତନ ଲାଗି ଆହ୍ୱାନ। ଭାଜପାକୁ ୫ ବର୍ଷ ଶାସନ କ୍ଷମତାରେ ବସାଇଲେ ଓଡ଼ିଶା ୧ ନମ୍ବର ସ୍ଥାନ ହାସଲ କରିବ ବୋଲି ଶାହ କହିଛନ୍ତି। ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

## କୃତ୍ରିମ ଜାତୀୟତା

**ଆଜିର ମନ୍ତବ୍ୟ**

" କଶ୍ମୀରରେ ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦର ବିସ୍ତାର ହେଉଛି।

–ରାଜନାଥ ସିଂ, ସ୍ୱରାଷ୍ଟ୍ରମନ୍ତ୍ରୀ

**କିଛି ତଥ୍ୟ**

ବ୍ୟାଙ୍କଗୁଡ଼ିକ ଅତି କମରେ ୧୦% ଶାଖାରେ ଆଧାର ପଞ୍ଜୀକରଣ ଓ ସଂଶୋଧନ ସୁବିଧା ଦେବା ବାଧ୍ୟତାମୂଳକ। –ୟୁଆଇଡିଏଆଇ


NECC NATIONAL EGG CO-ORDINATION COMMITTEE | 24.09.2018 | Vencobb Chicken

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 58 | 103 | 113 |
| CTC | 59 | 105 | 115 |
| DKL | 60 | 106 | 116 |
| BDK | 61 | 107 | 117 |
| BLS | 62 | 109 | 119 |
| ANG | 60 | 106 | 116 |

*Conditions Apply

Eggs Retail Price- 47/-Dozen
Issued in the Interest of Consumers


# ଟ୍ରେନ୍‌ରୁ ଜବତ ହେଲା ୨ କେଜି ସୁନା

**ଭୁବନେଶ୍ୱର,୨୪।୯(ବ୍ୟୁରୋ)**

- ମ୍ୟାନ୍‌ମାର୍‌ରୁ ସୀମା ଦେଇ ଚେନ୍ନାଇ ଚାଲାଣ ହେଉଥିଲା
- ଗୀଟାର ଓ ବ୍ୟାଗ୍‌ରେ ଅଭିନବ ଉପାୟରେ ନିଆଯାଉଥିଲା
- ଡିଆର୍‌ଆଇ ଦ୍ୱାରା ଦୁଇ ଭାରତୀୟ ଗିରଫ

ବିଦେଶରୁ ଭାରତକୁ ଚୋରାରେ ଚାଲାଣ ହେଉଛି ସୁନା। ବିମାନ ବନ୍ଦରରେ ବାରମ୍ବାର ଚଢ଼ାଉ ପରେ ଏବେ ଚାଲାଣକାରୀମାନେ ସେମାନଙ୍କ ତରିକା ବଦଳାଇଛନ୍ତି। ଡିଲା ଯାଞ୍ଚ ହେଉଥିବା ପଡୋଶୀ ରାଷ୍ଟ୍ରକୁ ବିମାନ ଯୋଗେ ସୁନା ଚୋରାଚାଲାଣ ପରେ ସେଠାରୁ ଅଭିନବ ଉପାୟରେ ସୀମାଦେଇ ଭାରତକୁ ଆସୁଛି। ତା'ପରେ ଟ୍ରେନ୍ ଓ ଅନ୍ୟ ମାଧ୍ୟମରେ ବିଭିନ୍ନ ରାଜ୍ୟକୁ ଚାଲାଣ ହେଉଛି। ସୋମବାର ବିଶାଖାପାଟଣା ଷ୍ଟେଶନରୁ ରାଜସ୍ୱ ଗୋଇନ୍ଦା ନିର୍ଦ୍ଦେଶାଳୟ(ଡିଆର୍‌ଆଇ)ର ଅଧିକାରୀମାନେ ଗୁଆହାଟୀ–ଚେନ୍ନାଇ ଏକ୍ସପ୍ରେସ୍‌ରୁ ୧.୯ କେଜି ସୁନା ଜବତ କରିଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ଦୁଇଜଣ ଭାରତୀୟଙ୍କୁ ଅଟକ ରଖି ପଚରାଉଚରା ପରେ ସୁନା ଚୋରାଚାଲାଣର ଏହି ନୂଆ ଦିଗ ସମ୍ପର୍କରେ ଜାଣିବାକୁ ପାଇଛନ୍ତି। ତେବେ ଜବତ ସୁନାର ମୂଲ୍ୟ ☞ପୃଷ୍ଠା–୪

## ୫ହଜାର କୋଟି ଋଣ ନେଇ ଗୁଜରାଟ ବ୍ୟବସାୟୀ ଛୁ

**ନୂଆଦିଲ୍ଲୀ,୨୪।୯**

ଗୁଜରାଟର ଫାର୍ମା କମ୍ପାନୀ ଷ୍ଟର୍ଲିଂ ବାୟୋଟେକର ମାଲିକ ତଥା ଡାଇରେକ୍ଟର ନୀତିନ ଜୟନ୍ତୀଲାଲ ସନ୍ଦେସରା ଏବଂ ତାଙ୍କ ପରିବାର ଦେଶ ଛାଡି ଏବେ ନାଇଜେରିଆ ପଳାୟନ କରିଛନ୍ତି। ବିଭିନ୍ନ ବ୍ୟାଙ୍କରୁ ୫,୩୮୩କୋଟି ଟଙ୍କାର ଋଣ ନେଇ ସେ ପରିଶୋଧ କରି ନ ଥିବା ଅଭିଯୋଗ ହୋଇଛି। ତାଙ୍କୁ ଅନ୍ୟ ଏକ ମାମଲାରେ ଦୁବାଇରେ ଅଟକ ରଖାଯାଇଥିବା ପ୍ରଚାରିତ ହୋଇଥିଲେ ହେଁ ଏହା ମିଛ ବୋଲି ପରେ ଜଣାପଡ଼ିଥିଲା। ସିବିଆଇର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ନୀତିନ ସନ୍ଦେସରା ତାଙ୍କ ପତ୍ନୀ ଓ ପିଲାମାନେ ଏବଂ ଭାଇ ତଥା ଉକ୍ତ କମ୍ପାନୀର ଅନ୍ୟତମ ଡାଇରେକ୍ଟର ଚେତନ, ବୋହୂ ଦୀପ୍ତିବେନ ନାଇଜେରିଆରେ ଲୁଚିଛନ୍ତି। ନାଇଜେରିଆ ସହ ଭାରତର ପ୍ରତ୍ୟର୍ପଣ କିମ୍ବା ପାରସ୍ପରିକ ଆଇନ ସହାୟତା ଚୁକ୍ତି ନ ଥିବାରୁ ଗୁଜରାଟର ଏହି ବ୍ୟବସାୟୀ ପରିବାର ଏହାର ଫାଇଦା ଉଠାଇଛନ୍ତି। ସେଠାରୁ ସେମାନଙ୍କୁ ପ୍ରତ୍ୟର୍ପଣ କରିବା ସହଜ ହେବନି ବୋଲି ଅଧିକାରୀ ☞ପୃଷ୍ଠା–୪






"କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ହେଉଛନ୍ତି ଦିଗହରା ନେତା । ତାଙ୍କ ଦଳ କ୍ଷମତାକୁ ଆସିବାର ସମ୍ଭାବନା ନ ଥିବାରୁ ସେ ଭାଜପା ନେତୃତ୍ୱାଧୀନ ସରକାର ବିରୋଧରେ ଅପପ୍ରଚାର କରୁଛନ୍ତି ।
- ପ୍ରକାଶ ଜାଭଡେକର, କେନ୍ଦ୍ରମନ୍ତ୍ରୀ



## ସଂକ୍ଷେପରେ

### ୫ ଆତଙ୍କବାଦୀ ନିହତ, ଜଣେ ଯବାନ ଶହୀଦ



ଶ୍ରୀନଗର,୨୪।୯(ପି.ଟି.)- ଜମ୍ମୁ-କଶ୍ମୀରର କୁପ୍‌ୱାଡ଼ା ସଂଲଗ୍ନ ନିୟନ୍ତ୍ରଣ ରେଖା (ଏଲ୍‌ଓସି)ରେ ଅନୁପ୍ରବେଶ ଉଦ୍ୟମ ପଣ୍ଡ ହୋଇଛି। ଅନୁପ୍ରବେଶକାରୀଙ୍କୁ ରୋକିବା ଲାଗି ସୋମବାର ହୋଇଥିବା ଘମାଘୋଟ ଗୁଳିମାଡ଼ରେ ୩ ଆତଙ୍କବାଦୀ ନିହତ ହେବା ସହ ଜଣେ ଯବାନ ଶହୀଦ ହୋଇଛନ୍ତି। ଏଥିସହିତ ଏଠାରେ ନିହତ ଆତଙ୍କବାଦୀଙ୍କ ସଂଖ୍ୟା ୫ ଛୁଇଁଛି। ସେନାର ଜଣେ ମୁଖପାତ୍ରଙ୍କ ସୂଚନା ଅନୁଯାୟୀ, ରବିବାର ଟାଙ୍ଗ୍‌ଧରରେ ଅନୁପ୍ରବେଶକାରୀଙ୍କ ସନ୍ଦେହଜନକ ଗତିବିଧି ଯବାନଙ୍କ ଦୃଷ୍ଟିକୁ ଆସିବା ପରେ ଦମନ ଅଭିଯାନ ଆରମ୍ଭ ହୋଇଥିଲା। ପ୍ରଥମ ଦିନରେ ୨ ଆତଙ୍କବାଦୀଙ୍କୁ ଦମନ କରାଯାଇଥିବାବେଳେ ସୋମବାର ଆଉ ୩ ଟଳିପଡ଼ିଛନ୍ତି। ଗୁଳିବିନିମୟ ସମୟରେ ଜଣେ ବୀର ଯବାନ ମଧ ଶହୀଦ ହୋଇଛନ୍ତି। ଉକ୍ତ ଅଞ୍ଚଳରେ ଆଉ ଅଧିକ ଆତଙ୍କବାଦୀ ଲୁଚି ରହିଥିବା ସନ୍ଦେହ କରାଯାଉଛି। ତେଣୁ ଶେଷ ଖବର ସୁଦ୍ଧା ସେଠାରେ ଅପରେଶନ ଜାରି ରହିଥିଲା। ସେହିପରି ରାଜ୍ୟର ସୋପୋର୍‌ରେ ଜଣେ ୪୫ ବର୍ଷୀୟ ବ୍ୟକ୍ତିଙ୍କୁ ଆତଙ୍କବାଦୀମାନେ ଅପହରଣ କରିନେଇ ହତ୍ୟା କରିଛନ୍ତି। ସୋମବାର ଏକ ଫଳବଗିଚାରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି।

### ସିକ୍କିମ୍‌ରେ ପ୍ରଥମ ବିମାନବନ୍ଦର

ପାକ୍ୟୋଙ୍ଗ୍,୨୪।୯(ପି.ଟି.)-ସିକ୍କିମ୍‌ର ପାକ୍ୟୋଙ୍ଗ୍ ସହରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ରାଜ୍ୟର ପ୍ରଥମ ବିମାନବନ୍ଦର ଉଦ୍‌ଘାଟନ କରିଛନ୍ତି। ଏହା ସହ ଦେଶକୁ ମିଳିଛି ନିଜର ୧୦୦ତମ ବିମାନବନ୍ଦର। ପ୍ରାଥମିକ ଭାବେ କୋଲ୍‌କାତା ଏବଂ ଗୁଆହାଟୀକୁ ଏଠାରୁ ବିମାନ ଉଡ଼ିବ। ପରବର୍ତ୍ତୀ ସମୟରେ ଦେଶର ଅନ୍ୟାନ୍ୟ ପ୍ରାନ୍ତକୁ ଯୋଗାଯୋଗ ସମ୍ଭବ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଭାରତର ବିକାଶ ଗାଥାରେ ଉତ୍ତର-ପୂର୍ବାଞ୍ଚଳକୁ ଇଞ୍ଜିନ କରିବା ନେଇ ତାଙ୍କ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି। ତେବେ ଚାଇନା ସୀମାନ୍ତରେ ଏହି ବିମାନବନ୍ଦର ଭାରତର ରଣନୈତିକ ଦୃଷ୍ଟିକୋଣରୁ ବେଶ୍ ଗୁରୁତ୍ୱ ବହନ କରୁଛି।

### ରାଫାଲ୍ ଦୁର୍ନୀତି: ସିଭିସିଙ୍କୁ ଭେଟିଲା କଂଗ୍ରେସ ଟିମ୍

ନୂଆଦିଲ୍ଲୀ,୨୪।୯(ପି.ଟି.)-ରାଫାଲ୍ ଚୁକ୍ତି ଦୁର୍ନୀତିକୁ ନେଇ କଂଗ୍ରେସର ଏକ ପ୍ରତିନିଧି ଦଳ ସୋମବାର କେନ୍ଦ୍ରୀୟ ଭିଜିଲାନ୍ସ କମିଶନର୍ (ସିଭିସି)ଙ୍କୁ ସାକ୍ଷାତ୍ କରିଛି। ସିଭିସି କେ.ଭି. ଚୌଧୁରୀଙ୍କୁ ସାକ୍ଷାତ୍‌କରି ପ୍ରତିନିଧି ଦଳ ଏ ସଂକ୍ରାନ୍ତରେ ଏକ ଦାବିପତ୍ର ଉପସ୍ଥାପନ କରିଛି। ଦୁର୍ନୀତି ଘଟଣାରେ ମାମଲା ଦାଏର କରିବା ଲାଗି ଦାବି କରିଛି। ଚୁକ୍ତି ବେଳେ ସରକାର ମହାଦୁର୍ନୀତି ଘଟାଇ ଦେଶର ରାଜସ୍ୱ ହାନି ଘଟାଇଛନ୍ତି। ନିଜର କେତେଜଣ ବ୍ୟବସାୟୀ ବନ୍ଧୁଙ୍କୁ ଲାଭାନ୍ୱିତ କରିବା ଲାଗି ଶାସକ ଦଳର ନେତାମାନେ ସରକାରୀ ବିମାନ ନିର୍ମାଣକାରୀ କମ୍ପାନୀ ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍‌ରୁ ଚୁକ୍ତି ଛଡ଼ାଇ ନେଇଛନ୍ତି। ଏଭଳି କରି ସରକାର ଦେଶର ସୁରକ୍ଷାକୁ ବିପଦକୁ ଠେଲି ଦେଇଛନ୍ତି ବୋଲି କଂଗ୍ରେସ ଅଭିଯୋଗ ପତ୍ରରେ ଦର୍ଶାଇଛି।

### [ଇତିହାସର ଆଇନାରେ]

### ସେପ୍ଟେମ୍ବର ୨୫ର ପ୍ରମୁଖ ଘଟଣା

୧୯୫୯ ସେପ୍ଟେମ୍ବର ୨୫ରେ ଶ୍ରୀଲଙ୍କାର ପୂର୍ବତନ ପ୍ରଧାନମନ୍ତ୍ରୀ ସୋଲୋମନ୍ ବନ୍ଦରନାଏକଙ୍କୁ ତାଲଡୁଏ ସୋମାରାମା ନାମକ ଜଣେ ବୌଦ୍ଧ ଭିକ୍ଷୁ ଆକ୍ରମଣ କରିଥିଲେ। ଏଥିରେ ତାଙ୍କର ପରଲୋକ ହୋଇଥିଲା। ସେ ସିଂହଳ ନ୍ୟାଶନାଲିଷ୍ଟ ଶ୍ରୀଲଙ୍କା ଫ୍ରିଡମ୍ ପାର୍ଟି ଗଠନ କରିଥିଲେ ଏହା ସହ ଦେଶର ୪ର୍ଥ ପ୍ରଧାନମନ୍ତ୍ରୀ ଥିଲେ।

୧୯୭୭ ସେପ୍ଟେମ୍ବର ୨୫ରେ ଆମେରିକା ଆୟୋଜନ କରିଥିବା ଶିକୋଗୋ ମାରାଥନ୍‌ରେ ୪,୫୦୦ ଲୋକ ଭାଗ ନେଇଥିଲେ। ପ୍ରତିବର୍ଷ ସିକାଗୋରେ ଏଭଳି ମାରାଥନର ଆୟୋଜନ କରାଯାଇଥାଏ।

# ମାଳଦ୍ୱୀପରେ କ୍ଷମତା ପରିବର୍ତ୍ତନ

ମାଲି,୨୪।୯(ପି.ଟି.)




ବିଜୟ ଉତ୍ସବ ମନାଉଛନ୍ତି ଇବ୍ରାହିମ୍ ମହମ୍ମଦ ସୋଲି (ବାମ)। ୟାମିନ୍ ଅବ୍‌ଦୁଲ ଗୟୁମ୍।

- ସୋଲିଙ୍କ ମସ୍ତକରେ ରାଷ୍ଟ୍ରପତି ମୁକୁଟ
- ପରାଜୟ ସ୍ୱୀକାର କଲେ ଗୟୁମ୍
- ରାଜନୈତିକ ସଙ୍କଟ ଆଶଙ୍କା

ଦ୍ୱୀପରାଷ୍ଟ୍ର ମାଳଦ୍ୱୀପରେ କ୍ଷମତା ପରିବର୍ତ୍ତନ ସହ ରାଜନୈତିକ ସଙ୍କଟର ଆଶଙ୍କା ପ୍ରକାଶ ପାଇଛି। ରବିବାର ଦେଶରେ ଅନୁଷ୍ଠିତ ରାଷ୍ଟ୍ରପତି ନିର୍ବାଚନର ଫଳାଫଳ ସୋମବାର ପ୍ରକାଶ ପାଇବା ପରେ ଶାସକ 'ପ୍ରୋଗ୍ରେସିଭ୍ ପାର୍ଟି ଅଫ୍ ମାଳଦ୍ୱୀପ' (ପିପିଏମ୍)କୁ ଝଟକା ଲାଗିଛି। ଦଳ ପରାଜିତ ହେବା ସହ ପଦ ଛାଡ଼ିବାକୁ ଯାଉଛନ୍ତି ରାଷ୍ଟ୍ରପତି ୟାମିନ୍ ଅବ୍‌ଦୁଲ ଗୟୁମ୍। ବିରୋଧୀ 'ମାଲ୍‌ଡେଭିଏନ୍ ଡେମୋକ୍ରାଟିକ୍ ପାର୍ଟି' (ଏମ୍‌ଡିପି) ପ୍ରାର୍ଥୀ ଇବ୍ରାହିମ୍ ମହମ୍ମଦ ସୋଲିଙ୍କ ମସ୍ତକରେ ରାଷ୍ଟ୍ରପତି ମୁକୁଟ ସଜାଇବାକୁ ବାଛିଛନ୍ତି ମାଳଦ୍ୱୀପବାସୀ। ସେପଟେ ନିଜର ପରାଜୟ ସ୍ୱୀକାର କରିଛନ୍ତି ଦେଶର ପ୍ରଭାବଶାଳୀ ନେତା ଅବ୍‌ଦୁଲ ଗୟୁମ୍। କିନ୍ତୁ ତାଙ୍କ ବିରୋଧରେ ଉଠୁଥିବା ସ୍ୱରକୁ ଗୟୁମ୍ ପୂର୍ବରୁ ଯେଭଳି ଦମନ କରିଆସିଛନ୍ତି ପୁଣିଥରେ ସେ ସେଭଳି କିଛି ପଦକ୍ଷେପ ନେଇପାରନ୍ତି ବୋଲି ଆଶଙ୍କା ସୃଷ୍ଟି କରାଯାଉଛି। କାରଣ ନିର୍ବାଚନରେ ହେର୍‌ଫେର୍ ନେଇ ପୂର୍ବରୁ ସେ ଅଭିଯୋଗ ଆଣି ସାରିଛନ୍ତି। ଏଭଳି ସ୍ଥିତିରେ ଦେଶରେ ରାଜନୈତିକ ସଙ୍କଟ ଦେଖା ଦେଇପାରେ ବୋଲି ଭୟ କରାଯାଉଛି।

ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ସୋଲିଙ୍କ ସମର୍ଥକମାନେ ରାଜରାସ୍ତାକୁ ଓହ୍ଲାଇ ଉତ୍ସବ ମନାଇଥିଲେ। ୫୬ ବର୍ଷୀୟ ସୋଲି ହେଉଛନ୍ତି ଜଣେ ଗଣତନ୍ତ୍ର ଅଧିକାର କର୍ମୀ। ଦେଶରେ ଦୀର୍ଘ ଏକ ଦଶନ୍ଧି ଧରି ଏକଛତ୍ରବାଦ ଶାସନ ବିରୋଧରେ ସେ ସଂଗ୍ରାମ ଚଳାଇଥିଲେ। ଗୟୁମ୍ କ୍ଷମତାକୁ ଆସିବା ପରେ ତାଙ୍କର ପୂର୍ବସୂରୀ ମହମ୍ମଦ ନଶିଦ୍‌ଙ୍କ ସମେତ ଏମ୍‌ଡିପିର ବହୁ ଶୀର୍ଷସ୍ତରୀୟ ନେତାଙ୍କୁ ଦୁର୍ନୀତି ମାମଲାରେ ଛନ୍ଦି ଜେଲରେ ପୂରାଇ ଦେଇଥିଲେ କିମ୍ବା ଦେଶରୁ ବାହାର କରି ଦେଇଥିଲେ। ଏହାପରେ ଦଳ ସୋଲିଙ୍କୁ ପ୍ରାର୍ଥୀ କରିଥିଲା। ଶ୍ରୀଲଙ୍କାରେ ନିର୍ବାସନ ଦଣ୍ଡ ଭୋଗୁଥିବା ନଶିଦ୍‌ଙ୍କୁ ପ୍ରାର୍ଥୀ କରାଯାଇପାରେ ବୋଲି ପୂର୍ବରୁ ଆଶା କରାଯାଉଥିଲା। କିନ୍ତୁ ଦୀର୍ଘମିଆଦୀ ଜେଲ ଦଣ୍ଡାଦେଶ ଯୋଗୁ ସେ ନିର୍ବାଚନ ଲଢ଼ିବାରେ ଅଯୋଗ୍ୟ ଘୋଷିତ ହୋଇଛନ୍ତି। ନଶିଦ୍‌ଙ୍କ ସମେତ ବିରୋଧୀ ଦଳର ୯ ଜଣ ଶୀର୍ଷସ୍ତରର ନେତାଙ୍କ ଦଣ୍ଡାଦେଶ ରଦ୍ଦ କରିବା ସହ ସେମାନଙ୍କୁ ତୁରନ୍ତ ଖଲାସ କରିବା ପାଇଁ ଚଳିତ ଫେବୃୟାରୀରେ ଦେଶର ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ଗୟୁମ୍ ଅସ୍ୱୀକାର କରି ଦେଶରେ ଜରୁରୀ ପରିସ୍ଥିତି ଘୋଷଣା କରିଥିଲେ ଏବଂ ଦୁଇ ବିଚାରପତିଙ୍କୁ ଗିରଫ କରାଇଥିଲେ। ଏହାପରେ ଅଦାଲତି ରାୟ ପରିବର୍ତ୍ତନ ହୋଇଥିଲା ଏବଂ ଦେଶରେ ଅସ୍ଥିରତା ଦେଖା ଦେଇଥିଲା।

ବିସ୍ତୀର୍ଣ୍ଣ ଧଳା ସମୁଦ୍ର କୂଳ ଏବଂ ବିଳାସପୂର୍ଣ୍ଣ ହୋଟେଲ୍ ପାଇଁ ଖ୍ୟାତ ମାଳଦ୍ୱୀପ ଅର୍ଥନୈତିକ ଅଭିବୃଦ୍ଧିର ସ୍ୱାଦ ଚାଖିଛି ସତ, କିନ୍ତୁ ଗୟୁମ୍‌ଙ୍କ ନେତୃତ୍ୱ ଦେଶରେ ଗଣତାନ୍ତ୍ରିକ ସ୍ୱାଧୀନତା ସଙ୍କୁଚିତ କରି ଦେଇଥିଲା। ଗଣତନ୍ତ୍ର ସମର୍ଥକ ସୋଲି ଦ୍ୱାର ଦ୍ୱାର ବୁଲି ଲୋକଙ୍କ ନିକଟତର ହୋଇ ମାନବାଧିକାର ସୁରକ୍ଷା ଲାଗି ଆହ୍ୱାନ ଦେଇଥିଲେ। ଗୟୁମ୍‌ଙ୍କ ଗଣତନ୍ତ୍ର ବିରୋଧୀ ନୀତି ବିରୋଧରେ ଲୋକଙ୍କ ବିଶ୍ୱାସଭାଜନ ହେବାକୁ ଚେଷ୍ଟା କରିଥିଲେ। ଏହାର ଫଳ ଆଜି ତାଙ୍କୁ ମିଳିଥିବା ରାଜନୈତିକ ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି।

## ଭାରତ ପାଇଁ ଶୁଭ ବାର୍ତ୍ତା

ନୂଆଦିଲ୍ଲୀ,୨୪।୯-ଭାରତ ମହାସାଗରରେ ଅବସ୍ଥିତ ଦ୍ୱୀପରାଷ୍ଟ୍ର ମାଳଦ୍ୱୀପ ଭାରତର ରଣନୈତିକ ଦୃଷ୍ଟିକୋଣରୁ ବେଶ୍ ଗୁରୁତ୍ୱ ବହନ କରିଥାଏ। କିନ୍ତୁ ସେଠାରେ ଚାଇନାର ବଢ଼ୁଥିବା ପ୍ରଭାବ ଏବଂ ବେଜିଂ ପ୍ରତି ରାଷ୍ଟ୍ରପତି ୟାମିନ୍ ଅବ୍‌ଦୁଲ ଗୟୁମ୍ ଢଳିବା ନୂଆଦିଲ୍ଲୀର ଚିନ୍ତା ବଢ଼ାଇବାରେ ଲାଗିଥିଲା। ପୂର୍ବତନ ରାଷ୍ଟ୍ରପତି ମହମ୍ମଦ ନଶିଦ୍ ଏବଂ ତାଙ୍କ ଦଳ ଏମ୍‌ଡିପି ଭାରତ ପ୍ରତି ସଦା ବନ୍ଧୁତାକୁ ପ୍ରାଧାନ୍ୟ ଦେଇଆସିଛି। ଏବେ ଏମ୍‌ଡିପି ଶାସନ ଗାଦିକୁ ଫେରିବା ଭାରତ ପାଇଁ ଶୁଭ ସଙ୍କେତ କୁହାଯାଇପାରେ। ଅନ୍ୟପକ୍ଷେ ଚାଇନା ମଧ୍ୟ ଏହାକୁ ବଡ଼ ଝଟକା ଭାବେ ଦେଖାଯାଇପାରେ।

ମାଳଦ୍ୱୀପ ଭାରତ, ଚାଇନା ଏବଂ ଜାପାନକୁ ନିରବଚ୍ଛିନ୍ନ ଶକ୍ତି ଯୋଗାଣ କରୁଥିବା ପ୍ରମୁଖ ଶିପିଂ ଲେନ୍‌ର ନିକଟରେ ଅବସ୍ଥିତ। ଭାରତ ମହାସାଗର କ୍ଷେତ୍ରରେ 'ନେଟ୍ ସିକ୍ୟୁରିଟି ପ୍ରୋଭାଇଡର୍' ପାଇଁ ଭାରତକୁ ମାଳଦ୍ୱୀପର ସାମରିକ ସୁରକ୍ଷାର ଆବଶ୍ୟକତା ପଡ଼ିଥାଏ। ଏହାଛଡ଼ା ଦିନକୁ ଦିନ ଚାଇନା ମାଳଦ୍ୱୀପରେ ନିଜର ଅର୍ଥନୈତିକ ପ୍ରଭାବ ବୃଦ୍ଧି କରିବାରେ ଲାଗିଛି। ଜଳଦସ୍ୟୁ ଦମନ ଅଭିଯାନ ନାମରେ ଏହି ଅଞ୍ଚଳରେ ୧୦ ବର୍ଷ ପୂର୍ବରୁ ଚାଇନା ନିଜର ନୌସେନା ଜାହାଜ ମୁତୟନ କରିଛି। ନିଜର ବୈଦେଶିକ ସହଯୋଗରୁ ୭୦% କେବଳ ଚାଇନାରୁ ପାଇଥାଏ। ନଶିଦ୍‌ଙ୍କ ଏମ୍‌ଡିପି ଭଳି ବିରୋଧୀଙ୍କୁ ସମର୍ଥନ କରୁଥିବା ଅନେକ ମାଳଦ୍ୱୀପ ନାଗରିକ ଗୟୁମ୍‌ଙ୍କ ବିରୋଧରେ ଭାରତ କାର୍ଯ୍ୟାନୁଷ୍ଠାନ ନେଉ ବୋଲି ଦାବି କରନ୍ତି। ଉରି ଆକ୍ରମଣ ପରେ ପାକିସ୍ତାନରେ ସାର୍କ ସମ୍ମିଳନୀକୁ ଭାରତ ବର୍ଜନ କରିବା ପରେ ଗୟୁମ୍ ନେତୃତ୍ୱାଧୀନ ମାଳଦ୍ୱୀପ ହିଁ ପ୍ରଥମେ ଆପତ୍ତି କରିଥିଲା। ଭାରତ ଏବଂ ମାଳଦ୍ୱୀପ ଇତିହାସ, ଭାଷା, ସଂସ୍କୃତି, ଧର୍ମ ଏବଂ ବ୍ୟବସାୟିକ ଦୃଷ୍ଟିକୋଣରୁ ପରସ୍ପର ସହ ଯୋଡ଼ା। ବର୍ତ୍ତମାନ ସେଠାରେ ପ୍ରାୟ ୨୫୦୦୦ ଭାରତୀୟ ବସବାସ କରନ୍ତି। ଶିକ୍ଷା, ଡାକ୍ତରୀ ଚିକିତ୍ସା, ବ୍ୟବସାୟ ଆଦି କ୍ଷେତ୍ରରେ ଭାରତ ପାଇଁ ମାଳଦ୍ୱୀପର ଭୂମିକା ସ୍ୱତନ୍ତ୍ର। ଦେଶ ସ୍ୱାଧୀନ ହେବା ପରେ ଭାରତ ହିଁ ପ୍ରଥମେ ଏହାକୁ ରାଷ୍ଟ୍ରର ମାନ୍ୟତା ଦେଇଥିଲା।

# ଉତ୍ତର ଭାରତରେ ବର୍ଷା ବିପ୍ୟାତ

ଶିମ୍‌ଲା, ୨୪।୯(ପି.ଟି.)

ଉତ୍ତର ଭାରତର ହିମାଚଳପ୍ରଦେଶ, ପଞ୍ଜାବ, ହରିୟାଣା, ଜମ୍ମୁ-କଶ୍ମୀର ଏବଂ ଉତ୍ତରାଖଣ୍ଡରେ ବର୍ଷା ବିପ୍ୟାତ ସୃଷ୍ଟି ହୋଇଛି। ହିମାଚଳପ୍ରଦେଶରେ ଲଗାଣ ବର୍ଷା ଯୋଗୁ ସୃଷ୍ଟ ବନ୍ୟାପାଣିରେ ଭାସିଯାଇ ସୋମବାର ସୁଦ୍ଧା ୮ ଜଣଙ୍କ ମୃତ୍ୟୁ ହୋଇଛି। ସ୍କୁଲ ଛାତ୍ରୀଛାତ୍ରଙ୍କ ସମେତ ଶହଶହ ଲୋକ ବିଭିନ୍ନ ଅଞ୍ଚଳରେ ଫସି ରହିଛନ୍ତି। ତିନିଦିନ ପ୍ରବଳ ବର୍ଷା ହେବାରୁ ଅନେକ ସ୍ଥାନରେ ଭୂସ୍ଖଳନ ହେବା ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଜମ୍ମୁ-କଶ୍ମୀରର ଦୋଦା ଜିଲାରେ ଭୂସ୍ଖଳନ ଯୋଗୁ ଏକ ମାଟିଘରର କାନ୍ଥ ଭୁଶୁଡ଼ି ଗୋଟିଏ ପରିବାରର ୫ ଜଣଙ୍କ ପ୍ରାଣହାନି ଘଟିଛି। ଅନ୍ୟପଟେ ପଞ୍ଜାବରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିବାରୁ ସତର୍କ ସୂଚନା ଦିଆଯାଇଛି। ମଙ୍ଗଳବାର ରାଜ୍ୟର ସ୍କୁଲ ଓ କଲେଜଗୁଡ଼ିକ ବନ୍ଦ ରହିବ ବୋଲି ଘୋଷଣା କରାଯାଇଛି। ରେଡ୍ ଆଲର୍ଟ ଜାରି ହେବା ପରେ ସେନା ସଜାଗ ରହିଛି।

ପ୍ରବଳ ବର୍ଷା ଲାଗି ରହିବା କାରଣରୁ ହିମାଚଳ ପ୍ରଦେଶରେ ଜୀବନଯାତ୍ରା ବେଶ୍ ପ୍ରଭାବିତ ହୋଇଛି। ରବିବାର ରାତିରେ ମନାଲି ନିକଟସ୍ଥ ବେଆସ୍ ନଦୀରେ ଏକ ଗାଡ଼ି ଭାସିଯିବା ଫଳରେ ୩ ଜଣଙ୍କ ମୃତ୍ୟୁ ହୋଇଥିଲା। ମଣିକରନ୍ ଉପତ୍ୟକା ଦେଇ ବହିଯାଇଥିବା ପାର୍ବତୀ ନଦୀଜଳରେ ୨ ଜଣ ଭାସିଯାଇଥିବାବେଳେ ବଜୌରାରେ ଜଣେ ଝିଅର ମୃତ୍ୟୁ ହୋଇଛି। ଚାମ୍ବା ଜିଲାରେ ୧୦୦୦ ସ୍କୁଲ ଛାତ୍ରୀଛାତ୍ରଙ୍କୁ ଉଦ୍ଧାର କରି ସୁରକ୍ଷିତ ସ୍ଥାନକୁ ପଠାଇଦିଆଯାଇଛି। ଗତ ଦୁଇଦିନ ମଧ୍ୟରେ ଭାରତୀୟ ବାୟୁସେନା (ଆଇଏଏଫ୍) ବିଭିନ୍ନ ଜାଗାରେ ୨୧ ଜଣଙ୍କୁ ଉଦ୍ଧାର କରିଛି। ରାସ୍ତାଘାଟ ଧୋଇଯିବା ସହ ଭୂସ୍ଖଳନ ହେବା ଯୋଗୁ ଚଣ୍ଡିଗଡ଼-ମନାଲି ହାଇୱେ ଏବଂ ପଠାନ୍‌କୋଟ-ଚାମ୍ବା ରାଜପଥରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ପ୍ରାୟ ୧୨୬ ରୋଡ୍ ଭାଙ୍ଗିଯିବା ଯୋଗୁ ସାଧାରଣ ପରିବହନ ବାଧାପ୍ରାପ୍ତ ହୋଇଛି ବୋଲି ଭାଜପା ଏମ୍‌ପି ଅନୁରାଗ ଠାକୁର କହିଛନ୍ତି। ପର୍ଯ୍ୟଟନ ନଗରୀ ଡେଲ୍‌ହାଉସୀରେ ସର୍ବାଧିକ ୧୮୦ ମି.ମି. ବର୍ଷା ରେକର୍ଡ କରାଯାଇଛି। ସେପଟେ ବର୍ଷା ମଧ ପଞ୍ଜାବବାସୀଙ୍କୁ ବେହାଲ୍ କରିଛି। ବେଆସ୍ ନଦୀର ଜଳସ୍ତର ବିପଦସଙ୍କେତ ଉପରେ ରହିଥିବାରୁ ପୋଙ୍ଗ୍ ଡ୍ୟାମ୍‌ରୁ ଅତିରିକ୍ତ ଜଳ ନିଷ୍କାସନ ହେବ ବୋଲି ଭାକ୍ରା ବେଆସ୍ ପରିଚାଳନା ବୋର୍ଡ ପକ୍ଷରୁ ପଞ୍ଜାବ ସରକାରଙ୍କୁ ସୂଚନା ଦିଆଯାଇଛି। ଏହାପରେ ବିପର୍ଯ୍ୟୟର ମୁକାବିଲା ଲାଗି ସଜାଗ ରହିବାକୁ ପଞ୍ଜାବ ମୁଖ୍ୟମନ୍ତ୍ରୀ ସେନାକୁ କହିଛନ୍ତି।

- ହିମାଚଳ ପ୍ରଦେଶରେ ୮ ମୃତ
- ଜମ୍ମୁ-କଶ୍ମୀରରେ କାନ୍ଥ ଭୁଶୁଡ଼ି ୫ ମୃତ
- ପଞ୍ଜାବରେ ରେଡ୍ ଆଲର୍ଟ ଜାରି



ଉତ୍ତରାଖଣ୍ଡର ଡେରାଡୁନ୍ ସମେତ ବିଭିନ୍ନ ସ୍ଥାନରେ ମୁଷଳ ଧାରାରେ ବର୍ଷା ହେବା ଯୋଗୁ 'ଚାରଧାମ' ଯାତ୍ରା ପ୍ରଭାବିତ ହୋଇଛି। ଗ୍ରାମାଞ୍ଚଳକୁ ସଂଯୋଗ କରୁଥିବା ପ୍ରାୟ ୪୫ଟି ରାସ୍ତା ଭାଙ୍ଗିଯିବା କାରଣରୁ ଯାତାୟାତ ହୋଇପାରୁ ନାହିଁ। ରାଜସ୍ଥାନରେ ମଧ ରବିବାରରୁ ପ୍ରବଳ ବର୍ଷା ହେଉଛି। ଅରୁଣାଚଳପ୍ରଦେଶ, ଆସାମ, ମେଘାଳୟ, ଉତ୍ତରପ୍ରଦେଶର ପଶ୍ଚିମଭାଗ, ଉତ୍ତରାଖଣ୍ଡ, ହରିୟାଣା, ଚଣ୍ଡିଗଡ଼, ଦିଲ୍ଲୀ ଏବଂ ହିମାଚଳପ୍ରଦେଶରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ସମ୍ଭାବନା ରହିଛି ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି।

## ଫୁର୍‌ସତ

### ଗିରିଶୃଙ୍ଗ ଚଢ଼ିଲେ ଦୃଷ୍ଟିହୀନ

**ମୁମ୍ବାଇ:** ଭାରତ ଏବଂ ଇସ୍ରାଏଲ୍‌ର ୩ ଭିନ୍ନକ୍ଷମଙ୍କ ସମେତ ୧୩ଜଣ ବିଶ୍ୱର ଚତୁର୍ଥ ସର୍ବୋଚ୍ଚ ତଥା ଆଫ୍ରିକାର ଉଚ୍ଚତମ ଗିରିଶୃଙ୍ଗ ମାଉଣ୍ଟ କିଲିମାଞ୍ଜାରୋ (ତାଞ୍ଜାନିଆ) ଆରୋହଣ କରିଛନ୍ତି। ସେପ୍ଟେମ୍ବର ୮ରୁ ୧୪ ତାରିଖ ମଧ୍ୟରେ ଏହି ଦୁଃସାହସିକ ଆରୋହଣ କାର୍ଯ୍ୟକ୍ରମ କରାଯାଇଥିଲା। ୧୦ ସକ୍ଷମ ଆରୋହଣକାରୀଙ୍କ ସମେତ ଭାରତର ୨ଜଣ ଏବଂ ଇସ୍ରାଏଲ୍‌ର ଜଣେ ଦୃଷ୍ଟିବାଧିତ ବ୍ୟକ୍ତି ଏଥିରେ ସାମିଲ ହୋଇଥିଲେ ବୋଲି ସମିଟିଙ୍ଗ୍‌୪ହୋପ୍(ଏସ୍‌୪ଏଚ୍)ର ପ୍ରତିଷ୍ଠାତା ତଥା ଏକ୍ସପେଡିଶନ୍ ଲିଡର ଅନୁଶା ସୁବ୍ରମଣ୍ୟନ୍ ପ୍ରକାଶ କରିଛନ୍ତି।

୫୮୮୫ ମିଟର ବିଶିଷ୍ଟ ମାଉଣ୍ଟ କିଲିମାଞ୍ଜାରୋ ହେଉଛି ବିଶ୍ୱର ସର୍ବୋଚ୍ଚ ଫ୍ରି-ଷ୍ଟାଣ୍ଡିଙ୍ଗ ମାଉଣ୍ଟେନ୍। ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ସମାଜରେ ଅକ୍ଷମ ବୋଲି ଗଣ୍ୟ କରାଯାଉଥିବା ବେଳେ ଏହି ବ୍ୟକ୍ତିଙ୍କ ପର୍ବତ ଆରୋହଣ ଆମର ସଂକୁଚିତ ଦୃଷ୍ଟିକୋଣକୁ ପ୍ରସାରିତ କରିପାରିଛି ବୋଲି ସୁବ୍ରମଣ୍ୟନ୍ ପ୍ରକାଶ କରିଛନ୍ତି। ସବୁ ଅଂଶଗ୍ରହଣକାରୀମାନେ ମାଉଣ୍ଟ କିଲିମାଞ୍ଜାରୋର ଶିଖରରେ ପହଞ୍ଚିଥିଲେ ବୋଲି ସେ କହିଛନ୍ତି। ଆରୋହଣକାରୀଙ୍କ ମଧ୍ୟରେ ଇସ୍ରାଏଲ୍‌ର ୧୪ବର୍ଷୀୟ ବାଏପି ଡୋନିଓ ସର୍ବକନିଷ୍ଠ ଥିଲେ। ଦୃଷ୍ଟିହୀନଙ୍କ ମଧ୍ୟରେ ଥିଲେ ପୁନେର ଦିବ୍ୟାଂଶୁ ଗନତ୍ର।

### ୪୮ ଦିନ ପରେ ସମୁଦ୍ରରୁ ଯୁବକ ଉଦ୍ଧାର

**ଜାକର୍ତ୍ତା:** ଇଣ୍ଡୋନେସିଆର ଜଣେ ଯୁବକ ୪୮ଦିନ ସମୁଦ୍ରରେ ଭାସମାନ ଅବସ୍ଥାରେ ରହିବା ପରେ ତାଙ୍କୁ ଉଦ୍ଧାର କରାଯାଇଛି। ଏକ ମାଲବାହୀ ଜାହାଜ ଦ୍ୱାରା ଉଦ୍ଧାର କରାଯାଇ ଜାପାନ ନିଆଯିବାର କିଛି ଦିନ ପରେ ସେ ସ୍ୱଦେଶ ଫେରିଥିବା ଓସାକାସ୍ଥିତ ଇଣ୍ଡୋନେସୀୟ କୂଟନୀତିଜ୍ଞ ସୂଚନା ଦେଇଛନ୍ତି।

ଆଲ୍‌ଡି ନୋଭେଲ୍ ଆଡିଲାଙ୍ଗ ନାମକ ଏହି ୧୯ବର୍ଷୀୟ ଯୁବକଙ୍କ ସ୍ୱାସ୍ଥ୍ୟ ଭଲ ଅଛି ଏବଂ ନର୍ଥ ସୁଲାୱେସି ପ୍ରଦେଶର ଓରି ସହରରେ ଥିବା ତାଙ୍କ ପରିବାର ସହ ପୁନର୍ମିଳନ ଘଟିଛି। ଏକ ମାଛଧରା ଡଙ୍ଗାରେ ଆଲ୍‌ଡି ଲାଇଟ୍ ଦେଖାଇ ମାଛ ଧରୁଥିଲେ। ଲାଇଟ୍ ଦେଖାଇବା ଦ୍ୱାରା ମାଛ ଡଙ୍ଗା ପାଖକୁ ଆସିବା ପରେ ଧରିବା ସହଜ ହେଉଥିଲା। ନର୍ଥ ସୁଲାୱେସି ଉପକୂଳଠାରୁ ୧୨୫ କିଲୋମିଟର ଦୂରରେ



ରହି ସେ ମାଛ ଧରୁଥିଲେ। ଜଣେ ଦୁର୍ବୃତ୍ତ ସଂଗୃହୀତ ମାଛତକ ନେଇଯିବା ପରେ ସେ ନିରାଶ ହୋଇଥିଲେ ଏବଂ ପ୍ରବଳ ପବନରେ ଡଙ୍ଗାଟି ଉପକୂଳଠାରୁ ବହୁ ଦୂରକୁ ଚାଲିଯାଇଥିଲା। ଇଞ୍ଜିନ୍ ଅଚଳ ହୋଇପଡିବାରୁ ଡଙ୍ଗାଟି କେବଳ ଭାସମାନ ଅବସ୍ଥାରେ ରହିଥିଲା। କିନ୍ତୁ ଆଲ୍‌ଡିଙ୍କ ପାଖରେ ରହିଥିଲା ସୌରଶକ୍ତି ଚାଳିତ ଏକ ବେତାର ଯନ୍ତ୍ର। ଏହା ଦ୍ୱାରା ସେ ପାଖାପାଖି ଯାଉଥିବା ପ୍ରାୟ ୧୦ଟି ବୋଟ୍‌ଚାଳକଙ୍କ ସହ ଯୋଗାଯୋଗ କରିଥିଲେ। ଶେଷରେ ପାନାମାନିଆନ୍ ପତାକା ବହନ କରିଥିବା ଏମ୍‌ଭି ଆର୍‌ପେଗିଓ ନାମକ ଏକ ଭେସେଲ୍ ଯୁବକଙ୍କ ବେତାର ସଂକେତକୁ ଧରିପାରିଥିଲା ଏବଂ ତାଙ୍କୁ ଅଗଷ୍ଟ ୩୧ରେ ଉଦ୍ଧାର କରାଯାଇଥିଲା। ଉକ୍ତ ମାଲବାହୀ ଜାହାଜ ଆଲ୍‌ଡିଙ୍କୁ ଜାପାନ ନେଇଯାଇଥିଲା।



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ-**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ମଙ୍ଗଳବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୩ ଡିଗ୍ରୀ ଏବଂ ସର୍ବନିମ୍ନ ୨୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ସୋମବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୪.୮ | ୨୪.୬ |
| ଚାନ୍ଦବାଲି | ୩୪.୯ | ୨୫.୫ |
| କଟକ | ୩୪.୦ | ୨୩.୦ |
| ପାରାଦ୍ୱୀପ | ୩୨.୫ | ୨୭.୫ |
| ଭୁବନେଶ୍ୱର | ୩୪.୦ | ୨୪.୯ |
| ଗୋପାଳପୁର | ୩୩.୦ | ୨୬.୦ |
| ପୁରୀ | ୩୪.୦ | ୨୬.୮ |
| ଅନୁଗୋଳ | ୩୪.୧ | ୨୨.୬ |
| ବାରିପଦା | ୩୪.୪ | ୨୫.୫ |
| ଝାରସୁଗୁଡ଼ା | ୩୪.୦ | ୨୪.୮ |
| କେନ୍ଦୁଝର | ୩୩.୧ | ୨୨.୪ |
| ସମ୍ବଲପୁର | ୩୪.୯ | ୨୫.୧ |
| ସୁନ୍ଦରଗଡ଼ | ୩୨.୫ | ୨୨.୦ |
| ହୀରାକୁଦ | ୩୪.୭ | ୨୫.୦ |
| ତାଳଚେର | ୩୪.୨ | ୨୪.୭ |
| ଭବାନୀପାଟଣା | --- | ୨୪.୦ |
| ବଲାଙ୍ଗୀର | ୩୪.୫ | ୨୪.୫ |
| କୋରାପୁଟ | ୩୦.୨ | ୨୧.୦ |
| ଫୁଲବାଣୀ | ୩୩.୮ | ୧୯.୫ |
| ଟିଟିଲାଗଡ଼ | ୩୫.୦ | ୨୨.୦ |
| ମାଲକାନଗିରି | ୩୨.୪ | --- |
| ସୋନପୁର | ୩୪.୮ | ୨୨.୬ |
| ଦାରିଙ୍ଗିବାଡ଼ି | ୨୯.୫ | ୧୯.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

### ଚର୍ଚ୍ଚାରେ ରହିବା ପସନ୍ଦ ନୁହେଁ



ରାଧିକା ଆପ୍‌ଟେ

**ମୁମ୍ବାଇ:** ଏକ ଚର୍ଚ୍ଚିତ ଚରିତ୍ର ହେବାକୁ ପସନ୍ଦ କରନ୍ତି ନାହିଁ ବଲିଉଡ୍ ଅଭିନେତ୍ରୀ ରାଧିକା ଆପ୍‌ଟେ। ଏହି ଅଭିନେତ୍ରୀ ତାଙ୍କର ପ୍ରଥମ ଅଭିନୟ ଆର. ବାଲ୍‌କିଙ୍କ କମେଡି-ଡ୍ରାମା 'ପଦ୍ମନ୍'ରୁ ଆରମ୍ଭ କରିଥିଲେ। ଏହାପରେ 'ଲଷ୍ଟ ଷ୍ଟୋରିଜ୍', 'ସାକ୍ରିଡ ଗେମ୍‌ସ' ଏବଂ 'ଘୋଉଲ୍'ରେ ଅଭିନୟ କରିବା ପରେ ଜଣେ ଲୋକପ୍ରିୟ ଅଭିନେତ୍ରୀ ଭାବରେ ନିଜର ସ୍ଥିତି ବଜାୟ ରଖିଥିଲେ। ତାଙ୍କ କହିବାନୁଯାୟୀ, ମୁଁ ସବୁ କାମ କରିବାରେ କୃତଜ୍ଞତା ପ୍ରକାଶ କରେ। ତେବେ ବେଳେବେଳେ ସବୁ କାର୍ଯ୍ୟ କରିବାକୁ ସମୟ ମିଳେନାହିଁ। ଅଣନିଃଶ୍ୱାସୀ ଲାଗେ। ଏପରି ଅସହ୍ୟ ଲାଗେ ଯେ, ଆଗକୁ କ'ଣ କରିବାକୁ ହେବ ତାହା ମନେପଡେ ନାହିଁ। 'ଟ୍ରୁ ରୁଟ୍‌ସ ବଟାନିକାଲ୍ ହେୟାର ଟନିକ୍' ଲଞ୍ଚ୍ ଅବସରରେ ଅଭିନେତ୍ରୀ ଏହି ବିଷୟ ପ୍ରକାଶ କରିଛନ୍ତି। ରାଧିକାଙ୍କ ଆଗାମୀ ଫିଲ୍ମ ହେଉଛି ସୈଫ ଅଲି ଖାନ୍‌ଙ୍କ 'ବାଜାର' ଏବଂ ହଲିଉଡ୍ ଫିଲ୍ମ ନିର୍ମାତା ମାଇକେଲ୍ ୱିଣ୍ଟରବଟମ୍‌ଙ୍କ 'ଦି ୱେଡିଂ ଗେଷ୍ଟ'। ଦର୍ଶକଙ୍କୁ ବିସ୍ମିତ କରିବାରେ ସେ ଖୁସି ହୁଅନ୍ତି। ତେଣୁ ବିଭିନ୍ନ ଚରିତ୍ରରେ ଅଭିନୟ କରିବାକୁ ସେ ଚେଷ୍ଟା କରନ୍ତି ବୋଲି ପ୍ରକାଶ କରିଛନ୍ତି। କୌଣସି ଗୋଟିଏ ସୁଯୋଗ ପାଇବାର ଅର୍ଥ ହେଉଛି ତାହାକୁ ଉପଯୁକ୍ତ ଭାବେ ପରିଚାଳନା କରିବା। ନିଜ ଭିତରେ ନୂଆ କିଛି ଉଦ୍‌ଭାବନ କରିବା ଖୁବ୍ ଗୁରୁତ୍ୱପୂର୍ଣ୍ଣ ବିଷୟ ବୋଲି ରାଧିକା ପ୍ରକାଶ କରିଛନ୍ତି।

ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710,ଭଦ୍ରକଅଫିସ-(06784)242101,ନୂଆପଡ଼ାଅଫିସ-(06678)223068,ଝାରସୁଗୁଡ଼ାଅଫିସ-(06645)272799,ଦେବଗଡ-9437121562,କେନ୍ଦ୍ରାପଡ଼ାଅଫିସ-06727233825,ପାରଳାଖେମୁଣ୍ଡି-9437140002.



ପର୍ତ୍ତୁଗାଲ ଉପକୂଳ ଲିସବନ୍ ନିକଟରୁ ମିଳିଛି ୪ ଶହ ବର୍ଷ ତଳର ଭାରତୀୟ ଜାହାଜ। ଏହା ୪୦ ଫୁଟ ଗଭୀର ପାଣିତଳେ ରହିଛି। ଜାହାଜଟି ୧୫୭୫ରୁ ୧୬୨୫ ମଧ୍ୟରେ ବୁଡ଼ି ଯାଇଥିବା ଗବେଷକ ସୂଚିତ କରିଛନ୍ତି। ଏଥିରେ ଗୋଲମରିଚ, ବିଭିନ୍ନ ମସଲା ଓ ଚାଇନା ସିରାମିକ୍ ବୋଝେଇ ହୋଇଥିବା କୁହାଯାଉଛି। ଜାହାଜଟି ଭାରତରୁ ଲିସବନ୍ ଯାଉଥିବାବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଗବେଷକମାନେ କହିଛନ୍ତି।




## ସଂକ୍ଷେପରେ

### ଡିଜିସିଏରେ ହାଜର ହେଲେ ବୈଜୟନ୍ତ

ଭୁବନେଶ୍ୱର,୨୪।୯(ବ୍ୟୁରୋ) : କେନ୍ଦ୍ରାପଡ଼ା ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡା ଦିଲ୍ଲୀସ୍ଥିତ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ(ଡିଜିସିଏ)ରେ ସୋମବାର ହାଜର ହୋଇଛନ୍ତି। ଚିଲିକାରେ ବେଆଇନ ଭାବେ ହେଲିକପ୍ଟର ଉଡ଼ାଇବା ଘଟଣାରେ ତାଙ୍କୁ ହାଜର ହେବା ପାଇଁ କୁହାଯାଇଥିଲା। ଅପରାହ୍ନରେ ଡିଜିସିଏରେ ହାଜର ହୋଇ ପ୍ରାୟ ୩୦ ମିନିଟ୍ କାଳ ନିଜ ପକ୍ଷ ରଖିଥିଲେ ବୈଜୟନ୍ତ। ଏହାପରେ ଗଣମାଧ୍ୟମକୁ ମତାମତ ଦେଇ ସେ କହିଛନ୍ତି ଯେ, ହେଲିକପ୍ଟର ଉଡ଼ାଣ ସମ୍ବନ୍ଧୀୟ ତଥ୍ୟ ମୋତେ ଡିଜିସିଏ ପକ୍ଷରୁ ମଗାଯାଇଥିଲା। ମୁଁ ନିର୍ଦ୍ଦେଶକଙ୍କ ନିକଟରେ ତାହା ଉପସ୍ଥାପିତ କରିଛି। ମୋ ପୂର୍ବରୁ ବହୁ ବ୍ୟକ୍ତି ସେହି ଅଞ୍ଚଳରେ ହେଲିକପ୍ଟର ଉଡ଼ାଇଛନ୍ତି। ହେଲେ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ମୋ ବିରୋଧରେ ହୋଇଥିବା ଅଭିଯୋଗକୁ ୫ଥର ପରିବର୍ତ୍ତନ କରାଯାଇଛି। ଆଶା କରୁଛି, ଡିଜିସିଏ ମୋତେ ନିଶ୍ଚୟ ନ୍ୟାୟ ଦେବ। ପ୍ରକାଶ ଯେ, ବୈଜୟନ୍ତ ଚିଲିକା ଭଳି ଏକ ସମ୍ବେଦନଶୀଳ ସ୍ଥାନରେ ହେଲିକପ୍ଟର ଚଳାଇଥିଲେ। ଯେଉଁଥିପାଇଁ ତାଙ୍କ ବିରୋଧରେ ପୁରୀ ମେରାଇନ୍ ଥାନାରେ ଏକ ମାମଲା ହୋଇଥିଲା। ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା ଏହି ମାମଲା ରୁଜୁ କରାଯାଇଥିଲା। ଏପରିକି ବୈଜୟନ୍ତ ବ୍ୟବହାର କରୁଥିବା ଇଣ୍ଡିଆନ୍ ମେଟାଲ୍ସ ଏବଂ ଫେରୋ ଆଲଏଜ୍ ଲିଃ ଦ୍ୱାରା ନିୟନ୍ତ୍ରିତ ହେଉଥିବା ଆର୍-୪୪ ହେଲିକପ୍ଟର ରହୁଥିବା ହ୍ୟାଙ୍ଗରକୁ ସିଜ୍ କରାଯାଇଥିଲା।




### ■ ପୋଲିସ-ଆଇନଜୀବୀ ବିବାଦ

# ଗୁରୁବାର ନବୀନ ନିବାସ ଘେରାଉ

**କଟକ ଅଫିସ, ୨୪।୯**

କଟକରେ ଆଇନଜୀବୀ-ପୋଲିସ ବିବାଦକୁ ମାସେ ପୂରିବାକୁ ବସିଲାଣି। ହେଲେ ଏଯାଏ ବିବାଦର କୌଣସି ସ୍ଥାୟୀ ସମାଧାନ ବାହାରିପାରିଲା ନାହିଁ। ଆଇନଜୀବୀ ଦେବୀ ପ୍ରସାଦ ପଟ୍ଟନାୟକଙ୍କୁ ପୋଲିସର ମାଡ଼ ଘଟଣାରେ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିବ ବୋଲି ସୋମବାର ହାଇକୋର୍ଟ ବାର୍ ଆସୋସିଏଶନର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ନିଷ୍ପତ୍ତି ହୋଇଛି। ସେହିପରି ଆସନ୍ତା ଗୁରୁବାର ଆଇନଜୀବୀମାନେ ନବୀନ ନିବାସ ଘେରାଉ କରିବେ ବୋଲି ବାର୍ଆସୋସିଏଶନ ସମ୍ପାଦକ ସତ୍ୟବ୍ରତ ମହାନ୍ତି ସୂଚନା ଦେଇଛନ୍ତି। ମଙ୍ଗଳବାର ହାଇକୋର୍ଟ ନିକଟରେ ଥିବା କିଛି ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟାଳୟକୁଆଇନଜୀବୀମାନେ ସଂଘବଦ୍ଧ ଭାବେ ଯାଇ ବନ୍ଦ କରିବାକୁ ନିବେଦନ କରିବେ ବୋଲି ଜଣାପଡ଼ିଛି।

ସୂଚନାଯୋଗ୍ୟ, ଗତ ୨୮ ଅଗଷ୍ଟ ସନ୍ଧ୍ୟାରେ ଘଟିଥିବା ଆଇନଜୀବୀଙ୍କୁ ମାଡ଼ ଘଟଣାରେ କଟକ ଡିସିପି ସେଦିନ ଡ୍ୟୁଟିରେ ଥିବା ତିନି ଜଣ ପୋଲିସ କର୍ମଚାରୀଙ୍କୁ ନିଲମ୍ବିତ କରିଥିଲେ। ହେଲେ ଦୋଷୀ ପୋଲିସ କର୍ମଚାରୀମାନଙ୍କ ଗିରଫଦାରି ଜିଦରେ ଅଟଳ ରହିଛି ରାଜ୍ୟ ହାଇକୋର୍ଟ ବାର୍ ଆସୋସିଏଶନ। ଏହି ଘଟଣାର ତଦନ୍ତ ପ୍ରଥମେ କ୍ରାଇମବ୍ରାଞ୍ଚ ଓ ପରେ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଡିଆଇଜି ର୍‍ୟାଙ୍କର ଅଧିକାରୀ ହିମାଂଶୁ ଲାଲ କରୁଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୨୬ ତାରିଖକୁ ରହିଛି। ମିଳିଥିବା ସୂଚନା ମୁତାବକ, ଡିଆଇଜି ହିମାଂଶୁ ଲାଲ ଏହି ଘଟଣାରେ ପୂର୍ବର ପୋଲିସ ରିପୋର୍ଟକୁ ଅନୁଧ୍ୟାନ କରି କଟକ ଡିସିପିଙ୍କ ସହ ଆଲୋଚନା କରିଛନ୍ତି। ହାଇକୋର୍ଟରେ ଏ ନେଇ ହୋଇଥିବା ଏକ ଜନସ୍ୱାର୍ଥ ମାମଲାରେ ସେ ସୋମବାର କୋର୍ଟରେ ହାଜର ହୋଇ ଉତ୍ତର ରଖିଛନ୍ତି। ଦୀର୍ଘଦିନ ଧରି ଆଇନଜୀବୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଥିବାରୁ ବିଭିନ୍ନ ମାମଲା ପରିଚାଳନାରେ ଘୋର ଅସୁବିଧା ହୋଇଛି।

# ଆଇଏଏସ୍ ଅଫିସର ବିନୋଦ କୁମାରଙ୍କୁ ୩ ବର୍ଷ ଜେଲ

**କଟକ ଅଫିସ,୨୪।୯**

ଓଡ଼ିଶା ଗ୍ରାମ୍ୟ ଗୃହ ନିର୍ମାଣ ନିଗମ (ଓଆର୍ଏଚ୍‌ଡିସି)ର ପୂର୍ବତନ ପରିଚାଳନା ନିର୍ଦ୍ଦେଶକ ତଥା ଆଇଏଏସ୍ ଅଫିସର ବିନୋଦ କୁମାର ଆଉ ଏକ ଦୁର୍ନୀତି ମାମଲାରେ ଦଣ୍ଡିତ ହୋଇଛନ୍ତି। ଏକ ଋଣ ଜାଲିଆତି ମାମଲାରେ ସୋମବାର ଭୁବନେଶ୍ୱର ଭିଜିଲାନ୍ସ ସ୍ୱତନ୍ତ୍ର ଅଦାଲତର ବିଚାରପତି ଶ୍ୟାମସୁନ୍ଦର ଦାସ ଅଭିଯୁକ୍ତ ବିନୋଦ କୁମାରଙ୍କ ସହିତ ୬ ଜଣଙ୍କୁ ୩ ବର୍ଷ ସଶ୍ରମ ଜେଲ୍ ଓ ୫୦ହଜାର ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରିମାନା ଅର୍ଥ ଆଦାୟ ନ ହେଲେ ଅଭିଯୁକ୍ତମାନଙ୍କୁ ଅଧିକ ୬ ମାସ ସଶ୍ରମ ଜେଲ୍ ଭୋଗିବାକୁ ପଡ଼ିବ ବୋଲି ବିଚାରପତି ରାୟ ଦେଇଛନ୍ତି। ଅନ୍ୟ ଅଭିଯୁକ୍ତମାନେ ହେଲେ ଓଆର୍ଏଚ୍‌ଡିସିର ପୂର୍ବତନ କମ୍ପାନୀ ସେକ୍ରେଟାରୀ ସ୍ୱପ୍ନରଞ୍ଜନ ମହାପାତ୍ର, ପୂର୍ବତନ ଆକାଉଣ୍ଟାଣ୍ଟ ପ୍ରଦୀପ କୁମାର ରାଉତ, ପୂର୍ବତନ ସିଷ୍ଟମ ଆନାଲିଷ୍ଟ ଜ୍ଞାନେନ୍ଦ୍ର ସ୍ୱାଇଁ, ପୂର୍ବତନ ଜୁନିୟର ଅଫିସର (ଲୋନ୍) ସତ୍ୟପ୍ରକାଶ ବେହେରା ଓ ବିଲଡର ବିଜୟ କୁମାର ବିଶ୍ୱାଳ। ଅନ୍ୟତମ ଅଭିଯୁକ୍ତ ପୂର୍ବତନ ଆକାଉଣ୍ଟାଣ୍ଟ ଚିତ୍ତରଞ୍ଜନ ମଲ୍ଲିକଙ୍କୁ କୋର୍ଟ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ତେବେ ଦଣ୍ଡ ଘୋଷଣା କରାଯିବା ପରେ ଦୋଷୀ ଅଭିଯୁକ୍ତମାନେ ସିଆର୍‌ପିସିର ୩୮୯ ଧାରା ଅନୁଯାୟୀ କୋର୍ଟରୁ ଅନ୍ତରୀଣ ଜାମିନ ପାଇଥିବା ଜଣାପଡ଼ିଛି। ଭିଜିଲାନ୍ସ ପକ୍ଷରୁ ସ୍ୱତନ୍ତ୍ର ପିପି ହେମନ୍ତ କୁମାର ସ୍ୱାଇଁ ମାମଲା ପରିଚାଳନା କରୁଥିଲେ।

ମାମଲାର ବିବରଣୀ ଅନୁଯାୟୀ, ବିନୋଦ କୁମାରଙ୍କ ସମେତ ଅନ୍ୟ ଅଭିଯୁକ୍ତମାନେ ବିଲ୍‌ଡର ବିଶ୍ୱାଳଙ୍କୁ ଅହେତୁକ ଅନୁକମ୍ପା ଦେଖାଇଥିଲେ। ବିଲ୍‌ଡର ବିଶ୍ୱାଳଙ୍କର ଏକ ନିର୍ମାଣ ସଂସ୍ଥା ଅଛି। ୨୦୦୧ରେ ବିନୋଦ କୁମାର ଓଆର୍ଏଚ୍‌ଡିସିର ପରିଚାଳନା ନିର୍ଦ୍ଦେଶକ ଥିବା ସମୟରେ ଏହି ଦୁର୍ନୀତି ହୋଇଥିଲା। ବିଲ୍‌ଡର ବିଶ୍ୱାଳଙ୍କୁ ୨୭ ଜଣଙ୍କ ନାମରେ ୧ କୋଟି ୧ ଲକ୍ଷ ୭୦ହଜାର ଟଙ୍କାର ଋଣ ଓଆର୍ଏଚ୍‌ଡିସିରୁ ମଞ୍ଜୁର କରାଯାଇଥିଲା। ଭୁବନେଶ୍ୱର ଶାସ୍ତ୍ରୀନଗରଠାରେ ଜ୍ୟୋସ୍ନା ଗାର୍ଡେନ ନାମକ ଏକ ଆପାର୍ଟମେଣ୍ଟ ନିର୍ମାଣ ପାଇଁ ଏହି ଲୋନ ଦିଆଯାଇଥିଲା। ମିଥ୍ୟା କାଗଜପତ୍ର ଓ ବେଆଇନ ଉପାୟରେ ଏହି ଲୋନ୍ ମଞ୍ଜୁର ହୋଇଥିବା ଭିଜିଲାନ୍ସ ତଦନ୍ତରୁ ଜଣାପଡ଼ିଥିଲା। ଭିଜିଲାନ୍ସ ତଦନ୍ତ ଅନୁଯାୟୀ, ଜ୍ୟୋସ୍ନା ଗାର୍ଡେନ ଆପାର୍ଟମେଣ୍ଟର ନିର୍ମାଣ ୧୯୯୮ରେ ହୋଇଥିଲା ଏବଂ ଆପାର୍ଟମେଣ୍ଟର ଫ୍ଲାଟ୍‌ଗୁଡ଼ିକୁ ବିଭିନ୍ନ ବ୍ୟକ୍ତିଙ୍କୁ ବିକ୍ରି କରାଯାଇଥିଲା। ମାତ୍ର ୨୭ ଜଣଙ୍କୁ ବିଲ୍‌ଡର ବିଶ୍ୱାଳ ଯୋଗାଡ଼ କରି ସେମାନେ ଫ୍ଲାଟ୍ କିଣିଥିବା ଦର୍ଶାଇଥିଲେ। ମାତ୍ର ୨୭ ଜଣଙ୍କ ମଧ୍ୟରୁ କେହି ଜଣେ ହେଲେ ଜ୍ୟୋସ୍ନା ଗାର୍ଡେନରୁ ଫ୍ଲାଟ୍ କିଣି ନ ଥିବା ଭିଜିଲାନ୍ସ ତଦନ୍ତରୁ ଜଣାପଡ଼ିଥିଲା। ଏ ନେଇ ୨୦୦୬ରେ ଭିଜିଲାନ୍ସ ସେ୍‌ଲ ଥାନାରେ ୫୬/୨୦୦୬ ନମ୍ବରରେ ଏକ ମାମଲା ରୁଜୁ ହୋଇଥିଲା। ମାମଲାରେ ଭିଜିଲାନ୍ସର ଚାର୍ଜଶିଟ ତଥ୍ୟ ଅନୁଯାୟୀ, ୨୦୦୭ ଡିସେମ୍ବର ୨୮ ସୁଦ୍ଧା ବିଲ୍‌ଡର ବିଶ୍ୱାଳଙ୍କ ଉପରେ ୧ କୋଟି ୬୮ ଲକ୍ଷ ୯୧ହଜାର ୬୦୬ ଟଙ୍କାର ଋଣ ବକେୟା ପଡ଼ିଥିଲା।



ବିନୋଦ କୁମାର

### ଆଉ ଏକ ଦୁର୍ନୀତି

■ ଭିଜିଲାନ୍ସ କୋର୍ଟରେ ଦଣ୍ଡିତ

ସୂଚନାଥାଉ କି, ବାଲିପାଟଣାଠାରେ ଏକ ରୁରାଲ ବିଲ୍‌ଡିଂ ସେଣ୍ଟର ନିର୍ମାଣ ବାବଦରେ ଓଆର୍ଏଚ୍‌ଡିସିରୁ ଅର୍ଥ ହେରଫେର ହୋଇଥିଲା। ଏହି ଘଟଣାରେ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଗତ ଜୁଲାଇ ୩ରେ ବିନୋଦ କୁମାରଙ୍କ ସମେତ ୬ ଜଣଙ୍କୁ ଦୋଷୀସାବ୍ୟସ୍ତ କରିଥିଲେ। ଅଗଷ୍ଟ ୧୦ରେ ଅଦାଲତ ବିନୋଦ କୁମାରଙ୍କୁ ୩ ବର୍ଷ ଜେଲ ଦଣ୍ଡାଦେଶ ଦେଇଥିଲେ। ଏହାପରେ ତାଙ୍କୁ ଝାରପଡ଼ା ଜେଲ ପଠାଇ ଦିଆଯାଇଥିଲା। ଏହି ମାମଲାରେ କିନ୍ତୁ ପୂର୍ବତନ ଆକାଉଣ୍ଟାଣ୍ଟ ଚିତ୍ତରଞ୍ଜନ ମଲ୍ଲିକ ଦୋଷୀ ସାବ୍ୟସ୍ତ ହୋଇ ଜେଲ ଯାଇଥିଲେ।

# ବଜ୍ରପାତରେ ୨ ମୃତ

**ବୋରିଗୁମ୍ମା/କୋଷାଗୁମୁଡା, ୨୪।୯(ଡି.ଏନ୍.ଏ.)**

ବିଲରେ କାମ କରୁଥିବା ବେଳେ ବଜ୍ରପାତରେ ସୋମବାର କୋରାପୁଟ ଜିଲା ବୋରିଗୁମ୍ମା ଅଞ୍ଚଳରେ ୨ଜଣଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ବାମରା ପଞ୍ଚାୟତ ଉପରପର୍ଲି ଗ୍ରାମର ଉଦ୍ଧବ ଅମନାତ୍ୟ (୩୫) ଏବଂ ଉମ୍ବରୁ ଅମନାତ୍ୟ (୨୨)। ପ୍ରକାଶ ଯେ, ସୋମବାର ଅପରାହ୍ନରେ ବୋରିଗୁମ୍ମା ଓ ଏହାର ଆଖପାଖ ଅଞ୍ଚଳରେ ପ୍ରବଳ ବର୍ଷା ହୋଇଥିଲା। ଉଦ୍ଧବ ଏବଂ ଉମ୍ବରୁ ବିଲରେ କାମ କରୁଥିବା ବେଳେ ବଜ୍ରପାତ ହୋଇଥିଲା। ଘଟଣାସ୍ଥଳରେ ହିଁ ଉଭୟଙ୍କ ମୃତ୍ୟୁ ହୋଇଥିଲା। ମୃତଦେହକୁ ପୋଲିସ ଉଦ୍ଧାର କରି ବୋରିଗୁମ୍ମା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି।

ଓଡ଼ିଶାର ଘରେ ଘରେ ପରିଚିତ ।
ହାଇପାୱାର ®
ମଲମ ଓ ଲୋସନ୍
ଯାଦୁ, ପାଣିକନ୍ଦା ଓ ଗୋଡ଼ଫଟା ପାଇଁ ଫଳପ୍ରଦ

DSPL-164
"ଫାଇଲେରିଆ ନିରାକରଣ ଅଭିଯାନ- ୨୦୧୮"
ଖୋର୍ଦ୍ଧା, କଟକ ଓ ଢେଙ୍କାନାଳ ଜିଲ୍ଲାରେ
ସାମୁହିକ ଔଷଧ ସେବନ
୨୬ ସେପ୍ଟେମ୍ବର (ବୁଧବାର)



ଫାଇଲେରିଆ ବା ବାତଜ୍ୱର(ଗୋଦର) ନିରାକରଣ ନିମନ୍ତେ ଚଳିତ ବର୍ଷ ସେପ୍ଟେମ୍ବର ୨୬ ତାରିଖରେ ରାଜ୍ୟର ୩ଟି ବାତଜ୍ୱର ପ୍ରବଣ ଜିଲ୍ଲା ଯଥା-ଖୋର୍ଦ୍ଧା, କଟକ ଓ ଢେଙ୍କାନାଳରେ ଫାଇଲେରିଆ ପ୍ରତିରୋଧକ ଡିଇସି ଓ ଆଲବେଣ୍ଡାଜଲ୍ ବଟିକାର ସମୂହ ସେବନ ବ୍ୟବସ୍ଥା କରାଯାଇଅଛି ।

- ଆଶାକର୍ମୀ କିମ୍ବା ସ୍ୱେଚ୍ଛାସେବୀମାନେ ଘରକୁ ଘର ଯାଇ ବିନା ମୂଲ୍ୟରେ ଔଷଧ ଖୁଆଇବେ ।
- କେବଳ ଗର୍ଭବତୀ ମହିଳା, ୨ ବର୍ଷରୁ କମ୍ ବୟସର ଶିଶୁ, ଗୁରୁତର ଅସୁସ୍ଥ ବ୍ୟକ୍ତି ଏହି ବଟିକା ଖାଇବେ ନାହିଁ ।
- ଯଦି କୌଣସି କାରଣବଶତଃ ପ୍ରଥମ ଦିନ ଏହି ବଟିକା ଖାଇପାରିନଥିବେ, ତେବେ ପରବର୍ତ୍ତି ଦୁଇଦିନ ଅର୍ଥାତ୍ ୨୭ ଓ ୨୮ ତାରିଖରେ ଆଶାକର୍ମୀ କିମ୍ବା ସ୍ୱେଚ୍ଛାସେବୀମାନେ ଘରକୁ ଘର ଯାଇ ଔଷଧ ଖୁଆଇବେ ।

ଫାଇଲେରିଆ ପ୍ରତିରୋଧକ ବଟିକା ସେବନ କରି ଫାଇଲେରିଆ ନିରାକରଣ ଅଭିଯାନକୁ ସଫଳ କରାନ୍ତୁ ।
facebook.com/HFWOdisha http://www.health.odisha.gov.in/ @HFWOdisha
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ,ଓଡ଼ିଶା
10003/13/0079/1819





ପଞ୍ଜାବର ମୋଗାରେ ଜଣେ ମହିଳାଙ୍କୁ ଜନୈକ ଯୁବକ ବଳାତ୍କାର ଉଦ୍ୟମ କରିଥିଲେ। ତେବେ ମହିଳା ଜଣକ ବିରୋଧ କରିବାରୁ ସମ୍ପୃକ୍ତ ଯୁବକ ତାଙ୍କୁ ନିକଟରେ ଥିବା ଏକ ନାଳକୁ ଠେଲି ଦେଇଥିଲେ। ଏନେଇ ମହିଳା ଥାନାରେ ଅଭିଯୋଗ କରିବା ପରେ ଉକ୍ତ ଯୁବକଙ୍କୁ ଗିରଫ କରାଯାଇଛି ବୋଲି ଥାନା ଅଧିକାରୀ ଜଶ୍‌ପାଲ ସିଂ ସୂଚନା ଦେଇଛନ୍ତି।




## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ରୋହିତ୍
ପରିବାରବର୍ଗ



ଲକି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified




### SALE

Book duplex (ready to move) Tankapani road, near BJEM-2 school, Ranga bazar. Cost-55 lakhs with bank finance. 8917360040, 7077074156. D-64176

1BHK, 2BHK, 3BHK approved flats at Hitech Heaven near Gudiapokhari Chowk, Bhubaneswar. 9437285016, 9853035888. D-8495

Lingaraj Stationରୁ 5km. ଦୂରତାରେ right side gharabari plot ମିଳୁଛି। 9090963952. D-64320

Core house completed 2BHK/ 3BHK flat at Kalinga Vihar, Bhubaneswar. Price: 37/ 47 lakh onwards. Contact: 7381087905. D-64162

ଭୁବନେଶ୍ୱର ପିତାପଲି NH-5 ଠାରୁ 100' ଦୂରତାରେ BDA yellowzone ପ୍ଲଟ ମିଳୁଅଛି। 8338932027. D-64324

Book SC plots at Patia Bhubaneswar walkable distance from Patia Station immediate possession/ registration. 6371034524. D-64325

ଭୁବନେଶ୍ୱର ଜଟଣୀଗେଟ୍ NH-5ରୁ 900 ମିଟର 1200କୁ 1,60,000/- ପ୍ରତାପ ନଗରୀ, ଧାକୁଲେଇପିଠ NH-5ରୁ ଅଳ୍ପ ଦୂରତାରେ 1200କୁ 2,10,000/- outrightରେ plot ମିଳୁଅଛି। 9938177361, 9776934361. D-64323

ନଖରା ତ୍ରିନାଥ ବଜାରଠାରେ SC plotଘରବାରିପାଚେରିସହ1200କୁ 3,40,000/-ରେ ବିକ୍ରିହେବ। (out right) 9776934361, 9658523912. D-64322




Three bedroom, Portico boundarywall near Lingaraj Mandir. 9438692977. D-60816

Family accommodation having 2 rooms, 2 bathrooms, modular kitchen and car parking space at Madhusudan Nagar, Bhubaneswar very close to main road Sachibalayamarg near Akash Medical Coaching Centre and Appolo Pharmacy. Rent-12,000/-. Contact: 9861023510. D-63375

3BHK with servant quarter, Mani-tribhuban, Patia, 18,000/- for family. 9658197163. D-61024

Now Matrimonial ads. only on Wednesday & Sunday Book 1 Get 1 FREE




Fully refreshed/ relaxed body massage by expert therapist, Shastrinagar. 7377984773. D-64116

Rejuvenate and Ayurvedic full body massage by smart therapist. 9114402304. D-64118

Pamper yourself this Mansoon profesional massage. Contact Purple Orchid. 9776598888. D-64117

Newly opening ayurvedic full body massage by expert lady therapist. 9583125024. D-63098

Singar massage club fully relaxed by expert lady also home service available. Contact: 9937637219. D-8471

Experience full body massage with us by experts. Enquiry: 7377048581. D-64170

Physiotherapy and herbal massage by trained ladies/ gents therapist: 7008773793. D-63500

Saishree ayurvedic full body massage ladies & gents. 9078429117, 7438896074. D-63100

G.S Spa herbal full body massage ladies/ gents. 9938526614, 8658292358. D-63099

Opening newly ayurvedic full body massage ladies, gents. 7609923705, 7438851534. D-38532

All type of massage and good therapy full body massage Sai herbal spa. 7609005923. D-64205

Newly opening ayurvedic body massage in joint pains, smart therapist. 9776383819. D-64177

Newly opening ayurvedic body massage smart therapist, Shree Herbal. 7750020754. D-64178

ଫୁଲ୍ ବଡି ମସାଜ (ଦେଶୀ ମୋଡାଘଷା) only gents @ 250/-. 9583978590, 7064653554. D-8551

### ମନେ ପଡ଼ନ୍ତି

**ଷଷ୍ଠ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**ସ୍ୱର୍ଗତ ଯଜ୍ଞେଶ୍ୱର ଦାଶ**

ପ୍ଲଟ- SG-32, ଶ୍ରୀକ୍ଷେତ୍ରବିହାର, ଆଇଗିଣିଆ, ଭୁବନେଶ୍ୱର

ତିରୋଧାନ: ୨୯।୦୯।୨୦୧୨ (ଇନ୍ଦୁ ପୂର୍ଣ୍ଣିମା)

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ ପରିବାରବର୍ଗ। ଧ-୮୫୪୯

Newly open herbal full body massage with refreshment well trained therapist. 7381239385. D-8556

### Birthday Wish



**Rohit Kap**

Father: **Rajesh Kap**

Mother: **Snigdhamayee Kap**

At- Balisahi (Mahura), Po- Mahura, P.s- Balanga, Dist- Puri.

ଜଗତରନାଥ ଶ୍ରୀଜଗନ୍ନାଥ ତୁମର ପ୍ରଥମ ଜନ୍ମଦିନରେ ଚଲାପଥ କୁସୁମିତ କରନ୍ତୁ। ଧ-୮୫୪୫

### Birthday Wish



**(Lucky)**

**Swayam Swarup Behera**

Qr No.- A/E- 7, Bhimatangi, Housing Board Colony, Kapilaprasad, Bhubaneswar

ଈଶ୍ୱର ସର୍ବଦା ତୁମକୁ ଖୁସିରେ ରଖନ୍ତୁ, ସଫଳତାର ଶୀର୍ଷରେ ପହଞ୍ଚିବାର ଆଶୀର୍ବାଦ ମିଳୁ। ଶୁଭେଚ୍ଛା ସହ: ବାବା, ବୋଉ, ଅଜା, ଆଈ, ମାଉସୀ, ମାମୁ, ଅରୁ ଓ ସମସ୍ତ ପରିବାରବର୍ଗ। ଧ-୮୫୦୦

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ପ୍ରଥମ ପୃଷ୍ଠାରୁ...

# ୫ ବର୍ଷ ସୁଯୋଗ ଦିଅ...

ଭାଜପା ମହିଳା ମୋର୍ଚ୍ଚାର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ଅବସରରେ ପୁରୀ ଶରଧାବାଲିରେ ଶକ୍ତିକେନ୍ଦ୍ରସ୍ତରୀୟ ଭାଜପା ମହିଳା ମୋର୍ଚ୍ଚା ପ୍ରତିନିଧି ସଭା ଅନୁଷ୍ଠିତ ହୋଇଥିଲା। ଏହାକୁ ଉଦ୍‌ଘାଟନ କରି ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ କହିଥିଲେ ଯେ, ମହିଳା ହେଉଛନ୍ତି ଶକ୍ତିକେନ୍ଦ୍ର। ସେମାନଙ୍କ ପାଖରେ ପରିବର୍ତ୍ତନର ଶକ୍ତି ରହିଛି। ସେମାନେ ଚାହିଁଲେ ପରିବର୍ତ୍ତନ କିଛି ବଡ଼କଥା ନୁହେଁ। ପ୍ରଧାନମନ୍ତ୍ରୀ ମୋଦିଙ୍କ ଦୂତ ସାଜି ଓଡ଼ିଶାର କୋଣ ଅନୁକୋଣରେ

- ଶାହ ଦେଲେ ପରିବର୍ତ୍ତନର ଆହ୍ୱାନ
- ୩ ବର୍ଷରେ ଓଡ଼ିଶାରେ ୧୪ ଭାଜପା କାର୍ଯ୍ୟକର୍ତ୍ତାଙ୍କୁ ହତ୍ୟା କରାଯାଇଛି
- ଆଇଏଏସ୍, ଆଇପିଏସ୍ ବାବୁଙ୍କ ଶାସନ ଚାଲିଛି

ପ୍ରତି ଘରେ ପହଞ୍ଚି ରାଜ୍ୟ ସରକାରଙ୍କ ବିଫଳତା ଏବଂ କେନ୍ଦ୍ରର କଲ୍ୟାଣକାରୀ ଯୋଜନାର ଚିତ୍ର ବଖାଣିବାକୁ ଭାଜପା ମହିଳା ପ୍ରତିନିଧିଙ୍କୁ ମନ୍ତ୍ର ଦେଇଛନ୍ତି ଶାହ।

ସେ ଆହୁରି ମଧ୍ୟ କହିଛନ୍ତି, ଓଡ଼ିଶାରେ ଦିନକୁ ଦିନ ମହିଳାଙ୍କ ପ୍ରତି ଅତ୍ୟାଚାର ବଢୁଛି। ମହିଳାଙ୍କୁ ଅସଦାଚରଣ ଏବଂ ଦୁର୍ବ୍ୟବହାରରେ ଓଡ଼ିଶା ସମଗ୍ର ଦେଶରେ ଏକ ନମ୍ବର। ଗଣବଳାତ୍କାରରେ ୫ ନମ୍ବର ଏବଂ ଏସିଡ୍ ମାଡ଼ ଘଟଣାରେ ୬ ନମ୍ବର ସ୍ଥାନରେ ରହିଛି। ବିକାଶ ବଦଳରେ ନବୀନ ସରକାର ମହିଳାଙ୍କୁ ଦୁର୍ବ୍ୟବହାର କ୍ଷେତ୍ରରେ ୧ ନମ୍ବର ଦୁର୍ଭାଗ୍ୟଜନକ। ମହିଳାଙ୍କୁ ସୁରକ୍ଷା ଦେଇପାରୁ ନ ଥିବା ବିଜୁ ଜନତା ଦଳର ଆଉ ଶାସନରେ ରହିବାର ଅଧିକାର ନାହିଁ। ଏ ସରକାରରେ ନାରୀଙ୍କ ପ୍ରତି ଅତ୍ୟାଚାର ବଢୁଥିବା ବେଳେ ମୋଦି ସରକାର ମହିଳାଙ୍କ କଲ୍ୟାଣ ପାଇଁ ବିଭିନ୍ନ ଯୋଜନା ହାତକୁ ନେଉଛନ୍ତି। ଆଶା ଓ ଅଙ୍ଗନୱାଡ଼ି କର୍ମୀଙ୍କ ଦରମା କେନ୍ଦ୍ର ସରକାର ବୃଦ୍ଧି କରିଛନ୍ତି। ଜନଧନ ଯୋଜନାରେ ୧୬ କୋଟି ମହିଳା ଉପକୃତ ହୋଇଛନ୍ତି। ମୁଦ୍ରା ଯୋଜନାରେ ୧୩ କୋଟି ମହିଳାଙ୍କୁ ଋଣ ଯୋଗାଇ ଦିଆଯାଇଛି। ୭.୫ କୋଟି ଶୌଚାଳୟ ନିର୍ମାଣ କରାଯାଇ ମା' ଭଉଣୀଙ୍କୁ ସମ୍ମାନର ସହ ବଞ୍ଚିବା ଅଧିକାର ଦିଆଯାଇଛି। କଂଗ୍ରେସ ଏବଂ ବିପକ୍ଷ ଦଳ ବ୍ରେକ୍ ଇନ୍ ଇଣ୍ଡିଆ ପଛରେ ପଡିଥିବାବେଳେ ମୋଦି ମେକ୍ ଇନ୍ ଇଣ୍ଡିଆ ପାଇଁ ଲାଗିପଡିଛନ୍ତି। ମୋଦି ଗରିବ ଓ ବେରୋଜଗାରି ହଟାଅ ବିଚାରଧାରାରେ ଆଗକୁ ବଢୁଥିବା ବେଳେ ବିପକ୍ଷ ଦଳ ମୋଦିଙ୍କୁ ହଟାଇବା ପାଇଁ ଲାଗିପଡିଛନ୍ତି। କିନ୍ତୁ ବିପକ୍ଷମାନଙ୍କ ପାଖରେ ନେତା, ନୀତି ଓ ସିଦ୍ଧାନ୍ତ ନାହିଁ। ୨୦୧୯ ଲୋକ ସଭା ଓ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ଆମେ ସବୁ ଏଠି ଏକତ୍ରିତ ହୋଇଛେ। ୨୧ ଲୋକ ସଭା, ୧୪୭ ବିଧାନସଭା ଏବଂ ୭୮୯୨ ବୁଥ୍‌ରୁ ମହିଳା ପ୍ରତିନିଧି ଏଥିରେ ଯୋଗଦେଇଛନ୍ତି। ଆଗାମୀ ସାଧାରଣ ନିର୍ବାଚନ ପାଇଁ ହିମାଚଳ ପ୍ରଦେଶ, ଗୁଜରାଟ ଆଦି ରାଜ୍ୟର କର୍ମୀ ପରିଶ୍ରମ କଲେ ଭାଜପା କେନ୍ଦ୍ରରେ ଜିତିବ କିନ୍ତୁ ଓଡ଼ିଶାର କର୍ମୀ ଏମିତି ପରିଶ୍ରମ କରନ୍ତୁ ଯେମିତି ରାଜ୍ୟ ଓ କେନ୍ଦ୍ରରେ ଭାଜପା ଶାସନକୁ ଆସିବ।

ଖଣିଜ ସମ୍ପଦରେ ସମୃଦ୍ଧ ଓଡ଼ିଶାର ଭାଇଭଉଣୀମାନେ ଆଜି ଗରିବ। ଏଥିପାଇଁ ନବୀନ ବାବୁଙ୍କ ସରକାର ହିଁ ଦାୟୀ। ଓଡ଼ିଶାର ଚାଷୀମାନଙ୍କୁ ରବି ଓ ଖରିଫ ଫସଲ ଉତ୍ପାଦନ ଉପରେ ଦେଢ଼ଗୁଣା ସର୍ବନିମ୍ନ ସହାୟକ ମୂଲ୍ୟ ଦେବା ଲାଗି କେନ୍ଦ୍ର ସରକାର ଘୋଷଣା କରିଛନ୍ତି। କିନ୍ତୁ ବିଜେଡି ସରକାର ମିଲ୍ ମାଲିକଙ୍କ ସହ ମିଶି ଯଦି କୃଷକଙ୍କୁ ନ ଦେଇ ଭାଗବାଣ୍ଟି ନିଅନ୍ତି, ତବେ ଭାଜପା ଛାଡିବ ନାହିଁ। କୃଷକଙ୍କ ସ୍ୱାର୍ଥକୁ ନେଇ ଭାଜପା ସବୁସ୍ତରରେ ଆନ୍ଦୋଳନ କରିବ ବୋଲି ଶାହ ରାଜ୍ୟ ସରକାରଙ୍କୁ ଚେତାବନୀ ଦେଇଛନ୍ତି। ନିକଟରେ ପ୍ରଧାନମନ୍ତ୍ରୀ 'ଆୟୁଷ୍ମାନ ଭାରତ' ଯୋଜନାର ଶୁଭାରମ୍ଭ କରିଛନ୍ତି। ଦେଶର ୧୦ କୋଟି ପରିବାରର ୫୦ କୋଟି ସଦସ୍ୟ ଏହି ଯୋଜନାରେ ୫ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ଚିକିତ୍ସା ସୁବିଧା ପାଇବେ। କିନ୍ତୁ ମୋ ଆଗରେ ଉପସ୍ଥିତ ଥିବା ମାତୃଶକ୍ତି ଓ ଓଡ଼ିଶାର ଜନସାଧାରଣ ଏଥିରୁ ବଞ୍ଚିତ ହେବେ। ଓଡ଼ିଶାରେ ଏହା ଲାଗୁ ହେଲେ ମୋଦିଙ୍କ ଲୋକପ୍ରିୟତା ବୃଦ୍ଧି ପାଇବା ଭୟରେ ବିଜେଡି ସରକାର ଏହାକୁ କାର୍ଯ୍ୟକାରୀ କରିବାକୁ ଚାହୁଁନାହାନ୍ତି। ଖୁବ୍‌ଶୀଘ୍ର ଭାଜପା ମୁଖ୍ୟମନ୍ତ୍ରୀ ଶାସନକୁ ଆସିବ ଏବଂ ଓଡ଼ିଶାରେ 'ଆୟୁଷ୍ମାନ ଭାରତ' ଯୋଜନା କାର୍ଯ୍ୟକାରୀ କରାଯିବ। ଗରିବ ଓ ନିଷ୍ପେଷିତଙ୍କ ସେବା ଚାହୁଁଛନ୍ତି ମୋଦି ସରକାର। କିନ୍ତୁ ୧୮ ବର୍ଷର ବିଜେଡି ସରକାର ସୁଶାସନ ଦେବାରେ ବିଫଳ ହୋଇଛି। ବିଜେଡି ନିଜ ସିଦ୍ଧାନ୍ତକୁ ଭୁଲି ଗଲାଣି। ଏ ସମାବେଶ ନବୀନ ସରକାରଙ୍କ ମୃତ୍ୟୁର ଘଣ୍ଟି ବୋଲି ଶାହ କହିଛନ୍ତି।

ଲୋକତନ୍ତ୍ରରେ ନେତା ଶାସନ କରିବା କଥା। କିନ୍ତୁ ଓଡ଼ିଶାରେ ଲୋକତନ୍ତ୍ର ନାହିଁ। ଏଠି ଆଇଏଏସ୍, ଆଇପିଏସ୍ ବାବୁମାନେ ଶାସନ କରୁଛନ୍ତି। ଲୋକପ୍ରତିନିଧିଙ୍କୁ ଏ ରାଜ୍ୟରେ ସମ୍ମାନ ମିଳୁନାହିଁ। ଭାଜପା ଶାସନକୁ ଆସିଲେ ଏହି ଧାରା ବଦଳିବ। ଭ୍ରଷ୍ଟାଚାର, ଦୁର୍ନୀତିକୁ ପ୍ରଶ୍ରୟ ଦିଆଯିବ ନାହିଁ। ଓଡ଼ିଶାରେ ଗୁଣ୍ଡାଗର୍ଦ୍ଦିର ଶାସନ ଚାଲିଛି। ଗତ ୩ ବର୍ଷ ମଧ୍ୟରେ ଭାଜପାର ୧୪ଜଣ କାର୍ଯ୍ୟକର୍ତ୍ତାଙ୍କୁ ହତ୍ୟା କରାଯାଇଛି। ଏହାର ପ୍ରଚ୍ଛଦପଟରେ ରାଜ୍ୟ ସରକାର ରହିଛନ୍ତି। ଏଥିରେ ଭାଜପା ଡରିଯିବନି। ପଦ୍ମ ପାଖୁଡା ଫୁଟିଲା ଭଳି ଭାଜପା କର୍ମୀମାନେ ଆଗକୁ ଆଗକୁ ବଢ଼ି ଚାଲିବେ। ବିଜେଡି ଯେତେ ହିଂସା ସୃଷ୍ଟି କରିବ ଭାଜପା ସେତେ ଶକ୍ତିଶାଳୀ ହେବ। କେନ୍ଦ୍ର ସରକାର ଗତ ୪ବର୍ଷ ମଧ୍ୟରେ ୪ଲକ୍ଷ ୪୫ ହଜାର ୮୬୫ କୋଟି ଟଙ୍କା ଓଡ଼ିଶାକୁ ଦେଇଛନ୍ତି। କିନ୍ତୁ ଏହି ଅନୁଦାନ ଗାଁରେ ପହଞ୍ଚୁନାହିଁ। କେନ୍ଦ୍ର ସରକାରଙ୍କ ୧୨୯ଟି ଯୋଜନାରୁ ଓଡ଼ିଶାର ଗରିବ, କୃଷକ, ମହିଳା, ଯୁବକ, ଆଦିବାସୀ ସୁଫଳ ପାଉନାହାନ୍ତି। କେନ୍ଦ୍ର ସରକାରଙ୍କ ଏହି ଅର୍ଥକୁ ରାଜ୍ୟ ସରକାର ଠିକଣା ଦିଗରେ ବିନିଯୋଗ କରୁନାହାନ୍ତି। ଭାଜପାକୁ ୫ ବର୍ଷ କ୍ଷମତାରେ ବସାଇଲେ ଓଡ଼ିଶା ୧ ନମ୍ବର ସ୍ଥାନ ହାସଲ କରିବ। ଗୋଟିଏ ବି ମଦମୃତ୍ୟୁ ଘଟିବ ନାହିଁ ବୋଲି ଶାହ କହିଥିଲେ।

ଏହି ସମାବେଶରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ୍, ଧର୍ମେନ୍ଦ୍ର ପ୍ରଧାନ, ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା, ଭାଜପା ବିଧାୟକ ଦଳର ନେତା କନକ ବର୍ଦ୍ଧନ ସିଂଦେଓ, ଭାଜପା ମହିଳା ମୋର୍ଚ୍ଚାର ରାଷ୍ଟ୍ରୀୟ ଅଧ୍ୟକ୍ଷା ବିଜୟା ରାହାତ୍‌କର, ରାଷ୍ଟ୍ରୀୟ ମହିଳା ମୋର୍ଚ୍ଚା ପ୍ରଭାରୀ ପୁରନ୍ଦେଶ୍ୱରୀ, ମହିଳା ମୋର୍ଚ୍ଚା ରାଜ୍ୟ ସଭାପତି ପ୍ରଭାତୀ ପରିଡ଼ା, ପୂର୍ବତନ ମନ୍ତ୍ରୀ ସୁରମା ପାଢ଼ୀ, ପୂର୍ବତନ ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, ଭାଜପା ରାଜ୍ୟ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର, ଅପରାଜିତା ମହାନ୍ତି, ପିଙ୍କି ପ୍ରଧାନ ଏବଂ ଅନୁ ଚୌଧୁରୀ ପ୍ରମୁଖ ଯୋଗଦେଇଥିଲେ।

# ୫ହଜାର କୋଟି...

ଜଣକ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ନାଇଜେରିଆରେ ସନ୍ଦେସରାଙ୍କ କମ୍ପାନୀ ରହିଥିବାରୁ ସେ ସେଠାରେ ଲୁଚିଥାଇ ପାରନ୍ତି ବୋଲି ଅନୁମାନ କରାଯାଉଛି। ସେ ପରିବାର ସହ ଦୁବାଇରେ ରହିଥିବା ଅନୁମାନ କରି ତାଙ୍କୁ ଗିରଫ କରିବାକୁ ସିବିଆଇ ପକ୍ଷରୁ ୟୁନାଇଟେଡ ଆରବ ଏମିରେଟ(ୟୁଏଇ)କୁ ଅନୁରୋଧ କରାଯାଇଥିଲା। ଅନ୍ୟପକ୍ଷରେ ଏହି ଜାଲିଆତି ମାମଲାର ଅନ୍ୟତମ ତଦନ୍ତକାରୀ ସଂସ୍ଥା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ମଧ୍ୟ ବୈଦେଶିକ ମନ୍ତ୍ରଣାଳୟକୁ ପତ୍ର ଲେଖି ସନ୍ଦେସରାଙ୍କୁ ଦୁବାଇରୁ ପ୍ରତ୍ୟର୍ପଣ ଲାଗି ଅନୁରୋଧ କରିଥିଲେ। ସେଠାରେ ତାଙ୍କୁ ସ୍ଥାନୀୟ ଅଭିଯୋଗରେ ଅଟକ ରଖାଯାଇଥିଲା। ଭାରତର ଆବେଦନକୁ ୟୁଏଇ କାହିଁକି ମାନିଲା ନାହିଁ ସେ ସମ୍ପର୍କରେ ଅଦ୍ୟାବଧି କିଛି ସ୍ପଷ୍ଟ ହୋଇନି। ନୀତିନ ଓ ତାଙ୍କ ଭାଇ ଚେତନ ଜୟନ୍ତୀଲାଲ ସନ୍ଦେସରା ବଡୋଦରାସ୍ଥିତ ଷ୍ଟର୍ଲିଂ ବାୟୋଟେକର ଡାଇରେକ୍ଟର ଥିଲେ। ଏହି କମ୍ପାନୀକୁ ଆନ୍ଧ୍ର ବ୍ୟାଙ୍କ ନେତୃତ୍ୱରେ ଗଠିତ ବ୍ୟାଙ୍କସମୂହ ୫୩୮୩ କୋଟି ଟଙ୍କାର ଋଣ ଦେଇଥିଲା, ଯାହାକି ପରେ ଏନ୍‌ପିଏ(ଅନାଦାୟ ଋଣ)ରେ ପରିଣତ ହୋଇଥିଲା। ଏହି ଦୁର୍ନୀତିରେ କିଛି ନେତା ଓ ଅଫିସର ସମ୍ପୃକ୍ତ ଥିବା ଅଭିଯୋଗ ହୋଇଛି ଯାହାର ତଦନ୍ତ ଜାରି ରହିଛି। ସିବିଆଇ ୨୦୧୭ ଅକ୍ଟୋବରରେ ସନ୍ଦେସରାଙ୍କ ବିରୋଧରେ ମାମଲା ଦାଏର କରିବା ପରେ ଦୁଇ ଭାଇ ସେବେଠାରୁ ଫେରାର ରହିଛନ୍ତି। ଅନ୍ୟପକ୍ଷରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ସେମାନଙ୍କ ବିରୋଧରେ ମନି ଲଣ୍ଡରିଂ ମାମଲାର ଯାଞ୍ଚ କରୁଛି। ସିବିଆଇ ପକ୍ଷରୁ ଦୀପ୍ତି ସନ୍ଦେସରାଙ୍କ ସମେତ ଅନ୍ୟମାନଙ୍କ ବିରୋଧରେ ମଧ୍ୟ ମାମଲା ଦାଏର କରାଯାଇଛି। ସେମାନଙ୍କ ମଧ୍ୟରେ ଷ୍ଟର୍ଲିଂ କମ୍ପାନୀର ଅନ୍ୟ ଡାଇରେକ୍ଟର ରାଜଭୂଷଣ ଓମପ୍ରକାଶ ଦୀକ୍ଷିତ, ବିଳାସ ଜୋଷୀ, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ହେମନ୍ତ ହାତୀ ଏବଂ ଆନ୍ଧ୍ର ବ୍ୟାଙ୍କର ପୂର୍ବତନ ନିର୍ଦ୍ଦେଶକ ଅନୁପ ଗର୍ଗ ରହିଛନ୍ତି। ଅନ୍ୟପକ୍ଷରେ ଦିଲ୍ଲୀ ବ୍ୟବସାୟୀ ଗଗନ ଧାୱନ ଏବଂ ଗର୍ଗଙ୍କୁ ଇଡି ଇତିମଧ୍ୟରେ ଗିରଫ କରିଥିବା ବେଳେ ଜୁନରେ ଷ୍ଟର୍ଲିଂ କମ୍ପାନୀର ୪୭୦୦ କୋଟି ଟଙ୍କାର ସମ୍ପତ୍ତିକୁ ଜବତ କରିଛନ୍ତି। ସନ୍ଦେସରା ଭ୍ରାତା ଭାରତ ଓ ବିଦେଶରେ ୩୦୦ ବେନାମୀ କମ୍ପାନୀ ଖୋଲି ଆକାଉଣ୍ଟରେ ହେର୍‌ଫେର କରିଥିଲେ ବୋଲି ଅଭିଯୋଗ ହୋଇଛି। ସେମାନେ ନିଜର କାରବାରକୁ ଅତିରଞ୍ଜିତ କରି ଦେଖାଇବା ସହ ଇନସାଇଡର ଟ୍ରେଡିଂରେ ସାମିଲ ଥିଲେ ବୋଲି ଇଡି କହିଛି। ନୀରବ ମୋଦି, ବିଜୟ ମାଲ୍ୟା ଓ ମେହୁଲ ଚୋକ୍‌ସୀଙ୍କ ଭଳି ବଡ଼ ବଡ଼ ବ୍ୟବସାୟୀ ଋଣ ଦୁର୍ନୀତି କରି ପଳାଇଥିବା ବେଳେ ସନ୍ଦେସରାଙ୍କ ଭାରତ ଛାଡ଼ିବା ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାରଙ୍କ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିପରି ଋଣ ପରିଶୋଧ ନ କରି ଗୁଜରାଟ ବ୍ୟବସାୟୀ କିପରି ଦେଶ ଛାଡିପାରିଲେ ସେ ନେଇ ସିବିଆଇ ଓ ଇଡିର କାର୍ଯ୍ୟକୁଶଳତା ଉପରେ ଏବେ ପ୍ରଶ୍ନ ଉଠିଛି।

# ଟ୍ରେନ୍‌ରୁ ଜବତ...

ପ୍ରାୟ ୬୪ ଲକ୍ଷ ଟଙ୍କା ହେବ। ଏହି ଘଟଣାରେ ଡିଆର୍‌ଆଇ କଷ୍ଟମ ଆକ୍ଟ ୧୯୬୨ ଅନୁଯାୟୀ ଏକ ମାମଲା ରୁଜୁ କରାଯାଇ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ଭୁବନେଶ୍ୱର ରାଜସ୍ୱ ଗୋଇନ୍ଦା ନିର୍ଦ୍ଦେଶାଳୟ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ସୂଚନା ଅନୁଯାୟୀ, ଗୁଆହାଟୀ- ଚେନ୍ନାଇ ଏକ୍ସପ୍ରେସ୍‌ରେ ଦୁଇଜଣ ଯାତ୍ରୀ ସୁନା ଚାଲାଣ କରୁଥିବା ନେଇ ଡିଆର୍‌ଆଇ ନିକଟରେ ଖବର ପହଞ୍ଚିଥିଲା। ତେଣୁ ସେମାନଙ୍କୁ ଧରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଥିଲା। ଏଥିସହ ସେମାନଙ୍କ ଉପରେ ନଜର ରଖାଯିବା ସହ କେଉଁଠିକୁ ଯାଉଛନ୍ତି ତାହାର ଟିକିନିଖି ତଥ୍ୟ ସଂଗ୍ରହ କରାଯାଇଥିଲା। ବିଶାଖାପାଟନା ଷ୍ଟେଶନରେ ଅଧିକାରୀମାନେ ଛକି ରହିଥିଲେ। ଟ୍ରେନ୍ ସେଠାରେ ପହଞ୍ଚିବା ପରେ ଯାଞ୍ଚ ଆରମ୍ଭ ହୋଇଥିଲା। ଉକ୍ତ ଦୁଇଜଣଙ୍କୁ ଯାଞ୍ଚବେଳେ ପ୍ରଥମେ ସେମାନଙ୍କଠାରୁ କିଛି ସୁନା ମିଳି ନ ଥିଲା। ତେବେ ସେମାନଙ୍କ ବ୍ୟବହାର ସନ୍ଦେହଜନକ ଥିବାରୁ ଅଧିକ ଯାଞ୍ଚ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଜଣେ ଯାତ୍ରୀ ପିଠିରେ ପକାଇଥିବା ଏକ ଗୀଟାରକୁ ଡିଆର୍‌ଆଇ ଅଧିକାରୀମାନେ ଖୋଲିବା ପରେ ସେଥିରେ ସୁନା ଭର୍ତ୍ତି ହୋଇଥିବା ଦେଖି ଚକିତ ହୋଇଯାଇଥିଲେ। ସୁନାକୁ ପାତ ଆକାରରେ ଗୀଟାର ଭିତରେ ସେଟ୍ କରି ରଖାଯାଇଥିଲା। ସେହିପରି ସେମାନଙ୍କ ନିକଟରେ ଥିବା ଦୁଇଟି ବ୍ୟାଗ୍‌ରୁ ମଧ୍ୟ ଆଉ କିଛି ସୁନା ମିଳିଥିଲା। ଏହାର କାଗଜପତ୍ର ମାଗିବାରୁ ସେମାନେ କିଛି ଦେଖାଇପାରି ନ ଥିଲେ। ପରେ ଉକ୍ତ ସୁନାକୁ ଜବତ କରାଯିବା ସହ ସମ୍ପୃକ୍ତ ଦୁଇଜଣଙ୍କ ଉପରେ ପଦକ୍ଷେପ ନିଆଯାଇଛି। ତେବେ ଏହା ଏକ ଅନ୍ତର୍ଦ୍ଦେଶୀୟ ବେଆଇନ କାରବାର ପ୍ରସଙ୍ଗ ହୋଇଥିବାରୁ ଡିଆର୍‌ଆଇ ପକ୍ଷରୁ ସେମାନଙ୍କ ପରିଚୟ କିମ୍ବା ଅଧିକ କିଛି ସୂଚନା ଦିଆଯାଇନାହିଁ।

# ଧାନ ବିକ୍ରି ପାଇଁ...

ଏହାଠାରୁ ଅଧିକ ଧାନ ମଣ୍ଡିକୁ ଆସିଲେ ତାହା ମଧ୍ୟ କ୍ରୟ କରାଯିବ। ଲକ୍ଷ୍ୟଧାର୍ଯ୍ୟ ପୂରଣ ପରେ ଯଦି ଆହୁରି ଧାନ ବଳକା ରୁହେ, ସେଗୁଡିକୁ କ୍ରୟ କରିବା ପାଇଁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ନିଷ୍ପତ୍ତି ନେଇପାରିବେ। ୨୦୧୭-୧୮ରେ ଉଭୟ ଖରିଫ୍ ଓ ରବିଋତୁ ପାଇଁ ରାଜ୍ୟ ସରକାର ୫୪ ଲକ୍ଷ ମେଟ୍ରିକ୍ ଟନ୍ ଧାନରୁ ୩୯ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ସଂଗ୍ରହ କରିବାକୁ ଲକ୍ଷ୍ୟଧାର୍ଯ୍ୟ କରିଥିଲେ। ତେବେ ମାତ୍ର ୪୯.୦୬ ଲକ୍ଷ ମେଟ୍ରିକ୍ ଟନ୍ ଧାନ ତଥା ୩୩.୨୧ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ସଂଗ୍ରହ କରିଥିଲେ। ୨୦୧୮ ନଭେମ୍ବରରୁ ୨୦୧୯ ଏପ୍ରିଲ ମଧ୍ୟରେ ଖରିଫ୍ ଧାନ ସଂଗ୍ରହ କରାଯିବ। ସେହିପରି ୨୦୧୯ ମେ'ରୁ ଜୁନ୍ ମଧ୍ୟରେ ରବି ଧାନ ସଂଗ୍ରହ ହେବ। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛି। ବୈଠକ ଶେଷରେ ମୁଖ୍ୟ ଶାସନ ସଚିବ ପାଢ଼ୀ କହିଛନ୍ତି ଯେ, ଗତ ବର୍ଷଗୁଡିକ ଭଳି ମଧ୍ୟ ଚଳିତ ବର୍ଷ ଧାନ ବିକ୍ରି ପାଇଁ ଚାଷୀମାନଙ୍କୁ ପଞ୍ଜୀକୃତ କରାଯିବ। ଭୂଲେଖ ତଥ୍ୟ ଆଧାରରେ ପଞ୍ଜୀକୃତ କାର୍ଯ୍ୟ ସମ୍ପନ୍ନ ହେବ। ସମବାୟ ସମିତି ଜରିଆରେ ପ୍ରକୃତ ଚାଷୀ, ଭାଗ ଚାଷୀ, କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ଧାନ ସଂଗ୍ରହ ବ୍ୟବସ୍ଥାରେ ସାମିଲ କରାଯିବ। କେନ୍ଦ୍ର ସରକାରଙ୍କ ଧାନ ମୂଲ୍ୟ ନିର୍ଦ୍ଧାରଣ ନୀତି ଅନୁଯାୟୀ ଚଳିତ ବର୍ଷ ସାଧାରଣ ଧାନ କୁଇଣ୍ଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ୧୭୫୦ ଟଙ୍କା ରଖାଯାଇଥିବା ବେଳେ ଗ୍ରେଡ୍-ଏ ଧାନ ପାଇଁ ୧୭୭୦ ଟଙ୍କା ଧାର୍ଯ୍ୟ କରାଯାଇଛି। ଏମ୍‌ଏସ୍‌ପିଠାରୁ କମ୍ ଦରରେ ଯଦି କୌଣସି ମିଲର ଚାଷୀଙ୍କଠାରୁ ଧାନ କ୍ରୟ କରିବେ, ତେବେ ସେମାନଙ୍କ ବିରୋଧରେ ଅତ୍ୟାବଶ୍ୟକ ସେବା ଆଇନ ୧୯୫୫ ଅନୁଯାୟୀ ଦଣ୍ଡ ବିଧାନ କରାଯିବ। ଚାଷୀଙ୍କୁ ୨୪ରୁ ୭୨ ଘଣ୍ଟା ମଧ୍ୟରେ ଧାନ ମୂଲ୍ୟ ସେମାନଙ୍କ ଆକାଉଣ୍ଟ ଜରିଆରେ ପ୍ରଦାନ କରାଯିବ। ପଞ୍ଜୀକରଣ ପାଇଁ ଚାଷୀମାନେ ପ୍ଲଟ୍ ହିସାବରେ ତଥ୍ୟ ପ୍ରଦାନ କରିବେ। ଚାଷୀମାନେ ମଣ୍ଡିକୁ ଏଫ୍‌ଏକ୍ୟୁ ମାନର ଧାନ ଆଣିବା ଆବଶ୍ୟକ। ଏ ସମ୍ପର୍କରେ ବ୍ୟାପକ ପ୍ରଚାର ଓ ପ୍ରସାର କରାଯିବ। ସାଧାରଣ ବଣ୍ଟନ ବ୍ୟବସ୍ଥାରେ ରାଜ୍ୟ ପାଇଁ ୧୩ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ଆବଶ୍ୟକ ରହିଛି। ବଳକା ଚାଉଳ ଭାରତୀୟ ଖାଦ୍ୟ ନିଗମ(ଏଫ୍‌ସିଆଇ)କୁ ପ୍ରଦାନ କରାଯିବ। ଗତ ବର୍ଷର ୧୦୦ ପ୍ରତିଶତ ଚାଉଳ ଫେରାଇଥିବା ମିଲରମାନେ ୨୦୧୮-୧୯ରେ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ ହୋଇପାରିବେ। ଯଦି କୌଣସି ବକେୟା ଥିବ, ତେବେ ସେହି ମିଲରମାନେ ଧାନ ସଂଗ୍ରହ ପ୍ରକ୍ରିୟାରେ ଭାଗ ନେଇପାରିବେ ନାହିଁ ବୋଲି ମୁଖ୍ୟ ଶାସନ ସଚିବ ପାଢୀ କହିଛନ୍ତି।

# ଲୁଟିନେଲେ...

ସୂଚନା ଅନୁଯାୟୀ, ଓ ଆର୍ ୦୨- ବି କେ-୦୯୦୭ ଇଣ୍ଡିଗୋ ଯୋଗେ ଜଳଙ୍ଗା ୟୁକୋ ବ୍ୟାଙ୍କର କ୍ୟାଶିୟର ଶଶାଙ୍କ ଶେଖର ପଲେଇ ଓ ଅସ୍ଥାୟୀ କର୍ମଚାରୀ ହରେନ୍ଦ୍ର ପଣ୍ଡା ଭଦ୍ରକ ବାଇପାସ୍ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କରୁ ଟଙ୍କା ନେଇ ଅପରାହ୍ନ ୪ଟା ବେଳେ ଜଳଙ୍ଗା ୟୁକୋ ବ୍ୟାଙ୍କକୁ ଯାଉଥିଲେ। ଲୁଟେରାମାନେ ଏହି ଗାଡ଼ିକୁ ପିଛା କରି ଜଳଙ୍ଗା ପୂର୍ବ ଗାଁ କୁଆପଦା ନିକଟରେ ଡ୍ରାଇଭରଙ୍କୁ ବନ୍ଧୁକ ଦେଖାଇ ଗାଡ଼ି ଅଟକାଇଥିଲେ। ଡିକିରେ ଥିବା ତିନି ବାକ୍ସ ଭର୍ତ୍ତି ଟଙ୍କା ନେଇ କାଉପୁର ରାସ୍ତା ଦେଇ ପଳାଇ ଯାଇଥିଲେ। ବ୍ୟାଙ୍କ କର୍ମଚାରୀମାନେ ବ୍ୟାଙ୍କ ଓ ପୋଲିସକୁ ଫୋନ କରି ଏ ସମ୍ପର୍କରେ ଜଣାଇଥିଲେ। ପୋଲିସ ପହଞ୍ଚି ତଦନ୍ତ ଚଳାଇଛି। ଅପରାହ୍ନରେ ଭଦ୍ରକ ବ୍ୟାଙ୍କରୁ ଏତେ ପରିମାଣର ଟଙ୍କା ଜଳଙ୍ଗା ୟୁକୋ ବ୍ୟାଙ୍କକୁ ନିଆଯିବାର କାରଣ କ'ଣ ଥିଲା। ବିନା ସିକ୍ୟୁରିଟିରେ ୩୦ ଲକ୍ଷ ଟଙ୍କା କାହିଁକି ନିଆଯାଉଥିଲା। ବ୍ୟାଙ୍କ ବନ୍ଦ ହେବା ସମୟରେ ଏତେ ଟଙ୍କା କଣ ପାଇଁ ନିଆଯାଉଥିଲା ଏହି ସବୁ ଦିଗ ପ୍ରତି ପୋଲିସ ନଜର ରଖିଛି। ଡ୍ରାଇଭରଙ୍କୁ ଅଟକ ରଖି ପୋଲିସ ପଚରାଉଚରା କରାଯାଇଥିବା ଗ୍ରାମାଞ୍ଚଳ ଥାନାଧିକାରୀ ଦୟାନିଧି ଦାସ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ଲାଭ ସ୍ଥାନରେ ଚନ୍ଦ୍ରଙ୍କ ସ୍ଥିତି କାରଣରୁ ଅର୍ଥ ଲାଭ ସାଙ୍ଗକୁ କାର୍ଯ୍ୟସିଦ୍ଧି ଘଟିବ। ବନ୍ଧୁଙ୍କ ସହ ଯାତ୍ରାକାଳୀନ ସୁମଧୁର ଅନୁଭୂତି ନେଇ ଦିନଟି ଖୁସିରେ ବିତାଇବେ। ଜମିଜମା, ଟଙ୍କା ପଇସା ପ୍ରଭୃତିକୁ କେନ୍ଦ୍ରକରି କଳହର ଆଶଙ୍କା ଦେଖାଦେଇପାରେ। ସ୍ୱାର୍ଥହାନି ଆଶଙ୍କାରେ ନିଜ ଲୋକ ଦୂରେଇଯାଇପାରନ୍ତି।

**ବୃଷ**
ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ହିତୈଷୀମାନଙ୍କ ସହଯୋଗରେ ପୂର୍ବ ପରିକଳ୍ପିତ ନୂତନ ଗୃହ, ଅନୁଷ୍ଠାନ, ବାଣିଜ୍ୟାରମ୍ଭ କରିପାରନ୍ତି। ହଠାତ୍ ବାହାରକୁ ଯିବା ସମୟରେ କୌଣସି ଦରକାରୀ କାଗଜପତ୍ର ନ ପାଇ ବ୍ୟସ୍ତ ହୋଇପାରନ୍ତି। କର୍ମକ୍ଷେତ୍ରରେ ଉପରିସ୍ଥଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିପାରନ୍ତି।

**ମିଥୁନ**
ରାହୁଙ୍କ କୁପ୍ରଭାବରେ ପାରିବାରିକ ଭୁଲ୍ ବୁଝାମଣା କାରଣରୁ ଅସ୍ଥିରତା ଓ ଅଶାନ୍ତି କାରଣରୁ ମନ ଭଲ ରହିବ ନାହିଁ। ନୂତନ ବନ୍ଧୁ ସମ୍ପର୍କ ଯୋଡ଼ିବା ପାଇଁ ଚେଷ୍ଟାକରିବେ। କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୂରା ଦମ୍‌ରେ କରିବାକୁ ନିଷ୍ପତ୍ତି ନେବେ। ବ୍ୟବସାୟ କ୍ଷେତ୍ରରେ କୌଣସି ପ୍ରକାରର ଅସୁବିଧା ନ ହେଲେ ମଧ୍ୟ ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ହେତୁ ମନ ଅସ୍ଥିର ରହିବ।

**କର୍କଟ**
ଚନ୍ଦ୍ରଙ୍କ ଦୁଃସ୍ଥାନ ଜନିତ ମାନସିକ ଶିଥିଳତା, କାର୍ଯ୍ୟରେ ବିଳମ୍ବ ଘଟିଲେ ମଧ୍ୟ ଆର୍ଥିକ ସ୍ଥିତି ମଜଭୁତ ରହିବ। ଆଜି ଯେଉଁ ଆଶା ନେଇ କାହା ପାଇଁ କିଛି କରିବେ, ତଥାପି ତାହାଠାରୁ ପ୍ରତିବଦଳରେ କିଛି ପାଇବେ ନାହିଁ। ଶିଳ୍ପ, ବାଣିଜ୍ୟ, ପରିବହନ, ସଭାସମିତି, ଆଇନ ଅଦାଲତ କ୍ଷେତ୍ରରୁ ସୁଫଳ ପାଇବେ। ସାଧାରଣ ଯୁକ୍ତିତର୍କରୁ ସମ୍ପର୍କ ହାନି ଘଟିପାରେ।

**ସିଂହ**
ଶନିଙ୍କ ସ୍ଥିତି ଆପଣଙ୍କ ନିଷ୍ପତ୍ତିକୁ ଭୁଲ୍ ପ୍ରମାଣିତ କରିବା ସହ ଅପଦସ୍ଥ କରାଇବ। କିଛି କହିବା ଓ କରିବା କ୍ଷେତ୍ରରେ ଭାବିଚିନ୍ତି ପଦକ୍ଷେପ ନେବା ଭଲ ହେବ। ଈର୍ଷାପରାୟଣ ମନୋଭାବ ପୋଷଣକରି ନିକଟସ୍ଥ ବ୍ୟକ୍ତିବିଶେଷମାନେ ପରୋକ୍ଷ ସମାଲୋଚନା କରିପାରନ୍ତି। ତରବରିଆ ଯାତ୍ରାରୁ ଦୂରେଇ ରହିଲେ ଭଲ।

**କନ୍ୟା**
ଧନାଧିପ ଧନସ୍ଥ ହେତୁ ଅର୍ଥର ପ୍ରାଚୁର୍ଯ୍ୟ ସାଙ୍ଗକୁ ସାମାଜିକ ସମ୍ମାନ ଓ ପ୍ରତିଷ୍ଠାଲାଭ କରିବେ। ଆଜି ଯାହା ପାଇବା ସକାଶେ ଆଶା ରଖିଛନ୍ତି, ତାହା ନିଶ୍ଚୟ ପାଇବେ। ଅନ୍ୟମାନଙ୍କ ଦ୍ୱାରା ସମ୍ପନ୍ନ କରାଯାଇଥିବା କାମଗୁଡ଼ିକର ସମୀକ୍ଷାକରି ବ୍ୟସ୍ତତା ଅନୁଭବ କରିପାରନ୍ତି। ପିଲାମାନଙ୍କ କାର୍ଯ୍ୟକଳାପରୁ ମନସ୍ତାପ କରିପାରନ୍ତି।

**ତୁଳା**
ଆଶା ଓ ଅଭିଳାଷ ପୂରଣ କରିବାରେ ଆଜି କୌଣସି ଅସୁବିଧା ରହିବ ନାହିଁ। ଅଫିସ ଭିତରେ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। ବ୍ୟବସାୟରେ ନିଜ ଜିଦ୍‌ରେ ଅଟଳ ରହିବେ, ଅବଶ୍ୟ ଲାଭବାନ୍ ହେବେ। କଚେରି ମାମଲା ସକାଶେ ଚିନ୍ତା ବଢ଼ିପାରେ। ଆନୁଷ୍ଠାନିକ କାମରେ ଦ୍ରୁତୋନ୍ନତି ପରିଲକ୍ଷିତ ହେବ।

**ବିଛା**
ବ୍ୟୟଭାବରେ ଶୁକ୍ର ଓ ଚତୁର୍ଥରେ ଚନ୍ଦ୍ର ରହିଥିବାରୁ ଆଜି ସକାଳୁ ସକାଳୁ ଦୂରଯାତ୍ରା କରିବାକୁ ପଡ଼ିପାରେ। ବ୍ୟବସାୟ ଓ ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ସୁବିଧାରେ ଲକ୍ଷ୍ୟ ହାସଲ କରିବେ। କର୍ମକ୍ଷେତ୍ରରେ ପ୍ରତ୍ୟେକ କଥାକୁ ହାଲୁକା ଭାବେ ଗ୍ରହଣକଲେ କ୍ଷତିରେ ପଡ଼ିବେ। ଉପକାର କରିଥିବା ବ୍ୟକ୍ତିଙ୍କ ଠାରୁ ପ୍ରତିଦାନ ପାଇବା ଦୁର୍ଲ୍ଲଭ ହୋଇପଡ଼ିବ।

**ଧନୁ**
ଚନ୍ଦ୍ରଙ୍କ ସହ ଗୁରୁ ଓ ଶୁକ୍ର କୋଣଭାବସ୍ଥ ହେତୁ ବନ୍ଧୁଙ୍କ ସଦ୍‌ଭାବ ଓ ସହକର୍ମୀମାନଙ୍କ ସହଯୋଗ ଆଜିର କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ଦୀର୍ଘଦିନରୁ ପ୍ରତୀକ୍ଷିତ କାର୍ଯ୍ୟ ସକାଶେ ଆତ୍ମୀୟସ୍ୱଜନଙ୍କ ଉପସ୍ଥିତି ଯୋଗୁ ଖୁସି ହେବେ। ପାରିବାରିକ ଭୁଲ୍ ବୁଝାମଣା ହେତୁ ଅଭାବ ନ ଥିଲେ ମଧ୍ୟ ମାନସିକ ଅସ୍ଥିରତା ଲାଗି ରହିବ।

**ମକର**
ପ୍ରତ୍ୟେକ କ୍ଷେତ୍ରରେ ସାମାନ୍ୟ ବ୍ୟତିକ୍ରମ ଲାଗି ରହିଲେ ମଧ୍ୟ ବ୍ୟବସାୟ,ବାଣିଜ୍ୟ ଓ ପରିବହନରେ ଉନ୍ନତି ଘଟିବ। ଆକସ୍ମିକ ଭାବେ କୌଣସି ସମସ୍ୟାର ସମ୍ମୁଖୀନ ହୋଇ ନିର୍ମାଣାଧୀନ କାମଟି ଆଜି ସମ୍ପୂର୍ଣ୍ଣ କରିପାରିବେ ନାହିଁ। ବନ୍ଧୁଙ୍କଠାରୁ କିଛି ମିଥ୍ୟା ଗୁଜବ ଶୁଣିବା ପରେ ମନରେ ଦୁର୍ଭାବନା ସୃଷ୍ଟି ହୋଇପାରେ।

**କୁମ୍ଭ**
ନୂତନ କର୍ମାରମ୍ଭ ସକାଶେ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ସ୍ୱାସ୍ଥ୍ୟରେ ଦ୍ରୁତ ଉନ୍ନତି ପରିଲକ୍ଷିତ ହେବାରୁ ଆଶ୍ୱସ୍ତି ଅନୁଭବ କରିବେ। ସାମୟିକ ଭାବପ୍ରବଣତାରେ ହଜି ନ ଯାଇ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବାପାଇଁ ଚେଷ୍ଟାକଲେ ଉପକାର ମିଳିବ। ଯାତ୍ରା, ବାଣିଜ୍ୟ ଓ ବ୍ୟବସାୟ ତଥା ପରିବହନ ସକାଶେ ଦିନଟି ଅନୁକୂଳ ରହିବ।

**ମୀନ**
ଆପଣ ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜି ବୁଲିବେ। ଭଲ ସମ୍ପର୍କ ରଖୁ ନ ଥିବା ବନ୍ଧୁମାନେ ସମସ୍ୟା ସମାଧାନ ବଦଳରେ ସମସ୍ୟାକୁ ବଢ଼ାଇଦେଇପାରନ୍ତି। ବ୍ୟବସାୟ ଓ କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ। ନିଜ ଲୋକମାନଙ୍କ ଈର୍ଷାପରାୟଣତା ହେତୁ ବ୍ୟସ୍ତବିବ୍ରତ ହୋଇପାରନ୍ତି।

ଆଜି ଭାଦ୍ରବ ପୂର୍ଣ୍ଣିମା ଯୁକ୍ତ ପ୍ରତିପଦା ମଙ୍ଗଳବାର, ଶ୍ରୀମଦ୍ ଭାଗବତ ଜନ୍ମ, ଅପରପକ୍ଷାରମ୍ଭ, ସେପ୍ଟେମ୍ବର ୨୫ ତାରିଖ, ରାଶି ନକ୍ଷତ୍ର- ଉତ୍ତରଭାଦ୍ରପଦ/ମୀନ, ଧନୁ ରାଶିର ଘାତଚନ୍ଦ୍ର, ମକର ରାଶିର ଘାତବାର, ପ୍ରତିପଦାର ଶ୍ରାଦ୍ଧ (ମହାଳୟା ବିଧିରେ କରଣୀୟ)। ଦିବା ଘ୮ ।୪୦ମି. ଗତେ ଘ୧୦ ।୧୦ମି. ମଧ୍ୟେ, ଘ୧୧ ।୪୦ମି. ଗତେ ଘ୧ ।୧୦ମି. ମଧ୍ୟେ ଅମୃତବେଳା। ଦିବା ଘ୧୦ ।୧୦ମି. ଗତେ ଘ୧୧ ।୪୦ମି. ମଧ୍ୟେ, ଘ୨ ।୪୦ମି. ଗତେ, ଘ୪ ।୧୦ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ୨ ।୩୮ମି. ଗତେ ଘ୪ ।୦୭ମି. ମଧ୍ୟେ ରାହୁକାଳ।



ଚାଇନା ୪ ହଜାର ଅଶ୍ଳୀଳ ୱେବ୍‌ସାଇଟ୍‌କୁ ବନ୍ଦ କରିଛି। ସମାଜ ଉପରେ ଏହାର ପ୍ରତିକୂଳ ପ୍ରଭାବ ପଡୁଥିବାରୁ ଏଭଳି ନିଷ୍ପତ୍ତି ନିଆଯାଇଥିବା ସରକାରଙ୍କ ପକ୍ଷରୁ ସଫେଇ ଦିଆଯାଇଛି। ପର୍ନ ୱେବ୍‌ସାଇଟ୍‌ଗୁଡ଼ିକ ସୋସିଆଲ୍ ମିଡିଆ ଉପରେ ହାନିକାରକ ପ୍ରଭାବ ପକାଉଛି। ଏହାକୁ କମ୍ ବୟସ୍କ ପିଲା ଦେଖୁଥିବାରୁ ଦେଶରେ ଅପରାଧ ସଂଖ୍ୟା ବଢ଼ିବାର ଆଶଙ୍କା ରହିଛି ବୋଲି ସରକାର ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଆଇଏଏସ୍ ସ୍ତରରେ ଅଦଳବଦଳ

ଭୁବନେଶ୍ୱର,୨୪।୯(ବ୍ୟୁରୋ): ରାଜ୍ୟ ପ୍ରଶାସନରେ କାର୍ଯ୍ୟରତ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ(ଆଇଏଏସ୍)ସ୍ତରରେ ସାମାନ୍ୟ ଅଦଳବଦଳ କରାଯାଇଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ସୋମବାର ଏଥିପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ନୂତନ ବିଜ୍ଞପ୍ତି ଅନୁଯାୟୀ, ପର୍ଯ୍ୟଟନ ବିଭାଗର ସ୍ୱତନ୍ତ୍ର ସଚିବ ଥିବା ମାଗୁଣି ପାତ୍ର ଏଣିକି ଯୁଗ୍ମ ସଚିବ ଭାବେ କାର୍ଯ୍ୟ କରିବେ। ଧନଞ୍ଜୟ ହେମ୍ବ୍ରମ୍ ପୂର୍ବଭଳି କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନରଙ୍କ ସଚିବ ଭାବେ କାର୍ଯ୍ୟ କରିବେ। ଏହି ପଦଟି ରାଜ୍ୟ ପ୍ରଶାସନର ଯୁଗ୍ମ ସଚିବ ପାହ୍ୟାର ବୋଲି ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି। ସେହିପରି ହାଉସିଂ ବୋର୍ଡର ସଚିବ ଥିବା ଗଙ୍ଗାଧର ପାତ୍ର ମଧ ପୂର୍ବଭଳି କାର୍ଯ୍ୟ ଜାରି ରଖିବେ। ସେ ଦାୟିତ୍ୱରେ ଥିବା ପଦଟି ମଧ ରାଜ୍ୟ ପ୍ରଶାସନରେ ଯୁଗ୍ମ ସଚିବ ଭାବେ ପରିଗଣିତ ହେବ। ସେହିପରି ଏସ୍‌ସି,ଏସ୍‌ଟି ଉନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବ ଥିବା ପବିତ୍ର ମଣ୍ଡଳ ଏଣିକି ଯୁଗ୍ମ ସଚିବ ଭାବେ ସମାନ ବିଭାଗରେ କାର୍ଯ୍ୟ କରିବେ। ପଶ୍ଚିମ ଓଡ଼ିଶାର ବିକାଶ ପରିଷଦରେ ସଚିବ ପଦଟି ଯୁଗ୍ମ ସଚିବ ପାହ୍ୟା ଭାବେ ପରିଗଣିତ ହେବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି। ବର୍ତ୍ତମାନ ଏହି ପଦରେ ସୁନୀଲ କୁମାର ନାୟକ କାର୍ଯ୍ୟ କରୁଛନ୍ତି। ସେହିପରି ଇସ୍ପାତ ଓ ଖଣି ବିଭାଗର ସ୍ୱତନ୍ତ୍ର ସଚିବ ଭାବେ କାର୍ଯ୍ୟରତ ବଟକୃଷ୍ଣ ଦେହୁରୀ ଏଣିକି ଯୁଗ୍ମ ସଚିବ ଭାବେ କାର୍ଯ୍ୟ କରିବେ।

### ୨୦୦ରୁ ଅଧିକ ଭାଜପା କର୍ମୀ ବିଜେଡିରେ ସାମିଲ

ଭୁବନେଶ୍ୱର,୨୪।୯(ବ୍ୟୁରୋ): ବଡ଼ମ୍ବା-ନରସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀର ୨୦୦ରୁ ଅଧିକ ଭାଜପା କର୍ମୀ ସୋମବାର ବିଜେଡିରେ ସାମିଲ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ସରୋଜ କୁମାର ପଟ୍ଟନାୟକ, ଆୟୁଷ୍ମାନ ପଟ୍ଟନାୟକ ଓ ଅବିନାଶ ପଟ୍ଟନାୟକ ରହିଛନ୍ତି। ସମସ୍ତ କର୍ମୀଙ୍କୁ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱାଗତ କରିଥିଲେ। ମିଶ୍ରଣ ପରେ ଏସମ୍ପର୍କରେ ମନ୍ତବ୍ୟ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବଡମ୍ବା-ନରସିଂହପୁର ନିର୍ବାଚନ ମଣ୍ଡଳୀର ଭାଜପା କର୍ମୀମାନେ ଦଳରେ ଯୋଗ ଦେଇଥିବାରୁ ମୁଁ ବହୁତ ଖୁସି। ଏହି ଯୋଗଦାନ କଟକ ଜିଲ୍ଲାରେ ଦଳର ଶକ୍ତି ବୃଦ୍ଧି ହେବାରେ ସହାୟକ ହେବ। ସଦ୍ୟ ବିଜେଡିରେ ସାମିଲ ହୋଇଥିବା ସରୋଜ କହିଛନ୍ତି ଯେ, ମୁଁ ବିଜୁ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ମୋର ଛାତ୍ର ଜୀବନରେ ରାଜନୀତି ଆରମ୍ଭ କରିଥିଲି। ଓଡ଼ିଶାରେ ଯଦି ବିକାଶ ହେଉଛି, ତାହା କେବଳ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଯୋଗୁ ବୋଲି ସରୋଜ କହିଛନ୍ତି। ମିଶ୍ରଣ ପର୍ବରେ ବଡମ୍ବା-ନରସିଂହପୁର ବିଧାୟକ ଦେବୀ ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ।

# ସହଜ ଜୀବିକା ନିର୍ବାହ ସୂଚକାଙ୍କରେ ଓଡ଼ିଶା ଦ୍ୱିତୀୟ

ଭୁବନେଶ୍ୱର, ୨୪।୯(ବ୍ୟୁରୋ)

**ଅମୃତ ଯୋଜନା**

■ଆନ୍ଧ୍ରପ୍ରଦେଶ ପ୍ରଥମ, ମଧ୍ୟପ୍ରଦେଶ ୩ୟ

ଅମୃତ ଯୋଜନାର ସହଜ ଜୀବିକା ନିର୍ବାହ ସୂଚକାଙ୍କ କେନ୍ଦ୍ର ଆବାସ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ ପ୍ରକାଶ କରିଛି। ଏହି ମାନ୍ୟତାରେ ଆନ୍ଧ୍ରପ୍ରଦେଶ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ଓଡ଼ିଶା ଦ୍ୱିତୀୟ ଏବଂ ମଧ୍ୟପ୍ରଦେଶ ତୃତୀୟ ସ୍ଥାନରେ ରହିଛି। ସୋମବାର ନୂଆଦିଲ୍ଲୀରେ କେନ୍ଦ୍ର ଆବାସ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରୀ ହରଦୀପ ସିଂହ ପୁରୀ ତିନୋଟି ରାଜ୍ୟର ପ୍ରତିନିଧିଙ୍କୁ ଅଟଳ ମିଶନ ଫର୍ ରେଜୁଭେନେସନ ଏବଂ ଅର୍ବାନ ଟ୍ରାନ୍ସଫରମେଶନ (ଅମୃତ) ଅଧୀନରେ ଥିବା ଜୀବିକା ନିର୍ବାହ ସୂଚକାଙ୍କ-୨୦୧୮ ଉପରେ ଆୟୋଜିତ ଏକ ରାଷ୍ଟ୍ରୀୟ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରସ୍କୃତ କରିଛନ୍ତି।

ରାଜ୍ୟଗୁଡ଼ିକୁ ପୁରସ୍କାର ପ୍ରଦାନ କରି ମନ୍ତ୍ରୀ ପୁରୀ କହିଲେ, ସହଜ ଜୀବିକା ନିର୍ବାହ ସୂଚକାଙ୍କ ମନ୍ତ୍ରଣାଳୟର ଏକ ପରିବର୍ତ୍ତନୀୟ ପଦକ୍ଷେପ। ଯାହାଦ୍ୱାରା ସହରଗୁଡ଼ିକୁ ରାଷ୍ଟ୍ରୀୟସ୍ତରୀୟ ମାନ ଆଧାରରେ ସେମାନଙ୍କ ଜୀବନଧାରାର ମୂଲ୍ୟାୟନ କରିବାରେ ସହାୟକ ହୋଇପାରିବ। ସହଜ ଜୀବିକା ନିର୍ବାହ ସୂଚକାଙ୍କ ସହରଗୁଡ଼ିକୁ ସହରୀ ଯୋଜନା ଏବଂ ପରିଚାଳନା କ୍ଷେତ୍ରରେ




ନୂଆଦିଲ୍ଲୀଠାରେ କେନ୍ଦ୍ର ଆବାସ ସହରାଞ୍ଚଳ ବ୍ୟାପାର ମନ୍ତ୍ରୀ ହରଦୀପ ସିଂହ ପୁରୀଙ୍କଠାରୁ ଓଡ଼ିଶା ଗୃହ ଓ ନଗର ଉନ୍ନୟନ ବିଭାଗ ସଚିବ ଜି. ମାଥିଭାଥନନ୍ ପୁରସ୍କାର ଗ୍ରହଣ କରୁଛନ୍ତି।

ସହରଗୁଡ଼ିକ ସୁସ୍ଥ ପ୍ରତିଯୋଗିତାକୁ ପ୍ରୋତ୍ସାହିତ କରିବ। ଉତ୍ସବରେ ଓଡ଼ିଶା ଗୃହ ଓ ନଗର ଉନ୍ନୟନ ବିଭାଗ ସଚିବ ଜି. ମାଥିଭାଥନନ୍ ଏବଂ ବିଏମ୍‌ସି ଅତିରିକ୍ତ କମିଶନର ଶୁଭମ୍ ସେକ୍‌ସେନା ଅଂଶ ଗ୍ରହଣ କରି କେନ୍ଦ୍ର ମନ୍ତ୍ରୀଙ୍କ ପାଖରୁ ପୁରସ୍କାର ଗ୍ରହଣ କରିଥିଲେ। ପୁରସ୍କୃତ କରି ମନ୍ତ୍ରୀ ପୁରୀ କହିଲେ, ନିରନ୍ତର ସହରୀକରଣ ଦିଗରେ ପ୍ରମାଣ ଆଧାରିତ ଯୋଜନା ଏବଂ କାର୍ଯ୍ୟ ପ୍ରକ୍ରିୟା ପ୍ରୋତ୍ସାହନ ପ୍ରଦାନ କରିବାରେ ଭାରତ ଲକ୍ଷ୍ୟ ହାସଲ କରି ଏକ ମାଇଲଖୁଣ୍ଟ ସ୍ଥାପନ କରିଛି। ଏହି ସୂଚକାଙ୍କ ସହରଗୁଡ଼ିକର ଶକ୍ତି, ଦୁର୍ବଳତା, ସୁଯୋଗ ଏବଂ ବିପଦର ୩୬୦ ଡିଗ୍ରୀ ମୂଲ୍ୟାୟନ କରିବାରେ ସହାୟକ କରିପାରିବ। ବସବାସ ଉପଯୋଗୀ ସୂଚକାଙ୍କ ଆଧାରରେ ୧୧୬ ସହରକୁ ୨୦୧୭ ଜୁନରେ ମାନ୍ୟତା ପ୍ରଦାନ କରିବାକୁ ମନ୍ତ୍ରଣାଳୟ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ମନ୍ତ୍ରଣାଳୟ ଅଗଷ୍ଟ ୧୩, ୨୦୧୮ରେ ୧୧୧ ସହରକୁ ନେଇ ପ୍ରଥମ ସହଜ ଜୀବିକା ନିର୍ବାହ ସୂଚକାଙ୍କ ମନ୍ତ୍ରଣାଳୟ ଜାରି କରିଛି। ବିଭିନ୍ନ ସହରରେ ଲିଟମସ୍ ପରୀକ୍ଷଣ ଜରିଆରେ ବିକାଶର ମୂଲ୍ୟାୟନ କରାଯାଇଛି। ସମସ୍ତ ସହରଗୁଡ଼ିକର ମୂଲ୍ୟାୟନ ୧୦୦ ମଧ୍ୟରୁ କରାଯାଇଛି। ୧୪୫ ଭୌତିକସ୍ତମ୍ଭ (ଭିତ୍ତିଭୂମି)କୁ ସର୍ବାଧିକ ପ୍ରାଧାନ୍ୟ ଦିଆଯାଇଥିବାବେଳେ ଶାସନ ଏବଂ ସାମାଜିକତାକୁ ୨୫ ଲେଖାଏ ସୂଚକାଙ୍କ ପ୍ରଦାନ କରାଯାଇଛି। ମନ୍ତ୍ରୀ ଆଶାବ୍ୟକ୍ତ କରି କହିଲେ, ଏହି କର୍ମଶାଳା ରାଜ୍ୟଗୁଡ଼ିକ ଏବଂ ସହରଗୁଡ଼ିକ ପାଇଁ ବହୁମୂଲ୍ୟ ମତାମତ ପ୍ରଦାନ କରିବାର ସୁଯୋଗ ପ୍ରଦାନ କରିବ। ଭବିଷ୍ୟତରେ ଏକ ମଜଭୁତ ପଦ୍ଧତି ସୁନିଶ୍ଚିତ କରିବା ପାଇଁ ସୂଚକାଙ୍କଗୁଡ଼ିକୁ ଶିକ୍ଷାଲାଭ କରିବାର ସୁଯୋଗ ପ୍ରଦାନ କରିବ। ମନ୍ତ୍ରୀ ପୁରୀ ରାଜ୍ୟମାନଙ୍କୁ ଏବଂ ସହରଗୁଡ଼ିକୁ ସେମାନଙ୍କ ସହର ଜିଡିପି ଫ୍ରେମ୍‌ୱର୍କ ବିଷୟରେ ସୂଚିତ କରିବା ପାଇଁ ନିବେଦନ କରିଥିଲେ। କର୍ମଶାଳାରେ ମନ୍ତ୍ରଣାଳୟ ସଚିବ ଦୁର୍ଗା ଶଙ୍କର ମିଶ୍ର, ଅତିରିକ୍ତ ସଚିବ ଏବଂ ସହରାଞ୍ଚଳ ବ୍ୟାପାର ମିଶନ ମୁଖ୍ୟ ଶିବ ଦାଶ ମୀନା ଏବଂ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ସହରାଞ୍ଚଳ ଯୋଜନାକାରୀମାନେ ଉପସ୍ଥିତ ଥିଲେ।

# ଏଏସ୍‌ଓ-୨୦୧୮ ପାଇଁ ବଣିକ୍‌ର ସ୍ୱତନ୍ତ୍ର ତାଲିମ

ଭୁବନେଶ୍ୱର, ୨୪।୯

VANIK — Leading Institute for Banking, Railway & SSC

ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ କୋଚିଂ ପ୍ରଦାନ କରୁଥିବା ଓଡ଼ିଶାର ଅଗ୍ରଣୀ ପ୍ରତିଷ୍ଠାନ ବଣିକ ପକ୍ଷରୁ ସ୍ୱତନ୍ତ୍ର ତାଲିମ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଓଡ଼ିଶା ଲୋକ ସେବା ଆୟୋଗ(ଓପିଏସ୍‌ସି) ଦ୍ୱାରା ଆଗକୁ ହେବାକୁ ଥିବା ଆସିଷ୍ଟାଣ୍ଟ ସେକ୍ସନ ଅଫିସର(ଏଏସ୍‌ଓ)-୨୦୧୮ ପରୀକ୍ଷା ପାଇଁ ଆଶାୟୀ ପ୍ରାର୍ଥୀଙ୍କୁ ଏଥିରେ ତାଲିମ ପ୍ରଦାନ କରାଯିବ। ଏ ସମ୍ପର୍କରେ ବଣିକର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ସୁବ୍ରତ କୁମାର ଛାଟୋଇ କହିଛନ୍ତି, ପ୍ରାୟ ୫୦ରୁ ଅଧିକ ଦକ୍ଷ ପ୍ରଶିକ୍ଷକ ଏବଂ ଶିକ୍ଷାବିତ୍ ଏଥିପାଇଁ ତାଲିମ ପ୍ରଦାନ କରିବେ। ବଣିକର ପ୍ରୟୋଗଶାଳାରେ ଛାତ୍ରୀଛାତ୍ରଙ୍କ ପାଇଁ ପାଠ୍ୟ ଉପକରଣ, ୨୪ ଘଣ୍ଟିଆ ଗ୍ରନ୍ଥାଗାର ବ୍ୟବସ୍ଥା କରାଯାଇଛି। ଏଥିସହିତ ଛାତ୍ରୀଛାତ୍ରଙ୍କ ପ୍ରଦର୍ଶନରେ ଉନ୍ନତି ଆଣିବା ସକାଶେ ଏଠାରେ ଅନ୍‌ଲାଇନ୍ ଏବଂ ଅଫ୍‌ଲାଇନ୍ ଅଭ୍ୟାସ ପରୀକ୍ଷା ସୁବିଧା ମଧ ଦିଆଯାଉଛି। ଅନୁଷ୍ଠାନର ସୂଚନା ଅନୁସାରେ, ୨୦୧୭ରେ ବ୍ୟାଙ୍କିଙ୍ଗ୍, ଷ୍ଟାଫ୍ ସିଲେକ୍ସନ ଏବଂ ରେଲୱେ ପରୀକ୍ଷାରେ ଓଡ଼ିଶାରୁ ସଫଳ ହୋଇଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଏକ ତୃତୀୟାଂଶ ବଣିକ୍ ଶିକ୍ଷାନୁଷ୍ଠାନରେ ପ୍ରଶିକ୍ଷଣ ଲାଭ କରିଥିଲେ। ୨୦୧୫ରେ ଅନୁଷ୍ଠିତ ଏଏସ୍‌ଓ ପରୀକ୍ଷାରେ ଅନୁଷ୍ଠାନର ସଫଳତା ଆଧାରରେ ଚଳିତ ବର୍ଷ ପାଇଁ ପ୍ରସ୍ତୁତି କରାଯିବ ବୋଲି ଛାଟୋଇ କହିଛନ୍ତି।

# ଆନ୍ଦୋଳନକୁ ଓହ୍ଲାଇଲେ ଅଗ୍ନିଶମ କର୍ମଚାରୀ

ଭୁବନେଶ୍ୱର,୨୪।୯(ବ୍ୟୁରୋ)

**କାର୍ଯ୍ୟବନ୍ଦ କରି ଧାରଣାରେ ବସିଲେ**

ଛଅ ଦଫା ଦାବିନେଇ ସୋମବାର ହାବିଲଦାର ଓ ଅଗ୍ନିଶମ କର୍ମଚାରୀ ସଂଘ ଆନ୍ଦୋଳନକୁ ଓହ୍ଲାଇଛି। ରାଜ୍ୟର ହଜାର ହଜାର ଅଗ୍ନିଶମ କର୍ମଚାରୀ କାର୍ଯ୍ୟ ବନ୍ଦ କରି ଭୁବନେଶ୍ୱରର କଳ୍ପନା ଫାୟାର ଷ୍ଟେଶନ ସମେତ ରାଜ୍ୟର ବିଭିନ୍ନ କେନ୍ଦ୍ର ଆଗରେ ଧାରଣାରେ ବସିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଅଗ୍ନିଶମ କର୍ମଚାରୀଙ୍କ ଆନ୍ଦୋଳନ ଫଳରେ ଏହି ଆପତ୍ତକାଳୀନ ସେବା ଏକପ୍ରକାର ଅଚଳ ହୋଇପଡ଼ିଛି। କେତେଜଣ ହାତ ଗଣତି କର୍ମଚାରୀଙ୍କୁ ନେଇ ଉପରିସ୍ଥ ଅଧିକାରୀମାନେ କାର୍ଯ୍ୟ କରୁଛନ୍ତି। ବିଶେଷକରି ଡ୍ରାଇଭରମାନେ ଧାରଣାରେ ବସିଥିବାରୁ କିଛି ଘଟଣା ଘଟିଲେ ଉଦ୍ଧାର କାର୍ଯ୍ୟ କିମ୍ବା ନିଆଁଲିଭା କାର୍ଯ୍ୟ




ଭୁବନେଶ୍ୱରର କଳ୍ପନା ଫାୟାର ଷ୍ଟେଶନ କର୍ମଚାରୀ ଧାରଣାରେ ବସିଛନ୍ତି।

ବାଧାପ୍ରାପ୍ତ ହେବା ନେଇ ଆଶଙ୍କା ଉପୁଜିଛି।

ସଂଘ ଆବାହକ ଅକ୍ଷୟ କୁମାର ପ୍ରଧାନଙ୍କ କହିବାନୁଯାୟୀ, ବିଭିନ୍ନ ପ୍ରତିକୂଳ ପରିସ୍ଥିତି ତଥା ଆପତ୍ତକାଳୀନ ସମୟରେ ଅଗ୍ନିଶମ କର୍ମଚାରୀମାନେ ଦୀର୍ଘବର୍ଷ ଧରି ନିରବଚ୍ଛିନ୍ନ ଭାବେ ସେବା ଯୋଗାଇ ଆସୁଛନ୍ତି। ମାତ୍ର ରାଜ୍ୟ ସରକାର ଏମାନଙ୍କ ମୌଳିକ ଅଧିକାର ଓ ଦାବିକୁ ଅଣଦେଖା କରି ଆସୁଛନ୍ତି। ଓଡ଼ିଶା ପୋଲିସ କର୍ମଚାରୀଙ୍କ ଭଳି ସମାନ ଦରମା ଓ ଭତ୍ତା ପ୍ରଦାନ କରିବା, ୮ ଘଣ୍ଟିଆ ଡ୍ୟୁଟି ସହ କାର୍ଯ୍ୟ ସମୟ ନିର୍ଘଣ୍ଟ, ଖାଲି ପଦବୀ ପୂରଣ, ଠିକା ବ୍ୟବସ୍ଥା ଉଚ୍ଛେଦ, ସଂଘକୁ ସରକାରୀ ପଞ୍ଜୀକରଣ କରିବା, ଅବସରପ୍ରାପ୍ତ କର୍ମଚାରୀଙ୍କୁ ଅବସରକାଳୀନ ପ୍ରାପ୍ୟ ପ୍ରଦାନ ଓ କ୍ୟାଡର ପୁନର୍ଗଠନ ଆଦି ଦାବି କରୁଛୁ। ବହୁ ଆବେଦନ, ନିବେଦନ ସତ୍ତ୍ୱେ ଆଲୋଚନା ଜରିଆରେ ସମସ୍ୟାର ସମାଧାନ ନ କରି ସରକାର ପାତରଅନ୍ତର କରୁଥିବାରୁ ସଂଘ କାର୍ଯ୍ୟବନ୍ଦ ଆନ୍ଦୋଳନ ଡାକରା ଦେଇଥିଲା। ପୂର୍ବରୁ ଏ ସଂକ୍ରାନ୍ତରେ ସଂଘ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଅଗ୍ନିଶମ ମହାନିର୍ଦ୍ଦେଶକ ଓ ଅର୍ଥ ବିଭାଗର ଅତିରିକ୍ତ ସଚିବଙ୍କୁ ଅବଗତ କରାଯାଇଥିଲା। କିଛି ସୁଫଳ ନ ମିଳିବାରୁ ସଂଘ ଶେଷରେ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ ହୋଇଥିବା ପ୍ରଧାନ କହିଛନ୍ତି।

# ମାଓବାଦୀ ଅଞ୍ଚଳ ଯିବା ପୂର୍ବରୁ ନେତାଙ୍କୁ ସତର୍କ କଲେ ଡିଜି

## ଆନ୍ଧ୍ର ପୋଲିସ ସହିତ ଓଡ଼ିଶା ପୋଲିସର ଆଲୋଚନା

କଟକ ଅଫିସ, ୨୪।୯

ଓଡ଼ିଶା-ଆନ୍ଧ୍ର ସୀମାରେ ମାଓବାଦୀମାନେ ରକ୍ତାକ୍ତକାଣ୍ଡ ଭିଆଇଛନ୍ତି। ଆନ୍ଧ୍ରପ୍ରଦେଶର ତେଲୁଗୁ ଦେଶମ ପାର୍ଟି(ଟିଡିପି)ର ୨ ନେତା ତଥା ଜଣେ ବିଧାୟକ ଓ ଜଣେ ପୂର୍ବତନ ବିଧାୟକଙ୍କୁ ମାଓବାଦୀମାନେ ରବିବାର ଗୁଳି କରି ହତ୍ୟା କରିଛନ୍ତି। ଏହି ଘଟଣା ପରେ ଓଡ଼ିଶା ପୋଲିସ ତତ୍ପର ହୋଇଉଠିଛି। ମାଓବାଦୀପ୍ରବଣ ଅଞ୍ଚଳକୁ ଯିବା ସମୟରେ ରାଜନେତାମାନେ ସତର୍କତା ଅବଲମ୍ବନ କରିବାକୁ ପୋଲିସ ଡିଜି ରାଜେନ୍ଦ୍ର ପ୍ରସାଦ ଶର୍ମା ପରାମର୍ଶ ଦେଇଛନ୍ତି। ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସୂଚନା ଦେଇ ଡିଜିପି ଶର୍ମା କହିଛନ୍ତି ଯେ, ରାଜନେତାମାନେ ମାଓବାଦୀ ଅଞ୍ଚଳକୁ ଯିବା ସମୟରେ ପୋଲିସକୁ ଅବଗତ କରାନ୍ତୁ ଏବଂ ନିଜ ସହ ପର୍ଯ୍ୟାପ୍ତ ପରିମାଣର ସୁରକ୍ଷାବଳ ରଖନ୍ତୁ। ତେବେ ମାଓବାଦୀ ମୁକାବିଲା ପାଇଁ ଅପରେଶନ ଜୋରଦାର କରାଯିବ। ଏନେଇ ଆନ୍ଧ୍ରପ୍ରଦେଶ ପୋଲିସ ଡିଜିଙ୍କ ସହ ଆଲୋଚନା ହୋଇଛି। ଓଡ଼ିଶାର ସୀମାବର୍ତ୍ତୀ ଜିଲାଗୁଡ଼ିକୁ ମଧ ସଚେତନ କରାଯାଇଛି। ଗ୍ରେହାଉଣ୍ଡ ଅପରେଶନ କରୁଥିବା ଅଫିସରମାନଙ୍କ ସହ ଓଡ଼ିଶା ପୋଲିସ ରୀତିମତ ସମ୍ପର୍କରେ ରଖିଛନ୍ତି।

Regional Office-1:
Plot No.: 1556 & 1561,
Jagamara, Khandagiri,
Bhubaneswar - 751 019

सिंडिकेटबैंक SyndicateBank
विश्वसनीय. मैत्रीपूर्ण Faithful. Friendly
भारत सरकार का उपक्रम A Govt. of India Undertaking

NOTICE INVITING TENDERS

**Syndicate Bank** invites Tenders from reputed, experienced and eligible contractors/firms for **Supply, Erection and Commissioning of Passenger Lift** of its office complex building at Plot No.: 1556 (P) & 1561(P), Jagamara, Bhubaneswar. The details of the project, eligibility criteria etc., are available in our website: **www.syndicatebank.in** under Category **"Advt/bids/Tenders."**

Interested and eligible contractors/firms may apply in the prescribed format in two separate covers i.e. Technical & Financial bids respectively to **THE REGIONAL MANAGER, SYNDICATE BANK, REGIONAL OFFICE, BHUBANESWAR** at the above address on or before **10.10.2018 upto 3.00 P.M.**

Bidders are requested to refer the website for any modifications/changes/corrigendum & to this notice. No other advertisement will be released in the newspaper in this regard.

Bank reserves the right to accept or reject any or all the applications without assigning any reasons whatsoever.

Place : Bhubaneswar — Sd/-
Date : 24.09.2018 — Regional Manager

# ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ନାଁରେ ଭୁଆଁ ବୁଲାଉଛନ୍ତି ରାଜ୍ୟ ସରକାର

ଭୁବନେଶ୍ୱର,୨୪।୯(ବ୍ୟୁରୋ)

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ନାଁରେ ରାଜ୍ୟ ସରକାର ଭୁଆଁ ବୁଲାଉଥିବା ଅଭିଯୋଗ କରିଛି କଂଗ୍ରେସ। ପିସିସି ଗଣମାଧ୍ୟମ ପ୍ରମୁଖ ସତ୍ୟପ୍ରକାଶ ନାୟକ କହିଛନ୍ତି ଯେ, ସରକାର ପ୍ରଚାର କରୁଛନ୍ତି ମୋଟ ୪୯୫ କୋଟି ଟଙ୍କାରେ ୭୦ ଲକ୍ଷ ପରିବାରକୁ ଯୋଗାଇ ଦିଆଯିବ ମାଗଣା ସ୍ୱାସ୍ଥ୍ୟସେବା। ଅର୍ଥାତ ସ୍ୱାସ୍ଥ୍ୟ କଲ୍ୟାଣ ନାଁରେ ପରିବାର ପିଛା ମାତ୍ର ୭୦୭.୧୪ ଟଙ୍କା ଖର୍ଚ୍ଚ କରାଯିବ। ବିଧାନସଭାରେ ରଖାଯାଇଥିବା ଏକ ପ୍ରଶ୍ନର ଉତ୍ତରରେ ଏହି ତଥ୍ୟ ରହିଛି। ତେଣୁ ସ୍ୱାସ୍ଥ୍ୟ କଲ୍ୟାଣ ନାଁରେ ଏହା ରାଜ୍ୟ ସରକାରଙ୍କ ଏକ ଧୂଆଁବାଣ ବୋଲି ସତ୍ୟପ୍ରକାଶ କହିଛନ୍ତି।

ସେହିପରି ଚଳିତ ମାସ ୬ରେ ସରକାରଙ୍କୁ ରାଜ୍ୟରେ କର୍କଟ, ହୃଦ୍‌ରୋଗ, ପେଟରୋଗ, ଯକୃତ, ବୃକକ୍, ଅସ୍ଥିଶଲ୍ୟ, ମଧୁମେହ ଓ ସ୍ନାୟୁଜନିତ ରୋଗୀଙ୍କ ସଂଖ୍ୟା ସମ୍ପର୍କରେ ପ୍ରଶ୍ନ କରାଯାଇଥିଲା। ହେଲେ ଏ ସମ୍ପର୍କିତ ନିର୍ଦ୍ଦିଷ୍ଟ ଉତ୍ତର ରାଜ୍ୟ ସରକାରଙ୍କ ପାଖରେ ନ ଥିବା କୁହାଯାଇଛି। ତେଣୁ ସମସ୍ତ ଜିଲା ମୁଖ୍ୟାଳୟରେ ଆବଶ୍ୟକ ଭିତ୍ତିଭୂମି ନ ଥାଇ କିଭଳି ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି। ରାଜ୍ୟ ସରକାରଙ୍କ ପ୍ରାଥମିକ ଚିକିତ୍ସାକେନ୍ଦ୍ରରୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରାୟ ୫୦୩୯ ଡାକ୍ତର, ନର୍ସ ଓ ଟେକ୍ନିସିଆନ ପଦବୀ ଖାଲିପଡ଼ିଛି। ଏପରିସ୍ଥଳେ ସରକାରୀ ଚିକିତ୍ସାଳୟରେ ୭୦ ଲକ୍ଷ ପରିବାରଙ୍କୁ କିଭଳି ଚିକିତ୍ସା ସେବା ମିଳିପାରିବ? ରିପୋର୍ଟ ଅନୁସାରେ, ୩୦ ଶତାଂଶ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ୨୪ ଘଣ୍ଟା ଖୋଲା ରହୁଥିବା ବେଳେ ବାକିଗୁଡ଼ିକ ବନ୍ଦ ରହୁଛି। ସର୍ବଭାରତୀୟ ସ୍ତରରେ ୧ ଲକ୍ଷ ଜନସଂଖ୍ୟା ପାଇଁ ୬୨ ଜଣ ଡାକ୍ତର ଆବଶ୍ୟକ। ହେଲେ ଓଡ଼ିଶାରେ ସେହି ସଂଖ୍ୟା ମାତ୍ର ୮। ରାଜ୍ୟରେ ୧୨ଟି ଡାଏଲିସିସ୍ ସେଣ୍ଟର ରହିଛି। ୪ ଜିଲାକୁ ବାଦ୍ ଦେଇ ବାକି ୨୬ ଜିଲାରେ କିଡ୍‌ନୀ ରୋଗୀଙ୍କ ସଂଖ୍ୟା ଅଧିକ। ତେଣୁ ଏଭଳି କ୍ଷେତ୍ରରେ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାରେ ରାଜ୍ୟ ସରକାର କେତେ ସକ୍ଷମ ହେବେ, ତାହା ସହଜରେ ଅନୁମେୟ ବୋଲି ସତ୍ୟପ୍ରକାଶ କହିଛନ୍ତି।

# ଶ୍ରୀମନ୍ଦିର ସୁରକ୍ଷା ଯାଞ୍ଚ କଲା ଏନ୍‌ଏସ୍‌ଜି

ପୁରୀ ଅଫିସ, ୨୪।୯

ଯାଞ୍ଚ ହୋଇଛି ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା। ନ୍ୟାଶନାଲ ସିକ୍ୟୁରିଟି ଗାର୍ଡ (ଏନ୍‌ଏସ୍‌ଜି)ର ତିନିଜଣିଆ ଟିମ୍ ଏହି ଯାଞ୍ଚ କରିଛନ୍ତି। ରବିବାର ରାତି ଏବଂ ସୋମବାର ସକାଳେ ଦୁଇଟି ପର୍ଯ୍ୟାୟରେ ଏହି ଯାଞ୍ଚ କରାଯାଇଥିବା ସୂଚନା ମିଳିଛି। ସୁରକ୍ଷା ଦୃଷ୍ଟିକୋଣରୁ ଏହା ଏକ ସମ୍ବେଦନଶୀଳ ପ୍ରସଙ୍ଗ ହୋଇଥିବାରୁ ସେମାନେ ଗୁପ୍ତ ଭାବେ ଯାଇ ଯାଞ୍ଚ କରିଥିବା ଜଣାପଡ଼ିଛି। ଏହି ତିନିଜଣିଆ ଟିମ୍ ରବିବାର ସନ୍ଧ୍ୟାରେ ପୁରୀରେ ପହଞ୍ଚି ସର୍କିଟ ହାଉସ୍‌ରେ ରହିଥିଲେ। ବିଳମ୍ବିତ ରାତିରେ ମନ୍ଦିରକୁ ଯାଇ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଥିଲେ। ସୂଚନାଯୋଗ୍ୟ, ଆତଙ୍କବାଦୀଙ୍କ ଟାର୍ଗେଟରେ ରହିଛି ଶ୍ରୀମନ୍ଦିର ଓ ଶ୍ରୀକ୍ଷେତ୍ର। ପ୍ରତିଦିନ ଶ୍ରୀମନ୍ଦିରକୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଆସୁଥିବାରୁ ଏହାର ସୁରକ୍ଷା ବ୍ୟବସ୍ଥା ସୁଦୃଢ଼ ହେବା ଦରକାର। ୨୦୧୭ ଅଗଷ୍ଟ ୨୬ରେ ଏନ୍‌ଏସ୍‌ଜିର ୩ ଜଣିଆ ଟିମ୍ ଶ୍ରୀମନ୍ଦିରକୁ ଆସି ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଥିଲେ। ଏହି ଯାଞ୍ଚର ୨ମାସ ପରେ ଶ୍ରୀମନ୍ଦିର ସୁରକ୍ଷା ନେଇ ଏନ୍‌ଏସ୍‌ଜି ରାଜ୍ୟ ସରକାରଙ୍କୁ କେତେକ ସୁପାରିସ ଦେଇଥିଲେ। ଶ୍ରୀମନ୍ଦିର ସେବାୟତ ଓ କର୍ମଚାରୀଙ୍କୁ ପରିଚୟପତ୍ର ପ୍ରଦାନ, ଶ୍ରୀମନ୍ଦିର ପ୍ରବେଶ ପଥରେ ମେଟାଲ ଡିଟେକ୍ଟର ଓ ସ୍କାନର ବ୍ୟବସ୍ଥା ସହ ଶ୍ରୀମନ୍ଦିର ଭିତରେ ଅଧିକ ଫୋର୍ସ ମୁତୟନ ଲାଗି ସୁପାରିସ କରିଥିଲା। ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଥିବା ୪ଟି ୱାଚ ଟାୱାରକୁ ସୁଦୃଢ଼ୀକରଣ କରିବା ସହ ଶ୍ରୀମନ୍ଦିର ପ୍ରବେଶ ଓ ପ୍ରସ୍ଥାନକୁ ଅଲଗା କରିବା ଲାଗି ଏନ୍‌ଏସ୍‌ଜି କହିଥିଲା। ଏହାସହିତ ମେଘନାଦ ପାଚେରିକୁ ଲାଗି ରହିଥିବା ଦୋକାନ ଓ ବିଭିନ୍ନ ଗୃହକୁ ହଟାଇବାକୁ ସୁପାରିସ ଥିଲା। କିନ୍ତୁ ବର୍ଷେ ବିତିଯାଇଥିଲେ ମଧ ଏନ୍‌ଏସ୍‌ଜିର ସୁପାରିସ କାର୍ଯ୍ୟକାରୀ ହୋଇପାରି ନାହିଁ।

FORM-I, SCHEDULE II, C.P.P.C CODE-4
S.C.C. No-13639/14
COMPLAINT-Anshuman Tech Pvt. Ltd.
SUMMONS TO ACCUSED
To, M/S J.K. Tech (India) Through Shri Mahendra Biswal, Add: Plot No.-30, At: Jaypur, Post Pahal, GSS Morbal Campus, Near Dakshineshwar Siba Temple, Bhubaneswar, Orissa State.
Whereas, your attendance is necessary to answer to a charge of section 138 R/w Sec-141 of Negotiable Instrument Act 1881 (Copy of Complaint is attached herewith).
You are hereby required to appear in person before the HON'BLE N. A. Patel Court ...th PUNE, on the 14.11.2018 at 11.00 A.M. (st).
Here in fail not.
Further Directions as per order of the Hon'ble Supreme Court:
a) It is made clear to you that you can make an application for compounding of the offences at first or second hearing of the case and that if such an application is made, compounding may be allowed by the court without imposing any costs on you.
b) If you do not make an application for compounding as aforesaid, then if an application for compounding is made before the Magistrate at a subsequent stage, compounding can be allowed subject to the condition that you will be required to pay 10% of the cheque amount to be deposited as a condition for compounding with the Legal Services Authority or such authority as the Court deems fit.
c) Similarly, if the application for compounding is made before the Sessions Court or a High Court in revision or appeal, such compounding may be allowed on the condition that you pay 15% of the Cheque amount by way of costs.
d) Finally, if the application for compounding is made before the Supreme Court, the figure would increase 20% of the cheque amount.
Any costs imposed in accordance with the above Guidelines should be deposited with the Legal Services Authority operating at the level of the court before which compounding takes place. For instance, in case of compounding during the pendency of proceedings before a Magistrate Court or a court or a court of Session, such costs should be deposited with the District Legal Services Authority. Likewise, costs imposed in connection with composition before the High Court should be deposited with the State Legal Services Authority and those imposed in connection with composition the Supreme Court should be deposited with the National Legal Services Authority.
Given under my hand and the seal of the Court, this 12.09.18.
Seal — Sd./- Asst. Superintendent, Criminal Court, Pune

ଏପରି ସ୍ଫୂର୍ତ୍ତିଶୀଳ ଅନୁଭୂତି, ଯାହା କରିଦିଏ, ଆପଣଙ୍କ ସାଥୀଙ୍କୁ ମଦମତ୍ତ



ପ୍ରଥମ ଦିନରୁ ହିଁ ପ୍ରଭାବ ଆରମ୍ଭ
ସଉକିଆ ବ୍ୟକ୍ତି ମଧ ଥରେ ନିଶ୍ଚୟ ଆପଣାନ୍ତୁ
୧ କ୍ୟାପ୍‌ସୁଲ୍ ସକାଳେ ଓ ୧ କ୍ୟାପ୍‌ସୁଲ୍ ରାତିରେ ସେବନ କରନ୍ତୁ
ମହିଳାଙ୍କ ପାଇଁ ମଧ ଉପଲବ୍ଧ
କେବଳ ପୁରୁଷଙ୍କ ପାଇଁ
ପ୍ଲେ-ୱିନ୍ କ୍ୟାପ୍‌ସୁଲ
ପ୍ଲେ-ୱିନ୍-F କ୍ୟାପ୍‌ସୁଲ କେବଳ ମହିଳାଙ୍କ ପାଇଁ
ସବୁ ମେଡିକାଲ/ଆୟୁର୍ବେଦିକ ଷ୍ଟୋର୍‌ରେ ଉପଲବ୍ଧ
ଶାରୀରିକ ସୁଖ ଜୀବନର ଏକ ଅମୂଲ୍ୟ ଉପହାର ଅଟେ, ଧାଁଦଉଡ଼ ଏବଂ ଚାପପୂର୍ଣ୍ଣ ଜୀବନରେ ଲୋକମାନେ ନିଜ ଭୋଜନ ଉପରେ ପୂର୍ଣ୍ଣ ଧ୍ୟାନ ଦେଇପାରି ନ ଥାନ୍ତି, ଏହି କାରଣରୁ ଅନେକ ଥର ରୋଗର ଶିକାର ହୋଇଥାନ୍ତି, ଯାହାଦ୍ୱାରା ଲୋକମାନଙ୍କ ଶାରୀରିକ କ୍ଷମତା ଉପରେ ମଧ ନକାରାତ୍ମକ ପ୍ରଭାବ ପଡ଼ିଥାଏ। ଏହି କାରଣରୁ ସେମାନେ ଶୀଘ୍ରପତନ, ଉତ୍ତେଜନାର ଅଭାବ, ଇନ୍ଦ୍ରିୟ ଶିଥିଳତା, ପୁରୁଷଙ୍କ କ୍ଷେତ୍ରରେ ଉତ୍ତେଜନା ନ ଆସିବା ଇତ୍ୟାଦି ସମସ୍ୟାର ଶିକାର ହୋଇଥାନ୍ତି। ଏହିସବୁ ସମସ୍ୟାକୁ ଦୂର କରିବା ପାଇଁ ପ୍ଲେ-ୱିନ୍ କ୍ୟାପ୍‌ସୁଲର ୨୧ ଦିନର କୋର୍ସ କରି ଭରପୂର ଜୋସ୍, ଶକ୍ତି ଏବଂ ସ୍ଫୂର୍ତ୍ତି ବଢ଼ାନ୍ତୁ। ଉତ୍ତମ ଓ ପ୍ରଭାବୀ ପରିଣାମ ପାଇଁ ପ୍ଲେ-ୱିନ୍ ତେଲର କେତୋଟି ବୁନ୍ଦା ମାଲିସ କରି ସମସ୍ୟାଗୁଡ଼ିକୁ ଦୂର କରନ୍ତୁ ଏବଂ ନିଜ ବୈବାହିକ ଜୀବନର ଅଦ୍ଭୁତ ଆନନ୍ଦ ଅନୁଭବ କରନ୍ତୁ।




For Order & Enquiry Call : 08657429356 ତେଲ କ୍ୟାପ୍‌ସୁଲ
ଉତ୍ତମ ପରିଣାମ ପାଇଁ ପ୍ଲେ-ୱିନ୍ ତେଲ ମଧ ବ୍ୟବହାର କରନ୍ତୁ।
www.playwincapsule.com
ଜୋଶ୍, ଶକ୍ତି, ଏକ୍ସଟ୍ରା ଟାଇମିଂ ଏବଂ ସ୍ଫୂର୍ତ୍ତି ବଢ଼ାଏ

## CLASSIFIED DISPLAY

HURRY UP LIMITED SEATS
FOR YOUR CIVIL SERVICE ASPIRATIONS JOIN
START 15TH SEPTEMBER
Surge Ahead
PANCHASAKHA ACADEMY
FOR
IAS- (PRELIM-CUM-MAINS) |
OAS (ONE MONTH CRASH COURSE)
YES, TOGETHER WE CAN
PH : 6370981054, 8457099246
L-280, HB Colony, Bhubaneswar, www.panchasakha.com

ADMISSION OPEN
INDUSTRIAL SAFETY ENGINEERING
DURATION - ONE YEAR
10TH/10+2/+3, ITI, DIPLOMA/DEGREE
Approved by Bharat Sevak Samaj, Govt. of India
Job opportunities in India & Abroad on Petrochemical Industries, Oil Refinery, Construction Textiles, Shipping Sectors, Industrial Sectors, etc.
EEURO MARITIME ACADEMY
(ISO 9001 : 2015 CERTIFIED)
166, Soubhagya Nagar, Siripur, Unit-8, Bhubaneswar
Estd.2000
logon : www.eeuromaritime.org
Ph.0674-2385773, M:9437114882, 9090366575

MORE SPACE • SAME PRICE
CLASSIFIED DISPLAY
(On Tuesday & Friday All Orissa Edition)

| | SIZE | COLOR | B/W |
|---|---|---|---|
| For 15 insertions | 6 × 8 | 40,000 | 35,000 |
| 8 insertions in a month | 6 × 8 | 20,000 | 18,000 |
| 4 insertions in a month | 6 × 8 | 11,000 | 10,000 |
| Single day | 6 × 8 | 2,800 | 2,500 |

For Booking Contact:
Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
Bidyadhar- 7894447168 — 5% GST Applicable

ହୃଦ୍‌ଘାତ



ଯେ କୌଣସି ମୁହୂର୍ତ୍ତରେ, ଯେ କୌଣସି ଠାରେ ଆସିପାରେ। ଏଥିପାଇଁ ସଦାସର୍ବଦା ପ୍ରସ୍ତୁତ ଅଶ୍ୱିନୀ ହସ୍ପିଟାଲ୍। ଏଠାରେ ଆନ୍‌ଜିଓଗ୍ରାମ୍, ଆନ୍‌ଜିଓପ୍ଲାଷ୍ଟି, ପେସ୍ ମେକର, ଇସିଜି, ୨ଡ଼ି ଇକୋ, ଟିଏମ୍‌ଟି, ବାଇପାସ୍ ସର୍ଜରୀ ଏବଂ ଭାଲ୍‌ଭ ରିପ୍ଲେସମେଣ୍ଟ, ସୁଲଭ ମୂଲ୍ୟରେ ଅଭିଜ୍ଞ ଡ଼ାକ୍ତରଙ୍କ ଦ୍ୱାରା କରାଯାଏ।
ASHWINI HOSPITAL
ଯୋଗାଯୋଗ - ୭୮୯୪୪୬୦୪୪୩

ଧରିତ୍ରୀ
DHARITRI
ମଙ୍ଗଳବାର, ୨୫ ସେପ୍ଟେମ୍ବର, ୨୦୧୮



ପାରିହା ବା ମେହେନ୍ତର ଶ୍ରେଣୀର ଜଣେ ଆଧ୍ୟାତ୍ମିକ ବା ସଂସ୍କୃତିବନ୍ତ ମଣିଷ, ଆଧ୍ୟାତ୍ମିକ ମୂଲ୍ୟ ଅନୁସାରେ ଜଣେ ଅଣଆଧ୍ୟାତ୍ମିକ ଓ ସାଂସାରିକ ଲୋକ ଅଥବା ଜଣେ ସ୍ଥୂଳଚିତ୍ତ। ସଂସ୍କୃତିହୀନ ବ୍ରାହ୍ମଣଠାରୁ ମହତ୍ତର। ଜନ୍ମର ମହତ୍ତ୍ୱ ରହିଛି। କିନ୍ତୁ ସାରସତ୍ତ୍ୱ ରହିଛି ସ୍ୱୟଂ ମନୁଷ୍ୟ ଭିତରେ – ଅନ୍ତରାଳରେ ଥିବା ଆତ୍ମା ଭିତରେ ଏବଂ ତା ପ୍ରକୃତିରେ ଅଭିବ୍ୟକ୍ତି ଭିତରେ। –ଶ୍ରୀଅରବିନ୍ଦ

# କୃତ୍ରିମ ଜାତୀୟତା

ଭାରତ ଯୁଦ୍ଧପ୍ରିୟ ଦେଶ ନୁହେଁ। ଅଦ୍ୟାବଧି ବିଶ୍ୱପ୍ରସିଦ୍ଧ ଯୁଦ୍ଧ ଜିତିଥିବାର ଇତିହାସ ମଧ୍ୟ ଏହା ନାମରେ ନାହିଁ। ୧୯୭୧ରେ ବାଂଲାଦେଶକୁ ସ୍ୱାଧୀନ କରିବା ଲାଗି ପାକିସ୍ତାନ ବିରୋଧରେ ହୋଇଥିବା ଯୁଦ୍ଧ ଏବଂ ୧୯୮୮ରେ ମାଲଦ୍ୱୀପରେ ମୌମୁନ୍ ଅବଦୁଲ୍ ଗୟୁମ୍‌ଙ୍କୁ ଗାଦିଚ୍ୟୁତ କରିବା ସକାଶେ ଅବଦୁଲା ଲୁଥୁଫିଙ୍କ ଦ୍ୱାରା କରାଯାଇଥିବା ସାମରିକ ବିଦ୍ରୋହକୁ ପଣ୍ଡ କରିବାରେ ଭାରତୀୟ ସେନା ସକ୍ଷମ ହୋଇଥିଲା। ଉଲ୍ଲେଖଯୋଗ୍ୟ ଯେ ମାଲଦ୍ୱୀପ ସାମରିକ ବିଦ୍ରୋହରେ ପିପୁଲ୍ସ ଲିବରେଶନ ଅର୍ଗାନାଇଜେଶନ ଅଫ୍ ତାମିଲ ଇଲମ୍ (ପିଏଲ୍ଓଟିଇ) ଲୁଥୁଫିଙ୍କୁ ସହଯୋଗ କରିବାରୁ ଭାରତ ଏହା ବିରୋଧରେ ଯାଇ ବିଜୟ ଲାଭ କରିଥିଲା। ଏହି ଦୁଇଟି ଘଟଣାକୁ ଛାଡ଼ିଦେଲେ ଯୁଦ୍ଧ ଇତିହାସରେ ଭାରତ କୌଣସି ନାଁ ଅର୍ଜନ କରିନାହିଁ। ଭିଏତ୍‌ନାମ କିମ୍ବା ଇସ୍ରାଏଲ ପରି ବୀରପଣ ଦେଖାଇବାରେ ଏ ଦେଶ ଅସଫଳ। ଅହିଂସା ମାର୍ଗରେ ସ୍ୱାଧୀନତା ହାସଲ କରିଥିବା ଭାରତବର୍ଷକୁ ବର୍ତ୍ତମାନର କେନ୍ଦ୍ର ସରକାର ଯୁଦ୍ଧଂଦେହି ଡାକରା ମାଧ୍ୟମରେ ଜାତୀୟତା ସୃଷ୍ଟି କରିବା ଲାଗି ଚଳାଇଥିବା ପ୍ରୟାସ ଆଦୌ ଗ୍ରହଣୀୟ ହୋଇପାରୁ ନାହିଁ।

୨୦୧୬ ସେପ୍ଟେମ୍ବର ୨୯ରେ ଭାରତୀୟ ସେନା ନିୟନ୍ତ୍ରଣ ରେଖା (ଏଲ୍ଓସି) ନିକଟ ପାକିସ୍ତାନ ପରିଚାଳିତ ଆଜାଦ କଶ୍ମୀର ବା ପାକ୍ ଅଧିକୃତ କଶ୍ମୀର ଉପରେ ସର୍ଜିକାଲ ଷ୍ଟ୍ରାଇକ୍ କରିଥିବା କୁହାଯାଉଛି। ଯଦିଓ ଏହା କରାଯାଇଥିବାର ପ୍ରମାଣ ଅଦ୍ୟାବଧି ମିଳିନାହିଁ, ତଥାପି ଭାରତ ସରକାର ସେହି ଦିନକୁ ସ୍ମରଣୀୟ ରଖିବା ପାଇଁ ଦେଶର ଉଚ୍ଚତର ଶିକ୍ଷାନୁଷ୍ଠାନଗୁଡ଼ିକୁ ଏହି ଦିବସ ପାଳନ କରିବା ପାଇଁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ଜରିଆରେ ସବୁ ବିଶ୍ୱବିଦ୍ୟାଳୟକୁ ନିକଟରେ ଚିଠି ଲେଖିଛନ୍ତି। ଦେଶର ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ମାନ୍ୟତା ଦେବା ସହ ଉଚ୍ଚଶିକ୍ଷାର ମାନ ବୃଦ୍ଧି କରିବା ହେଉଛି ୟୁଜିସିର ପ୍ରଧାନ ଲକ୍ଷ୍ୟ। କିନ୍ତୁ ମାନବ ସମ୍ବଳ ବିକାଶ (ଏଚ୍ଆର୍‌ଡି) ଅଧୀନରେ କାର୍ଯ୍ୟରତ ୟୁଜିସି ସର୍ଜିକାଲ ଷ୍ଟ୍ରାଇକ୍ ଦିବସ ପାଳନ କରିବା ପାଇଁ ଦେଇଥିବା ନିର୍ଦ୍ଦେଶ ଏକ ଦଳୀୟ ରାଜନୈତିକ ସ୍ୱାର୍ଥକୁ ସୁହାଇଲା ଭଳି ମନେହେଉଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଏଚ୍ଆର୍‌ଡି ଦାୟିତ୍ୱରେ ଥିବା ବେଳେ ସ୍ମୃତି ଇରାନୀ ଅବାନ୍ତର ନିଷ୍ପତ୍ତି ନେଇଥିଲେ। ସେତେବେଳେ ଇରାନୀ କହିଥିଲେ ଯେ ଜବାହାରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ) ସମେତ ଅନ୍ୟାନ୍ୟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପରିସରରେ ଯୁଦ୍ଧଟ୍ୟାଙ୍କ ରଖିବାର ବ୍ୟବସ୍ଥା କରାଯାଉ। ଯେଉଁ ଦେଶର ଇତିହାସରେ ଯୁଦ୍ଧ କେବଳ ସୀମାନ୍ତରେ ଘଟିଥାଏ ଏବଂ ସ୍ୱଳ୍ପ ଅଞ୍ଚଳରେ ସୀମିତ ରହିଆସିଛି, ସେଭଳି ଦେଶ ହେଉଛି ଭାରତ। ଯେହେତୁ ସାଧାରଣ ଭାରତୀୟ ନାଗରିକଙ୍କର ଯୁଦ୍ଧ ସିନେମା ଦେଖିବା ଓ ଦେଶାତ୍ମବୋଧକ ସଙ୍ଗୀତ ଶୁଣିବା ବ୍ୟତୀତ ଅନ୍ୟ କୌଣସି ଭାବେ ଯୁଦ୍ଧ ସହ ସମ୍ପୃକ୍ତି ନାହିଁ, ସେହେତୁ ସେଭଳି ନାଗରିକଙ୍କୁ ଟ୍ୟାଙ୍କ ବା ବନ୍ଧୁକ ଦେଖାଇ ଦେଶପ୍ରେମ ଜାଗ୍ରତ କରି ହେବନାହିଁ। ଦିଲ୍ଲୀ ସମେତ ଭାରତର ଅନେକ ସହରରେ ଥିବା ସେନା କାର୍ଯ୍ୟାଳୟ ସମ୍ମୁଖରେ ତୋପ, ପୁରୁଣା ଟ୍ୟାଙ୍କ ଏବଂ ଅନେକ ସ୍ଥାନରେ ଯୁଦ୍ଧବିମାନ ଦେଖିବାକୁ ମିଳିଥାଏ। ଏହିସବୁ ଯୁଦ୍ଧସାମଗ୍ରୀ ଦେଖିବା ସତ୍ତ୍ୱେ କୌଣସି ପ୍ରକାର ଦେଶପ୍ରେମ ବୃଦ୍ଧି ପାଉଥିବାର ଲକ୍ଷଣ ଦେଖିବାକୁ ମିଳୁ ନାହିଁ। ଯେହେତୁ ଏହି ଜାତିର ଇତିହାସରେ ପ୍ରତ୍ୟେକ ନାଗରିକର ଜୀବନକୁ ଛୁଇଁଲା ଭଳି ବିରାଟକାୟ ହିଂସାତ୍ମକ ଯୁଦ୍ଧ ଘଟିନାହିଁ, ସେଥିପାଇଁ ଆମେ ଭାରତୀୟ ପରସ୍ପରକୁ ଗଭୀର ଶ୍ରଦ୍ଧା କରିବାରେ ଅକ୍ଷମ। ଏହି ଦେଶରେ ମହିଳା ଓ ଶିଶୁଙ୍କ ପ୍ରତି ବୃଦ୍ଧି ପାଉଥିବା ଅତ୍ୟାଚାର, ଜାତିପ୍ରଥା ମାଧ୍ୟମରେ ଘୃଣା ଓ ହିଂସା ଏବଂ ସର୍ବୋଚ୍ଚରେ ଦେଶର ସମ୍ପତ୍ତିକୁ ଆଖିବନ୍ଦ କରି ଲୁଟିନେବାର ଯେଉଁ ଚରିତ୍ର ତାହା ପ୍ରମାଣ କରେ ଯେ ଆମେ କେହି ନିଜକୁ ଏହି ମାଟିର ସନ୍ତାନ ବୋଲି ଚିନ୍ତା କରିପାରୁନାହୁଁ।

ବିଶ୍ୱବିଦ୍ୟାଳୟରେ ସର୍ଜିକାଲ ଷ୍ଟ୍ରାଇକ୍ ଦିବସ ପାଳନ ନେଇ ସମାଲୋଚନା ହେବା ପରେ ଏଚ୍ଆର୍‌ଡି ମନ୍ତ୍ରୀ ପ୍ରକାଶ ଜାଭଡେକର ଏବେ କହିଛନ୍ତି ଯେ, ବିଶ୍ୱବିଦ୍ୟାଳୟଗୁଡ଼ିକୁ ଦିଆଯାଇଥିବା ପତ୍ର ପରାମର୍ଶମୂଳକ ଥିଲା ଓ କାହା ଉପରେ ବାଧ୍ୟତାମୂଳକ ନୁହେଁ। ପ୍ରଶ୍ନ ଉଠୁଛି ଭାରତର କୌଣସି ବିଶ୍ୱବିଦ୍ୟାଳୟ ବିଶ୍ୱର ଶ୍ରେଷ୍ଠ ୧୦୦ ତାଲିକା ଭିତରେ ନ ଥିବା ବେଳେ ଏଭଳି କୃତ୍ରିମ ଚିନ୍ତାଧାରା କାହିଁକି ପ୍ରସାର କରାଯାଉଛି। ଭାରତ ସରକାର ସର୍ଜିକାଲ ଷ୍ଟ୍ରାଇକ୍ ବେଳର ବୀରତ୍ୱର ଗାଥା ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଆଗରେ ବଖାଣିବାକୁ ଚାହୁଁଥିବାରୁ ତାହାକୁ ଅନେକ ନାପସନ୍ଦ କରିବା ସ୍ୱାଭାବିକ। ଜେଏନ୍‌ୟୁ ପ୍ରଫେସର ତଥା ଐତିହାସିକ ଆଦିତ୍ୟ ମୁଖାର୍ଜୀ କହିଛନ୍ତି ଯେ, ଭାଜପା ଦେଶର ଜାତୀୟ ଆନ୍ଦୋଳନରେ ସେତେବେଳେ ସାମିଲ ହୋଇ ନ ଥିବାରୁ ଏବେ ଦେଶପ୍ରେମବୋଧ ସୃଷ୍ଟି କରିବାକୁ ଚେଷ୍ଟା କରୁଛି। ସେଥିପାଇଁ ଲୋକଙ୍କ ଉପରେ ଏହା ଲଦିବାକୁ ଚାହୁଁଛି ଏବଂ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌କୁ ସାମରିକ ଆଦର୍ଶରେ ଅନୁପ୍ରାଣିତ କରିବା ଦିଗରେ ପ୍ରୟାସ କରୁଛି ବୋଲି ଆଦିତ୍ୟ କହିଛନ୍ତି। ଏହି ପ୍ରଚ୍ଛଦପଟରେ ତାଙ୍କ ମନ୍ତବ୍ୟର ପ୍ରାସଙ୍ଗିକତା ଅନୁଭବ କରାଯାଇପାରେ। କାରଣ ୨୯ ସେପ୍ଟେମ୍ବର ୨୦୧୬ର ସର୍ଜିକାଲ ଷ୍ଟ୍ରାଇକ୍ ପରେ ସୀମା ଆରପଟୁ ଅସଂଖ୍ୟ ଅନୁପ୍ରବେଶ ଘଟିଛି। ଏପରି କି ୨୦୧୬ ନଭେମ୍ବର ୨୯ରେ ଆତଙ୍କବାଦୀମାନେ ପୋଲିସ ବେଶରେ ଆସି ଜମ୍ମୁର ନାଗ୍ରୋଟା ସେନା କ୍ୟାମ୍ପରେ ଆକ୍ରମଣ କରି ଦୁଇ ଜଣ ଅଧିକାରୀଙ୍କ ସମେତ ୭ ଯବାନଙ୍କ ପ୍ରାଣ ନେଇଥିଲେ। ଏଥିରୁ ବୁଝିବାକୁ ହେବ ଯେ ଆତଙ୍କବାଦୀମାନେ ତଥାକଥିତ ସର୍ଜିକାଲ ଷ୍ଟ୍ରାଇକ୍‌ରେ ଭୟଭୀତ ହୋଇ ନ ଥିଲେ।

ନିକଟ ଅତୀତକୁ ଦେଖିଲେ ସବୁବେଳେ ଧାରଣା ସୃଷ୍ଟି କରାଯାଉଛି ଯେ, ସରକାରଙ୍କ ଦ୍ୱାରା ପରିଚାଳିତ ବିଶ୍ୱବିଦ୍ୟାଳୟଗୁଡ଼ିକରେ ରାଜନୈତିକ ପକ୍ଷପାତିତା ସୃଷ୍ଟି କରିବାର ଉଦ୍ୟମ ହେଉଛି। ସରକାରକୁ ଆସୁଥିବା ରାଜନୈତିକ ଦଳ ନିଜ କ୍ଷମତାର ସମୟସୀମା ବୃଦ୍ଧି କରିବାକୁ ଚେଷ୍ଟା କରିବା ସ୍ୱାଭାବିକ। କିନ୍ତୁ ଶିକ୍ଷା ବ୍ୟବସ୍ଥାରେ ହସ୍ତକ୍ଷେପ କରିବା ଏକ ସାମାଜିକ ଅପରାଧ ଭାବେ ଅନ୍ୟ ଦେଶଗୁଡ଼ିକରେ ବିବେଚନା କରାଯାଏ। ଭାରତରେ ସବୁ ରାଜନୈତିକ ଦଳ ଏଥିରୁ ଦୂରେଇ ରହିବା ଉଚିତ ହେବ।



ସହଦେବ ସାହୁ

# ଧନୀ ବଢ଼ୁଛନ୍ତି, କମୁନି ଗରିବୀ

ବିଶ୍ୱ ଆର୍ଥିକ ମଞ୍ଚ (ୱାର୍ଲ୍ଡ ଇକୋନୋମିକ୍ ଫୋରମ୍) ସୁଇଜରଲାଣ୍ଡର ଡାଭୋସ୍‌ଠାରେ ତା'ର ଅଧିବେଶନ ଆରମ୍ଭ କରିବା ପୂର୍ବରୁ ୧୦୩ଟି ଦେଶର ଏକ ଅର୍ଥନୈତିକ ସର୍ଭେ କରି ଯେଉଁ ଇନ୍‌କ୍ଲୁସିଭ୍ ଡେଭ୍‌ଲପମେଣ୍ଟ ଇଣ୍ଡେକ୍ସ (ସାର୍ବଜନୀନ ବିକାଶ ସୂଚକାଙ୍କ) ପ୍ରକାଶ କରିଥିଲା ତହିଁରେ ଭାରତର ସ୍ଥାନ ୬୨ତମ। ଜାତିସଂଘ ବିକାଶ କାର୍ଯ୍ୟକ୍ରମ (ୟୁଏନ୍‌ଡିପି) ୧୮୯ ରାଷ୍ଟ୍ରକୁ ସର୍ଭେ କରି ଏହି ସେପ୍ଟେମ୍ବର ମାସରେ ଯେଉଁ ହ୍ୟୁମାନ୍ ଡେଭ୍‌ଲପମେଣ୍ଟ ଇଣ୍ଡେକ୍ସ (ମାନବ ବିକାଶ ସୂଚକାଙ୍କ) ପ୍ରକାଶ କରିଛି ତହିଁରେ ଭାରତର ସ୍ଥାନ ୧୩୦। ଦାରିଦ୍ର୍ୟ ସୀମାରେଖା ତଳୁ କୋଟି କୋଟି ଲୋକ ଉପରକୁ ଉଠିଥିଲେ ବି ଧନୀ–ଗରିବ ବ୍ୟବଧାନ ବଢ଼ିବାରେ ଲାଗିଛି, ଅର୍ଥାତ୍ ଅଭିବୃଦ୍ଧି ସମସ୍ତଙ୍କୁ ସମାନ ଭାବରେ ଛୁଉଁନାହିଁ, ଇନ୍‌କ୍ଲୁସିଭ୍ ହେଉନାହିଁ। ନରୱେ ଭଳି ଛୋଟ ଦେଶ ସବା ଉପରେ ପ୍ରଥମ ସ୍ଥାନରେ ଅଛି, ସେଠାରେ ପ୍ରତ୍ୟେକ ଲୋକ ଖୁସି ଓ ସୁଖୀ। ବିକାଶୋନ୍ମୁଖୀ ଦେଶଗୁଡ଼ିକ ଭିତରେ ଛୋଟ ଦେଶ ଲିଥୁଆନିଆ ବି ପ୍ରଥମ। ସନ୍ତ୍ରାସବାଦର କ୍ରୀଡ଼ାସ୍ଥଳ ବୋଲି ଆମେ ଗାଳିଦେଉଥିବା ପାକିସ୍ତାନ ବି ଆମଠାରୁ ୧୫ଟି ପାହାଚ ଉପରେ, ୪୭ତମ ସ୍ଥାନରେ ଅଛି। ସ୍କୁଲରେ ମାଗଣା ମଧ୍ୟାହ୍ନଭୋଜନ, ସମସ୍ତଙ୍କୁ ବ୍ୟାଙ୍କ ସୁବିଧା ଯୋଗାଇବାକୁ ଜନଧନ ଯୋଜନା, ଗାଁ ଗରିବ ଲୋକଙ୍କ ହାତରେ ଦି'ପଇସା ଦେବାକୁ ମାସକୁ ୨୦ ଦିନର ନିଶ୍ଚିତ କାମ ଯୋଜନା (ମନରେଗା), ଅଭାବୀକୁ ଖାଦ୍ୟ ଯୋଗାଇବାକୁ ଟଙ୍କିକିଆ ଚାଉଳ ବା ପାଞ୍ଚଟଙ୍କିଆ ଭାତଡାଲମା– ଏଭଳି ପତିତପାବନ ଯୋଜନା କାହିଁକି ଗରିବଙ୍କୁ ଉପରକୁ ଉଠାଇ ପାରିନାହିଁ?

ଇନ୍‌କ୍ଲୁସିଭ୍ ଡେଭ୍‌ଲପମେଣ୍ଟ ଇଣ୍ଡେକ୍ସରେ ମାନକ ଥିଲା ତିନୋଟି ବ୍ୟକ୍ତିଗତ ସ୍ତମ୍ଭ– ଅଭିବୃଦ୍ଧି ଓ ବିକାଶ, ଇନ୍‌କ୍ଲୁଜନ ବା ସମସ୍ତଙ୍କ ବିକାଶ ଏବଂ ପିଢ଼ିପିଢ଼ି ଭିତରେ ଇକ୍ୟୁଟି ଅର୍ଥାତ୍ ବିକାଶରେ ଅସମାନତା ଦୂର କରିବା। ହ୍ୟୁମାନ୍ ଡେଭ୍‌ଲପମେଣ୍ଟ ଇଣ୍ଡେକ୍ସରେ ମାନକ ଥିଲା ଜୀବନଧାରଣର ମାନ, ଜନ୍ମ ସମୟରେ ବଞ୍ଚିବାର ଆୟୁଷ ଆଶା ଓ ଶିକ୍ଷାର ସୁବିଧା। ହ୍ରାସ ପାଉଥିବା, ଧୀରେ ଧୀରେ ହ୍ରାସ ପାଉଥିବା, ସ୍ଥିର ଥିବା, ଧୀରେ ଧୀରେ ଉନ୍ନତ ହେଉଥିବା ଏବଂ ଉନ୍ନତ ହେଉଥିବା ଏଭଳି ୫ଟି କ୍ରମରେ ୫ ବର୍ଷର ବୃଦ୍ଧି ଢାଞ୍ଚା ଦେଖିଲେ ବି ଭାରତ ଉନ୍ନତ ହେଉଥିବା ସତ୍ତ୍ୱେ ନିମ୍ନତର ସ୍ଥାନରେ ଅଛି। କାରଣ ଜୀବନଧାରଣର ମାନ ବୃଦ୍ଧିର ଉଦ୍ୟମ, ପରିବେଶକୁ ଅକ୍ଷୟ ରଖିବାର ଯୋଜନା ଏବଂ ଭବିଷ୍ୟତ ପିଢ଼ି ଉପରେ ଋଣଭାର ହ୍ରାସ ଉଦ୍ୟମ ଭଳି ତିନୋଟି ବିଷୟର ସଫଳତା ଦେଖିଲେ ଆମେ ବିକାଶର ୬୦ତମରୁ ୧୩୦ତମ ପାହାଚ ଭିତରେ ଅଛୁ। କେବଳ ଜିଡିପି ବା ସ୍ଥୂଳ ଆଭ୍ୟନ୍ତରୀଣ ଉତ୍ପାଦକୁ ଅର୍ଥନୈତିକ ସଫଳତାର ମାପ ଧରିଲେ ସ୍ୱଳ୍ପକାଳୀନ ଲାଭ ଆଖିଦୃଶିଆ ହେଉଛି, କିନ୍ତୁ ଅର୍ଥନୈତିକ ଅସମାନତା ବଢ଼ି ବଢ଼ି ଚାଲିଛି। ଗତବର୍ଷ ୨୦୧୭ରେ ୭୯ଟି ବିକାଶଶୀଳ ରାଷ୍ଟ୍ର ଭିତରେ ଭାରତ ୬୦ତମ ଥିଲା, ଅଥଚ ଚାଇନା ଥିଲା ୧୫ଶ ଓ ପାକିସ୍ତାନ ୫୨ତମ। ୨୦୧୮ ବେଳକୁ ଯଥାକ୍ରମେ ୬୨, ୨୬ ଓ ୪୭। ଅର୍ଥାତ୍ ପାକିସ୍ତାନର ଲୋକେ ଆମଠୁ ଭଲରେ ଅଛନ୍ତି।

ବିଶ୍ୱ ଅର୍ଥନୈତିକ ମଞ୍ଚ ମତରେ ଅର୍ଥନୈତିକ ବିକାଶ ମାନେ ପ୍ରତ୍ୟେକ ପରିବାରର ଆୟ ଦେଶର ମୁଣ୍ଡପିଛା ହାରାହାରି ଆୟର ପାଖାପାଖି ହେବ। ୬୭ କୋଟି ଭାରତୀୟଙ୍କ ଆୟ ଗତ ବର୍ଷ ଭିତରେ ମାତ୍ର ଏକ ଶତାଂଶ ବଢ଼ିଛି। ସେହି ସମୟ ଭିତରେ ମୋଟ ଜନସଂଖ୍ୟାର ମାତ୍ର ଏକ ଶତାଂଶ ଥିବା ଭାରତର ଧନୀ ଲୋକେ ଦେଶରେ ବଢ଼ିଥିବା ଧନର ୭୩ ଶତାଂଶ କରାୟତ୍ତ କରିନେଇଛନ୍ତି। ସାରା ପୃଥିବୀରେ ଏଭଳି ଦୁର୍ଗତି ଘଟିଛି, ଗତବର୍ଷ ସୃଷ୍ଟି ହୋଇଥିବା ନୂଆ ଧନର ଶତକଡା ୮୨ ଭାଗ ପୃଥିବୀ ଜନସଂଖ୍ୟାର ଏକ ଶତାଂଶ ଲୋକଙ୍କ ପାଖକୁ ଯାଇଛି। ୩୭୦ କୋଟି ଲୋକ, ଅର୍ଥାତ୍ ବିଶ୍ୱ ଜନସଂଖ୍ୟାର ଅଧା ଯେମିତି ଗରିବ ଥିଲେ ସେମିତି ଅଛନ୍ତି। ଗତବର୍ଷର ସର୍ଭେରୁ ଦେଖାଯାଇଥିଲା ଭାରତର ଧନୀ ଏକ ଶତାଂଶ ଦେଶର ମୋଟ ଧନର ଶତକଡା ୫୮ଭାଗ କରାୟତ୍ତ କରିନେଇଥିଲେ। ଅର୍ଥାତ୍ ଭାରତର ଧନୀମାନେ ଭାରତରେ ଗରିବୀ ବଢ଼ିବାରେ ଜଡ଼ିତ। ଅକ୍ସଫାମ୍ ଇଣ୍ଡିଆ ରିପୋର୍ଟର ନାମ ରଖାଯାଇଛି 'ରିୱାର୍ଡ ୱାର୍କ ନଟ୍ ୱେଲ୍‌ଥ,' (କାମକୁ ପସନ୍ଦ କର, ଧନକୁ ନୁହେଁ)। ଆମେ ଧନକୁ ପୁରସ୍କାର ଦେଉଛୁ– ୨୦୧୭ରେ ଭାରତର ଏକ ଶତାଂଶ ଲୋକଙ୍କ ସମ୍ପତ୍ତିରେ ୨୦.୯ ଲକ୍ଷ କୋଟି ଟଙ୍କା ବଢ଼ିଛି, ଯାହା ଭାରତ ସରକାରଙ୍କର ସେ ବର୍ଷ (୨୦୧୭)ର ବଜେଟ୍ ସାଙ୍ଗେ ସମାନ। କୋଟି କୋଟି ଲୋକ ବକତେ ଖାଦ୍ୟ ପାଇଁ ଖରାବର୍ଷାରେ ଯୁଝୁଥିବା ବେଳେ ଶୀତତାପ ନିୟନ୍ତ୍ରିତ କୋଠାରେ ଅୟସରେ ରହି ଧନୀ ଲୋକେ କୁଢ଼ କୁଢ଼ ଧନ ଜମା କରୁଛନ୍ତି ଏବଂ ସେମାନଙ୍କ ଧନ ପ୍ରତିବର୍ଷ ହାରାହାରି୧୩ ଶତାଂଶ ବଢ଼ୁଛି। ସାଧାରଣ ମୂଲିଆର ମୂଲ ବଢ଼ିବା ହାରର ୬ ଗୁଣ। ଆମ ଗାଁରେ ଥିବା ନ୍ୟୂନତମ ମଜୁରିର ମୂଲିଆଟିଏ ଗୋଟିଏ ଧନୀ ଲୋକର ବର୍ଷକର ରୋଜଗାର ପାଇବା ପାଇଁ ୯୪୧ ବର୍ଷ ଖଟିବ। ଆମେରିକାରେ ସାଧାରଣ ଶ୍ରମିକଟିଏ ବର୍ଷରେ ଯେତେ ରୋଜଗାର କରେ, ଗୋଟିଏ ସିଇଓ (ମୁଖ୍ୟ ପ୍ରଶାସକ) ଦିନକରେ ସେତିକି ରୋଜଗାର କରେ। ଆମ ଦେଶରେ ଅର୍ବୁଦପତି (ବିଲିୟନେୟାର୍ସ) ସଂଖ୍ୟା ବି ବହୁତ ବଢ଼ିଛି, ୨୦୧୭ରେ ପ୍ରତି ୨ଦିନରେ ଜଣେ ଲେଖାଏ।

୧୦ଟି ଦେଶରେ ୭୦,୦୦୦ ଲୋକଙ୍କୁ ସର୍ଭେ କରି ଅକ୍ସଫାମ୍ କହିଛି, ଲୋକେ ବିପ୍ଳବମୁଖୀ ହେଲେଣି। ଧନୀ–ଗରିବ ବ୍ୟବଧାନ ତୁରନ୍ତ ନ କମିଲେ ସର୍ଭେରେ ଦୁଇ ତୃତୀୟାଂଶ ଲୋକ କହୁଛନ୍ତି ଦେଶରେ ବିଶୃଙ୍ଖଳା ବ୍ୟାପିବ। ଧନକୁ ଛଡାଇ ନେବା ପାଇଁ ଚୋରି, ଡକାୟତି, ଲୁଟ୍ ଓ ହତ୍ୟା ଆଦି ବଢ଼ିବ। ବେକାର ଶିକ୍ଷିତମାନଙ୍କର ଏହା ପେସା ହେବ। ନେତାଙ୍କ ଅନୁକମ୍ପାରେ ଚାକିରି ପାଇଥିବା ତଳିଆ ପୋଲିସ ଅପରାଧ ରୋକିବାରେ ଅକୃତକାର୍ଯ୍ୟ ହେବେ। ଆଭ୍ୟନ୍ତରୀଣ ଶୃଙ୍ଖଳା ରକ୍ଷାରେ ସୈନ୍ୟବାହିନୀ ଲାଗିଲେ ସେମାନେ ନେତାଙ୍କ ବଚସ୍କର ହୋଇଯିବେ।

ସମାଧାନର ପଥ ହେଉଛି– କୃଷି ଭଳି ଶ୍ରମଭିତ୍ତିକ କ୍ଷେତ୍ରଗୁଡିକରେ ଅଧିକ ପୁଞ୍ଜିନିବେଶ ହେଉ। ଯାହାକିଛି ସାମାଜିକ ନିରାପତ୍ତା ଯୋଜନା ଅଛି ସେଗୁଡ଼ିକୁ ଜୋର୍‌ସୋର୍‌ରେ କାର୍ଯ୍ୟକାରୀ କରାଯାଉ। କଳାଧନର ଗଳାବାଟ ନିବୁଜ କରାଯାଉ, ଟିକସଫାଙ୍କି ଓ ଟିକସଲୁଚା ଜୋର୍‌ସୋର୍‌ରେ ଧରାଯାଉ, ସୁପର–ରିଚ୍ (କୁବେର)ମାନଙ୍କ ଉପରେ ଅଧିକ ଟିକସ ବସାଯାଉ ଏବଂ କମ୍ପାନୀମାନଙ୍କ ଟିକସ ଛାଡ ବ୍ୟବସ୍ଥା ଉଠାଇ ଦିଆଯାଉ। ସିଇଓମାନେ ସେମାନଙ୍କ ଦରମାର ଶତକଡା ୬୦ ଭାଗ ଛାଡି ଦିଅନ୍ତୁ। କମ୍ପାନୀର ମାଲିକମାନେ ସେମାନଙ୍କର ଅଂଶୀଦାରମାନଙ୍କ ଲାଭାଂଶ ବଢାଇବା ପାଇଁ ଶ୍ରମିକର ମଜୁରି ଓ ଚାକିରି ସର୍ତ୍ତାବଳୀ ଖିଲାପ ନ କରନ୍ତୁ। ଆୟକର କମାଇବା ପାଇଁ ବିଳାସମୟ ଗାଡି ଓ ବିମାନ କିଣା, ଆବଶ୍ୟକତାଠାରୁ ଅଧିକ ବ୍ୟୟର କୋଠାବାଡି ତିଆରି ଆଦିକୁ କମ୍ପାନୀର ଖର୍ଚ୍ଚରେ ଯେପରି ଯୋଡାଯାଉଛି ତାହା ଉଠାଇ ଦିଆଯାଉ। ଟିକସଫାଙ୍କି ପେଞ୍ଚକୁ ବୈଧ କରିଥିବା ଆଇନଗୁଡିକୁ ବାତିଲ କରାଯାଉ। ବିଧାୟକ ଓ ସାଂସଦମାନଙ୍କ ପେନ୍‌ସନ୍ ଓ ମାଗଣା ତଥା ରିହାତି ସରକାରୀ ସୁବିଧା ଉପରେ ଆୟକର ଲାଗୁ ହେଉ। ମାତାପିତାଙ୍କ ସମ୍ପତ୍ତି ଉତ୍ତରାଧିକାର ସୂତ୍ରରେ ପାଇଥିବା, ଏଥିଲାଗି ନିଜେ ଘଣ୍ଟାଟାଏ ବି ଖଟି ନ ଥିବା କୁବେରଙ୍କ ଉପରେ ଉତ୍ତରାଧିକାର ଟିକସ ବସାଯାଉ।

ଅର୍ବୁଦପତିଙ୍କ ସଂଖ୍ୟା ବଢ଼ିବା ଏକ ବିକାଶଶୀଳ ଅର୍ଥନୀତିର ଚିହ୍ନ ନୁହେଁ, ଏହା ବିଫଳ ଅର୍ଥନୈତିକ ବ୍ୟବସ୍ଥାର ଜଳଜଳ ଦିଶୁଥିବା ଏକ କୁଲକ୍ଷଣ।

ଇ–ମେଲ୍: sahadevas@yahoo.com

# ପରମଶାସ୍ତ୍ର ଭାଗବତ

ଡ. ହେମନ୍ତ କୁମାର ଛୋଟରାୟ

ଅଷ୍ଟାଦଶ ପୁରାଣ ମଧ୍ୟରେ ଶ୍ରୀମଦ୍‌ଭାଗବତ ହେଉଛି ଏକ ପବିତ୍ର ଗ୍ରନ୍ଥ। ବେଦ, ବ୍ରହ୍ମସୂତ୍ର ଓ ଉପନିଷଦାଦି ଗ୍ରନ୍ଥରେ ବିଷ୍ଣୁଙ୍କ ମହିମା ବର୍ଣ୍ଣିତ ହୋଇଥିଲେ ହେଁ ପରଂବ୍ରହ୍ମ ଶ୍ରୀକୃଷ୍ଣଙ୍କ ଚରିତ ଓ ଲୀଳାମାନ ଶ୍ରୀମଦ୍‌ଭାଗବତରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି। ଭଗବାନ ବିଷ୍ଣୁ ବ୍ରହ୍ମାଙ୍କୁ ଭାଗବତ ତତ୍ତ୍ୱ ଶୁଣାଇଥିଲେ। ବ୍ରହ୍ମା ନିଜର ମାନସପୁତ୍ର ନାରଦଙ୍କୁ ଭାଗବତ ତତ୍ତ୍ୱ ଉପଦେଶ ଦିଅନ୍ତେ, ସେ ମହର୍ଷି ବ୍ୟାସଦେବଙ୍କ ଆଗରେ ଭାଗବତର ମହିମା ବ୍ୟାଖ୍ୟାନ କରି ତା'ର ପ୍ରସାର ନିମନ୍ତେ ପରାମର୍ଶ ଦେଇଥିଲେ। ବ୍ୟାସଦେବଙ୍କଠାରୁ ତାଙ୍କ ପୁତ୍ର ଶୁକଦେବ ଗୋସ୍ୱାମୀ ଓ ଶୁକଦେବଙ୍କଠାରୁ ସୁତ ମହର୍ଷି ଓ ମହର୍ଷିଙ୍କଠାରୁ ନୈମିଷାରଣ୍ୟରେ ମୁନିମାନେ ଭାଗବତ ଶ୍ରବଣ କରି ଜନମାନସରେ ପ୍ରଚାର କରିଥିଲେ। ଏହା ମଧ୍ୟ କଥିତ ଅଛି ଯେ, ବ୍ୟାସଦେବ ବ୍ରହ୍ମସୂତ୍ର, ସର୍ବ ଉପନିଷଦ, ଗାୟତ୍ରୀ ଭାଷ୍ୟ, ପୁରାଣ ତଥା ଉପପୁରାଣମାନଙ୍କର ସାର ଉଦ୍ଧାର କରି ଜନସମାଜର କଲ୍ୟାଣ ପାଇଁ ଏହି ଶ୍ରୀମଦ୍‌ଭାଗବତ ଗ୍ରନ୍ଥ ପ୍ରଣୟନ କରିଥିଲେ। ଶୁକଦେବ ଗଙ୍ଗାକୂଳରେ ବ୍ରହ୍ମଶାପଜନିତ ମରଣାପନ୍ନ ଅବସ୍ଥାରେ ପଡ଼ିଥିବା ପରିକ୍ଷିତ ମହାରାଜାଙ୍କୁ ଭାଗବତ ଶୁଣାଇଥିଲେ। ଭାଗବତ ସ୍ୱୟଂ ଭଗବାନଙ୍କ ମୁଖନିଃସୃତ ବାଣୀ ଭାବରେ ସ୍ୱୀକୃତ। ତାହା କ୍ରମେ ଗୁରୁଶିଷ୍ୟ ବା ପିତାପୁତ୍ର ପରମ୍ପରା ଭାବରେ ସଂରକ୍ଷିତ, ସମୃଦ୍ଧ ତଥା ଭକ୍ତିମୁକ୍ତି ପ୍ରଦାୟକ ଗ୍ରନ୍ଥ ରୂପେ ସର୍ବପୂଜିତ। ଶ୍ରଦ୍ଧା ଓ ବିଶ୍ୱାସର ସହିତ ଚିତ୍ତବୃତ୍ତିକୁ ଏକସୂତ୍ରରେ ସଂଯୁକ୍ତ କରି ଭାଗବତ ଶ୍ରବଣ କଲେ ଜୀବ ପରମଗତି ଲାଭ କରେ। ଭାଗବତର ମହିମା ଅବର୍ଣ୍ଣନୀୟ। ଭାଗବତ ପ୍ରତିଦିନ ଶ୍ରବଣ ଓ କୀର୍ତ୍ତନ କଲେ ମନର ଦୁର୍ଭାବନା ଓ ସଂକୀର୍ଣ୍ଣତା ଦୂର ହୁଏ। ଭାଗବତ କଥାମୃତର ଶ୍ରବଣ ଓ କୀର୍ତ୍ତନ ଦୁଃଖଜର୍ଜରିତ ପ୍ରାଣକୁ ଶୀତଳ କରେ।

ସଂସ୍କୃତ ଭାଗବତ କେବଳ ସଂସ୍କୃତ ଭାଷା ଜାଣିଥିବା ବ୍ୟକ୍ତିମାନେ ହିଁ ପଢ଼ିପାରୁଥିଲେ ଓ ବୁଝିପାରୁଥିଲେ। ଖ୍ରୀଷ୍ଟୀୟ ପଞ୍ଚଦଶ ଶତାବ୍ଦୀରେ ଓଡ଼ିଆ ଭାଷାରେ ସର୍ବଜନପ୍ରିୟ ହେଲା ଭଳି ଭାଗବତର ଅନୁବାଦ ସନ୍ଥ ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଦ୍ୱାରା ସମ୍ଭବ ହୋଇଥିଲା ତାଙ୍କ ମାତା ପଦ୍ମାବତୀ ଦେବୀଙ୍କ ଅନୁରୋଧକ୍ରମେ। ''ପୁଅରେ! ଏତେ ପାଠ ପଢ଼ିଛୁ। ଭାଗବତ କ'ଣ ଆମ ବୁଝିଲା ଭଳି ଭାଷାରେ ଲେଖିପାରିବୁ ନାହିଁ? ସେତକ ତୋ ଦ୍ୱାରା ହୋଇଗଲେ ଆମେ ଆଉ ସେ ପୁରାଣପଣ୍ଡାଙ୍କ ମୁହଁକୁ ଚାହିଁ ବସନ୍ତୁ ନାହିଁ।''– ବାସ୍, ମା'ଙ୍କର ଏତିକି ନିବେଦନ ଜଗନ୍ନାଥ ଦାସଙ୍କୁ ଓଡ଼ିଆରେ ଭାଗବତ ରଚନା ପାଇଁ ଅନୁପ୍ରେରିତ କରିଥିଲା। ସଂସ୍କୃତ ଭାଗବତକୁ ଓଡ଼ିଆରେ ଲେଖିଲେ ସଂସ୍କୃତ ଭାଷାର ମର୍ଯ୍ୟାଦା ହାନି ହେବ ଓ ଭାଗବତ ମଧ୍ୟ ଅପବିତ୍ର ହୋଇଯିବାର ମତାମତ ପୋଷଣ କଲେ ସଂସ୍କୃତ ଅଭିଜ୍ଞ ପଣ୍ଡିତଗଣ। ଏହିସବୁ ମନ୍ତବ୍ୟକୁ ଭ୍ରୂକ୍ଷେପ ନ କରି ଓଡ଼ିଶାର ଲକ୍ଷ ଲକ୍ଷ ନରନାରୀଙ୍କ ମଙ୍ଗଳ ନିମନ୍ତେ ଜଗନ୍ନାଥ ଦାସ ଓଡ଼ିଆ ଭାଗବତ ରଚନାରେ ମନୋନିବେଶ କଲେ ଶ୍ରୀମନ୍ଦିରର ବଟଗଣେଶଙ୍କ ସାମ୍ନାରେ। ପ୍ରଭୁ ନୃସିଂହଙ୍କୁ ଆରାଧନା କରି ଭାଗବତର ଅଧ୍ୟାୟ ପରେ ଅଧ୍ୟାୟ ଓ ସ୍କନ୍ଧ ପରେ ସ୍କନ୍ଧ ରଚନା କରି ଏହି ଗ୍ରନ୍ଥକୁ ସମାପ୍ତ କଲେ, ଯାହାକି ପରବର୍ତ୍ତୀ ସମୟରେ ପାଲଟିଗଲା ଉତ୍କଳୀୟ ସଂସ୍କୃତିର ପ୍ରାଣକେନ୍ଦ୍ର। ଓଡ଼ିଆ ଜାତିର ଘୋର ବିପର୍ଯ୍ୟୟ ସମୟରେ ଜାତୀୟ ଜୀବନକୁ ମଧ୍ୟ ଏକତା ସୂତ୍ରରେ ବାନ୍ଧି ରଖିପାରିଥିଲା ଏହି ମହାନ୍ ଗ୍ରନ୍ଥ। ଗାଁ ଗାଁରେ ଭାଗବତ ଗାଦି, ଭାଗବତ ଘର, ଭାଗବତ ଟୁଙ୍ଗି ପ୍ରତିଷ୍ଠା ହୋଇ ଏକତା, ସଂହତି ଓ ଶୃଙ୍ଖଳା ରକ୍ଷାର ମାଧ୍ୟମ ରୂପେ ପରିଗଣିତ ହେଲା ଏହି ଶାସ୍ତ୍ର। ସନ୍ଧ୍ୟାରେ ପ୍ରତି ଗ୍ରାମର ଗ୍ରାମବାସୀ ଜାତି, ବର୍ଣ୍ଣ, ବଂଶ ନିର୍ବିଶେଷରେ ଏକତ୍ରିତ ହୋଇ ଭାଗବତ ଘରେ ନିଜ ମଧ୍ୟରେ ଥିବା ବାଦବିବାଦର ସମାଧାନ କରିପାରିଲେ। ଧର୍ମୀୟ ଭାବନା ଓ ଆଧ୍ୟାତ୍ମିକ ଜାଗରଣ କ୍ଷେତ୍ରରେ ଏହି ଭାଗବତ ଘରର ଭୂମିକା ଥିଲା ଅବର୍ଣ୍ଣନୀୟ। ନିରକ୍ଷରତା ଦୂରୀକରଣ ପାଇଁ ଓଡ଼ିଆ ଭାଗବତ ଏକ ବିଶେଷ ଦାୟିତ୍ୱ ତୁଲାଇଲା। ''ଗାଁରେ ପୁଅ ବା ଝିଅଟିଏ ଦି'ଅକ୍ଷର ପଢୁ। ବଡ଼ ହେଲେ ଅନ୍ତତଃପକ୍ଷେ ଭାଗବତ ପଢ଼ିପାରିବ।'' –ଏହା ଥିଲା ଉତ୍କଳବାସୀଙ୍କ ପ୍ରଧାନ ଉଦ୍ଦେଶ୍ୟ। ସଂସ୍କୃତି ଓ ପରମ୍ପରାରେ ସମୃଦ୍ଧ ଉତ୍କଳର ପୁରପଲ୍ଲୀରେ ଭାଗବତ ପାଲଟିଗଲା ଭାଇଚାରାର ମାଧ୍ୟମ। ଓଡ଼ିଆମାନଙ୍କୁ ଭାଗବତ ଏତେ ମାତ୍ରାରେ ପ୍ରଭାବିତ କରିଥିଲା ଯେ, କଥା କଥାକେ ଭାଗବତର ପଂକ୍ତିମାନ ଉଦ୍ଧାର କରି ଉଦାହରଣ ଦେବାରେ ଅଭ୍ୟସ୍ତ ହେଲେ ଓଡ଼ିଶାବାସୀ। 'ମର୍ତ୍ତ୍ୟମଣ୍ଡଳେ ଦେହ ବହି, ଦେବତା ହୋଇଲେ ମରଇ,' 'ଅମୃତ ବିନୟ ବଚନ, କହି ତୋଷିବ ଜନ ମନ,' 'ପ୍ରାଣୀର ଭଲ ମନ୍ଦ ବାଣୀ, ମରଣକାଳେ ତାହା ଜାଣି' ଇତ୍ୟାଦି ପଂକ୍ତିମାନ ଓଡ଼ିଆମାନଙ୍କ ତୁଣ୍ଡରୁ ସଦାସର୍ବଦା ନିର୍ଗତ ହୋଇଥାଏ। ଘରେ କେହି ବୃଦ୍ଧ, ବୃଦ୍ଧାଙ୍କ ମୃତ୍ୟୁ ସମୟରେ ମୁକ୍ତି ନିମନ୍ତେ ଭାଗବତ ପାଠ କରିବା ଏକ ବିଧିରେ ପରିଣତ ହେଲା। କ୍ରମେ ଓଡ଼ିଆମାନେ ଭାଗବତ ପ୍ରତି ଆକର୍ଷିତ ହୋଇ ଭାଗବତ ସପ୍ତାହ, ହରିହାଟ, ଭାଗବତ ମେଳଣ, ଭାଗବତ ଜନ୍ମ ଆଦି ସାଂସ୍କୃତିକ ଉତ୍ସବମାନ ପାଳନ ପାଇଁ ମନୋନିବେଶ କଲେ।

## ଭାଗବତ ଜନ୍ମ ଉପଲକ୍ଷେ

କିନ୍ତୁ ଆଜି ଆଉ ସେ ସୁସ୍ଥ ଶୃଙ୍ଖଳିତ ପରମ୍ପରା ଓଡ଼ିଶାର ପୁରପଲ୍ଲୀରେ ଦେଖିବାକୁ ମିଳୁନାହିଁ। ଆଧୁନିକତା କବଳିତ କରିଛି ଗ୍ରାମ୍ୟ ସଂସ୍କୃତିକୁ। ପ୍ରତି ଗ୍ରାମର ଏକତା, ସଂହତି ଆଜି ବାଟବଣା। ଧର୍ମୀୟ ଭାବନା ଓ ଆଧ୍ୟାତ୍ମିକ ଚିନ୍ତାଧାରା କ୍ରମେ ମଣିଷଠାରୁ ଦୂରେଇ ଯାଉଛି। ଏଭଳି ଏକ ସନ୍ଧିକ୍ଷଣରେ ଭାଗବତର ଉପାଦେୟତା ଯଥେଷ୍ଟ ରହିଛି। ସଂସାରର ମାୟାମୋହରୁ ରକ୍ଷା ପାଇବା ନିମନ୍ତେ ଜୀବନ ଥିବା ପର୍ଯ୍ୟନ୍ତ ଭାଗବତ ପାଠ କରିବା ଆବଶ୍ୟକ। ଜଗନ୍ନାଥ ଦାସ ମଧ୍ୟ ଲେଖିଛନ୍ତି– 'ପରମ ଶାସ୍ତ୍ର ଭାଗବତ, ଅଭ୍ୟାସ କରୁଥିବ ନିତ୍ୟ।' ଆମ୍ଭେମାନେ ସେହି ପୁରାତନ ଭାଗବତ ସଂସ୍କୃତିକୁ ଫେରାଇ ଆଣିପାରିଲେ ନିଜ ଜୀବନକୁ ସୁଖମୟ, ଶାନ୍ତିପ୍ରଦ ଓ ଶୃଙ୍ଖଳିତ କରିବା ସହ ଏକ ସୁସ୍ଥ ସମାଜ ଗଠନରେ ସହାୟକ ହୋଇପାରିବା।

ନାଗାବଗିଚା, ମଧୁବନ, ପୁରୀ,
ମୋ–୯୮୬୧୪୭୨୪୫୭

## ଏଇ ଭାରତରେ

ଟଙ୍କାର ଲୋଭ ମଣିଷ ମନକୁ ପରିବର୍ତ୍ତନ କରିଦିଏ। ଅଭିଯୋଗ କରୁଥିବା ବ୍ୟକ୍ତି ଲୋଭର ବଶବର୍ତ୍ତୀ ହୋଇ ନିଜେ ଅଭିଯୁକ୍ତ ପାଲଟିଯାଏ। ଜଣେ ବାଳିକାଙ୍କୁ ତାଙ୍କ ପ୍ରଧାନଶିକ୍ଷକ ଯୌନ ଉତ୍ପୀଡନ ଦେଇଥିବା ନେଇ ବାଳିକାଙ୍କ ପିତା ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ମାମଲା ପ୍ରତ୍ୟାହାର ପାଇଁ ଉକ୍ତ ଅର୍ଥଲୋଭୀ ପିତା ପ୍ରଧାନଶିକ୍ଷକଙ୍କଠାରୁ ପ୍ରଚୁର ଟଙ୍କା ନେବାକୁ ଚାହିଁଥିଲେ। ଏହି ଘଟଣାରେ ବାଳିକାଙ୍କ ପିତାଙ୍କୁ ଗିରଫ କରାଯାଇଛି। ଏପରି ଏକ ଘଟଣା ଘଟିଛି ଉତ୍ତରପ୍ରଦେଶର ଗୁରଗାଁଓଠାରେ। ଷଷ୍ଠଶ୍ରେଣୀର ଛାତ୍ରୀଙ୍କ ପିତା ଥାନାରେ ଅଭିଯୋଗ କରିଥିଲେ ଯେ, ତାଙ୍କ ଝିଅକୁ ସ୍କୁଲ୍‌ର ପ୍ରଧାନଶିକ୍ଷକ ଯୌନ ନିର୍ଯାତନା ଦେଇ ଆସୁଛନ୍ତି। ଅଭିଯୋଗ ଭିତ୍ତିରେ ସ୍କୁଲ୍‌ର ପ୍ରଧାନଶିକ୍ଷକଙ୍କୁ ଶୁକ୍ରବାର ଗିରଫ କରାଯାଇଥିଲା। ଶନିବାର ଏସିପି (ମହିଳା ନିରୋଧୀ ଅପରାଧ)ଙ୍କ ନିକଟରେ ଏକ ଅଭିଯୋଗ ପହଞ୍ଚିଥିଲା। ଏଥିରେ ଦର୍ଶାଯାଇଥିଲା, ଉକ୍ତ ମାମଲା ପ୍ରତ୍ୟାହାର କରିବା ପାଇଁ ଅଭିଯୁକ୍ତଙ୍କଠାରୁ ଝିଅର ବାପା ମୋଟା ଅଙ୍କର ଅର୍ଥ ଦାବି କରୁଛନ୍ତି। ଏହାପରେ ସେ ମାଜିଷ୍ଟ୍ରେଟ୍‌ଙ୍କୁ ସାକ୍ଷାତ୍ କରି ମାମଲା ପ୍ରତ୍ୟାହାର କରିବାକୁ ଅନୁରୋଧ କରିବା ବେଳେ ତାଙ୍କ ବୟାନ ରେକର୍ଡ କରାଯାଇଥିଲା। ଉକ୍ତ ଘଟଣାରେ ସାମିଲ ଥିବା ୫ଜଣଙ୍କ ସମେତ ଝିଅର ପିତାଙ୍କୁ ଗିରଫ କରାଯାଇଥିବା ଗୁରଗାଁଓ ପୋଲିସ ପକ୍ଷରୁ ସୂଚନା ମିଳିଛି।

## ଚିରନ୍ତନୀ

ନୟନର ଜଳ ପୋଛ ଗୋ ନୟନୁ
ବଦନେ ବିକାଶେ ହାସ
ଭୁବନ ଡାକିଛି ପବନ ଡାକିଛି
ଚଳିବି ପରବାସ।

(ବିଶ୍ୱର ଆହ୍ୱାନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୫ ସେପ୍ଟେମ୍ବର ୧୯୯୩

- ୪୦ ବର୍ଷ ଧରି ରାଜା ପଦରୁ ଦୂରେଇ ରହିବା ପରେ ଯୁବରାଜ ନରୋଦମ ସିହାନୁକ କାମ୍ବୋଡିଆର ରାଜା ରୂପେ ଶପଥ ଗ୍ରହଣ କରିଛନ୍ତି।
- ଫିଲିପାଇନ୍ସର ସ୍ୱର୍ଗତ ରାଷ୍ଟ୍ରପତି ଫର୍ଡିନାଣ୍ଡ ମାର୍କୋସଙ୍କ ବିଧବା ପତ୍ନୀ ତଥା ପୂର୍ବତନ ଫାଷ୍ଟ ଲେଡି ଇମେଲଡା ମାର୍କୋସଙ୍କୁ ଦୁର୍ନୀତି ଅଭିଯୋଗରେ ୨୪ ବର୍ଷ କାରାଦଣ୍ଡ।

## su | do | ku  ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | 4 | 6 | | | A | 7 | | | | | | |
| | | | | | 2 | | B | D | | 8 | | | 9 | |
| 0 | | | | | 8 | 4 | | 2 | 1 | | | | | |
| | | 6 | 0 | | | 8 | C | | | 2 | 7 | 5 | | |
| 7 | | | | | C | | | | 9 | | | | | |
| | 3 | | | B | | | 9 | 6 | | | | | A | |
| | | 8 | A | 4 | D | | | | | | | | | 0 |
| | B | | C | | | | | | | 5 | A | | 1 | 7 |
| | | 9 | | 2 | 5 | E | 3 | | | | 4 | | | |
| | | 4 | 8 | 9 | | | 2 | 0 | 6 | | | C | | |
| | | | | | 9 | C | D | | | B | | | | A |
| 9 | | 1 | | | B | 2 | | | | | | | | 6 |
| | 7 | | | | | 9 | 6 | | | | 8 | | D | B |
| 8 | | | 1 | | | | | | | E | D | | 3 | |
| | | B | D | 3 | | | | | 2 | A | | | | E |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | 7 | 4 | 1 | D | B | 9 | 8 | C | E | A | 0 | 3 | 2 | 6 |
| 1 | E | 3 | 5 | 6 | 4 | B | 2 | 0 | C | 8 | 7 | A | 9 | D |
| 8 | 0 | 9 | 2 | C | 3 | A | D | E | 6 | 4 | 1 | 7 | 5 | B |
| 2 | 6 | A | 8 | 0 | 9 | 3 | 4 | 7 | 5 | B | D | E | C | 1 |
| D | C | B | 7 | A | E | 6 | 1 | 5 | 9 | 3 | 2 | 8 | 0 | 4 |
| E | 3 | 2 | 6 | 8 | A | 5 | B | 9 | 1 | 7 | 4 | 0 | D | C |
| C | 9 | 5 | D | 7 | 2 | 0 | 3 | 4 | A | E | B | 1 | 6 | 8 |
| 4 | 1 | 6 | B | 9 | 0 | D | 7 | 8 | 3 | 5 | C | 2 | E | A |
| B | D | 0 | 3 | 5 | 1 | E | C | A | 2 | 6 | 8 | 9 | 4 | 7 |
| A | 8 | 7 | E | 4 | C | 2 | 6 | 1 | D | 0 | 9 | B | 3 | 5 |
| 7 | B | C | A | E | 6 | 4 | 0 | D | 8 | 2 | 3 | 5 | 1 | 9 |
| 3 | A | 1 | 4 | 2 | 7 | C | 5 | 6 | B | 9 | E | D | 8 | 0 |
| 9 | 5 | E | C | B | D | 8 | A | 2 | 0 | 1 | 6 | 4 | 7 | 3 |
| 0 | 4 | D | 9 | 3 | 8 | 1 | E | B | 7 | C | 5 | 6 | A | 2 |
| 6 | 2 | 8 | 0 | 1 | 5 | 7 | 9 | 3 | 4 | D | A | C | B | E |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଗୋଦରୀଲୋ ତୋ ଗୋଡ଼କୁ ଅନା

ମହାଶୟ,

୨୦୧୫ରୁ ଓଡ଼ିଶାରେ ଲୋକାୟୁକ୍ତ ଆଇନ ପ୍ରଣୀତ ହୋଇଥିବା ସତ୍ତ୍ୱେ ରାଜ୍ୟ ସରକାର ଲୋକାୟୁକ୍ତ ନିଯୁକ୍ତ କରିବାରେ ପଛଘୁଞ୍ଚା ହେଉଛନ୍ତି ବୋଲି ଭାଜପା ନେତା ଅଭିଯୋଗ କରୁଛନ୍ତି। ଏହି ଅଭିଯୋଗର ନିଶ୍ଚିତ ଭାବେ ସତ୍ୟତା ଅଛି। ତେବେ ଭାଜପା ନେତୃତ୍ୱରେ ଗଠିତ କେନ୍ଦ୍ରର ଏନ୍‌ଡିଏ ସରକାର ମଧ୍ୟ ୨୦୧୩ରେ ଲୋକପାଳ ଆଇନ ପ୍ରଣୀତ ହୋଇଥିବା ସତ୍ତ୍ୱେ ଏପର୍ଯ୍ୟନ୍ତ ଲୋକପାଳ ନିଯୁକ୍ତ କରିନାହାନ୍ତି। ଏପରି କି ସୁପ୍ରିମକୋର୍ଟ ବାରମ୍ବାର ନିର୍ଦ୍ଦେଶ ଦେବା ସତ୍ତ୍ୱେ କେନ୍ଦ୍ର ସରକାର ଏ ପର୍ଯ୍ୟନ୍ତ ଲୋକପାଳ ନିଯୁକ୍ତି ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରିଚାଲିଛନ୍ତି। ଓଡ଼ିଆରେ ଗୋଟିଏ ଲୋକପ୍ରିୟ ଢଗ ଅଛି– ଗୋଦରୀଲୋ ତୋ ଗୋଡ଼କୁ ଅନା। ଉଭୟ କେନ୍ଦ୍ରର ଭାଜପା ସରକାର ଓ ରାଜ୍ୟର ବିଜେଡି ସରକାର ଲୋକପାଳ ଓ ଲୋକାୟୁକ୍ତ ନିଯୁକ୍ତ କରିବାରେ ବିଫଳ ହୋଇଥିବା ସତ୍ତ୍ୱେ ରାଜ୍ୟ ଭାଜପା ରାଜ୍ୟ ସରକାରଙ୍କ ବିରୋଧରେ ଅଭିଯୋଗ ଆଣିଥିବାରୁ ଏହି ଲୋକକଥାଟି ତାଙ୍କ ପାଇଁ ପ୍ରଯୁଜ୍ୟ ହେବନାହିଁ କି?

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ଜଗତ୍‌ସିଂହପୁର

### ସିଂହଦ୍ୱାରରେ ହୋର୍ଡିଂ ଲାଗୁ

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ଏଣିକି ଶ୍ରୀମନ୍ଦିରର ସେବାୟତମାନେ ଭକ୍ତଙ୍କଠାରୁ ମହାପ୍ରଭୁଙ୍କ ନାଁରେ ସିଧାସଳଖ ଦାନଦକ୍ଷିଣା ନେଇପାରିବେ ନାହିଁ। ସତ୍ୟପାଠ ଜରିଆରେ ନିଜର ଅସୁବିଧା ସମ୍ପର୍କରେ ଜଣାଇ ପାରିବେ ବୋଲି କୁହାଯାଇଛି। ତେବେ ଏହା ବିଶେଷଭାବରେ ବିଜ୍ଞପିତ ହେବାର ଆବଶ୍ୟକତା ରହିଛି। ଭକ୍ତମାନଙ୍କ ଅବଗତି ନିମନ୍ତେ ଏହା ବୈଦ୍ୟୁତିକ ଗଣମାଧ୍ୟମରେ ପ୍ରସାରିତ ହେଉ। ପୁଣି ସିଂହଦ୍ୱାରରେ ହୋର୍ଡିଂ ଲଗାଯାଇ ନ୍ୟାୟାଳୟର ନିର୍ଦ୍ଦେଶ ଅନୁପାଳନ ନିମନ୍ତେ ସଚେତନ କରାଯାଉ। ଫଳରେ ଶ୍ରଦ୍ଧାଳୁମାନେ ଆଉ ଶୋଷଣର ଶିକାର ହେବେନାହିଁ। ହୁଣ୍ଡିରେ ଦାନର ପରିମାଣ ବୃଦ୍ଧି ପାଉଥିବାରୁ ଆଉ ଏକ ହୁଣ୍ଡି ସ୍ଥାପନ କଥା ବିଚାର କରାଯାଉ। ପ୍ରତି ହୁଣ୍ଡି ଓ ଦାନବାକ୍ସ ନିକଟରେ ସିସିଟିଭି ଲଗାଯାଉ।

ହରମୋହନ ମହାନ୍ତି, ଦତ୍ତତୋଟା, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ବାସଗୃହ ଯୋଜନାରେ ଅନିୟମିତତା

କେନ୍ଦ୍ରାପଡା ଅଫିସ, ୨୪।୯: କେନ୍ଦ୍ରାପଡ଼ା ବ୍ଲକ ଗାଙ୍ଗପଡା ପଞ୍ଚାୟତର ବାସଗୃହ ଯୋଜନାରେ ହେରଫେର ହୋଇଛି। ଏ ନେଇ ହୋଇଥିବା ତଦନ୍ତ ଓ ପିଡିଙ୍କ ନିର୍ଦ୍ଦେଶ ଦୀର୍ଘଦିନ ଧରି ଫାଇଲ ତଳେ ରହିଯାଇଛି। ଏଥିରେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ତୁରନ୍ତ ରିପୋର୍ଟ ପ୍ରଦାନ ପାଇଁ ଜିଲାପାଳ ଦାଶରଥି ଶତପଥୀ ପିଡି ଦିଲିପ କୁମାର ପରିଡାଙ୍କୁ ସୋମବାର ନିର୍ଦ୍ଦେଶ ଦେଇଛନ୍ତି। ସୁଚନାଯୋଗ୍ୟ, ୨୦୧୫-୧୬ ଆର୍ଥିକ ବର୍ଷରେ ଏ ନେଇ ହୋଇଥିବା ଅଭିଯୋଗକୁ ଭିଜିଲାନ୍ସ ତଦନ୍ତ କରିବା ସହ ୧୫ ଦିନ ମଧ୍ୟରେ ରିପୋର୍ଟ ପ୍ରଦାନ ପାଇଁ ତତ୍କାଳୀନ ପିଡି ବିକାଶ ଚନ୍ଦ୍ର ମହାପାତ୍ର ତତ୍କାଳୀନ ବିଡିଓ କିଶୋର ଚନ୍ଦ୍ର ସ୍ୱାଇଁଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିନେଇ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନଥିବାରୁ ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ଜନ ଶୁଣାଣି ଶିବିରରେ କେତେଜଣ ହିତାଧିକାରୀ ସୋମବାର ଅଭିଯୋଗ ପତ୍ର ଦେଇଥିଲେ।

### ଅକ୍ଟୋବର ୩ରେ ଶ୍ରମିକ ସଙ୍ଗଠନର ଆନ୍ଦୋଳନ

କେନ୍ଦ୍ରାପଡା ଅଫିସ୍, ୨୪।୯:ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ ପକ୍ଷରୁ ଆସନ୍ତା ୩ରେ ଜିଲା ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ ହେବ। ଏହି ପରିପ୍ରେକ୍ଷୀରେ ସଂଘର ଜିଲା ସଭାପତି ଜଗତଜୀବନ ଦାସଙ୍କ ଅଧକ୍ଷତାରେ ସହରସ୍ଥିତ କାର୍ଯ୍ୟାଳୟରେ ସୋମବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଶ୍ରମିକଙ୍କ ବିଭିନ୍ନ ସମସ୍ୟା ନେଇ ଗତ ସପ୍ତାହରେ ଅନୁଷ୍ଠିତ ଆନ୍ଦୋଳନ ସମୟରେ ଶ୍ରମ ଅଧିକାରୀ ଦେଇଥିବା ପ୍ରତିଶ୍ରୁତି କାର୍ଯ୍ୟକାରୀ ନହେବା ଓ ଶ୍ରମିକଙ୍କ ସମସ୍ୟା ବଢୁଥିବା ନେଇ ଏଠାରେ ଆଲୋଚନା ହୋଇଥିଲା। ବୈଠକରେ ଶ୍ରମିକ ନେତା ଗୟାଧର ଧଳ, ଧନେଶ୍ୱର ରାଉତ, ଅଜିତ କୁମାର ପରିଡ଼ା, ଖଗେଶ୍ୱର ପ୍ରଧାନ, ମାଧବ ଦାସ, ଅର୍ଜୁନ ମଣ୍ଡଳ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଏଥିରେ ଶତାଧିକ ଶ୍ରମିକ ଯୋଗ ଦେଇଥିଲେ।

### ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ

ରାଜନଗର,୨୪।୯(ଡି.ଏନ୍.ଏ.): କ୍ରୀଡା ଯୁବସେବା ବ୍ୟାପାର ବିଭାଗ ଓଡିଶା ସରକାରଙ୍କ ପକ୍ଷରୁ ସୋମବାର ବିଜୁ ଯୁବ ବାହିନୀ ପକ୍ଷରୁ ମୁଁ ହିରୋ ମୁଁ ଓଡିଶା କାର୍ଯ୍ୟକ୍ରମ ରାଜନଗରସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡା ଜିଲା ଯୋଜନା ବୋର୍ଡ ସଦସ୍ୟ ତଥା ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ପରିଚାଳନା ପରିଷଦର ସଭାପତି ଧ୍ରୁବ ସାହୁ ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ରାଜନଗର ବ୍ଲକ ବିଜୁ ଯୁବବାହିନୀର ସଂଯୋଜକ ବିରଞ୍ଚି ନାରାୟଣ ସ୍ୱାଇଁ ଏଥିରେ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ସାହୁଙ୍କ ସମେତ ମଣ୍ଡଳ ଉନ୍ନୟନ ଅଧିକାରୀ ମନ୍ଦରଧର ମହାଳିକ, ମହାବିଦ୍ୟାଳୟର ଅଧକ୍ଷ ନୃସିଂହ ଚରଣ ପ୍ରଧାନ, କେନ୍ଦ୍ରାପଡା ଜିଲା ବିଜୁ ଯୁବ ବାହିନୀ ପ୍ରକଳ୍ପ ଅଧିକାରୀ ଅନନ୍ତ କୁମାର ନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇ ବିଜୁ ବାବୁଙ୍କ ଆଦର୍ଶ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଦେବେନ୍ଦ୍ର ରାଉଳ, ରଞ୍ଜିତା ନାୟକ, ରାନୀଲତା ନାୟକ, ବବିତା ପଣ୍ଡା, ଦେବସ୍ମିତା ମିଶ୍ର ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର ନାଥ ସେଠୀ, ସରପଞ୍ଚ ଜୁମର କୁମାର ସ୍ୱାଇଁ, ବାଇଧର ସେଠୀ, ଅଶୋକ ମହାନ୍ତି, ତ୍ରିଲୋଚନ ସାହୁ, ସୁନୀଲ ପ୍ରଧାନ, ବଳରାମ ମଣ୍ଡଳ, ପ୍ରକାଶ ତାଡୁ ଓ ପ୍ରକାଶ ରାଉତ ପ୍ରମୁଖ ସହଯୋଗ କରିଥିଲେ। ରାଜନଗର ବ୍ଲକ ବିଜେଡି ସଭାପତି ଅଶୋକ କୁମାର ପ୍ରତିହାରୀ ଧନ୍ୟବାଦ ଦେଇଥିଲେ।

### ଲୁହାପାଇପ୍ ଚୋରି ଘଟଣା: ଆଉଜଣେ କୋର୍ଟ ଚାଲାଣ

କାଳିଆପାଣି, ୨୪।୯(ଡି.ଏନ୍.ଏ.): ଗତ ଶନିବାର ଇମ୍ଫା ଖଣିରୁ ଲୁହା ପାଇପ ଚୋରି ଅଭିଯୋଗରେ କାଳିଆପାଣି ପୋଲିସ ଦୁଇଜଣଙ୍କୁ କୋର୍ଟ ଚାଲାଣ କରିଥିବା ବେଳେ ସୋମବାର ଏହି ଘଟଣାରେ ସମ୍ପୃକ୍ତ ଆଉ ଏକ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ଗିରଫ ଅଭିଯୁକ୍ତ ଜଣଙ୍କ ମନୁ ପ୍ରଧାନ (୨୩)। ଇମ୍ଫା କମ୍ପାନୀ ଖଣି ପରିସରରୁ ଲୁହାପାଇପ ଚୋରି ଅଭିଯୋଗରେ କାକୁଡ଼ିଆ ଗ୍ରାମର ଦୁଇ ଜଣଙ୍କୁ ଗିରଫ କରାଯାଇଥିଲା ।

# ୪ଶହରୁ ଊର୍ଦ୍ଧ୍ୱ ପ୍ରକଳ୍ପରେ ଦୁର୍ନୀତି

**କେନ୍ଦ୍ରାପଡ଼ା ଆରଡି (୨) ବିଭାଗ**

- ଦେଢ଼ କୋଟି ଖର୍ଚ୍ଚ ପରେ ବି ସୁଧୁରିଲାନି ରାସ୍ତା ଅବସ୍ଥା
- ଗୁପ୍ତ ଟେଣ୍ଡରରେ ୧୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବିନିଯୋଗ
- ଭିଜିଲାନ୍ସ ତଦନ୍ତ ଦାବି କଲେ ବହୁ ବୁଦ୍ଧିଜୀବୀ

କେନ୍ଦ୍ରାପଡା ଅଫିସ, ୨୪।୯

କେନ୍ଦ୍ରାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ (୨) ଅଧୀନ ରାଜନଗର ବ୍ଲକ ଅଜଗରପାଟିଆ–ନାରାୟଣପୁର ରାସ୍ତା ନିର୍ମାଣ ବିଭାଗୀୟ ଅଧିକାରୀ, ଠିକାଦାର ଓ ରାଜନେତାଙ୍କ ପାଇଁ ଟଙ୍କା ରୋଜଗାରର ଶାଗକିଆରି ପାଲଟିଛି। ଏହି ୯ କି.ମି. ରାସ୍ତାରୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ନିର୍ମିତ ୨ କି.ମି. ରାସ୍ତାକୁ ବାଦ ଦେଲେ ଅବଶିଷ୍ଟ ୭ କି.ମି. ରାସ୍ତା ନିର୍ମାଣ ନାଁରେ କୋଟି କୋଟି ଟଙ୍କା ଚଳୁ ହୋଇଛି। ଏହି ରାସ୍ତା ପାଇଁ ୨୦୧୪–୧୫ ଓ ୨୦୧୫–୧୬ ଆର୍ଥିକ ବର୍ଷରେ ମୋଟ ୧କୋଟି ୪୫ ଲକ୍ଷ ୫୦ହଜାର ଟଙ୍କା ଏଫ–୨ରେ ଖର୍ଚ୍ଚ ହୋଇଥିବା ବେଳେ ରାସ୍ତାଟି ଯାତାୟାତ ଅନୁପଯୋଗୀ ହୋଇଛି। ତେବେ ରାଜ୍ୟ ସରକାରଙ୍କ ଏଫ–୨ ବନ୍ଦ ହୋଇଗଲା ପରେ ମଧ ଏହି ରାସ୍ତା ନିର୍ମାଣ ନାମରେ ଟଙ୍କା ରୋଜଗାର ବନ୍ଦ ହୋଇନି। ୨୦୧୭–୧୮ ଆର୍ଥିକ ବର୍ଷରେ ଏହି ରାସ୍ତା ଉନ୍ନତୀକରଣ ନାମରେ ୪,୪୦,୧୯୪ ଟଙ୍କା ଖର୍ଚ୍ଚ ହୋଇଥିବା ସୂଚନା ଅଧିକାର ଆଇନ ତଥ୍ୟରୁ ଜଣାପଡ଼ିଛି।

ମିଳିଥିବା ତଥ୍ୟ ଅନୁସାରେ, ଅଜଗରପାଟିଆ–ନାରାୟଣପୁର ରାସ୍ତା, ଚାନ୍ଦବାଲି ପୂର୍ତ୍ତ ରାସ୍ତାଠାରୁ ସୋରିଷଦା ଭାୟା ପତ୍ରପୁର ହାଇସ୍କୁଲ ରାସ୍ତା ଭଳି ୪୨୭ରୁ ଊର୍ଦ୍ଧ୍ୱ ପ୍ରକଳ୍ପ ଗୁପ୍ତ ଟେଣ୍ଡର ମାଧ୍ୟମରେ କରାଯାଇଛି। ଏହି ପ୍ରକଳ୍ପଗୁଡ଼ିକ ପାଇଁ ୧୩, ୫୨, ୮୮, ୨୮୮ ଟଙ୍କା ୨୦୧୬–୧୭ ଆର୍ଥିକ ବର୍ଷରେ ବିନିଯୋଗ ହୋଇଛି। ତେବେ ଉନ୍ନତୀକରଣ ନାଁରେ କେନ୍ଦ୍ରାପଡ଼ା ଆରଡି–୨ ଅଧୀନରେ ଥିବା ଆଳି, ପଟ୍ଟାମୁଣ୍ଡାଇ, ରାଜକନିକା ଓ ରାଜନଗର ବ୍ଲକ ଅଞ୍ଚଳରେ ୪୨୭ ପ୍ରକଳ୍ପରେ ୫ଲକ୍ଷରୁ କମ୍ ଟଙ୍କା ବିନିଯୋଗ ହୋଇଥିବା ଦର୍ଶାଯାଇଛି। ଯାହା ସ୍ଥାନୀୟ ଅଧିବାସୀଙ୍କ ସମେତ ବହୁ ବୁଦ୍ଧିଜୀବୀଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଥିସହ ଗତ ଆର୍ଥିକ ବର୍ଷରେ ବିନିଯୋଗ ଅର୍ଥର ଭିଜିଲାନ୍ସ ତଦନ୍ତ ପାଇଁ ଦାବି ହୋଇଛି।

ସୂଚନାଯୋଗ୍ୟ, ବିଭିନ୍ନ ଇଞ୍ଜିନିୟରିଂ ବିଭାଗରେ ପ୍ରକଳ୍ପର ଟେଣ୍ଡର ବ୍ୟତୀତ କେ–୨, ଏଫ–୨ ନାମରେ ଠିକାସଂସ୍ଥା ବିଭାଗୀୟ ଅଧିକାରୀଙ୍କଠାରୁ କାର୍ଯ୍ୟାଦେଶ ନେଇ ପ୍ରକଳ୍ପର ଉନ୍ନତୀକରଣ କରିଥାନ୍ତି। ତେବେ ଏଥିପାଇଁ ଅନେକ ସମୟରେ ଟେଣ୍ଡର ହେଉ ନଥିବା ଯୋଗୁ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେବା ପରେ ସମସ୍ତ ପ୍ରକଳ୍ପ କାର୍ଯ୍ୟ ଟେଣ୍ଡର ଯୋଗେ କରାଯିବ ବୋଲି ରାଜ୍ୟ ସରକାର ନିୟମ ପ୍ରଣୟନ କରିଛନ୍ତି। ଅପରପକ୍ଷେ ଅତ୍ୟାବଶ୍ୟକସ୍ଥଳରେ ଏସ୍‌ଇ (ସୁପରିଟେଣ୍ଡେଣ୍ଟ ଅଫ ଇଞ୍ଜିନିୟର)ଙ୍କ ଅନୁମୋଦନକ୍ରମେ ସ୍ଥାନୀୟ ନିର୍ବାହୀଯନ୍ତ୍ରୀ ୫ଲକ୍ଷ ପର୍ଯ୍ୟନ୍ତ ଟଙ୍କା ବିନିଯୋଗରେ ପ୍ରକଳ୍ପର ଉନ୍ନତୀକରଣ କରିହେବ ବୋଲି ନିୟମ କରାଯାଇଛି। ଏହାର ଦୁରୁପଯୋଗ କେନ୍ଦ୍ରାପଡା ଜିଲାରେ ବହୁଳ ଭାବେ ହୋଇଥିବା ସୂଚନା ଅଧିକାର ଆଇନ ତଥ୍ୟରୁ ଜଣାପଡିଛି।

**ଏମାନେ କୁହନ୍ତି...**

"ସୋରିଷଦା–ପତ୍ରପୁର ରାସ୍ତା ପାଇଁ ୫ଲକ୍ଷରୁ କମ୍ ଟଙ୍କାରେ ୫ରୁ ଅଧିକ ଥର ଗୁପ୍ତ ଟେଣ୍ଡର ହୋଇଛି। ମାତ୍ର ଏବେ ଏହି ରାସ୍ତା ଯାତାୟାତ ଅନୁପୋଯୋଗୀ ହୋଇଛି। ପୂର୍ବରୁ ଏହି ରାସ୍ତା ନିର୍ମାଣରେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇଥିଲେ ବି ସୁଧାର ଆସିନାହିଁ। ପ୍ରତିବର୍ଷ ଏହି ରାସ୍ତା ପାଇଁ ଆସୁଥିବା ଅର୍ଥକୁ ବିଭାଗୀୟ ଅଧିକାରୀଙ୍କ ସମେତ ଠିକାସଂସ୍ଥା ଚଳୁ କରୁଛନ୍ତି। ତେବେ ଏହି ପ୍ରକଳ୍ପରେ ଅନିୟମିତତା ହୋଇଥିବା ଓ ଏହାର ଭିଜିଲାନ୍ସ ତଦନ୍ତ ପାଇଁ ସ୍ଥାନୀୟ ଅଧିବାସୀ ବିଭାଗୀୟ ନିର୍ବାହୀ ଅଧିକାରୀ, ଜିଲା ପ୍ରଶାସନ, ରାଜ୍ୟ ସରକାରଙ୍କ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ନିକଟରେ ଦାବି କରିଛନ୍ତି।
–ହରିଶ୍ଚନ୍ଦ୍ର ସାମଲ, ଆଳି

"ଜିଲାର ଏହି ଉପାନ୍ତ ଅଞ୍ଚଳ ସର୍ବଦା ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟର ଶୀକାର ହୋଇଥାଏ। ଏହି ସମୟର କ୍ଷୟକ୍ଷତିକୁ ଅଧିକ ଦେଖାଇ ବିଭାଗୀୟ ଅଧିକାରୀଙ୍କ ସମେତ ଠିକାଦାର ଓ ସ୍ଥାନୀୟ ରାଜନେତା ଅନୁଦାନ ଅର୍ଥ ହଡ଼ପ କରିଥାନ୍ତି। ଭିଜିଲାନ୍ସ ତଦନ୍ତ ହେଲେ ଏହାର ପ୍ରକୃତ ତଥ୍ୟ ପଦାକୁ ଆସିବ।
–ଗଣେଶ ଚନ୍ଦ୍ର ସାମଲ, ବୁଦ୍ଧିଜୀବୀ

"ଅଳ୍ପ କିଛିଦିନ ହେବ କାର୍ଯ୍ୟରେ ଯୋଗ ଦେଇଛି। ପ୍ରକଳ୍ପରେ କିଛି ଅନିୟମିତତା ଥିଲେ, ନିଶ୍ଚିତ ଭାବେ କାର୍ଯ୍ୟାନୁଷ୍ଠାନ ପାଇଁ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବି।
–ଗୁଣମଣୀ ସାମଲ, ନିର୍ବାହୀ ଯନ୍ତ୍ରୀ

### ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ମାଡ ଘଟଣା
## ଧାରଣାରେ ବସିଲେ କର୍ମଚାରୀ

ରାଜନଗର,୨୪।୯(ଡି.ଏନ୍.ଏ.)

ରାଜନଗର ବ୍ଲକର ବଡଓଲରା ଗ୍ରାମରେ ରାଶନକାର୍ଡ ତଦନ୍ତ କରୁଥିବା ବେଳେ ସାନ ବଡ ଗୋପାଳପୁର ପଞ୍ଚାୟତର ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ଜଣେ ବ୍ୟକ୍ତି ମାଡ ମାରିଥିଲେ। ଏଥିସହ ସମ୍ପୃକ୍ତ ବ୍ୟକ୍ତି ଜଣକ ଅଧିକାରୀଙ୍କ ସରକାରୀ କାଗଜପତ୍ର ଛଡାଇ ନେଇଥିଲେ। ଏହି ଘଟଣାକୁ ନେଇ ରାଜନଗର ବ୍ଲକ କର୍ମଚାରୀମାନେ ସୋମବାର କଲମଛାଡ ଆନ୍ଦୋଳନ କରିଛନ୍ତି। ଅଭିଯୁକ୍ତଙ୍କୁ ଗିରଫ ନ କରାଯିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି କର୍ମଚାରୀମାନେ ଚେତାବନୀ ଦେଇଛନ୍ତି। ଏହି ଧାରଣାରେ ବ୍ଲକର ପଞ୍ଚାୟତ ନିର୍ବାହୀ ଅଧିକାରୀ, ଜିଆରଏସଙ୍କ ସମେତ କନିଷ୍ଠଯନ୍ତ୍ରୀ ଦେବ ରଞ୍ଜନ ବେହେରା, ପ୍ରଭାତ କୁମାର ମାଝି, ପ୍ରତାପ କୁମାର ସାହୁ, ଅସୀତ ସୁନ୍ଦର ରାଏ, ରବିନାରାୟଣ ସ୍ୱାଇଁ ଓ ପ୍ରଭଞ୍ଜନ ସାହୁ ପ୍ରମୁଖ ସାମିଲ ହୋଇଛନ୍ତି। ସାନବଡଗୋପାଳପୁର ପଞ୍ଚାୟତର ନିର୍ବାହୀ ଅଧିକାରୀ ବିବେକାନନ୍ଦ ମଲ୍ଲିକ ଗତ୨୨ ତାରିଖରେ ବନ୍ଧପଡା ପଞ୍ଚାୟତସ୍ଥିତ ଗୋବିନ୍ଦପୁର ଗାଁର ଜଣେ ବ୍ୟକ୍ତି ତାଙ୍କୁ ମାଡ ମାରିଥିଲେ। ଏ ନେଇ ଥାନାରେ ମାମଲା ରୁଜୁ ହୋଇଛି।

## ଅବକାରୀ ବିଭାଗ ଚଢ଼ାଉ: ମଦ, ଗଞ୍ଜେଇ ଜବତ



ଜବତ ମଦ, ଗଞ୍ଜେଇ ଓ ଚୋରା କାରବାର କରୁଥିବା ବ୍ୟବସାୟୀମାନେ।

କେନ୍ଦ୍ରାପଡ଼ା ଅଫିସ୍, ୨୪।୯

କେନ୍ଦ୍ରାପଡା ଜିଲା ଅବକାରୀ ବିଭାଗ ପକ୍ଷରୁ ସ୍ଥାନୀୟ ଅଞ୍ଚର ବିଭିନ୍ନ ସ୍ଥାନରେ ସୋମବାର ଚଢ଼ାଉ ହୋଇଥିଲା। ଏହି ଚଢ଼ାଉ ସମୟରେ ସଦର ଥାନା ଅଧୀନ ଅନୁଆପଡ଼ା ଗ୍ରାମର ରବୀନ୍ଦ୍ର ସାହୁଙ୍କ ଘରୁ ୧ କେଜି ୫୦ଗ୍ରାମ ଗଞ୍ଜେଇ ଜବତ ହୋଇଥିଲା। ସେହିପରି ଏହି ଥାନା ଅଧୀନ ନରିଲୋ ଗ୍ରାମର ନୁରିଆ ମଲ୍ଲିକଙ୍କ ଘରୁ ୧୪ ଲିଟର ୬୦ ମିଲିଲିଟର ବିଦେଶୀ ମଦ ଓ କଂସାର ଗ୍ରାମର ମମତା ରଣାଙ୍କ ନିକଟରୁ ୪ଲିଟର ଦେଶୀ ମଦ ଜବତ ହୋଇଛି। ଅଭିଯୁକ୍ତଙ୍କୁ ଅପରାହ୍ନରେ କୋର୍ଟ ଚାଲାଣ ହୋଇଥିବା ଅଧୀକ୍ଷକ ରାହାସ ବିହାରୀ ପାତ୍ର ସୂଚନା ଦେଇଛନ୍ତି।

### ଫସଲ କ୍ଷୟକ୍ଷତି ସର୍ଭେ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ବିଧାୟକଙ୍କ ଚିଠି

ରାଜନଗର,୨୪।୯(ଡି.ଏନ.ଏ.)

ଚଳିତ ମାସରେ ଦୁଇ ଦୁଇଥର ଲଗାଣ ବର୍ଷା ଯୋଗୁ ରାଜନଗର ଓ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଧାନ ଫସଲର ବ୍ୟାପକ କ୍ଷୟକ୍ଷତି ଘଟିଛି। କେତେକ ଲୋକଙ୍କ ଘର ଭାଙ୍ଗିଯାଇଛି। ଦୁଇଟି ବ୍ଲକର ହଜାର ହଜାର ହେକ୍ଟର ଜମିର ଖରିଫ ଧାନଫସଲ ପାଣିରେ ବୁଡି ରହି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଏ ନେଇ ଚାଷୀ ମୁଣ୍ଡରେ ହାତ ଦେଇ ବସିଛି। ଦୁଇଟି ବ୍ଲକର ଲୋକେ କେବଳ ଖରିଫ ଧାନଫସଲ ଉପରେ ନିର୍ଭର କରିଥାନ୍ତି । ରାଜନଗର ଓ ପଟ୍ଟାମୁଣ୍ଡାଇ ବ୍ଲକରେ କ୍ଷତିଗ୍ରସ୍ତ ହୋଇଥିବା ଫସଲର ସର୍ଭେ କରାଯାଇ କ୍ଷତିଗ୍ରସ୍ତ ଲୋକଙ୍କୁ କ୍ଷତିପୂରଣ ପ୍ରଦାନ କରିବାକୁ ଶନିବାର ରାଜନଗର ବିଧାୟକ ଅଂଶୁମାନ ମହାନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖି ଜଣାଇଛନ୍ତି।

## କଳାବ୍ୟାଜ୍ ପିନ୍ଧି ପରୀକ୍ଷା ପରିଚାଳନା

ଆଳି, ୨୪।୯ (ଡି.ଏନ୍.ଏ.)

ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚର ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀମାନେ ବିଭିନ୍ନ ଦାବି ନେଇ ଦୀର୍ଘ ୪୦ଦିନ ହେବ ଆନ୍ଦୋଳନ ଚଳାଇଛନ୍ତି। ରାଜଧାନୀରେ ଅହୋରାତ୍ର ଆନ୍ଦୋଳନ କରିବା ସତ୍ତ୍ୱେ ରାଜ୍ୟ ସରକାର ସେମାନଙ୍କ ନ୍ୟାଯ୍ୟ ଦାବି ପ୍ରତି ଦୃଷ୍ଟି ଦେଇନଥିଲେ। ଫଳରେ ସେମାନେ ନିଜ ନିଜ ବ୍ଲକ ଘେରାଉ କରିବା ସହ ପଞ୍ଚାୟତ ପରିକ୍ରମା କରି ସାଧାରଣ ଲୋକଙ୍କ ନିକଟରେ ସେମାନଙ୍କ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ଇତିମଧ୍ୟରେ ରାଜ୍ୟ ସରକାର ସେମାନଙ୍କୁ ଆଲୋଚନା କରିବାକୁ ଡାକିଥିଲେ ମଧ୍ୟ କୌଣସି ସମାଧାନ ନହେବାରୁ ମଞ୍ଚ ପକ୍ଷରୁ ଆନ୍ଦୋଳନ ଜାରି ରହିଛି। ସୋମବାର ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କର ପ୍ରିଟେଷ୍ଟ ପରୀକ୍ଷା ଥିବା ଯୋଗୁ ଶିକ୍ଷକମାନେ କଳାବ୍ୟାଜ୍ ପିନ୍ଧି ପରୀକ୍ଷା ପରିଚାଳନା କରିଥିଲେ। ଅନ୍ୟପକ୍ଷରେ ଭୁବନେଶ୍ୱରଠାରେ ଜିଲାଓ୍ୱାରୀ ଆନ୍ଦୋଳନ ଚାଲୁ ରହିଛି। ଆଳି ବ୍ଲକ ଅଞ୍ଚଳର ସମସ୍ତ ହାଇସ୍କୁଲରେ ପ୍ରିଟେଷ୍ଟ ପରୀକ୍ଷା ଚାଲିଥିବା ବେଳେ ମେଣ୍ଢପୁର ପଞ୍ଚାୟତ ହାଇସ୍କୁଲ, ବାଳକାଟି ପଞ୍ଚାୟତ ହାଇସ୍କୁଲ, ମାଣିକପାଟଣାର ସୀତାରାମ ବିଦ୍ୟାପୀଠ, ପଞ୍ଚାୟତ ହାଇସ୍କୁଲ ନୁଆପଡ଼ା, ନରେନ୍ଦ୍ରପୁରର ପନ୍ଦରଶୀଳା ହାଇସ୍କୁଲ, ଟୁଙ୍ଗାର ସିପିବିଇଟି ହାଇସ୍କୁଲ, ଜୁଆଣିଆ ବାଳିକା ଉଚ୍ଚ ବିଦ୍ୟାଳୟ, ଠାକୁରପାଟଣା ହାଇସ୍କୁଲ, ପେତପଡ଼ାର ଗୋପବନ୍ଧୁ ବିଦ୍ୟାପୀଠ, ଶାଳିଅଞ୍ଚର କଣ୍ଟେଶ୍ୱରୀ ହାଇସ୍କୁଲ, ଦିବାକର ଶର୍ମା ବାଳିକା ହାଇସ୍କୁଲରେ ଶିକ୍ଷକମାନେ କଳାବ୍ୟାଜ୍ ପିନ୍ଧି ପରୀକ୍ଷା ପରିଚାଳନା କରୁଛନ୍ତି।

**ବ୍ଲକଗ୍ରାଣ୍ଟ ଶିକ୍ଷକଙ୍କ ଆନ୍ଦୋଳନ**



ଆଳି ବ୍ଲକ ଅଞ୍ଚଳର ଏକ ସ୍କୁଲରେ ଶିକ୍ଷକମାନେ କଳାବ୍ୟାଜ୍ ପିନ୍ଧି ପରୀକ୍ଷା ପରିଚାଳନା କରୁଛନ୍ତି।

### ■ ଅଗ୍ନିଶମ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ
## ମାନବିକତା ଦେଖାଇଲେ ଅଗ୍ନିଶମ ଗାଡ଼ି ଚାଳକ ସୁନାକର

କେନ୍ଦ୍ରାପଡା ଅଫିସ/ମହାକାଳପଡ଼ା, (ଡି.ଏନ୍.ଏ.), ୨୪।୯

ରାଜ୍ୟ ସରକାର ଅଗ୍ନିଶମ କର୍ମଚାରୀଙ୍କ ସମସ୍ୟାର ସମାଧାନ କରୁନାହାନ୍ତି। ଏଥିପାଇଁ କେନ୍ଦ୍ରାପଡ଼ା ଜିଲାର ୧୧ ଦମକଳ ରାଜ୍ୟ ସାରା ଅଗ୍ନିଶମ ବିଭାଗ କର୍ମଚାରୀ ସୋମବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ କରିଛନ୍ତି। ୬ ଦଫା ଦାବି ପୂରଣ ନହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲୁ ରହିବ ବୋଲି ସୂଚନା ମିଳିଛି। ତେବେ ଏହି ଆନ୍ଦୋଳନ ସମୟରେ ମାର୍ଶାଘାଇ ଦମକଳ କେନ୍ଦ୍ରର ଗାଡ଼ି ଚାଳକ ସୁନାକର ଦାସଙ୍କ ମାନବିକତା ପ୍ରଦର୍ଶନ ପୁରୁଷୋତ୍ତମପୁରର ଗ୍ରାମବାସୀଙ୍କୁ ଅଭିଭୂତ କରିଛି। ସୋମବାର ମଧ୍ୟାହ୍ନରେ ଜନୈକ ବ୍ୟକ୍ତି ମାର୍ଶାଘାଇ ଦମକଳ କେନ୍ଦ୍ରରେ ପହଞ୍ଚି ପୁରୁଷୋତ୍ତମପୁର ଗ୍ରାମର ଧୀରେନ ରାଉତଙ୍କ ଚାଳଘରେ ନିଆଁ ଲାଗିଥିବା ସୂଚନା ଦେଇଥିଲେ। କାର୍ଯ୍ୟବନ୍ଦ ଆନ୍ଦୋଳନ ହୋଇଥିବାରୁ ଏହି ନିଆଁ ଲିଭାଇବା ପାଇଁ ସାଥୀ କର୍ମଚାରୀ ମନା କରିଥିଲେ ମଧ ସୁନାକର ୨ଜଣ କର୍ମଚାରୀଙ୍କୁ ଗାଡ଼ିରେ ନେଇ ନିଆଁ ଲିଭାଇବାକୁ ଯାଇଥିଲେ। ସୁନାକରଙ୍କ ଏହି କାମ ଆନ୍ଦୋଳନରତ କର୍ମଚାରୀଙ୍କୁ କିଛି ସମୟ ପାଇଁ ଦୁଃଖ ଦେଇଥିବା କେନ୍ଦ୍ରାପଡ଼ା ଦମକଳ ବାହିନୀ କର୍ମଚାରୀ ରମେଶ ଚନ୍ଦ୍ର ବେହେରା କହିଛନ୍ତି। ତେବେ ସୁନାକର ଅଗ୍ନିଶମ ବାହିନୀର ପ୍ରକୃତ ଲକ୍ଷ୍ୟକୁ ପୂରଣ କରିଥିବା ସେ କହିଛନ୍ତି। ଏଥିସହ ସେ କହିଛନ୍ତି ଯେ, ଅଗ୍ନିଶମ ବାହିନୀ ସର୍ବଦା ଜାଗ୍ରତ ରହି ସମାଜସେବାରେ ନିମଗ୍ନ ରହିଛନ୍ତି। ତେବେ ଏହାର ମୂଲ୍ୟ ରାଜ୍ୟ ସରକାର ବୁଝିବାକୁ ପ୍ରସ୍ତୁତ ନୁହନ୍ତି। ୬ଦଫା ଦାବିକୁ ରାଜ୍ୟ ସରକାର ବୁଝିବା ଆବଶ୍ୟକ ବୋଲି ସେ ପ୍ରକାଶ କରିଛନ୍ତି। ସେହିପରି ମହାକାଳପଡା କିଆରବାଙ୍କସ୍ଥିତ ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀମାନେ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି।



କେନ୍ଦ୍ରାପଡ଼ା ଦମକଳ ବାହିନୀ ପକ୍ଷରୁ କାର୍ଯ୍ୟବନ୍ଦ ଆନ୍ଦୋଳନ।

### ଅଗ୍ନିଶମ କର୍ମଚାରୀଙ୍କ ଆନ୍ଦୋଳନ

ମାର୍ଶାଘାଇ, ୨୪।୯ (ଡି.ଏନ୍.ଏ.)

ମାର୍ଶାଘାଇ ଅଗ୍ନିଶମ କେନ୍ଦ୍ରର କର୍ମଚାରୀମାନେ ୬ଦଫା ଦାବିରେ ନେଇ ସୋମବାରଠାରୁ ଆନ୍ଦୋଳନ ଆରମ୍ଭ କରିଛନ୍ତି। ପୋଲିସ ଦରମା ସହିତ ସମାନ ଦରମା, କଣ୍ଟ୍ରାକଟୁଆଲ କର୍ମଚାରୀମାନଙ୍କୁ ନିଜ ଜିଲା ବା ନିକଟସ୍ଥ କେନ୍ଦ୍ରରେ ନିଯୁକ୍ତି ଦେବା, ହାବିଲଦାର, ଫାୟାରମ୍ୟାନ ସଂଘକୁ ପଞ୍ଜୀକରଣ କରିବା, ଅବସର କର୍ମଚାରୀଙ୍କୁ ଅବସରକାଳୀନ ପ୍ରାପ୍ୟ ପ୍ରଦାନ କରିବା, ଖାଲିଥିବା ପଦବୀ ପୂରଣ ଦାବିରେଇ କର୍ମଚାରୀମାନେ ଆନ୍ଦୋଳନ କରୁଛନ୍ତି। ପ୍ରଶାନ୍ତ କୁମାର ପୃଷ୍ଟି, ସୁନାକର ଦାସ, ମଣ୍ଟୁ ମଳିକ, ସୋମନାଥ ଦେଉରୀ, ଅରୁଣ କୁମାର ବିଦ୍ଧାଣୀ, ବୃଷଭାନୁ ମହନ୍ତ, ରୋହିତ କୁମାର ସାହୁ, ସୁଶାନ୍ତ କୁମାର ବିଶ୍ୱାଳ ପ୍ରମୁଖ କର୍ମଚାରୀ ଆନ୍ଦୋଳନରେ ସାମିଲ ହୋଇଛନ୍ତି।

## ମିଳିତ ଜନ ଶୁଣାଣିରେ ୪୭୩ ଅଭିଯୋଗ

କେନ୍ଦ୍ରାପଡା ଅଫିସ, ୨୪।୯

କେନ୍ଦ୍ରାପଡ଼ା ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ଜିଲାସ୍ତରୀୟ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦାଶରଥି ଶତପଥୀ ଓ ଏସ୍‌ପ ନୀତି ଶେଖରଙ୍କ ଏହି ଜନଶୁଣାଣି ଶିବିରରେ ମୋଟ ୪୭୩ଟି ଅଭିଯୋଗର ଶୁଣାଣି ହୋଇଥିଲା। ଏଥିରେ ପିଡି ଦିଲ୍ଲୀପ କୁମାର ପରିଡ଼ା, ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର, ବ୍ଲକ ଅଧକ୍ଷ ଅନାମବନ୍ଧୁ ଧଳ, ଉପାଧକ୍ଷା ସ୍ନେହଲତା ପ୍ରଧାନ, ବିଡିଓ ଚନ୍ଦ୍ରକାନ୍ତ ମଲ୍ଲିକ ପ୍ରମୁଖ ଯୋଗଦେଇ ଅଭିଯୋଗଗୁଡିକର ଶୁଣାଣି କରିଥିଲେ। ଏଥିମଧ୍ୟରୁ ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ଯୋଗାଣ, ରାଶନ କାର୍ଡ ପ୍ରଦାନ, ପାରିବାରିକ ଗଣ୍ଡଗୋଳ ସମାଧାନ, କଳାକାର ଭତ୍ତା, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ପ୍ରଦାନ ଆଦି ବ୍ୟକ୍ତିଗତ ଅଭିଯୋଗ ହୋଇଥିଲା। ସରକାରୀ ଜମି ଜବରଦଖଲ ମୁକ୍ତ, ବିଗତ ଲଗାଣ ବର୍ଷାରେ ଜଳ ନିଷ୍କାସନ ସମସ୍ୟା, ରାସ୍ତା ଅବରୋଧ ମୁକ୍ତ ନିମନ୍ତେ ୨୧ଟି ସାମୁହିକ ଅଭିଯୋଗ ଆସିଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟା ଜ୍ୟୋତ୍ସ୍ନାରାଣୀ ଜେନା, ସରପଞ୍ଚ ପ୍ରଦ୍ୟୁମ୍ନ କୁମାର ଜେନା, ଜିନତ ପ୍ରିୟଦର୍ଶିନୀ ରାଉତ, ସହକାରୀ ଜିଲାପାଳ ଭରତ ଚନ୍ଦ୍ର ପରିଡ଼ା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ଜିଲା ମଙ୍ଗଳ ଅଧିକାରୀ କାଳନ୍ଦି ଚରଣ ଭୋଇଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ଅଧିକାରୀମାନେ ଉପସ୍ଥିତ ଥିଲେ।

### ଶ୍ରୀଶ୍ରୀ ଜଗନ୍ନାଥ କୀର୍ତ୍ତନ ମଣ୍ଡଳୀର ଶ୍ରୀକ୍ଷେତ୍ର ଯାତ୍ରା



ଶ୍ରୀ ଜଗନ୍ନାଥ କୀର୍ତ୍ତନ ମଣ୍ଡଳୀ ପକ୍ଷରୁ ଶ୍ରୀକ୍ଷେତ୍ର ଯାତ୍ରା ଆରମ୍ଭ।

ଆଳି, ୨୪।୯ (ଡି.ଏନ୍.ଏ.)

ଆଳି ନୁଆବଜାରର ଶ୍ରୀ ଜଗନ୍ନାଥ କୀର୍ତ୍ତନ ମଣ୍ଡଳୀ ପକ୍ଷରୁ ୩୦ତମ ବାର୍ଷିକ ଅଖଣ୍ଡ ନାମ ସଂକୀର୍ତ୍ତନ ପଦଯାତ୍ରା ସୋମବାର ଆରମ୍ଭ ହୋଇଛି। ଏହି କୀର୍ତ୍ତନ ମଣ୍ଡଳୀର ସଦସ୍ୟମାନେ ଶ୍ରୀଶ୍ରୀ ଲକ୍ଷ୍ମୀବରାହ ଜୀଉ ମନ୍ଦିରରେ ପୂଜାର୍ଚ୍ଚନା କରି ଶ୍ରୀକ୍ଷେତ୍ର ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ଏହି ମଣ୍ଡଳୀର ସଦସ୍ୟମାନେ ଦୀର୍ଘ ୩୦ବର୍ଷ ହେବ ଜଗନ୍ନାଥ ଦର୍ଶନ ନିମନ୍ତେ ଯାତ୍ରା କରୁଛନ୍ତି। ଆଳି ନୁଆବଜାର ଜଗନ୍ନାଥ ମନ୍ଦିରର ମହନ୍ତ ସୁନାକର ପଲାଇ, ମୁଖ୍ୟ ପରିଚାଳକ ଅଶୋକ କୁମାର ସେନାପତି, ମଦନମୋହନ ମଲିକ, ସନାତନ ଦାସଙ୍କ ନେତୃତ୍ୱରେ ୪୦ରୁ ଊର୍ଦ୍ଧ୍ୱ ନାମ ଗାୟକ ଓ ଖୋଳ ବାଦକ ଏହି ସଂକୀର୍ତ୍ତନ ପଦଯାତ୍ରାରେ ସାମିଲ ହୋଇଛନ୍ତି। ପ୍ରଭାତ କୁମାର ବାରିକ, ନିମାଇଁ ଚରଣ ବାରିକ, ଚିତ୍ତରଞ୍ଜନ ନାୟକ, ବୈଷ୍ଣବ ବେହେରା, ସୁରେଶ ବେହେରା, ହେମନ୍ତ ଦାସ, ଅଜୟ ସେନାପତି, ମାୟାଧର ସେନାପତି ଗାୟକମାନେ ଯୋଗଦେଇଛନ୍ତି।

### ■ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅବହେଳା
## ମରାମତି ହେଉନି ଜରାଜୀର୍ଣ୍ଣ ସେତୁ

ରାଜକନିକା, ୨୪।୯ (ଡି.ଏନ୍.ଏ.)

ରାଜକନିକା ବ୍ଲକର ପଧାନପଡା ଓ ପଣସଗଣ୍ଡ ପଞ୍ଚାୟତକୁ ସଡକପଥରେ ସଂଯୋଗ କରୁଥିବା ଦାମୋଦରପୁର ସେତୁ ନିକଟରେ ଏକ ବିରାଟ ଗାତ ସୃଷ୍ଟି ହୋଇଥିବାରୁ ଏହା ଉପର ଦେଇ ଯା'ଆସ କରିବା ଲୋକଙ୍କ ପାଇଁ ବିପଦପୂର୍ଣ୍ଣ ହୋଇଛି। କେନ୍ଦ୍ରାପଡ଼ା ଗ୍ରାମ୍ୟ ଉନ୍ନୟନ ଡିଭିଜନ ଅଧୀନରେ ଥିବା ଏହି ସେତୁର ପିଲରଗୁଡିକ ଦବିଯିବା ଫଳରେ ସେତୁଟି ବଙ୍କି ଯାଇଛି। ଏହା ଉଭୟ ପଟେ ଥିବା କଂକ୍ରିଟ ବାଡ଼ଗୁଡିକ ମଧ ଭାଙ୍ଗି ରୁଜି ଯାଇଥିବା ବେଳେ ରଡ ସବୁ କଳଙ୍କି ଖାଇଗଲାଣି। ଏଥିସହ ଉଭୟ ପଟେ ସଂଯୋଗ ହୋଇଥିବା ରାସ୍ତା ମଧ ଦବି ଯାଇଥିବାରୁ ସେତୁଟି ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଏହି ସେତୁ ଦେଇ ଦୈନିକ ଶହଶହ ଲୋକ ବିଭିନ୍ନ କାର୍ଯ୍ୟରେ ଯାଉଥିବା ବେଳେ ସ୍କୁଲ, କଲେଜ ଛାତ୍ରୀଛାତ୍ରମାନେ ମଧ ଯିବାଆସିବା କରନ୍ତି। ଦୀର୍ଘ ୨୮ ବର୍ଷ ପୂର୍ବେ ୪୫ଲକ୍ଷ ଟଙ୍କା ବ୍ୟୟରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏହି ସେତୁ ନିର୍ମାଣ କରାଯାଇଥିଲା। ଚରପଡ଼ାରୁ ବାଲିସାହି ଯାଇଥିବା ଏହି ରାସ୍ତାର ଦାମୋଦରପୁର ନିକଟରେ ବେଙ୍ଗା ନଦୀ ଉପରେ ନିର୍ମିତ ଏହି ସେତୁ ଉପରେ ସ୍ଥାନୀୟ ଶହ ଶହ ଲୋକ ନିର୍ଭରଶୀଳ। ତେବେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ଦୀର୍ଘ ବର୍ଷ ଧରି ସେତୁର ମରାମତି କରାଯାଉନାହିଁ। ଫଳରେ ସେତୁଟି ଭାଙ୍ଗିଯିବା ସହ ଧନଜୀବନ ହାନି ଘଟିବାର ମଧ ଆଶଙ୍କା ରହିଛି। ଏ ନେଇ ସ୍ଥାନୀୟ ଲୋକେ ଏକାଧିକ ଥର ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇଥିଲେ ସୁଦ୍ଧା ଏହାର ସମାଧାନ ଦିଗରେ ଦୃଷ୍ଟି ଦିଆଯାଉ ନଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ତେବେ ଏ ସମ୍ପର୍କରେ ବିଭାଗୀୟ ସହକାରୀ ଯନ୍ତ୍ରୀ ସତ୍ୟବ୍ରତ ପଣ୍ଡାଙ୍କୁ ପଚାରିବାରେ ଖୁବଶୀଘ୍ର ସେତୁ ମରାମତି ଦିଗରେ ଦୃଷ୍ଟି ଦିଆଯିବ ବୋଲି କହିଛନ୍ତି।



ଦାମୋଦରପୁର ସେତୁର ଏକ ପାର୍ଶ୍ୱରେ ବିରାଟ ଗର୍ତ୍ତ।



ଭଗବାନଙ୍କ ନାମ ଜପ କଲେ, ମନ ଯେ କେବଳ ଏକାଗ୍ର ହେବ, ତାହା ନୁହେଁ ମନ ଭିତରେ ନିର୍ମଳ, ପବିତ୍ର ଓ ଶୁଦ୍ଧ ହୋଇଯାଏ।
-ରମଣ ମହର୍ଷି

# କଂଗ୍ରେସ ଜିତୁ ପଛେ ବିଜେଡିକୁ ହରାଇବି: ଦାମ

**ଉଷ୍ମ ହେଉଛି ରାଜ୍ୟ ରାଜନୀତି**
- ବାଲିକୁଦା-ଏରସମାରୁ ଲଢ଼ିପାରନ୍ତି ନିରଞ୍ଜନ
- ୪ ବିଧାନସଭା ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀଙ୍କୁ ଟାର୍ଗେଟ

ଜଗତ୍‌ସିଂହପୁର ଅଫିସ,୨୪।୯

ବିଜେଡିରୁ ବହିଷ୍କାର ହେବା ପରେ ନବୀନଙ୍କୁ ଟାର୍ଗେଟ କରି ବିଭିନ୍ନ ମନ୍ତବ୍ୟ ଦେଉଥିବା ବରିଷ୍ଠ ନେତା ତଥା ପାରଦୀପ ବିଧାୟକ ଦାମୋଦର ରାଉତ ପାଖାପାଖି ୧ ସପ୍ତାହ ନୀରବତା ପରେ ପୁଣି ମୁହଁ ଖୋଲିଛନ୍ତି। କିନ୍ତୁ ଏଥର ସେ କେବଳ ଜଗତ୍‌ସିଂହପୁର ଜିଲା ନୁହେଁ, ସାରା ରାଜ୍ୟରେ ବିଜେଡି ପ୍ରାର୍ଥୀଙ୍କୁ ହରାଇବେ ବୋଲି କହିଛନ୍ତି। ସେ ଏକଥା ମଧ୍ୟ କହିଛନ୍ତି, ଜିଲାର ୪ ବିଧାନସଭା ନିର୍ବାଚନ ମଣ୍ଡଳୀର ଜଣେ ବି ବିଜେଡି ପ୍ରାର୍ଥୀଙ୍କୁ ଜିତାଇ ଦେବେନାହିଁ। ଆବଶ୍ୟକ ପଡିଲେ କଂଗ୍ରେସ କି ସ୍ୱାଧୀନ ପ୍ରାର୍ଥୀଙ୍କୁ ସହଯୋଗ କରି ନିଜର ଦମ୍ଭ ରଖିବେ। ଗତ ୨୨ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସୋମବାର ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ଓଡ଼ିଶା ଗସ୍ତ କରି ବିଜେଡିକୁ ଟାର୍ଗେଟ କରିଥିବାବେଳେ ଦାମଙ୍କ ଏଭଳି ବକ୍ତବ୍ୟ ରାଜ୍ୟ ରାଜନୀତିକୁ ଉଷ୍ମ କରିଛି। ଅନ୍ୟପଟେ ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ ବାଲିକୁଦା-ଏରସମା ବିଧାନସଭା ନିର୍ବାଚନମଣ୍ଡଳୀରୁ ପ୍ରାର୍ଥୀ ହେବେ ବୋଲି ଆଲୋଚନା ହେଲାଣି। ଯଦି ଏହା ହୁଏ, ତେବେ ଜଗତ୍‌ସିଂହପୁର ରାଜନୀତିରେ ଏକ ନୂଆ ସମୀକରଣ ସୃଷ୍ଟି ହେବ। ଏଭଳି ସ୍ଥିତିରେ ବିଜେଡିର କି ରଣନୀତି ଆପଣାଉଛି ଦେଖିବାର ଅଛି।

ପ୍ରଥମେ ବାଲିକୁଦା ଏରସମା ବିଧାୟକ ପ୍ରଶାନ୍ତ ମୁଦୁଲି ଓ ଜିଲା ବିଜେଡି ସଭାପତି ବିଷ୍ଣୁ ଦାସଙ୍କୁ କୌଣସି ପରିସ୍ଥିତିରେ ଜିତାଇ ଦେବେ ନାହିଁ ବୋଲି ଚେତାବନୀ ଦେଇଥିବା ଦାମ ଏବେ ଜିଲାର ୪ ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରାର୍ଥୀଙ୍କୁ ପୋଛିଦେବେ ବୋଲି ଆକ୍ରମଣାତ୍ମକ ଢଙ୍ଗରେ କହିଛନ୍ତି। ସମୀକରଣକୁ ଦେଖି କଂଗ୍ରେସ କିମ୍ବା ସ୍ୱାଧୀନ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ସେ ଅଣ୍ଟା ଭିଡିବେ ବୋଲି ମଧ୍ୟ କହିଛନ୍ତି। ଜିଲାର ୪ ବିଧାନସଭା ନିର୍ବାଚନମଣ୍ଡଳୀରେ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଭାବେ କଂଗ୍ରେସ ଥିବାରୁ ଦାମଙ୍କ ଉକ୍ତି ଏହି ଦଳକୁ ବେସ୍ ସୁହାଇଛି। ସେହିପରି ସ୍ୱାଧୀନ ପ୍ରାର୍ଥୀ କଥା ଉଠାଇଥିବାରୁ ସେ ଆଉ କିଛି ଗୋଟି ଚାଳନା କରିପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଏପରି କି ତାଙ୍କ ପସନ୍ଦର ନେତାଙ୍କୁ ସ୍ୱାଧୀନ ପ୍ରାର୍ଥୀ କରି ଜିତାଇବାକୁ କଂଗ୍ରେସର ସହଯୋଗ ନେଇପାରନ୍ତି। ମୋଟାମୋଟି ଦେଖିବାକୁ ଗଲେ କଂଗ୍ରେସ ସହ ଦାମ ହାତ ମିଳାଇ ପାରନ୍ତି। ଯାହା ଜଣାପଡୁଛି ଦାମ ନିଜ ସହ ଆଉ ଏକ ଆଶନ ଦାବି କରିପାରନ୍ତି। ସେ ଯେଉଁ ଆଶନରୁ ପ୍ରାର୍ଥୀ ହେବେ ସେଠାରେ କଂଗ୍ରେସ ତାଙ୍କୁ ସହଯୋଗ କରିବ ଓ ଅନ୍ୟଗୁଡିକରେ ଦାମ କଂଗ୍ରେସକୁ ସମର୍ଥନ କରିବେ। ପୂର୍ବରୁ କଂଗ୍ରେସ ସମର୍ଥନରେ ଦାମ ପ୍ରାର୍ଥୀ ହେବେ ବୋଲି ମଧ୍ୟ ବାରି ହେଉଥିଲା। କାରଣ ପିସିସି କାର୍ଯ୍ୟକାରୀ ସଭାପତି ଚିରଞ୍ଜୀବ ବିଶ୍ୱାଳଙ୍କ ସହ ତାଙ୍କର ସମ୍ପର୍କ ଭଲ। ଏବେ ପିସିସି ସଭାପତି ପଟ୍ଟନାୟକ ମଧ୍ୟ ବାଲିକୁଦା-ଏରସମା ବିଧାନସଭା ଆଶନରୁ ପ୍ରାର୍ଥୀ ହେବେ ବୋଲି ଆଲୋଚନା ଚାଲିଛି। ଏହା ଯେବେ ସତ ହୁଏ, ତେବେ ଉଭୟ ବିଶ୍ୱାଳ ଓ ପଟ୍ଟନାୟକଙ୍କ ସହ ଦାମ କଥାବାର୍ତ୍ତା ହୋଇଥିବା ସ୍ପଷ୍ଟ ହେବ। ପଟ୍ଟନାୟକ ବାଲିକୁଦା-ଏରସମାରେ ପ୍ରାର୍ଥୀ ହେଲେ ମୁଦୁଲିଙ୍କ ପାଇଁ ଅଡୁଆ ବଢିଯିବ। କାରଣ ଆର୍ଥିକ ଦୃଷ୍ଟିରୁ ପଟ୍ଟନାୟକ ସୁଦୃଢ। ତାଙ୍କ ଶ୍ୱଶୁର ଘର ମଧ୍ୟ ଏହି ନିର୍ବାଚନମଣ୍ଡଳୀରେ। ଏରସମା ବ୍ଲକ ଅଞ୍ଚଳରେ ଦାମଙ୍କ ଘର। ଏଠାରେ ତାଙ୍କର ସଙ୍ଗଠନ ଅଛି। ତେଣୁ ପଟ୍ଟନାୟକଙ୍କ ପାଇଁ ଦଳୀୟ ଭୋଟ ବାଦ୍ ଦାମଙ୍କ ସହଯୋଗ ବେଶ୍ ସହାୟକ ହେବ।

ସେହିପରି ପାରାଦୀପରେ ନିଜେ ଦାମ ସ୍ୱାଧୀନ ପ୍ରାର୍ଥୀ ହୋଇପାରନ୍ତି। ସେଠାରେ କଂଗ୍ରେସ ପକ୍ଷରୁ ତାଙ୍କୁ ସମର୍ଥନ କରାଯାଇପାରେ। ଏହାହେଲେ ଦାମଙ୍କ ନିଜସ୍ୱ ସଙ୍ଗଠନ ଓ କଂଗ୍ରେସ ଭୋଟ ସହାୟକ ହେବ। କିନ୍ତୁ ଏହା କଂଗ୍ରେସ ନେତା ଅରିନ୍ଦମ ସର୍ଖେଲଙ୍କୁ କେତେଦୂର ହଜମ ହେବ ତାହା ସମୟ କହିବ। କାରଣ ଦାମ ଓ ଅରିନ୍ଦମଙ୍କ ମଧ୍ୟରେ ବାଦବିବାଦ ଲାଗି ରହିଛି। ପିସିସି ସଭାପତିଙ୍କ ସହ ସର୍ଖେଲଙ୍କ ସମ୍ପର୍କ ଭଲ ଥିବାରୁ କଣ ହେବ କହିହେଉନି। କିନ୍ତୁ ସର୍ଖେଲଙ୍କ ଉପରେ ପିସିସି କାର୍ଯ୍ୟକାରୀ ସଭାପତି ବିଶ୍ୱାଳ ସନ୍ତୁଷ୍ଟ ନୁହଁ। ଯଦିଓ କିଛି ମାସ ହେବ ତାଳିପଡିଛି ତଥାପି ବିଶ୍ୱାଳ ତାଙ୍କ ଉପରେ ଦାଉ ସାଧିବାକୁ ଉଦ୍ୟମ କରିପାରନ୍ତି। ପାରାଦୀପରେ ବିଜେଡିର ପ୍ରାର୍ଥୀ କିଏ ହେବ ସ୍ପଷ୍ଟ ହେଲା ପରେ ଯାଇ ବାସ୍ତବ ଚିତ୍ର ପଦାକୁ ଆସିବ। ତିର୍ତ୍ତୋଲ ବିଧାୟିକା ରାଜଶ୍ରୀ ମଲ୍ଲିକଙ୍କ ସହ ଦାମଙ୍କ ସମ୍ପର୍କ ଭଲ ଥିଲା। କିନ୍ତୁ ନିକଟରେ ରାଜଶ୍ରୀ ଦାମ ବିରୋଧୀ ମନ୍ତବ୍ୟ ଦେଇଛନ୍ତି। ଏହା ଶୁଣି ସେ ଉତ୍‌କ୍ଷୀପ୍ତ ହୋଇପଡିଛନ୍ତି। ତଥାପି ରାଜଶ୍ରୀଙ୍କ ବିରୋଧରେ ପଦେ ନ କହି ଦାମବାବୁ ଏହି ନିର୍ବାଚନ ମଣ୍ଡଳୀରୁ ଯିଏ ଛିଡା ହେବ ହରାଇବେ ବୋଲି କହିଛନ୍ତି। ତେଣୁ ଅସନ୍ତୁଷ୍ଟ ବିଜେଡି ଓ କଂଗ୍ରେସ ଭୋଟକୁ ନେଇ ଦାମବାବୁ ଅଙ୍କ କଷୁଥିବା ବାରି ହେଉଛି।

## ସଂକ୍ଷେପରେ

### ସାପ କାମୁଡାରେ ଯୁବକ ମୃତ

ତିର୍ତ୍ତୋଲ,୨୪।୯(ଡି.ଏନ.ଏ.): ତିର୍ତ୍ତୋଲ ବ୍ଲକ ତରଜଙ୍ଗ ପଞ୍ଚାୟତ (ତେରତାଙ୍ଗ) ପରିଡପାଟଣା ଗ୍ରାମରେ ସାପ କାମୁଡ଼ାରେ ସୋମବାର ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଗ୍ରାମର ବସନ୍ତ ସାହୁଙ୍କ ପୁତ୍ର ସର୍ବଜିତ(୧୮)। ରବିବାର ରାତିରେ ତାଙ୍କୁ ଏକ ବିଷଧର ସାପ କାମୁଡି ଦେଇଥିଲା। ସକାଳେ ପରିବାର ଲୋକେ ତାଙ୍କୁ ଚିକିତ୍ସା ନିମନ୍ତେ ନିକଟସ୍ଥ ମଣିଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇଛି। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ବନ୍ଦର ଡକ୍ କର୍ମଚାରୀଙ୍କ ଅସ୍ୱାଭାବିକ ମୃତ୍ୟୁ

ପାରାଦୀପ,୨୪।୯(ସ୍ୱ.ପ୍ର.): ପାରାଦୀପ ମଧୁବନ ସିଏଚ୍ଏ କଲୋନୀରେ ସୋମବାର ଜଣେ ବନ୍ଦର ଡକ୍ କର୍ମଚାରୀଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟିଛି। ସେ ହେଲେ ଭୀମସେନ ବରାଳ (୫୭)। ସେ ଡ୍ୟୁଟିରୁ ଫେରି ଘରେ ବିଶ୍ରାମ ନେଉଥିବାବେଳେ ଅସୁସ୍ଥ ହୋଇପଡିଥିଲେ। ପରିବାର ଲୋକେ ତାଙ୍କୁ ବନ୍ଦର ଚିକିତ୍ସାଳୟକୁ ନେଇଥିବାବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଥିବା କୁହାଯାଉଛି। ଭୀମସେନଙ୍କ ଘର ପୁରୀ ଜିଲା ଗଡ଼ିଶାଗଦା ଥାନା ଅଧୀନ ଆଳିବାଡ ଗ୍ରାମରେ ବୋଲି ଜଣାପଡିଛି।

### ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

ବିରିଡି,(ଡି.ଏନ.ଏ)/ବାଲିଆ, ୨୪।୯ : ଭାଜପା ପୁରଣ ମଣ୍ଡଳ ପକ୍ଷରୁ ସୋମବାର ୨୨ ମୌଜା ମଙ୍ଗୁଳି ପଞ୍ଚାୟତ ଅଧୀନରେ ଥିବା ମା' ସାଥୀ ଭଉଣୀ ପୀଠରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ପୁରଣ ମଣ୍ଡଳ ଭାଜପା ସଭପତି ଆଲୋକ କୁମାର ପଣ୍ଡାଙ୍କ ନେତୃତ୍ୱରେ ପୀଠ ସଫେଇ କରାଯାଇଥିଲା। ସାଧାରଣ ସମ୍ପାଦକ ନିତ୍ୟାନନ୍ଦ ମିଶ୍ର, ଉପସଭାପତି ଦୀନବନ୍ଧୁ ସ୍ୱାଇଁ, ଯୁବ ମୋର୍ଚ୍ଚାର ସଭାପତି ସତ୍ୟ ପଟ୍ଟନାୟକ, ଏସସି ମୋର୍ଚ୍ଚାର ସଭାପତି ବିଶ୍ୱଭୂଷଣ ମଲ୍ଲିକ, ପୁରଣ ମଣ୍ଡଳ ପ୍ରଭାରୀ କବି ପ୍ରସାଦ ଦାଶ, କୃଷକ ମୋର୍ଚ୍ଚାର ସଭାପତି ଚିତ୍ତରଞ୍ଜନ ପାତ୍ର, ବାରଡିଆ ପଞ୍ଚାୟତ ପ୍ରମୁଖ ଦେବବ୍ରତ ପରିଜା, ବୁଢାପଡା ପଞ୍ଚାୟତ ପ୍ରମୁଖ ସୁନିଲ ପଶାୟତ, ଅବସରପ୍ରାପ୍ତ ଶିକ୍ଷକ ରାଜ କିଶୋର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ସେପ୍ଟେମ୍ବର ୨୪ରୁ ଆରମ୍ଭ ହୋଇ ଅକ୍ଟୋବର ୨ ପର୍ଯ୍ୟନ୍ତ ଚାଲିବ।

### ଗ୍ରାମେଶ୍ୱର ହାଇସ୍କୁଲ ପରିଚାଳନା କମିଟି ଗଠିତ

ଏରସମା,୨୪।୯(ସ୍ୱ.ପ୍ର.): ଏରସମା ବ୍ଲକ ନାରଦିଆ ପଞ୍ଚାୟତସ୍ଥିତ ପଞ୍ଚପଲ୍ଲୀ ଗ୍ରାମେଶ୍ୱର ହାଇସ୍କୁଲର ନୂତନ ପରିଚାଳନା କମିଟି ରବିବାର ଗଠିତ ହୋଇଛି। ବରିଷ୍ଠ ଶିକ୍ଷକ ସୁଦର୍ଶନ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପରିଚାଳନା କମିଟି ଗଠିତ ହୋଇଥିଲା। ଏଥିରେ ସୁକାନ୍ତ ବିଶ୍ୱାଳ ସଭାପତି, ନାରାୟଣ ମହାନ୍ତି, ଗଙ୍ଗାଧର ଗଛାୟତ, ମାମିନା ଦାସ, ବିଷ୍ଣୁପଦ ମହାନ୍ତି, ବୈକୁଣ୍ଠ ସ୍ୱାଇଁଙ୍କ ସହିତ ୬ ଜଣ ମହିଳା ସଦସ୍ୟ ନିର୍ବାଚିତ ହୋଇଛନ୍ତି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅମିତାଭ ରାଉତ, ସ୍ଥାନୀୟ ସରପଞ୍ଚ ବେବି ଗଛାୟତ, ମଦନାନନ୍ଦ ଗଛାୟତ ପ୍ରମୁଖ ଉପସ୍ଥିତ ରହି ଅଲୋଚନାରେ ଅଂଶଗ୍ରହଣ କରିଥିଲେ। ବିଶେଷ କରି ସ୍କୁଲର ଗୁଣାତ୍ମକ ଶିକ୍ଷା ଦାନ, ଗୃହର ସୁରକ୍ଷା, ନୂତନ ଶିକ୍ଷକ ନିଯୁକ୍ତି , ପାଠାଗାର,ସ୍କୁଲ ପରିବେଶ ସାଜସଜ୍ଜା ବିଷୟରେ ଏଥିରେ ଆଲୋଚନା ହୋଇଥିଲା।

### ଗୀତି କବି ବାମଦେବ ସ୍ୱାଇଁଙ୍କୁ ସମ୍ବର୍ଦ୍ଧନା

ବିରିଡି,(ଡି.ଏନ.ଏ)/ବାଲିଆ, ୨୪।୯: ବିରିଡ଼ି ବ୍ଲକ କମାଶାସନ ଗ୍ରାମର ଗୀତିକବି ନାଟ୍ୟକାର ତଥା ନାଟ୍ୟ ନିର୍ଦ୍ଦେଶକ ବାମଦେବ ସ୍ୱାଇଁଙ୍କୁ ତାଙ୍କର ସାହିତ୍ୟ କୃତୀ ପାଇଁ ଜଗତ୍‌ସିଂହପୁର ସାହିତ୍ୟ ପରିଷଦ ନବମ ବାର୍ଷିକ ଉତ୍ସବରେ ରବିବାର ସମ୍ବର୍ଦ୍ଧିତ କରାଯାଇଛି। ଜଗତ୍‌ସିଂହପୁର ଟାଉନହଲଠାରେ ଅନୁଷ୍ଠିତ ଉତ୍ସବରେ ତାଙ୍କୁ ତାମ୍ରଫଳକ, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାଦ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥି ଭାବେ ଜଗତସିଂହପୁର ବିଧାୟକ ଚିରଞ୍ଜୀବ ବିଶ୍ୱାଳ, ସମାଲୋଚକ ଡ. ନଟବର ଶତପଥୀ, ଗାଳ୍ପିକ ଗାୟତ୍ରୀ ସରାଫ, ପୌରାଧକ୍ଷ ବିପ୍ଳବ ଚୌଧୁରୀ, ସାହିତ୍ୟ ପରିଷଦ ସଭାପତି ଅଜୟ କୁମାର ବେହେରା, ସମ୍ପାଦକ ଉମାକାନ୍ତ ନାୟକ, ପୂର୍ଣ୍ଣ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଗୀତିକବି ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ବିଧାୟକଙ୍କ ଦ୍ୱାରା ଏକାଧିକ ପ୍ରକଳ୍ପ ଶିଳାନ୍ୟାସ ଓ ଉଦ୍‌ଘାଟନ

ତିର୍ତ୍ତୋଲ/ରାହାମା,୨୪।୯(ଡି.ଏନ.ଏ.)



ବିଧାୟିକା ରାଜଶ୍ରୀ ମଲ୍ଲିକ ପ୍ରକଳ୍ପ ଉଦ୍‌ଘାଟନ କରୁଛନ୍ତି।

ବିଧାୟିକା ଡା.ରାଜଶ୍ରୀ ମଲ୍ଲିକ ସୋମବାର ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ତରଜଙ୍ଗ ପଞ୍ଚାୟତରେ ଏକାଧିକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। କଟକ-ପାରାଦୀପ ରାସ୍ତାର କୋଟକଣା ଛକରେ ବିଧାୟିକା ମଲ୍ଲିକ ପହଞ୍ଚିବା ପରେ ତାଙ୍କୁ ଶୋଭାଯାତ୍ରାରେ ପାଛୋଟି ନିଆଯାଇଥିଲା। ପରେ ବିଧାୟିକା କୋଟକଣା ଛକ ନିକଟରେ କୋଟକଣା-କାବଲପୁର ରାସ୍ତା ଉନ୍ନତିକରଣ କାର୍ଯ୍ୟ ପାଇଁ ଶିଳାନ୍ୟାସ କରିଥିଲେ। ଏହାପରେ କୋଟକଣା ବଜାର ମାର୍କେଟ କମ୍ପ୍ଲେକ୍ସର ଶୁଭ ଉଦ୍‌ଘାଟନ କରିଥିଲେ। ଏଥିସହ ତରଜଙ୍ଗ ଗ୍ରାମର ଶେଷ ମୁଣ୍ଡରେ ଉପ ସ୍ୱାସ୍ଥ୍ୟକେନ୍ଦ୍ର ଗୃହର ଶିଳାନ୍ୟାସ କରିଥିଲେ। ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ବାଲିପଟଣାଠାରୁ ପୂବପଡା ପର୍ଯ୍ୟନ୍ତ ରାସ୍ତା ଉନ୍ନତୀକରଣ କାର୍ଯ୍ୟ ଶିଳାନ୍ୟାସ, କୋଟକଣା ଅଙ୍ଗନୱାଡି କେନ୍ଦ୍ର ଗୃହ ଉଦ୍‌ଘାଟନ, ତରାଦେଇ ଠାକୁରାଣୀଙ୍କ ମୁଖଶାଳାର ଶିଳାନ୍ୟାସ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ସୁଜାତା ମହାନ୍ତି, ଜିଲାପରିଷଦ ସଭ୍ୟ ସନାତନ ଦଳାଇ, ପ୍ରବୀର ରାୟ, ତପନ ମହାନ୍ତି, ପୂର୍ବତନ ଜିଲାପରିଷଦ ସଭ୍ୟ ରମାକାନ୍ତ ରାଉତରାୟ, ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ମହାନ୍ତି, ସରୋଜ ମଲ୍ଲିକ, ପୂର୍ବତନ ସମିତିସଭ୍ୟ ବଂଶୀଧର ସ୍ୱାଇଁ, ସାରଦା ପୃଷ୍ଟି, ସନାତନ ବାରିକ, ତ୍ରିଲୋଚନ ସେଠୀ, ଅକ୍ଷୟ ସ୍ୱାଇଁ, ରଞ୍ଜିତ ପରିଜା, ଗଙ୍ଗାଧର ସ୍ୱାଇଁ, ଭବେଶ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।

## ନବାଗତ କଲେଜ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ

ଏରସମା,୨୪।୯(ସ୍ୱ.ପ୍ର.)

ଏରସମା ବ୍ଲକ କୃଷ୍ଣଚନ୍ଦ୍ରପୁର ପଞ୍ଚାୟତସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ଓଡିଆ ଭାଷା ସାହିତ୍ୟ ବିଭାଗର ସମ୍ମାନ ଶ୍ରେଣୀ ପକ୍ଷରୁ ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଛି। ଏହି ଉପଲକ୍ଷେ ସୋମବାର କଲେଜ ପରିସରରେ ଏକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷ ଆଲୋକ କୁମାର ସ୍ୱାଇଁ ସଭାପତିତ୍ୱ କରିଥିଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପକ ଡ. ଶରତ ଚନ୍ଦ୍ର ପରିଡା, ଅଧ୍ୟାପକ ଶକ୍ତି ପ୍ରସନ୍ନ ସାମନ୍ତରାୟ, ଇଂଲିଶ ଅଧ୍ୟାପିକା ଡ. ତିଥି ରାୟ, ଭାଗ୍ୟଶ୍ରୀ ପତି ପ୍ରମୁଖ ଉପସ୍ଥିତ ରହି ଓଡିଆ ଭାଷାର ଭବିଷ୍ୟତ ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ସହିତ ପାଠଚକ୍ର ସମ୍ପାଦିକା ସ୍ନିଗ୍ଧାରାଣୀ ପ୍ରଧାନ, ସହ ସମ୍ପାଦିକା ସ୍ମିତାପ୍ରିୟା ଲେଙ୍କା, ୧ମ ବାର୍ଷିକ ଛାତ୍ରୀଛାତ୍ରଙ୍କ ପ୍ରତିନିଧି ସୁପ୍ରିୟା ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

## ପାରାଦୀପ କଲେଜରେ କର୍ମଶାଳା

ପାରାଦୀପ,୨୪।୯(ସ୍ୱ.ପ୍ର.)

ପାରାଦୀପ କଲେଜରେ ରବିବାର ପ୍ରଦୂଷଣ, ରସାୟନ, କଠିନ ବର୍ଜ୍ୟବସ୍ତୁ, ପ୍ଲାଷ୍ଟିକ ସାମଗ୍ରୀର ନକରାତ୍ମକ ଦିଗ ଆଦି ସମ୍ପର୍କରେ ଏକ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଛି। ୨୧ତମ ଆଞ୍ଚଳିକ ଓଡ଼ିଶା କେମିକାଲ ସୋସାଇଟି ଓ ପାରାଦୀପ କଲେଜର ରସାୟନ ବିଜ୍ଞାନ ବିଭାଗ ପକ୍ଷରୁ ଆୟୋଜିତ ଏହି କର୍ମଶାଳାରେ ରାଜ୍ୟର ବିଭିନ୍ନ କଲେଜରୁ ପ୍ରଫେସର, ଅଧ୍ୟାପିକା ଅଧ୍ୟାପକମାନେ ଯୋଗ ଦେଇଥିଲେ। ଏହି କର୍ମଶାଳାକୁ ପୂର୍ବାହ୍ନରେ ଏମ୍‌ପି କୁଳମଣି ସାମଲ ଉଦ୍‌ଘାଟନ କରିଥିଲେ। ପରେ କଲେଜ ଅଧ୍ୟକ୍ଷ ସୁରେନ୍ଦ୍ର ମୋହନ ମିଶ୍ରଙ୍କ ଅଧ୍ୟକ୍ଷତାରେ ପ୍ରଫେସରମାନେ ରସାୟନ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ମଧ୍ୟ ହୋଇଥିଲା। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ବୈଜ୍ଞାନିକ ଡ. ଚିତ୍ତରଞ୍ଜନ ମିଶ୍ର, ଦିଲୀପ କୁମାର ବେହେରା, ପ୍ରମୋଦ କୁମାର ପୃଷ୍ଟି, ଆଞ୍ଚଳିକ ଅଧିକାରୀ ମୁକେଶ ମହାଲିଙ୍ଗ ପ୍ରମୁଖ ରସାୟନ ସମ୍ପର୍କରେ କହିଥିଲେ। ପାରାଦୀପର ୨ଟି ସାର କାରଖାନାରେ ବ୍ୟବହୃତ ରସାୟନ ଓ କାରଖାନାରୁ ବାହାରୁଥିବା ଜିପ୍‌ସମ ପରିଚାଳନା ସମ୍ପର୍କରେ ମତ ରଖିଥିଲେ। ସେହିପରି କଠିନ ବର୍ଜ୍ୟବସ୍ତୁ ପ୍ରକଳ୍ପ ଦ୍ୱାରା କିପରି ପ୍ଲାଷ୍ଟିକ, ପଲିଥିନ ଆଦି ଆବର୍ଜନାକୁ ପୁନଃ ବ୍ୟବହାର କରାଯିବ ସେ ସମ୍ପର୍କରେ କହିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ତୈଳ ବିଶୋଧନାଗାର ନିର୍ବାହୀ ନିର୍ଦ୍ଦେଶକ ଜି.ଏସ.ସିଂହ, ଆଶୁତୋଷ ସାମନ୍ତରାୟ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଶେଷରେ ଅଧ୍ୟାପକ ଗଣେଶ୍ୱର ପାତ୍ର ଧନ୍ୟବାଦ ଦେଇଥିଲେ। ଉକ୍ତ ଉତ୍ସବରେ ଅପରାହ୍ନରେ ପାରାଦୀପ ବିଧାୟକ ତଥା କଲେଜ ଗଭର୍ଣ୍ଣିଂ ବଡି କମିଟି ସଭାପତି ଦାମୋଦର ରାଉତ ଯୋଗ ଦେବାର ଥିଲା। କିନ୍ତୁ ତାଙ୍କ ଅସୁସ୍ଥ ପତ୍ନୀଙ୍କ ପାଇଁ ସେ ଆସିଲେ ନାହିଁ ବୋଲି କୁହାଯାଇଛି।




କର୍ମଶାଳାରେ ଉପସ୍ଥିତ ଅତିଥି।

## ବିଜୁ ମେମୋରିଆଲ ହସ୍ପିଟାଲରେ ରୋଗୀ ମୃତ୍ୟୁକୁ ନେଇ ଉତ୍ତେଜନା

ପାରାଦୀପ,୨୪।୯(ସ୍ୱ.ପ୍ର.)

ପାରାଦୀପ ଥାନା ଅନ୍ତର୍ଗତ ନୂଆ ବଜାର ଅଞ୍ଚଳର ଜଣେ ଯୁବକଙ୍କ ମୃତ୍ୟୁକୁ ନେଇ ଅଠରବାଙ୍କୀସ୍ଥିତ ବିଜୁ ମେମୋରିଆଲ ହସ୍ପିଟାଲରେ ସୋମବାର ସନ୍ଧ୍ୟାରେ ଉତ୍ତେଜନା ପ୍ରକାଶ ପାଇଛି। ଡାକ୍ତର ଗୁରୁତର ରୋଗୀଙ୍କୁ କଟକ ସ୍ଥାନାନ୍ତର କରାଇବାରେ ବିଳମ୍ବ କଲେ ବୋଲି ତାଙ୍କର ମୃତ୍ୟୁ ଘଟିଥିବା ଅଭିଯୋଗ କରି ପରିବାର ଲୋକେ ଡାକ୍ତରଙ୍କ ସହ ଯୁକ୍ତିତର୍କ କରିବା ସହ ଗାଳିଗୁଲଜ କରିଥିଲେ। ପରେ ପାରାଦୀପ ପୋଲିସ ମେଡିକାଲରେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲେ। ମୃତଦେହ ଏବେ ମେଡିକାଲରେ ରଖାଯାଇଛି। ମଙ୍ଗଳବାର ବ୍ୟବଚ୍ଛେଦ ପାଇଁ ପଠାଯିବ ବୋଲି ଜଣାପଡିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି। ମୃତ ଯୁବକ ହେଲେ ନୂଆବଜାର ପାଣିଟାଙ୍କି ପାଖ ବସ୍ତିର ରବୀନ୍ଦ୍ର ବେହେରାଙ୍କ ପୁଅ ଯଦୁମଣି ଓରଫ ମିଟୁ। ଖରାବେଳେ ସେ ବସ୍ତି ସର୍ଭେ ପାଖରେ ଥିବାବେଳେ ତାଙ୍କ ମୁଣ୍ଡ ବୁଲାଇବା ସହ ବାନ୍ତି କରିଥିଲେ। ଦେହ ଅସୁସ୍ଥ ଲାଗିବାରୁ ନିଜ ସାଇକେଲରେ ସେ ବିଜୁ ମେମୋରିଆଲ ହସ୍ପିଟାଲକୁ ଯାଇଥିଲେ। ଡାକ୍ତର ତୁରନ୍ତ ଆଡମିଶନ କରି ସାଲାଇନ ଓ ଇଞ୍ଜେକ୍ସନ ଦେବାକୁ କହିଥିଲେ। ସାଲାଇନ ଚାଲିଥିବାବେଳେ ଅଧଘଣ୍ଟା ମଧ୍ୟରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଖବର ତାଙ୍କ ସମ୍ପର୍କୀୟ ଲୋକେ ପାଇବା ପରେ ମେଡିକାଲରେ ପହଞ୍ଚି ହୋ ହଲ୍ଲା କରିଥିଲେ। ତେଣୁ ବାଧ୍ୟ ହୋଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲା।

## ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ପ୍ରସ୍ତୁତି ବୈଠକ

ବାଲିକୁଦା,୨୪।୯(ସ୍ୱ.ପ୍ର.)

ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବାଲିକୁଦା ବ୍ଲକ ବିଜେଡି ସଭାପତି ରତ୍ନାକର ନାୟକଙ୍କ ସଭାପତିତ୍ୱରେ ଏହି ବୈଠକ ହୋଇଥିଲା। ବାଲିକୁଦା ବ୍ଲକ ବୋରିକିନା କଲେଜ ପଡିଆରେ ଆସନ୍ତା ୧୭ ତାରିଖ ଦିନ ୧୦ ଟାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ପାଇଁ ପୂର୍ବରୁ ସରକାରୀସ୍ତରରେ ପ୍ରସ୍ତୁତି ଶେଷ ହୋଇଛି। ବୈଠକରେ ବିଧାୟକ ପ୍ରଶାନ୍ତ ମୁଦୁଲି, ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ମହାନ୍ତି, ଉପାଧ୍ୟକ୍ଷ ରାଖାଲ ଦାସ, ଜିଲାପରିଷଦ ସଦସ୍ୟ ରାମଚନ୍ଦ୍ର ମହାନ୍ତି, ବବିତା ସ୍ୱାଇଁ, ଜୟଶ୍ରୀ ଦର୍ପଦଳିନୀ ମଲ୍ଲିକ, ବରିଷ୍ଠ ବିଜେଡି ନେତା ସଞ୍ଜୟ ମହାନ୍ତି, ପୂର୍ବତନ ଉପାଧ୍ୟକ୍ଷ ଶମ୍ଭୁ ପ୍ରସନ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବାଲିକୁଦା ବ୍ଲକର ୩୦ ପଞ୍ଚାୟତର ବିଭିନ୍ନ କାର୍ଯ୍ୟର ବ୍ୟବୟବରାଦ କରାଯିବ। ଯୁବ ବିଜେଡି ସଭାପତି ରଶ୍ମିରଞ୍ଜନ କୁଅଁର, ଜିଲ୍ଲା ଯୁବ ବିଜେଡି ସାଧାରଣ ସମ୍ପାଦକ ଶିବପ୍ରସାଦ ପାତ୍ର, ଏମ୍‌ପିଙ୍କ ପ୍ରତିନିଧି କମଳାକାନ୍ତ ମହାପାତ୍ର, ସରପଞ୍ଚ ପର୍ଶୁରାମ ସେଠୀ, ଅଶୋକ ବିଶ୍ୱାଳ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିବାକୁ ମତ ଦେଇଥିଲେ।



ବୈଠକରେ ବିଧାୟକ ପ୍ରଶାନ୍ତ ମୁଦୁଲି ଓ ଅନ୍ୟମାନେ।

■ ଉତ୍କଟ ଦାରିଦ୍ର୍ୟର କରୁଣ ଚିତ୍ର

## ଅସହାୟ ପରିବାରକୁ ରୋଗ ସାଜିଲା ବଇରି

ଜଗତ୍‌ସିଂହପୁର ଅଫିସ,୨୪।୯



ଚିକିତ୍ସାଧୀନ କୁନିଆ ବେହେରା।

- ଚିକିତ୍ସା ପାଇଁ ଅର୍ଥ ବାଧକ
- ଜମି ଚାଖଣ୍ଡେ ନାହିଁ, ଦଦରା ଘର ଖଣ୍ଡିକ ଭାଙ୍ଗିଗଲା
- ସହାୟତାର ହାତ ବଢାଇଲା ଯୁବ ବାହିନୀ

ଶରୀର କ୍ଷୀଣ ହୋଇଗଲାଣି। ଚଲାବୁଲା ତ ଦୂରର କଥା ପାଟିରୁ ଆଉ କଥା ବାହାରୁନି। ଦିନେ କି ମାସେ ନୁହେଁ, ପାଖାପାଖି ୧ ବର୍ଷ ହେବ ଶଯ୍ୟାରେ କଟୁଛି ଜୀବନ। ଏଥିଯୋଗୁ ପିଠିରେ ଘା ହୋଇଗଲାଣି। କିଛି ଭାତ, ତରକାରୀ ଚକଟି ଦେଲେ ବହୁ କଷ୍ଟରେ ପେଟକୁ ଯାଉଛି। ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ। ଜମି ବୋଲି ଚାଖଣ୍ଡେ ନାହିଁ। ଯେଉଁ ଜାଗାରେ ଦଦରା ଚାଳ ଘରଟିଏ କରିଥିଲେ ତାହା ମଧ୍ୟ ନିକଟରେ ହୋଇଥିବା ବର୍ଷାରେ ଭାଙ୍ଗିଯାଇଛି। ପ୍ରତି ମୁହୂର୍ତ୍ତରେ ଜୀବନ ସହ ସଂଗ୍ରାମ କରୁଥିବା ଏହି ବ୍ୟକ୍ତିଜଣଙ୍କ ହେଲେ ଜଗତ୍‌ସିଂହପୁର ବ୍ଲକ ସାଳଜଙ୍ଗ ଚାରବାଟିଆର କୁନିଆ ବେହେରା (୪୫)। କୁନିଆ ଯେ କେବଳ ଯନ୍ତ୍ରଣାରେ ଛଟଛଟ ହେଉଛନ୍ତି ତାହା ନୁହେଁ, ତାଙ୍କର ଏ ଅବସ୍ଥା ଯୋଗୁ ସ୍ତ୍ରୀ ମୀନା, ଛୋଟ ଝିଅ ଓ ପୁଅ, ବୃଦ୍ଧା ମା' ମଧ୍ୟ ଅସହାୟ ହୋଇପଡିଛନ୍ତି। ଏପରି କି ପରିବାର ପାଇଁ ପ୍ରତ୍ୟହ ଦୁଇବେଳା ଆହାର ଯୋଗାଡ଼ କରିବା କଷ୍ଟକର ହୋଇପଡିଛି। କୁନିଆଙ୍କ ଏଭଳି ଅବସ୍ଥା ଦେଖି ଶାଳଜଙ୍ଗସ୍ଥିତ ମା' କୁତାମଚଣ୍ଡୀ ବିଜୁ ଯୁବବାହିନୀ ସହାୟତାର ହାତ ବଢାଇଛି। ସୋମବାର କୁନିଆଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପ୍ରତ୍ୟହ ଜଣେ, ୨ ଜଣ ସଦସ୍ୟ ଆଟେଣ୍ଡାଣ୍ଟ ହିସାବରେ ରହି ତାଙ୍କର ଦେଖାଚାହାଁ କରିବେ ବୋଲି ଯୁବବାହିନୀ ସଭାପତି ନିରଞ୍ଜନ ଦାଶ ଓ ସମ୍ପାଦକ ସ୍ମୃତି ପ୍ରିୟଦର୍ଶିନୀ ମହାନ୍ତି ସୂଚନା ଦେଇଛନ୍ତି। ସେମାନଙ୍କ କହିବା କଥା ହେଲା କୁନିଆଙ୍କ ଏଭଳି ଅବସ୍ଥା ସାଙ୍ଗକୁ ତାଙ୍କ ପରିବାରର ଦୁଃଖ ଯନ୍ତ୍ରଣାଦାୟକ। ଏ ପରିସ୍ଥିତିରେ ଜିଲାପାଳ ସହାୟତା କରିବାକୁ ସେମାନେ ଅନୁରୋଧ କରିଛନ୍ତି। ଏଥିସହ କୌଣସି ସଂସ୍ଥା, ବଦାନ୍ୟ ବ୍ୟକ୍ତି ସହାୟତାର ହାତ ବଢାଇଲେ କୁନିଆଙ୍କ ଅଧିକ ଚିକିତ୍ସା ସମ୍ଭବ ହୋଇପାରିବ।

କୁନିଆଙ୍କ ସ୍ୱାସ୍ଥ୍ୟ ୧୦ ବର୍ଷ ପୂର୍ବରୁ ଖରାପ ହୋଇଥିଲା। ସେଥିରେ ସେ ମୁଲପାତି ଲାଗି ପରିବାର ଭରଣପୋଷଣ କରୁଥିଲେ। ୫ ବର୍ଷ ବହୁ କଷ୍ଟରେ ଚାଲିଗଲା। କିନ୍ତୁ ତା'ପରେ ଆଉ କାମ କରିପାରିଲେ ନାହିଁ । ୧ ବର୍ଷ ହେବ ସେ ଶଯ୍ୟାଶାୟୀ ହୋଇ ପଡିଛନ୍ତି। ଚଲାବୁଲା କରୁଥିବାବେଳେ ସ୍ତ୍ରୀ ମୀନା ମୁଲପାତି ଲାଗି ବହୁ କଷ୍ଟରେ ପରିବାର ଚଳାଉଥିଲେ। ହେଲେ ସେ ଶଯ୍ୟାଶାୟୀ ହେଲାପରେ ମୀନା ମଧ୍ୟ ଆଉ ମୁଲ ଲାଗିବାକୁ ଯାଇପାରୁନାହାନ୍ତି। ଏଣେ ଛୋଟ ଝିଅ, ପୁଅ ଓ ବୃଦ୍ଧା ମା'ଙ୍କ ଚିନ୍ତା। ସେମାନଙ୍କ ଯତ୍ନ ନେବା ସହ ପେଟକୁ ଆହାର ଯୋଗାଡ଼ କରିବା ମୀନାଙ୍କ ପାଇଁ ସମ୍ଭବ ହେଉନି। ରାଶନ କାର୍ଡ ଥିବାରୁ ଚାଉଳ କିଛି ମିଳିଯାଉଛି। ଭତ୍ତା ଟଙ୍କା ହିଁ ସବୁକିଛି। କୁନିଆଙ୍କ ମେରୁଦଣ୍ଡଜନିତ ରୋଗର ଚିକିତ୍ସା ପାଇଁ ବହୁ ଟଙ୍କା ଦରକାର ଥିବାବେଳେ ଅର୍ଥାଭାବ ଦାଉ ସାଧିଛି। ଏପରି କି ସରକାରୀ ଡାକ୍ତରଖାନା ନେବା ପାଇଁ ଅଟୋ ଖର୍ଚ୍ଚ ମଧ୍ୟ ନାହିଁ। ଏ ପରିସ୍ଥିତିରେ ଔଷଧଠାରୁ ଆରମ୍ଭ କରି ଅନ୍ୟାନ୍ୟ ପରୀକ୍ଷା ପାଇଁ ଅର୍ଥ ନ ଥିବାରୁ ହାତ ଟେକି ଦେଇଛନ୍ତି ପରିବାର ସଦସ୍ୟ। ନିକଟରେ ଜିଲାପାଳଙ୍କ ଜନଶୁଣାଣିରେ ମୀନା ନିଜ ଦୁଃଖ କଥା କହି ସହାୟତା ମାଗିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ତାଙ୍କୁ ମାଗଣା ଚିକିତ୍ସା ବ୍ୟବସ୍ଥା କରାଯିବ ବୋଲି ଜିଲାପାଳ କହିଥିଲେ। ସେହି ଅନୁଯାୟୀ ବିଜୁ ଯୁବବାହିନୀ ସହଯୋଗରେ କନିଆଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ଅଣାଯାଇଛି। ୨/୩ ଦିନ ଚିକିତ୍ସା ପରେ ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ ବୋଲି ଚିକିତ୍ସାଳୟ ପକ୍ଷରୁ କୁହାଯାଇଛି।

# ଜାଟ୍ରୋଫାକୁ ନା

ଭୁବନେଶ୍ୱର,୨୪।୯(ବ୍ୟୁରୋ)



■ଚାଷୀ ହତାଶ
■ଡୁବିଗଲା ବାୟୋଡିଜେଲ ପ୍ରକଳ୍ପ

ଜାଟ୍ରୋଫା (ବାଇଗବା) ଏକ ଲାଭଜନକ ଚାଷ। ଏଥିରୁ ବାୟୋଡିଜେଲ ପ୍ରସ୍ତୁତ କରାଯାଇ ପାରୁଥିବାରୁ ଦେଶର ବିଭିନ୍ନ ରାଜ୍ୟରେ ଏହି ଚାଷ ପ୍ରତି ଆଗ୍ରହ ବଢ଼ିବାରେ ଲାଗିଛି। ଏଥିରୁ ପ୍ରସ୍ତୁତ ବାୟୋଡିଜେଲକୁ ବିମାନ ଇନ୍ଧନ ଭାବେ ବ୍ୟବହାର କରାଗଲାଣି। ତେବେ ୮ ବର୍ଷ ପୂର୍ବରୁ ଓଡ଼ିଶାରେ ଆରମ୍ଭ କରାଯାଇଥିବା ଏହି ଚାଷ ଏବେ ଉଭାନ ହୋଇଯାଇଛି। ସରକାରୀ ପ୍ରୋତ୍ସାହନ ନ ଥିବାରୁ ଏଥିପ୍ରତି ଆଗ୍ରହ ଦେଖାଉଥିବା ସଂସ୍ଥା କିମ୍ବା ଚାଷୀମାନେ ହତାଶ ହୋଇଛନ୍ତି। ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ଜାଟ୍ରୋଫା ଚାଷକୁ ସାମିଲ କରାଯାଇଥିଲେ ମଧ୍ୟ ତାହାକୁ ବିଭିନ୍ନ କାରଣ ଦର୍ଶାଇ ୨୦୧୨ରୁ ବନ୍ଦ କରି ଦିଆଯାଇଛି। ଏହି ଚାଷ ବିଶେଷ କରି କୋରାପୁଟ, ରାୟଗଡ଼ା, ମାଲକାନଗିରି, ବଲାଙ୍ଗୀର, ନୂଆପଡ଼ା, ସୋନପୁର ଭଳି ଅପେକ୍ଷାକୃତ କମ୍ ବୃଷ୍ଟିପାତ ଜିଲାରେ ଆରମ୍ଭ ହୋଇଥିଲା।

ବାୟୋଡିଜେଲ ଉତ୍ପାଦନ ପାଇଁ ବାଇଗବା ଗଛ ଓ ଏହାର ଚାଷକୁ ପ୍ରାଧାନ୍ୟ ଦିଆଯାଉଛି। ଏହି ଗଛର ମରୁଡ଼ି ସହନ ଶକ୍ତି ଅଧିକ ରହିଥିବା ବେଳେ ଖାଲ, ଢିପ ଓ ଅନୁର୍ବର ଜମିରେ ଆରାମରେ ବଢ଼ିପାରେ। ଏହାକୁ ଗାଈ କିମ୍ବା ତୃଣଭୋଜୀ ପ୍ରାଣୀ ଖାଇ ନ ଥାଆନ୍ତି। ଏଥିରେ ସାର କିମ୍ବା କୀଟନାଶକ ଔଷଧର ଆବଶ୍ୟକତା ପଡ଼ି ନ ଥାଏ। ଏହି ଗଛ ୩୦ ବର୍ଷ ପର୍ଯ୍ୟନ୍ତ ବଞ୍ଚି ରହେ। ହେକ୍ଟର ପିଛା ୪୦ କୁଇଣ୍ଟାଲ ମଞ୍ଜି ମିଳିଥାଏ। ଏହି ମଞ୍ଜିରୁ ୨୦ରୁ ୫୦ ପ୍ରତିଶତ ବାୟୋଡିଜେଲ ବାହାରି ଥାଏ। ଏହାକୁ ବ୍ୟବହାର କରିବାକୁ ତତ୍କାଳୀନ ଯୋଜନା ଆୟୋଗ ଦେଶର ୧୨ ନିୟୁତ ହେକ୍ଟରରେ ଚାଷ କରିବାକୁ ଯୋଜନା କରିଥିଲେ। ଆନ୍ଧ୍ର, ତେଲେଙ୍ଗାନା, ଛତିଶଗଡ଼ ଓ ଅନ୍ୟାନ୍ୟ ରାଜ୍ୟରେ ମଧ୍ୟ ଏହି ଚାଷ କରାଯାଉଛି। ଯାନବାହନରେ ବାୟୋଡିଜେଲ ବ୍ୟବହାର ଦ୍ୱାରା ପରିବେଶ ପ୍ରଦୂଷିତ ହୋଇ ନ ଥାଏ। ବାୟୁମଣ୍ଡଳରୁ ହାଇଡ୍ରୋକାର୍ବନ ୧୪ ପ୍ରତିଶତ, କାର୍ବନମନୋକ୍ସାଇଡ ୯ ପ୍ରତିଶତ, ସଲଫେଟ୍ ୨୦ ପ୍ରତିଶତ ହ୍ରାସ କରିବାରେ ବାୟୋଡିଜେଲ ବିଶେଷ ସହାୟକ ହୋଇଥାଏ। ଓଡ଼ିଶାରେ ଏହି ଚାଷ ୨୦୧୦ରେ ଆରମ୍ଭ କରାଯାଇଥିଲା। ଦେଶରେ ପ୍ରଥମ କରି ଓଡ଼ିଶାରେ ବାୟୋଡିଜେଲ ପାଇଁ ଭିତ୍ତିଭୂମି ପ୍ରସ୍ତୁତ ହୋଇଥିଲା। ଉତ୍ପାଦନ ମଧ୍ୟ ଆରମ୍ଭ ହୋଇଥିଲା। ଓଡ଼ିଶା ବନ ଉନ୍ନୟନ ନିଗମ(ଓଏଫ୍‌ଡିସି) ଜରିଆରେ ଭୁବନେଶ୍ୱର ସତ୍ୟନଗରଠାରେ ୨୦୧୦ ଅକ୍ଟୋବର ୧୦ ତାରିଖରେ ବାୟୋଡିଜେଲ ପ୍ଲାଣ୍ଟ ପ୍ରତିଷ୍ଠା କରାଯାଇଥିଲା। ଆଇଆଇଟି ନୂଆଦିଲ୍ଲୀ ଏବଂ ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି) ଏଥିପାଇଁ ବୈଷୟିକ ସହାୟତା ଯୋଗାଇ ଦେଇଥିଲେ। ଏଥିରୁ ବାୟୋଡିଜେଲ ଉତ୍ପାଦନ ମଧ୍ୟ ହେଉଥିଲା। ସରକାରୀ ଅବହେଳା ଓ କର୍ମଚାରୀଙ୍କ ଉଦାସୀନତା ଯୋଗୁ ଏହି ପ୍ଲାଣ୍ଟକୁ ବନ୍ଦ କରି ଦିଆଗଲା। ମୁମ୍ବାଇର ଏକ ସଂସ୍ଥା ଓଡ଼ିଶାରେ ଏକ ବାୟୋଡିଜେଲ ରିଫାଇନେରି ସ୍ଥାପନ କରିବାକୁ ଯୋଜନା କରିଥିଲା। ୩୫୦ କୋଟି ଟଙ୍କା ବ୍ୟୟରେ ୩୦୦ ହେକ୍ଟର ଜମିରେ ଏକ ପ୍ଲାଣ୍ଟ ପ୍ରତିଷ୍ଠା କରିବାକୁ ରାଜ୍ୟ ସରକାରଙ୍କ ପ୍ରସ୍ତାବ ଦେଇଥିଲା। ପ୍ରୋତ୍ସାହନ ନ ମିଳିବାରୁ ସେହି ସଂସ୍ଥା ପ୍ଲାଣ୍ଟ ନିର୍ମାଣ କରିପାରିଲା ନାହିଁ। ଅକ୍ଷୟ ଶକ୍ତି ବିକାଶ ସଂସ୍ଥା(ଓରେଡା) ଜାଟ୍ରୋଫା ଚାଷ ଓ ବାୟୋଡିଜେଲକୁ ପ୍ରୋତ୍ସାହନ ଦେବାପାଇଁ ନୋଡାଲ ଏଜେନ୍ସି ଭାବେ କାର୍ଯ୍ୟ କରୁଥିଲା। ଅଧିକାରୀମାନଙ୍କ ଅନାଗ୍ରହ ଯୋଗୁ ଜାଟ୍ରୋଫା ଚାଷ ବନ୍ଦହେବା ସହ ବାୟୋଡିଜେଲ ଉତ୍ପାଦନ ଗତ ୬ବର୍ଷ ହେବ ବନ୍ଦ ହୋଇଯାଇଛି। ଏ ସମ୍ପର୍କରେ ଓରେଡାର ଜଣେ ବରିଷ୍ଠ ଅଧିକାରୀଙ୍କୁ ପଚାରିବାରୁ ସେ କହିଲେ ଯେ ଜାଟ୍ରୋଫା ଚାଷ ସରକାର ବନ୍ଦ କରିଛନ୍ତି। ଆମେ ସେ ବିଷୟରେ କିଛି କହିପାରିବୁ ନାହିଁ।

ଓଏଫ୍‌ଡିସିର ପୂର୍ବତନ ନିର୍ଦ୍ଦେଶକ (ଅପରେଶନ) ଭାଗୀରଥି ବେହେରା କହିଛନ୍ତି ୨୦୧୦ରେ ଜାଟ୍ରୋଫା ଚାଷୀଙ୍କୁ ପ୍ରୋତ୍ସାହନ ଦେବାକୁ ଏହି ପ୍ଲାଣ୍ଟ ପ୍ରତିଷ୍ଠା କରାଯାଇଥିଲା। ଏଥିରୁ ବାୟୋଡିଜେଲ ଉତ୍ପାଦନ ଆରମ୍ଭ ହୋଇଥିଲା। ଏହା ଲାଭଜନକ ହୋଇଥିଲା। ଜାଟ୍ରୋଫା ଚାଷୀ ମଧ୍ୟ ଏହି ପ୍ଲାଣ୍ଟ ଦ୍ୱାରା ଉପକୃତ ହେଉଥିଲେ। ସମୟକ୍ରମେ ଅଧିକାରୀମାନଙ୍କ ଅବହେଳା ଯୋଗୁ ତାହା ବନ୍ଦ ହୋଇଗଲା ବୋଲି ସେ କହିଛନ୍ତି।


## WORKS DEPARTMENT
### OFFICE OF THE SUPERINTENDING ENGINEER EASTERN CIRCLE (R&B), BALASORE

e-mail: - seec_bls@rediffmail.com

No.639-B

**Government of Odisha "e" Procurement Notice**

**Bid Identification No.SEEC-08/ 2018-19**

No- 7713 Dt. 20.09.2018

1. Nature of work :- **Road Works**
2. Number of works :- **6 (Six) No. of works**
3. Amount put to Tender :- **Rs.134.34 Lakhs to Rs. 380.01 Lakhs**
4. Class of Contractor :- **"B" & "A" & "Special" Class**
5. Date & Time of availability of bid document in the portal :- **Dt.28.09.2018 at 10.00 AM**
6. Last Date / Time of receipt of bid in the portal :- **Dt.12.10.2018 up to 05.00 PM**
7. Date of opening of bid :- **Dt.23.10.2018 at 4.00 PM**
8. Name & address of the Officer inviting bid :- **Superintending Engineer, Eastern Circle (R&B), Balasore.**
9. The bidders have to participate in ONLINE bidding only. Further details can be seen from the e-procurement portal "**http//tendersodisha.gov.in**." All future corrigendum will be available on ONLINE mode only.

**Sd./- M.R. Patnaik**
**Superintending Engineer,**
**Eastern Circle (R& B), Balasore**

34026/11/0011/1819



## OFFICE OF THE EXECUTIVE ENGINEER, PUBLIC HEALTH DIVISION,PURI, ODISHA

Phone:06752-223447/ e-Mail: eephpuri@gmail.com

**INVITATIONS FOR BIDS (IFB)**

**Government of Odisha**

**"e" Procurement Notice**

**Bid Identification No. 33 of 2018-19 Dated 19.09.2018**

No.273-C

1. Name of the Work :- User end metering of W/S system.
2. Estimated Cost : Rs.20.00 Lakhs
3. Period of Completion :- 2 (Two) Months
4. Date and time of availability of bid documents in the portal :- 29.09.2018 (11.00A.M ) to 09.10.2018 ( 5.00P.M)
5. Last Date / Time for receipt of bids in the Portal :- 5.00P.M of 09.10.2018
6. Date and time of opening of bids :- 12.30 P.M of 10.10.2018
7. Name and address of the Officer Inviting Bid :- Executive Engineer, P.H Division, Puri. Phone: 06752-223447, Fax: 06752-223447, E-Mail: **eephpuri@gmail.com**
8. The bidders have to participate in ONLINE bidding only.

**Sd./- 19.09.18**
13010/11/0012/1819 **EXECUTIVE ENGINEER, (P.H,PURI)**



## OFFICE OF THE EXECUTIVE ENGINEER KENDRAPARA (R&B), DIVISION, KENDRAPARA

E-mail I.D. : eernbkdp@gmail.com,
Tel : (06727) 220268, Fax No. (06727) 220862

No.641-B

**GOVERNMENT OF ODISHA**

**"e" procurement Notice**

**e-procurement Notice for Road Works**

**Bid Identification No. E.E., (R&B) KDP-14/2018-19**

| | | | |
|---|---|---|---|
| 1 | No. of Work | : | 04 Nos (Road) |
| 2 | Estimated Cost | : | Rs. 23,76,026/ to Rs. 44,61,476/- |
| 3 | Period of completion | : | 03 (Three) Calendar Months |
| 4 | Date & time of sale & receipt of bid document | : | From 10.00 A.M. of 27.09.2018 to 5PM of 09.10.2018 |
| 5 | Last date / time of receipt of bids | : | 5PM of 09.10.2018 |
| 6 | Date & time of opening of bids | : | 11.00 AM of 10.10.2018 |
| 7 | Name and address of the Officer inviting Bid | : | Executive Engineer, Kendrapara (R&B) Division, Kendrapara |

Further details can be seen from the State Govt. portal "https:// tendersorissa.gov.in.

**Sd./- (Er. P. K. Mohanty)**
**Executive Engineer,**
**Kendrapara (R&B) Division**

34097/11/0008/1819



## अखिल भारतीय आयुर्विज्ञान संस्थान (एम्स), भुवनेश्वर
## ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR

(A Statutory Body under aegis of Ministry of Health and Family Welfare, Govt. of India)
Engineering Branch (Civil), Sijua (Patrapada), Bhubaneswar(Odisha)-751019
www.aiimsbhubaneswar.edu.in

File No. : AIIMS/BBSR/Engg./ 246 (Vol.-III) /2018-19 Dated : 22nd Sep 2018

**NOTICE INVITING E-TENDER**

The All India Institute of Medical Sciences (AIIMS), Bhubaneswar invites e-Tender for the Works (a) **"Comprehensive Maintenance of Civil Works of all the Buildings of Hospital Complex, Medical College Complex, Nursing College, Hostels & Residential Complex at AIIMS, Bhubaneswar"** *(NIT No. : AIIMS/BBSR/Engg./ 028 /2018-19)* and (b) **"Comprehensive Maintenance of Day to Day Electrical Works of all the Buildings of Hospital Complex, Medical College Complex, Nursing College, Hostels & Residential Complex at AIIMS, Bhubaneswar"** *(NIT No. : AIIMS/ BBSR/Engg./Elect/ 028 /2018-19)*. The detailed Tender Document along with Last Date & Time of Submission of Tender can be viewed & Downloaded from the website **www.aiimsbhubaneswar.edu.in, www.tenderwizard.com/ AIIMSBBSR & CPP Portal www.eprocure.gov.in.**

**Sd/-**
**Superintending Engineer (I/C)**
**AIIMS, Bhubaneswar**



## ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
## ODISHA POWER TRANSMISSION CORPORATION LIMITED

OPTCL Lifeline of Odisha

(A Government of Odisha Undertaking)

Regd.Office: Janpath, Bhubaneswar-751022, CIN:U4102OR2004SGC007553

**NOTICE INVITING TENDER (NIT)**
**(DOMESTIC COMPETITIVE e-BIDDING)**

**e-TENDER NOTICE NO.:CPC-31/2018-19** **Date: 25.09.2018**

ODISHA POWER TRANSMISSION CORPORATION LTD. invites bids (in e-tendering mode only) under single stage two-envelope system from reputed EPC/Turnkey Contractors for **Engineering, Supply, Erection and Commissioning for 220KV SC line on DC tower from 220/33KV Grid Substation at Laxmipur to proposed RTSS Laxmipur along with 220KV feeder bay extensions at Laxmipur Grid sub-station at an Estimated Cost of the Package for ₹ 10.73 Crore on "Turnkey CONTRACT BASIS"**. Interested bidders are required to enroll themselves in the tender portal **"www.tenderwizard.com/OPTCL"**. Complete set of bidding documents are available on **"www.tenderwizard.com/OPTCL"** portal from Dt. **(25/09/2018) / (11.00) AM** up to Dt. **(29/10/2018) (12:45) PM**. Interested bidders may visit OPTCL's official website **"http://www.optcl.co.in"** and Tender Portal **"http://www.tenderwizard.com/OPTCL** for further detail.

**Note:** Bidders are requested to regularly visit Official website of OPTCL/Tender Portal only for amendment/errata/corrigendum (if any) and any other information regarding these tenders, as the same shall be published only on the OPTCL website/Tender Portal.

**Chief General Manager (C.P.C.)**
Email id: sgm.cpc@optcl.co.in

CR-Advt.No.- 40/18-19

Please connect us: optcl.odisha optcl_odisha energyodisha



## OSDMA
## National Competitive Bidding for
### SUPPLY, INSTALLATION & COMMISSIONING OF LIGHTING ARRESTOR SYSTEM IN THE MCS & MFS IN NCRMP PROJECT AREA, ODISHA
**(Through Two-Bid e-Procurement)**

**Tender Call Notice No. 4030 / OSDMA** **Dt. 24.09.2018**

**No.231-D:-** The Procurement Specialist, NCRMP, OSDMA on behalf of the employer invites online item rate Bids through e-procurement portal of Government of Odisha i.e. http://www.tendersodisha.gov.in from eligible bidders for the Supply, Installation & Commissioning of Lighting Arrestor System in teh Multipurpose Cyclone/ Flood Shelter in NCRMP Project Area, Odisha.

| Sl. No. | Bid Identification No. | Name of the Work | No. of Shelters to be installed | Cost of Tender (in Rs.) inclusive GST | Bid Security (in Rs.) inclusive GST |
|---|---|---|---|---|---|
| 1 | NCRMP/ LAS/ Package-1/ NCB/ 2018-19 | Supply, Installation & Commissioning of Lighting Arrestor System in the MCS & MFS in NCRMP Project Area, Odisha. Package No. 01 **(Balasore, Bhadrak, Jajpur Districts)** lightening arrestor) / 18-19 | 223 Nos. | 11,800/- | 8,68,000/- |
| 2 | NCRMP/ LAS/ Package-2/ NCB/ 2018-19 | Supply, Installation & Commissioning of Lighting Arrestor System in the MCS & MFS in NCRMP Project Area, Odisha. Package No. 02 **(Kendrapada, Jagatsinghpur & Puri Districts)** lightening arrestor) / 18-19 | 298 Nos. | 11,800/- | 11,60,000/- |
| 3 | NCRMP/ LAS/ Package-3/ NCB/ 2018-19 | Supply, Installation & Commissioning of Lighting Arrestor System in the MCS & MFS in NCRMP Project Area, Odisha. Package No. 03 **(Ganjam, Khurda, Nayagarh Districts)** lightening arrestor) / 18-19 | 119 Nos. | 5,900/- | 4,63,000/- |

Date of Available of Bid Document : Dt. 28.09.2018 at 12.00 P.M.
Last Date of Bid Submission : Dt. 20.10.2018 upto 5.00 P.M.
Date of Opening of Bids : 22.10.2018 at 11.00 A.M.

**24007/11/0003/1819** **Sd./- Procurement Specialist, MCRMP, OSDMA**



See Career Appointment on every Wednesday & Saturday

Classified Display on Every Tuesday and Friday



## GOVERNMENT OF ODISHA
### OFFICE OF THE SUPERINTENDING ENGINEER SOUTHERN CIRCLE, RURAL WORKS, SUNABEDA

No.779-O

email- serwsbd2003@yahoo.com

**E-Procurement Notice**

No...... Date..................

1. Name of the work : Bridge Works (01 No.)
2. Class of contractor : "A" & Special Class of (Odisha PWD) or relevant class of other licensing authority.
3. Estimated Cost : Rs.341.74 Lakhs (Approximately)
4. Details projects as per Annexure attached :

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works, Southern Circle, Sunabeda | SERWSCSBD -Online -11/2018-19 | 26.09.2018 at 11.00A.M. | 23.10.2018 up to 5.00 P.M. | 22.10.2018 upto 2.00 P.M. | 25.10.2018 at 11.00A.M. | To be intimated to qualified bidder |

5. Further details can be seen from the website **www.tendersodisha.gov.in**.
6. Any Corrigendum/Addendum will be displayed in the above e-tender websites.

**Sd./- Superintending Engineer,**
**Southern Circle, RW, Sunabeda**

25045/11/0014/1819



## OFFICE OF THE ENGINEER-IN-CHIEF (CIVIL), ODISHA NIRMAN SOUDHA, UNIT-V, BHUBANESWAR

E-mail ID : cebuildings_orissa@yahoo.co.in, cebuildings@rediffmail.com
Tel. : (0674)2391523, Fax : (0674)-2395245

No.632-B

**INVITATION FOR BIDS (IFB)**

**File No. B-IV-H(ALMC)-5/18(Pt)** **Lr. No. 41341** **Dt. 20th. Sept. 2018**
RFP Identification No. : CE(B)-31/2018-19

**REQUEST FOR PROPOSAL (RFP)**

Chief Engineer (Buildings), Odisha on behalf of Government of Odisha invites proposals from experienced and reputed Consulting firms to provide Consultancy Services for Supervision Works for the work "Construction of 100 seated New Govt. Medical College at Bhawanipatna in Kalahandi District on Turnkey Basis in the state of Odisha."

| | | | |
|---|---|---|---|
| 1 | Supervision Consultancy Services for the work "Construction of 100 seated New Govt. Medical College at Bhawanipatna in Kalahandi District on Turnkey Basis in the state of Odisha." | | |
| 2 | Nature of Work | : | Supervision Consultancy Services |
| 3 | Bid Cost. | : | Rs. 10,000/- |
| 4 | Availability of Bid Documents in the website | : | From 26.09.2018 to 05.00 PM of 10.10.2018 |
| 5 | Last date for receiving Hard Copy | : | Dt. 20.10.2018 at 05.00 PM |
| 6 | Date of Opening of Bid | : | Dt. 22.10.2018 at 11.00 AM |
| 7 | The Bidders have to participate in ONLINE bidding only and bidder must possess compatible Digital Signature Certificate (DSC) of Class-II or Class-III. Further details can be seen from the website https://tendersodisha.gov.in. Any addendum / corrigendum / cancellation of tender can also be seen in the said website. | | |

34117/11/0116/1819 **Sd./- Chief Engineer (Buildings), Odisha**



# State Health Assurance Society, Odisha
### Deptt. of Health & Family Welfare
### Govt. of Odisha
### SIHFW, Annex Building, Nayapalli, Bhubaneswar-751012, District-Khordha (Odisha)

Phone No.-0674-2560311, Email ID, snaodisha@gmail.com

**Re-Tender for hiring an agency to deal with IEC activities through road shows (Caravan Movement), Documentation, animation movies & wall paintings for promoting Biju Swasthya Kalyan Yojana in Odisha**

Advt No. 10/2018 Date:24.09.2018

No.450-E: Sealed tenders are invited from eligible bidders for undertaking IEC activities for promoting Biju Swasthya Kalyan Yojana in Odisha. The tender document with all information relating to the tender process including tender document cost, EMD, eligibility criteria, scope of work, terms & conditions, evaluation criteria and formats of submission of tender may be downloaded from the website: **www.nhmodisha.gov.in**.

A pre-bid meeting shall be held on 27.09.2018, 3.30 PM. Any amendment in the tender document due to decision in pre-bid meeting / extension of bid if any shall only be notified in the website mentioned above. The sealed tenders should reach the office of the undersigned by courier / registered post/by hand or may be dropped in the tender box, on or before 03.10.2018, 3.00 PM. The technical bid shall be opened on 03.10.2018 at 3.30 PM. Presentation by qualified bidders will be held at 04.10.2018 at 11.30 AM. The undersigned reserves the right to reject any or all the tenders or cancel the tender without assigning any reason thereof.

**Sd./- Chief Executive Officer,**
10001/11/0028/1819 **State Health Assurance Society, Odisha**



## GOVERNMENT OF ODISHA
### OFFICE OF THE EXECUTIVE ENGINEER, RURAL WORKS DIVISION-I, MALKANGIRI

e-mail : rwd_malkangiri@yahoo.co.in

793-O

**NATIONAL COMPETITIVE BIDDING THROUGH e-Procurement**

**Identification No. Online Tender 09/MKG/2018-19**

1. Name of the work : Road works (Detailed in Annexure)
2. Total Number of Works : 01 (One) Number
3. Tender Cost : Rs. 13.28 Lakhs
4. Class of Contractor : 'D' &'C' Class contractors
5. Period of Completion : 02 (Two) Calendar months (Detailed in Annexure)
6. Other Details :

| Procurement Officer | Bid Identification No. | No. of Works | Availability of Tender on-line for bidding | | Last Date & Time of seeking tender clarification | Date and time of opening of tender |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division-I, Malkangiri | Online Tender /09 RWD-I, MKG/ 2018-19 | 01 (One) Nos of Road works | 29.09.2018 from 11.00AM | 07.10.2018 upto 5.00PM | 06.10.2018 upto 5.00PM | 09.10.2018 at 11.30AM |

Further details can be seen from the Website www.tenderorissa.gov.in

25058/11/0012/1819 *Executive Engineer, R.W. Division-I, Malkangiri*



## OFFICE OF THE EXECUTIVE ENGINEER MINOR IRRIGATION DIVISION, DHENKANAL

No 2396 Dt. 18.9.2018

**e- Procurement Notice**

**Bid Identification No.- DMID / 05 / 2018-19**

e-mail ID : eemidkl@yahoo.co.in

No.527-A: The Executive Engineer, Minor Irrigation Division Dhenkanal on behalf of the Governor of Odisha invites online percentage rate tender through "e" procurement for the works as detailed in the Annexure to this bid notice.

| | |
|---|---|
| Name of the work: | Improvement of Check Dams |
| No. of Works: | 19( Nineteen) Nos |
| Estimated Cost: | Varies from Rs.3.71 lakh to Rs. 6.01 lakh (Approximately) |
| Cost of Tender Paper: | Varies from Rs 2000/- to Rs 4000/- (Non-Refundable) |
| Period of Completion: | 02( Two) Calendar months |
| Availability of bid documents for sale and receipt through on-line | From dt.29.09.2018, 10.00 A.M, to dt.11.10.2018, upto 5.00 P.M. |
| Last date / time of receipt of bids in the portal | 11.10.2018 (5.00 PM) |
| Date of opening of bid through online | On dt. 12.10.2018 at 11.00 A.M in the Office of the E.E, M.I. Division, Dhenkanal |
| Mode of payment of Bid Cost and Bid security | Online |
| Digital Signature Certificate of Bidder: | The Bidder must possess compatible digital signature certificate (DSC) |
| The detail tender call notice can also be seen in the DOWR website http:/dowrorissa.gov.in. | |
| Name & Address of the OIT: | Executive Engineer, Minor Irrigation Division, Dhenkanal. At / P.O / District – Dhenkanal. Ph.No / Fax No.-06762-224461, Email ID:eemidkl@yahoo.co.in |

Further details can be seen from the e-Procurement market place **http://tendersorissa.gov.in**.

**Executive Engineer**
32027/11/0008/1819 **M. I. Division, Dhenkanal**



## ODISHA TOURISM DEVELOPMENT CORPORATION LIMITED

(A GOVT. OF ODISHA UNDERTAKING
**PANTHANIVAS (OLD BLOCK): LEWIS ROAD: BHUBANESWAR-14**

**INVITATIONS FOR BIDS (IFB)**

**NOTICE INVITATION FOR BIDS (NIFB)**

**e-Procurement Notice No. BP -I/12/2018-19 dt.22.09.2018**

CAD-873

1. Nature of Work : Furnishing, Renovation, Parking, Toilet complex.
2. Total No.of Works : 8 Nos.
3. Value of Works : Rs. 32.16 lakhs to 82.42 lakhs
4. Bid Security : 1% of the amount put to tender
5. Class of Contractor : C, B and A
6. Period of Completion : 6 (Six) months to 12 (Twelve) months
7. Other details as follows :

| Procurement Officer | Bid Identification No. | Availability of Bid online | | Date, Time & Place of opening of Tender |
|---|---|---|---|---|
| Executive Engineer, B.P. Division No. I, OTDC Ltd. | BP-I/12/ 2018-19 dt. 22.09.2018 | From 26.09.2018 | To 10.10.2018 | 11.30 Hours of dt.12.10.2018 in the office of the Executive Engineer, B.P. Division No.I, OTDC Ltd, Bhubaneswar |

Further details can be seen from the Govt. Website www.tenderodisha.gov.in

37002/11/0046/1819 *Sd./- Executive Engineer, B.P.Division No. I*

ସୌନ୍ଦର୍ଯ୍ୟ

# ଆଖି ତଳ କଳା ପଡ଼ିଥିଲେ...

ଶରୀରରେ ଭିଟାମିନ୍ ବା ଅନ୍ୟ ପୋଷକ ତତ୍ତ୍ୱ କମ୍ ହେଲେ, ନିଦ ଠିକ୍ ଭାବେ ନ ହେଲେ, ଟେନ୍‌ସନରେ ରହିଲେ କିମ୍ବା ଆନୁବଂଶିକ କାରଣରୁ ବି ଆଖି ତଳ କଳା ପଡ଼ିଥାଏ। ତେବେ କିଛି ଘରୋଇ ଟିପ୍ସ ଆପଣାଇଲେ ଆପଣ ଏହି ସମସ୍ୟାରୁ ମୁକ୍ତି ପାଇପାରିବେ...





- ୫୦ ଗ୍ରାମ୍ ତୁଳସୀପତ୍ର, ନିମ୍ବପତ୍ର ଏବଂ ପୋଦିନାପତ୍ରରେ ସାମାନ୍ୟ ଗୋଲାପଜଳ ମିଶାଇ ଭଲଭାବେ ଗ୍ରାଇଣ୍ଡିଂ କରନ୍ତୁ। ଏହି ମିଶ୍ରଣରେ ସାମାନ୍ୟ ହଳଦୀଗୁଣ୍ଡ ମିଶାଇ ପେଷ୍ଟ ପ୍ରସ୍ତୁତ କରି ଆଖି ତଳେ ଲଗାନ୍ତୁ। କିଛି ସମୟ ପରେ ଧୋଇ ଦିଅନ୍ତୁ। କିଛିଦିନ ଏପରି କଲେ ଦେଖିବେ କଳାଦାଗ ଦୂରହୋଇଯାଉଛି।
- ରାତିରେ ଶୋଇବା ପୂର୍ବରୁ ଅଧା ଚାମଚ ବାଦାମତେଲ ଏବଂ ଦୁଇ ବୁନ୍ଦା ମହୁର ମିଶ୍ରଣକୁ ଆଖି ତଳେ ଲଗାଇ କିଛି ସମୟ ପରେ ଧୋଇଦିଅନ୍ତୁ। ଏହି ମିଶ୍ରଣକୁ ଆଙ୍ଗୁଳି ଦ୍ୱାରା ଆଖିର ଚାରିପାଖେ ମାଲିସ କରନ୍ତୁ।
- ଆଖି ତଳ କଳାଦାଗ ଦୂରକରିବା ପାଇଁ କୁକୁମ୍ବର ବା କାକୁଡ଼ି ଥେରାପି ବେଶ୍ ଉପଯୋଗୀ। କାକୁଡ଼ି କାଟି ଆଖି ଉପରେ ରଖନ୍ତୁ। ଏହା ଆଖିକୁ ଥଣ୍ଡା ରଖିବା ସହ ଆପଣଙ୍କୁ ଆରାମ ପ୍ରଦାନ କରିବ ଏବଂ କଳାଦାଗ ମଧ୍ୟ ଦୂରହୋଇଯିବ।
- ବ୍ୟବହାର କରିସାରିଥିବା ଟି ବ୍ୟାଗ୍‌କୁ ଆଖି ତଳେ ରଖନ୍ତୁ। ଏଥିରେ ଥିବା ତତ୍ତ୍ୱ ଟ୍ୟାନିଂ, ଆଖି ଫୁଲିବା ଏବଂ ଆଖି ତଳର କଳାଦାଗ ଦୂରକରିଥାଏ।
- ଦିନସାରା ବ୍ୟସ୍ତତା ଭିତରେ ରହି ଆଖିକୁ ରେଷ୍ଟ ନ ମିଳିବା ଦ୍ୱାରା ମଧ୍ୟ ଆଖି ତଳ କଳା ପଡ଼ିଥାଏ। ଏଥିପାଇଁ ଭରପୂର ନିଦ ଜରୁରୀ।
- ଆପଣଙ୍କ ଖାଦ୍ୟତାଲିକାରେ କ୍ଷୀର, ଦହି, ଡାଲି, ସବୁଜ ପନିପରିବା ଆଦି ଅନ୍ତର୍ଭୁକ୍ତ କରନ୍ତୁ।

# ଘରେ କରନ୍ତୁ ବ୍ୟାୟାମ

ସୁସ୍ଥ ଶରୀର ପାଇଁ ସନ୍ତୁଳିତ ଆହାର ସହ ବ୍ୟାୟାମ ବି ଜରୁରୀ। ଅନେକେ ଖାଦ୍ୟ ମାମଲାରେ ସତର୍କ ରହନ୍ତି। କିନ୍ତୁ ବ୍ୟାୟାମ ବେଳକୁ ବେପରୁଆ ହୋଇଯାଆନ୍ତି। ତେବେ ବ୍ୟାୟାମର ଥାଏ ବିଭିନ୍ନ ଉପକାରିତା। କିଛି ଶରୀରକୁ ସୁଗଠିତ କରେ ତ ଆଉ କିଛି ସୁସ୍ଥ ଓ ନିରୋଗ ରଖେ। ଜାଣନ୍ତୁ ବ୍ୟାୟମର ସେମିତି କିଛି ଉପକାରିତା ସମ୍ପର୍କରେ....





- ★ ପ୍ରତିଦିନ ୩୦-୪୫ ମିନିଟ୍ ପର୍ଯ୍ୟନ୍ତ ବ୍ୟାୟାମ କରିବା ଦ୍ୱାରା ମସ୍ତିଷ୍କ ଉପରେ ସୁସ୍ଥ ପ୍ରଭାବ ପଡ଼ିଥାଏ। ସ୍ମରଣ ଶକ୍ତି ବୃଦ୍ଧି ପାଇଥାଏ। ବ୍ୟାୟାମ ଦ୍ୱାରା ନୂଆ ତନ୍ତ୍ରିକା ଓ କୋଷ ତିଆରି ହୋଇଥାଏ। ଫଳରେ ଅଲ୍‌ଜିମର୍ସ ଓ ପାର୍କିନସନ୍ସ ଭଳି ରୋଗ ହେବା ଆଶଙ୍କା କମିଯାଏ।
- ★ ବ୍ୟାୟାମ କରିବା ଦ୍ୱାରା ଚିନ୍ତା ଦୂର ହେବା ସହ ଆତ୍ମବିଶ୍ୱାସ ବଢ଼ିଥାଏ।
- ★ ନିୟମିତ ବ୍ୟାୟାମ ଦ୍ୱାରା ହୃଦ୍‌ରୋଗର ଆଶଙ୍କା କମିଯାଏ। ପରିବାରରେ କାହାର ଏହି ରୋଗ ଥିଲେ ବି ବ୍ୟାୟାମ ଦ୍ୱାରା ଦୀର୍ଘ ଦିନ ପର୍ଯ୍ୟନ୍ତ ସୁସ୍ଥ ଜୀବନ ବିତାଇପାରିବେ।
- ★ ବ୍ୟାୟାମ ଦ୍ୱାରା କେବଳ ଓଜନ କମ୍ ହୋଇ ନ ଥାଏ ବରଂ ମଧୁମେହର ଆଶଙ୍କା କମ୍ ହୋଇଥାଏ। ନିୟମିତ ବ୍ୟାୟାମ ଦ୍ୱାରା ରକ୍ତରେ ଶର୍କରାର ମାତ୍ରା ନିୟନ୍ତ୍ରିତ ରହିଥାଏ। ଫଳରେ ମଧୁମେହ ହେବାର ଆଶଙ୍କା କମିଯାଏ।
- ★ ଉଚ୍ଚ ରକ୍ତଚାପରୁ ରକ୍ଷା ପାଇବା ପାଇଁ ନିୟମିତ ବ୍ୟାୟାମ କରନ୍ତୁ। ବ୍ୟାୟାମ ଦ୍ୱାରା ରକ୍ତ ସଞ୍ଚାଳନ ବୃଦ୍ଧି ପାଇଥାଏ ଏବଂ କାର୍ଯ୍ୟରତ ମାଂସପେଶୀରେ ଅଧିକ ମାତ୍ରାରେ ଅକ୍ସିଜେନ୍ ପ୍ରବାହିତ ହୋଇଥାଏ।
- ★ ନିୟମିତ ବ୍ୟାୟାମ ଦ୍ୱାରା ପ୍ରତିରକ୍ଷଣ ଗ୍ରନ୍ଥି ମଜଭୁତ୍ ହୋଇଥାଏ ଏବଂ ସର୍ଦ୍ଦି କମ୍ ହୋଇଥାଏ।
- ★ ଶାରୀରିକ ପରିଶ୍ରମ କରିବା ଦ୍ୱାରା ବିଛଣାକୁ ଯିବାମାତ୍ରେ ଆପଣଙ୍କୁ ଗାଢ଼ ନିଦ ହେବ। କିନ୍ତୁ ଶୋଇବା ପୂର୍ବରୁ ବ୍ୟାୟାମ କରନ୍ତୁ ନାହିଁ।

# ମା' ଝିଅ ସମ୍ପର୍କ



ଝିଅଟିଏ ତା' ଜୀବନରେ ପ୍ରତିଟି ନିଷ୍ପତ୍ତି ନେବାରେ ତଥା ଭଲ ଓ ମନ୍ଦ ଉଭୟ ସମୟରେ ମା'ର କଥାକୁ ଗୁରୁତ୍ୱ ଦେଇଥାଏ। ଉଭୟ ପରସ୍ପର ମଧ୍ୟରେ ସୁଖଦୁଃଖ ବାଣ୍ଟିଥାନ୍ତି। ଝିଅର ହାତ ଧରି ତାକୁ ଠିକ୍ ରାସ୍ତାରେ ନେବା ହେଉଛି ଏକ ମା'ର କର୍ତ୍ତବ୍ୟ। ଜାଣନ୍ତୁ ସେ ସମ୍ପର୍କରେ କିଛି କଥା ଯାହା ଝିଅକୁ ଶିଖାଇବା ନିହାତି ଆବଶ୍ୟକ...

ଜଣେ ଝିଅର କିଶୋରୀ ଅବସ୍ଥାରେ ଆଖିରେ ଆଖିଏ ସ୍ୱପ୍ନ ଥାଏ। ଦୁନିଆର ସବୁ କିଛି ହାତ ପାହାନ୍ତାରେ ଥିବା ପରି ଲାଗେ। କିନ୍ତୁ ମା' ହିଁ ଜାଣିଥାଏ କି ପ୍ରକୃତ ସତ କ'ଣ। ଜୀବନରେ ଅନେକ ସଂଘର୍ଷର ସାମ୍ନା କରିବାକୁ ପଡ଼ିଥାଏ। ଜୀବନ ରାସ୍ତାରେ କୌଣସି ଜିନିଷ ଏତେ ସହଜରେ ମିଳେ ନାହିଁ। ତା' ପାଇଁ ଅନେକ ବାଧାବିଘ୍ନର ସମ୍ମୁଖୀନ ହେବାକୁ ପଡ଼ିଥାଏ। ଏ ସମ୍ପର୍କରେ ଝିଅକୁ ବିଶଦ ଭାବରେ ବୁଝାଇବାର ଦାୟିତ୍ୱ ଜନ୍ମଦାତ୍ରୀ ମା' ହିଁ ବହନ କରିଥାଏ।

**ଦାୟିତ୍ୱବୋଧ :** ବିବାହ ପରେ ଜଣେ ଝିଅକୁ ଆଉ ଏକ ନୂଆ ପରିବାର ଚଳାଇବାକୁ ପଡ଼େ। ସେଠାରେ ଶାଶୁ, ଶ୍ୱଶୁର, ସ୍ୱାମୀ, ଦିଅର, ନଣନ୍ଦ ଆଦିଙ୍କ ସହ ସମାନ୍ତରାଳ ଭାବରେ ଚାଲିବାକୁ ପଡ଼େ। କାରଣ ତାକୁ ଜଣେ ସ୍ତ୍ରୀ ଦାୟିତ୍ୱକୁ ସୁଚାରୁ ରୂପେ ତୁଲାଇବାକୁ ପଡ଼େ। ବିବାହ ପୂର୍ବରୁ ଝିଅକୁ ଏ ବିଷୟରେ ଭଲ ଭାବରେ ଶିଖାଇଥିଲେ ତାହାର ବୈବାହିକ ଜୀବନକୁ ସେ ସୁରୁଖୁରୁରେ ଚଳାଇପାରିବ।

**ଆତ୍ମନିର୍ଭରଶୀଳ ହେବା ଜରୁରୀ:** ପିଲାକୁ ଆରମ୍ଭରୁ ହିଁ ପାଠପଢ଼ାର ମହତ୍ତ୍ୱ ଶିଖାନ୍ତୁ। ଯୁଗ ବଦଳୁଛି। ଏହା ସହ ତାଳଦେଇ ଚାଲିବା ଶିଖାନ୍ତୁ। ଆଜିକାଲି କେବଳ ପୁଅ ନୁହନ୍ତି, ଝିଅମାନେ ବି ଆତ୍ମନିର୍ଭରଶୀଳ ହେଲେଣି। ଅନ୍ୟମାନଙ୍କ ଉପରେ ନିର୍ଭର କରିବା ଅପେକ୍ଷା ଝିଅଟିଏ ଯଦି ନିଜର ଯୋଗ୍ୟତା ବଳରେ କିଛି ରୋଜଗାର କରି ଆତ୍ମନିର୍ଭରଶୀଳ ହୋଇପାରିଲା ତା'ହେଲେ କ୍ଷତି କ'ଣ ?

**ସଞ୍ଚୟ କରିବା ଶିଖାନ୍ତୁ:** ଯୁବାବସ୍ଥାରେ ଅଧିକାଂଶ ଝିଅ ଟଙ୍କା ସଞ୍ଚୟ କରି ନ ଥାନ୍ତି। ଫିଲ୍ମ ଦେଖିବା, ମନ ପସନ୍ଦର ଡ୍ରେସ୍ କିଣିବା, ମେକ୍ ଅପ୍ କରିବା ଆଦିରେ ଢେର୍ ଟଙ୍କା ଖର୍ଚ୍ଚ କରିଥାନ୍ତି। ବିଶେଷକରି ଯୁବତୀମାନେ ଏ ନେଇ ଅଧିକ ଟଙ୍କା ଖର୍ଚ୍ଚ କରିଥାନ୍ତି। ମା' ହିଁ ଝିଅର ସଉକ ଏବଂ ଆବଶ୍ୟକତା ଭିତରେ ପାର୍ଥକ୍ୟ ବୁଝାଇବା ଦରକାର। ଘରର ବଜେଟ ପ୍ରସ୍ତୁତି କଲାବେଳେ ଝିଅକୁ ମଧ୍ୟ ଏଥିରେ ସାମିଲ କରନ୍ତୁ। ଏହାଦ୍ୱାରା ସେ ଟଙ୍କାର ଅଯଥା ଖର୍ଚ୍ଚ ବିଷୟରେ ଅବଗତ ହେବା ସହ ସଞ୍ଚୟ ପ୍ରତି ମନୋନିବେଶ କରିପାରିବ।

**ଆତ୍ମସୁରକ୍ଷା:** ଆଜିକାଲି ନାରୀ ନିର୍ଯାତନା ଅନେକ ସମୟରେ ପ୍ରମୁଖ ଖବର ସାଜୁଛି। ତେଣୁ ଝିଅଟିଏ ନିଜକୁ କିପରି ସୁରକ୍ଷା ଦେବ ସେ ନେଇ ସଜାଗ ରହିବା ଆବଶ୍ୟକ। ରାସ୍ତାରେ ଯିବା ସମୟରେ ସତର୍କ ରହିବା, ଅଜଣା ସ୍ଥାନକୁ ଏକୁଟିଆ ନ ଯିବା, ନିଜର ସୁରକ୍ଷା ପାଇଁ ବିଶେଷଭାବରେ ନିକଟବର୍ତ୍ତୀ ପୋଲିସ ଷ୍ଟେଶନ କିମ୍ବା ସମ୍ପର୍କୀୟଙ୍କ ନମ୍ବର ପାଖରେ ରଖିବା ନିହାତି ଜରୁରୀ। ଆଜିକାଲି ଆତ୍ମସୁରକ୍ଷା ପାଇଁ ଅନେକ ଝିଅ ଜୁଡୋ, କରାଟେ ଆଦି ଶିଖୁଛନ୍ତି। ଆପଣ ଚାହିଁଲେ ଝିଅକୁ ଏପରି ଶିକ୍ଷା ଦେଇ ସୁରକ୍ଷା ଦେଇପାରିବେ।

**ଉତ୍ତମ ବନ୍ଧୁ ହୁଅନ୍ତୁ:** ପ୍ରଥମେ ଆପଣଙ୍କ ଝିଅର ଉତ୍ତମ ବନ୍ଧୁ ହୁଅନ୍ତୁ। ଏପରି ନିବିଡ଼ ସମ୍ପର୍କ ରଖନ୍ତୁ ଯେପରି ସେ ତା'ଜୀବନରେ ପ୍ରତିଟି କଥାକୁ ପ୍ରଥମେ ଆପଣଙ୍କ ସହ ଶେୟାର କରିବ। ତା'ମନରେ ସେତିକି ଆତ୍ମବିଶ୍ୱାସ ଦିଅନ୍ତୁ ଯେପରି ସେ କୌଣସି ଭୁଲ୍ କରିବାକୁ ସାହସ ମଧ୍ୟ କରିବ ନାହିଁ। କିଶୋର ଅବସ୍ଥାରେ ପିଲାମାନେ ମା'ବାପାଙ୍କ ଅପେକ୍ଷା ବେଶି ସାଙ୍ଗସାଥୀଙ୍କୁ ବିଶ୍ୱାସ କରିଥାନ୍ତି। ଜୀବନରେ ଭଲ ସାଙ୍ଗଟିଏ ବହୁତ କଷ୍ଟରେ ମିଳିଥାଏ। ଆପଣଙ୍କ ଝିଅକୁ ଭଲସାଙ୍ଗର ମହତ୍ତ୍ୱ ବିଷୟରେ ଶିଖାନ୍ତୁ। ଏହା ସହ ଖରାପ ସାଙ୍ଗଙ୍କ ସହିତ ମିଶିଲେ ଏହାର କୁପ୍ରଭାବ ବିଷୟରେ ବୁଝାନ୍ତୁ।

**ଝିଅ ଉପରେ ବୋଝ ହୁଅନ୍ତୁ ନାହିଁ:** ନିଜର ମହତ୍ ଆକାଂକ୍ଷା ଓ ଇଚ୍ଛାକୁ ପିଲା ଉପରେ ଲଦି ଦିଅନ୍ତୁ ନାହିଁ। ଆପଣଙ୍କ ଜୀବନରେ ଯାହା ନ କରି ପାରିଲେ ତାହା ଯେ ଆପଣଙ୍କ ପିଲା କରିପାରିବ ନାହିଁ ସେପରି ଭାବନ୍ତୁ ନାହିଁ। ପିଲାଙ୍କ ମନରେ କୌଣସି ଭେଦଭାବ ରଖନ୍ତୁ ନାହିଁ। ମନେରଖନ୍ତୁ, ଆପଣ ଅନ୍ୟମାନଙ୍କ ପ୍ରତି ଯେପରି ମନୋଭାବ ରଖିବେ ଆପଣଙ୍କ ପିଲା ଠିକ୍ ସେହିପରି ସମସ୍ତଙ୍କୁ ବ୍ୟବହାର ପ୍ରଦର୍ଶନ କରିବ।

**ମା'ର ଦାୟିତ୍ୱ ତୁଲାଇବା ଶିଖାନ୍ତୁ:** ମା' ହୋଇ ପିଲା ପାଇଁ ପ୍ରତିଟି କ୍ଷେତ୍ରରେ ଆସୁଥିବା ସମସ୍ୟାକୁ ସମାଧାନ କରିବା କଷ୍ଟ। ପିଲାଙ୍କ ପାଠପଢ଼, ତାକୁ ବଡ଼ କରିବା, ତା'ର ଦୁଷ୍ଟାମି ସମାଧାନ କରିବା ସହ ତାକୁ ଉତ୍ତମ ନାଗରିକ କରି ଗଢ଼ି ତୋଳିବା କାଠିକର ପାଠ। ଝିଅକୁ ବୁଝାନ୍ତୁ ଭବିଷ୍ୟତରେ ସେ କାହାର ସ୍ତ୍ରୀ, ମା' ଓ ବୋହୂ ହେବ। ଏଥିପାଇଁ ଦାୟିତ୍ୱକୁ ଅଣଦେଖା କରିବା ଠିକ୍ ନୁହେଁ। ତାକୁ ବୁଝାନ୍ତୁ, ପିଲା ଜନ୍ମଦେବାଠାରୁ ବଡ଼ ଦାୟିତ୍ୱ ହେଉଛି ତା'ର ଲାଳନପାଳନ କରିବା। ଆପଣ ତା'ର ସୁଖ ଭବିଷ୍ୟତ କାମନା କରିପାରିବେ, କିନ୍ତୁ ସବୁଦିନ ତଥା ସବୁବେଳେ ତା' ସହିତ ରହିପାରିବେ ନାହିଁ, ଏକଥା ବୁଝାନ୍ତୁ।







## କ'ଣ କରନ୍ତି ଏମାନେ...



ଯୁଗ ସହ ତାଳଦେଇ ଚାଲିବାକୁ ହେବ। ଏଥିପାଇଁ ନିଜକୁ ପ୍ରସ୍ତୁତ କରିବାକୁ ପଡ଼ିବ ବୋଲି ମୁଁ ମୋ ଝିଅକୁ ବୁଝାଇଥାଏ। ପାଠପଢ଼ି ଚାକିରି ହେଉ ଅବା ବ୍ୟବସାୟିକ ଜ୍ଞାନ ଲାଭ କରିବା ବର୍ତ୍ତମାନ ସମୟରେ ନିହାତି ଜରୁରୀ। ବୟୋଜ୍ୟେଷ୍ଠମାନଙ୍କୁ ସମ୍ମାନ ଦେଖାଇବା ସହ ଜୀବନରେ କୌଣସି କଥାରେ ତରବର ନ ହୋଇ ଭାବିଚିନ୍ତି ନିଷ୍ପତ୍ତି ନେବାକୁ ମୁଁ ତାକୁ କହିଥାଏ।

**– *ସବିତା କାନୁନ୍‌ଗୋ,*** *ୱାଟର ୱାର୍କ୍ସ ରୋଡ୍, ପୁରୀ*



ଝିଅର ଡ୍ରେସ୍ ଅପ୍‌ଠାରୁ ଆରମ୍ଭକରି ତା'ର ଚାଲିଚଳନ, କଥାବାର୍ତ୍ତା, ବ୍ୟବହାର ଆଦିକୁ ମୁଁ ନଜର ରଖିଥାଏ। ଭୁଲ୍ କଥାବାର୍ତ୍ତା, ନିଷ୍ପତ୍ତି ନେଉଥିଲେ ତାକୁ ଗାଇଡ୍ କରିଥାଏ। ଅଯଥା ସାମଗ୍ରୀ କିଣି ଟଙ୍କା ଖର୍ଚ୍ଚ ନ କରିବାକୁ ମୁଁ କହିଥାଏ। ଜୀବନରେ ବହୁ ଦାୟିତ୍ୱ ନିଭାଇବାର ଅଛି। ସେଥିପାଇଁ ନିଜକୁ ପ୍ରସ୍ତୁତ କରିବାକୁ କହେ।

**– *ସୌଦାମିନୀ ଦାସ,*** *ଗୌତମନଗର, ଭୁବନେଶ୍ୱର*

ଫ୍ୟାଶନ

# ମେହେନ୍ଦି ରସମ୍‌ରେ ରୁହନ୍ତୁ ଷ୍ଟାଇଲିଶ

ରିଙ୍ଗ୍ ସେରିମନିରୁ ଆରମ୍ଭକରି ବିବାହ ପର୍ଯ୍ୟନ୍ତ ପ୍ରତିଟି ଛୋଟ ବଡ଼ ଜିନିଷ କିଣିବା ବେଳେ ଯୁବତୀମାନେ ବେଶ୍ ସଚେତନ ହୋଇଥାନ୍ତି। କିନ୍ତୁ ଏହି ବ୍ୟସ୍ତତା ଭିତରେ ଯଦି ଆପଣ ମେହେନ୍ଦି ରସମ୍‌କୁ ଅଣଦେଖା କରନ୍ତି ତେବେ ବିବାହର ମସ୍ତିରେ କେଉଁଠି ନା କେଉଁଠି କମି ରହିଯିବ। ମେହେନ୍ଦି ରସମକୁ ଖାସ୍ କରିବା ପାଇଁ ଆପଣାନ୍ତୁ କିଛି ଟିପ୍ସ...



**ବ୍ରାଇଟ୍ କଲର ପିନ୍ଧନ୍ତୁ:** ଏହିଦିନ ଆପଣ ଯାହା ବି କପଡ଼ା ପିନ୍ଧନ୍ତୁ ତାହା ଡାର୍କ କଲର ହେବା ଆବଶ୍ୟକ। ଏହାଦ୍ୱାରା ଆପଣ ସୁନ୍ଦର ଓ କିଛି ଡିଫରେଣ୍ଟ୍ ଲାଗିବେ।

**ଟ୍ରେଣ୍ଡିଂ କଲର ପସନ୍ଦ କରନ୍ତୁ:** ମେହେନ୍ଦି ରସମ୍‌ରେ ସେହି ସମୟର ଟ୍ରେଣ୍ଡିଂ କଲର ପିନ୍ଧନ୍ତୁ ଯାହା ଆପଣଙ୍କୁ ବେଶ୍ ମାନିବ। ଏପରି କରିବା ଦ୍ୱାରା ଫଟୋଗ୍ରାଫ୍‌ରେ ବି ଆପଣ ଡିଫରେଣ୍ଟ୍ ଲାଗିବେ। ଯଦି ଆପଣଙ୍କୁ ଡାର୍କ କଲର ପସନ୍ଦ ନୁହେଁ ତେବେ ଲାଇଟ୍ କଲର ମଧ୍ୟ ବାଛିପାରିବେ।

**ଆଉଟ୍‌ଫିଟ୍:** ମେହେନ୍ଦି ସେରିମନି ଆରମ୍ଭ ହେବା ପୂର୍ବରୁ ନିଷ୍ପତ୍ତି ନିଅନ୍ତୁ କ'ଣ ପିନ୍ଧିବେ। ଆପଣଙ୍କ ଆଉଟ୍‌ଫିଟ୍ ଏପରି ହେବା ଦରକାର ଯେପରିକି ଏହା ଅଧିକ ଟାଇଟ୍, ହେଭି ଅବା ପିନ୍ଧିବାବେଳେ କୌଣସି ସମସ୍ୟା ସୃଷ୍ଟି ହେଉ ନ ଥିବ। ଆଉ ସେହି ଆଉଟ୍‌ଫିଟ୍‌ରେ ଯେପରି ଆରାମରେ ଡ୍ୟାନ୍ସ କରିପାରିବେ ସେ କଥାକୁ ମଧ୍ୟ ଧ୍ୟାନରେ ରଖିବେ।

**ଜୁଏଲେରି ସହ କମ୍ପ୍ରୋମାଇଜ୍ କରନ୍ତୁ ନାହିଁ:** ଯଦି ଆପଣ ଭଲ ଡ୍ରେସ୍ ପିନ୍ଧିଛନ୍ତି ତେବେ ଭଲ ଗହଣା ବି ପିନ୍ଧନ୍ତୁ। ଷ୍ଟାଇଲିଶ ଜୁଏଲେରି ପିନ୍ଧି ଲୁକ୍‌କୁ ମଡର୍ନ ରଖନ୍ତୁ। ଯଦି ନିଜକୁ ବୋଲ୍ଡ ଲୁକ୍ ଦେବାକୁ ଚାହୁଁଛନ୍ତି, ତେବେ କୁନ୍ଦନ ବା ପର୍ଲ ସେଟ୍ ଆପଣାଇପାରିବେ।

**ଭଲ ମେକ୍‌ଅପ୍ ନିଅନ୍ତୁ:** ମେହେନ୍ଦି ରସମ୍‌ରେ ଯଦି ଆପଣ ହେଭି ଡ୍ରେସ୍ ସହ ଲାଇଟ୍ ମେକ୍ ଅପ୍ ନିଅନ୍ତି ତେବେ ତାହା ମ୍ୟାଚ୍ କରି ନ ଥାଏ। ମେକ୍‌ଅପ୍ ଡିସେଣ୍ଟ ହେଉ, କିନ୍ତୁ ଡ୍ରେସ୍ ସହ ମ୍ୟାଚିଂ ହେବା ଦରକାର। ମେହେନ୍ଦି ପୂର୍ବରୁ ୱାକ୍ସିଂ କରାନ୍ତୁ। ଏହିଦିନ ୱାଟରପ୍ରୁଫ୍ ମେକ୍‌ଅପ୍ କରାନ୍ତୁ। ଏହାଦ୍ୱାରା ମେକ୍‌ଅପ୍ ଅଧିକ ସମୟ ପର୍ଯ୍ୟନ୍ତ ରହିବ।



**ହେୟାର ଷ୍ଟାଇଲ:** ଆପଣ କେଶକୁ ଖୋଲାରଖନ୍ତୁ ନାହିଁ। ନ ହେଲେ ମେହେନ୍ଦି ଲଗାଇ ସାରିବା ପରେ ଆପଣଙ୍କୁ ଅସୁବିଧା ହେବ। କାରଣ କେଶ ତଳକୁ ଆସିଲେ ଏହାକୁ ଉପରକୁ ନେବା ପାଇଁ ଆପଣଙ୍କୁ ବାରମ୍ବାର ଅନ୍ୟର ସାହାଯ୍ୟ ନେବାକୁ ପଡ଼ିବ। ତେଣୁ ମେହେନ୍ଦି ଲଗାଇବା ପୂର୍ବରୁ କେଶକୁ ଭଲଭାବେ ପିନ୍ ଅପ୍ କରନ୍ତୁ।

# ଗୃହିଣୀଙ୍କ ପାଇଁ...

- ❖ ଡିସ୍‌ଇନ୍‌ଫେକ୍ଟେଡ୍ ୱାଇପ୍‌ସରେ ଭ୍ୟାନିଟ୍‌କୁ ୫ ମିନିଟ୍ ପାଇଁ ସଫା କଲେ ତାହା ଭଲଭାବେ ପରିଷ୍କାର ହୋଇଥାଏ।
- ❖ କାର୍ପେଟ୍, ଗଦି ଲାଗିଥିବା ଆସବାବପତ୍ର ଏବଂ ମ୍ୟାଟ୍ରେସ୍ ଉପରେ ବେକିଂ ସୋଡା ପକାଇ ୧୫ ମିନିଟ୍ ପର୍ଯ୍ୟନ୍ତ ରଖନ୍ତୁ। ପରେ ଭାକ୍ୟୁମ୍ କ୍ଲିନର ଦ୍ୱାରା ସଫା କଲେ ତାହା ଶୀଘ୍ର ସଫା ହୋଇଥାଏ।
- ❖ କିଚେନ୍‌ରେ ଥିବା ଡଷ୍ଟବିନ୍‌କୁ ଲେମ୍ବୁ ଚୋପାରେ ସଫା କରନ୍ତୁ। ଏହାଦ୍ୱାରା ଡଷ୍ଟବିନ୍ ଭଲ ସଫା ହୋଇଥାଏ ଏବଂ ଦୁର୍ଗନ୍ଧ କମ୍ ହୋଇଥାଏ।
- ❖ ଘରେ ଡିସ୍ ୱାଶ୍‌ରେ ବାସନକୁସନ ମାଜିବାବେଳେ ପିଲାଙ୍କ ଖେଳଣା ତଥା ଅନ୍ୟ ପ୍ଲାଷ୍ଟିକ୍ ସାମଗ୍ରୀକୁ ମଧ୍ୟ ସଫା କରନ୍ତୁ। ଏହାଦ୍ୱାରା ଅନ୍ୟ ସାମଗ୍ରୀରେ ଥିବା ଅପରିଷ୍କାର କମ୍ ହୋଇଥାଏ ଏବଂ ସମୟ ମଧ୍ୟ ବଞ୍ଚିଥାଏ।
- ❖ ମୋବାଇଲ, ରିମୋଟ୍ ଆଦି ସଫା କରିବା ପାଇଁ ଆଲ୍‌କୋହଲ୍ ୱାଇପ୍‌ସ ବ୍ୟବହାର କରନ୍ତୁ।



Dollar 72.63 (43)
Sensex 536.58 36,305.02 | Nifty 168.20 10,974.90 | Gold ₹100 31,550.00 | Silver ₹50 38,100.00



> ଆପଣଙ୍କ ସେବା ଓ ସାମଗ୍ରୀରେ ଯେଉଁ ଗ୍ରାହକ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି ପ୍ରକୃତରେ ସେଇମାନେ ହିଁ ଆପଣଙ୍କ ବ୍ରାଣ୍ଡକୁ ଉନ୍ନତ କରିବାରେ ସାହାଯ୍ୟ କରନ୍ତି।
> – ବିଲ୍ ଗେଟ୍ସ,ପ୍ରତିଷ୍ଠାତା, ମାଇକ୍ରୋସଫ୍ଟ



> ଯେ ପର୍ଯ୍ୟନ୍ତ ଏକ ସହଜ ଓ ସରଳ ଉପାୟ ନ ବାହାରିଛି ସେ ପର୍ଯ୍ୟନ୍ତ ଚିନ୍ତା କରିବା ପ୍ରକ୍ରିୟା ହେଉଛି ସୃଜନଶୀଳତା।
> – ଟିମ୍ କୁକ୍, ସିଇଓ, ଆପଲ୍ ଆଇଏନ୍‌ସି



## ସଂକ୍ଷେପରେ

### ରିଜୋଲ୍ୟୁଶନ ପ୍ରକ୍ରିୟାକୁ ଆସିବେ ୪୫ ଦେବାଳିଆ କମ୍ପାନୀ

**ନୂଆଦିଲ୍ଲୀ, ୨୪-୯(ପି.ଟି.):** ପାଖାପାଖି ୪୫ଟି ଦେବାଳିଆ କମ୍ପାନୀ ନୂତନ ଇନସଲ୍‌ଭେନ୍ସି ଆଣ୍ଡ୍ ବ୍ୟାଙ୍କରପ୍ସି କୋଡ୍(ଆଇବିସି) ଆଧାରରେ ପୁନଃଥଇଥାନ ବ୍ୟବସ୍ଥାରେ ସାମିଲ ହେବେ। ଫଳରେ ୫ ହଜାର କୋଟି ଟଙ୍କାରୁ ଅଧିକ ମୂଲ୍ୟର ଋଣ ଅସୁଲ କରାଯାଇ ପାରିବ। ଏହି କମ୍ପାନୀଗୁଡିକ ଯେତେ ପରିମାଣର ଋଣ କରିଛନ୍ତି ତାହାର ୫୦% ପାଖାପାଖି ଋଣ ଅସୁଲ ହୋଇ ପାରିବ। ଇନ୍‌ସଲଭେନ୍ସି ଆଣ୍ଡ୍ ବ୍ୟାଙ୍କ ରପ୍ସି ବୋର୍ଡ ଅଫ୍ ଇଣ୍ଡିଆ(ଆଇବିବିଆଇ)ର ଅଧକ୍ଷ ମଧୁସୂଦନ ସାହୁ ଏହା କହିଛନ୍ତି। ସେ କହିଛନ୍ତି ୨୦୧୬ ମସିହାରୁ ଆଇବିସି କାର୍ଯ୍ୟକାରୀ ହେବା ପରଠାରୁ ଏଯାଏଁ ପ୍ରାୟ ୧୧୦୦ କମ୍ପାନୀ ରିଜୋଲ୍ୟୁଶନ ପ୍ରକ୍ରିୟାରେ ସାମିଲ ହେବା ପାଇଁ ଆବେଦନ କରିଛନ୍ତି। ସେଥି ମଧ୍ୟରୁ ୧୮୦ କମ୍ପାନୀ ଲିକୁଇଡେଶନ ପ୍ରକ୍ରିୟାରେ ଅଛନ୍ତି ବୋଲି ସାହୁ କହିଛନ୍ତି।

### ବ୍ୟାଙ୍କମୁଖ୍ୟମାନଙ୍କ ସହ ଜେଟ୍‌ଲୀଙ୍କ ସମୀକ୍ଷା ବୈଠକ ଆଜି



**ନୂଆଦିଲ୍ଲୀ,୨୪-୯:** କେନ୍ଦ୍ର ଅର୍ଥ ମନ୍ତ୍ରୀ ଅରୁଣ ଜେଟ୍‌ଲୀ ମଙ୍ଗଳବାର ରାଷ୍ଟ୍ରାୟତ୍ତ ବ୍ୟାଙ୍କ ମୁଖ୍ୟମାନଙ୍କୁ ଏଠାରେ ଭେଟିବେ। ଏହି ବୈଠକରେ ବ୍ୟାଙ୍କମାନଙ୍କର ଆର୍ଥିକ ସମୀକ୍ଷା କରାଯିବ। ବହୁ ପ୍ରସଙ୍ଗରେ ଆଲୋଚନା ହେବାର ଥିଲେ ହେଁ ମୁଖ୍ୟତଃ ଅନାଦାୟ ଋଣ(ଏନ୍‌ପିଏ) ହ୍ରାସ ମୁଖ୍ୟ ପ୍ରସଙ୍ଗ ରହିବ। ଏହାଛଡା ତିନୋଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କ ବ୍ୟାଙ୍କ ଅଫ୍ ବରୋଦା, ବିଜୟ ବ୍ୟାଙ୍କ ଏବଂ ଦେନା ବ୍ୟାଙ୍କକୁ ମିଶାଇ ଦିଆଯିବା ନେଇ ବିକଳ୍ପ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯିବ। ଇତିମଧ୍ୟରେ ବ୍ୟାଙ୍କଗୁଡିକ ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ୩୬,୫୫୧ କୋଟି ଟଙ୍କାର ଅନାଦାୟ ଋଣ ଫେରସ୍ତ ପାଇଛନ୍ତି, ଯାହାକି ଗତ ବର୍ଷ ଅପେକ୍ଷା ୪୯ ପ୍ରତିଶତ ଅଧିକ। ୨୦୧୭-୧୮ ଆର୍ଥିକ ବର୍ଷରେ ବ୍ୟାଙ୍କଗୁଡିକ ମୋଟ୍‌ରେ ୭୪,୫୬୨ କୋଟି ଟଙ୍କା ଏନ୍‌ପିଏ ଆଦାୟ କରିସାରିଛନ୍ତି।

### ସେନସେକ୍ସରେ ୫୩୬ ପଏଣ୍ଟ ହ୍ରାସ

**୫ ଦିନରେ ବୁଡିଗଲା ୮.୪୭ ଲକ୍ଷ କୋଟି**



**ମୁମ୍ବାଇ,୨୪-୯:** ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଏବଂ ମାର୍କେଟ ନିୟନ୍ତ୍ରକ ସେବିର ପ୍ରତିଶ୍ରୁତି ସତ୍ତ୍ୱେ ଶେୟାର ମାର୍କେଟ ହ୍ରାସ ଜାରି ରହିଛି। ସୋମବାର ସେନସେକ୍ସ ଏକ ସମୟରେ ୬୦୦ ପଏଣ୍ଟ ହ୍ରାସ ପାଇଥିଲେ ହେଁ ଏହା ଶେଷରେ ୫୩୬.୫୮ ପଏଣ୍ଟ(୧.୪୬%) ଏବଂ ନିଫ୍ଟି ୧୬୮.୨୦ ପଏଣ୍ଟ(୧.୫୧%) ହ୍ରାସ ପାଇ ଯଥାକ୍ରମେ ୩୬,୩୦୫.୦୨ ଏବଂ ୧୦,୯୬୭.୬୫ରେ ବନ୍ଦ ହୋଇଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧି, ଟଙ୍କାର ମୂଲ୍ୟ ହ୍ରାସ ପାଇବା, ଅଣବ୍ୟାଙ୍କିଙ୍ଗ ଆର୍ଥିକ ସଂସ୍ଥାକୁ ନେଇ ଚିନ୍ତା ଓ ଆମେରିକାରେ ଫେଡେରାଲ ରିଜର୍ଭର ଆସନ୍ତା ବୈଠକକୁ ଆଶଙ୍କିତ ନିବେଶକ ଶେୟାର ବିକି ନିଜ ଲାଭ ନେବାକୁ ଅଧିକ ପସନ୍ଦ କରିଥିଲେ। ଅନ୍ୟପକ୍ଷରେ କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ଷ୍ଟକ ବଜାରକୁ ଆଶ୍ୱସ୍ତ କରିବାକୁ ଚେଷ୍ଟା କରିଛନ୍ତି। ସେ କହିଛନ୍ତି, ସମସ୍ତ ଅଣବ୍ୟାଙ୍କିଙ୍ଗ ଆର୍ଥିକ ସଂସ୍ଥା ଏବଂ ମ୍ୟୁଚୁଆଲ ଫଣ୍ଡ ପାଇଁ କେନ୍ଦ୍ର ସରକାର ପାଣ୍ଠି ଯୋଗାଇବେ। ଏଥିରେ କୌଣସି ହେଳା ହେବନାହିଁ। ଶୁକ୍ରବାର ସେନସେକ୍ସ ୧୫୦୦ ପଏଣ୍ଟ ଖସିଯିବା ପରେ ସେବି ଓ ଆର୍‌ବିଆଇ କହିଥିଲେ ଯେ, ଏହା ଷ୍ଟକ ମାର୍କେଟର କାରବାର ଉପରେ ନଜର ରଖିଛନ୍ତି। ଆବଶ୍ୟକ ବେଳେ କଡ଼ା ପଦକ୍ଷେପ ନେବେ। ତେବେ ସେମାନଙ୍କ ପ୍ରତିଶ୍ରୁତି ଉପରେ ନିବେଶକଙ୍କ ଭରସା ନ ଥିବା ପରିଲକ୍ଷିତ ହୋଇଛି। ଉଲ୍ଲେଖଥାଉ କି, ସେନସେକ୍ସ କ୍ରମାଗତ ୫ମ ଦିନ ହ୍ରାସ ପାଇଛି। ଇତିମଧ୍ୟରେ ଏହା ପ୍ରାୟ ୧୫୦୦ ପଏଣ୍ଟରୁ ଅଧିକ ଖସି ସାରିଥିବା ବେଳେ ନିବେଶକଙ୍କ ପ୍ରାୟ ୮.୪୭ ଲକ୍ଷ କୋଟି ଟଙ୍କା ବୁଡ଼ିଯାଇଛି।

### ଟଙ୍କାର ଅସ୍ଥିରତା ରୋକିବାକୁ ପ୍ରଥମ ପଦକ୍ଷେପ

# ତେଲ ଆମଦାନୀ କମାଇବେ ବିପଣନ କମ୍ପାନୀ

**ନୂଆଦିଲ୍ଲୀ,୨୪-୯**

ଟଙ୍କାର ମୂଲ୍ୟ ହ୍ରାସ ତଥା ଏଥିରେ ଦେଖାଦେଇଥିବା ଅସ୍ଥିରତାକୁ ରୋକିବା ଲାଗି କେନ୍ଦ୍ର ସରକାରଙ୍କ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ପ୍ରଥମ ପଦକ୍ଷେପ ସ୍ୱରୂପ ତେଲ ଆମଦାନୀ କମାଇବା ଲାଗି ନିଷ୍ପତ୍ତି ନିଆଯାଇଛି। ଏନେଇ ଦେଶର ତୈଳ ବିପଣନ କମ୍ପାନୀଗୁଡିକ ଏକ ବୈଠକରେ ବସିଥିଲେ। କେବଳ ଭାରତ ନୁହେଁ ଅନ୍ୟ ବିକାଶଶୀଳ ଦେଶ ମଧ୍ୟ ସମାନ ନିଷ୍ପତ୍ତି ନେବାକୁ ଯାଉଛନ୍ତି। ଏହା ସମ୍ଭବ ହେଲେ ଆଗାମୀ ଦିନରେ ଆନ୍ତର୍ଜାତିକ ବଜାରରେ ତେଲ ଚାହିଦା ଯଥେଷ୍ଟ କମିଯିବ।

ଗୁରୁବାର ଅନ୍ତର୍ଜାତୀୟ ବଜାରରେ ଭାରତ ବ୍ୟବହାର କରୁଥିବା ବ୍ରେଣ୍ଟ କ୍ରୁଡ ତେଲ ଦାମ ବ୍ୟାରେଲ ପିଛା ୮୦ ଡଲାର ଟପିଗଲାଣି। ଏହା ଫେବୃୟାରୀ ୧୩ରେ ସର୍ବନିମ୍ନ ସ୍ତର ଛୁଇଁବା ପରେ ଆଜି ସୁଦ୍ଧା ୩୦ ପ୍ରତିଶତ ବଢ଼ିଛି। ତେବେ ଟଙ୍କା ମୂଲ୍ୟକୁ ହିସାବକୁ ନେଲେ ଏହି ବୃଦ୍ଧିର ପରିମାଣ ୪୬ ପ୍ରତିଶତ ବୋଲି ଧରାଯିବ। ତୈଳ କମ୍ପାନୀଗୁଡିକ ଡଲାର ବିନିମୟରେ ଅଶୋଧିତ ତେଲ କିଣୁଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମୁଣ୍ଡବ୍ୟଥା ବଢ଼ିଯାଇଛି। କାରଣ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧି ଯୋଗୁ ଦେଶରେ ଏବେ ପେଟ୍ରୋଲ ଓ ଡିଜେଲ ଦର କ୍ରମାଗତ ବଢ଼ିଚାଲିଛି। ଆସନ୍ତା ବର୍ଷ ହେବାକୁ ଯାଉଥିବା ସାଧାରଣ ନିର୍ବାଚନରେ ତେଲ ଦର ବୃଦ୍ଧି ଏକ ମୁଖ୍ୟ ପ୍ରସଙ୍ଗ ହେବାକୁ ଯାଉଥିବାରୁ ଏବଂ ଦେଶର ଚଳନ୍ତି ଜମା ନିଅଣ୍ଟ (ସିଏଡି) ପରିମାଣ ବୃଦ୍ଧିକୁ ରୋକିବା ଲାଗି ଏନ୍‌ଡିଏ ସରକାର ଏବେ ଅଣ୍ଟା ଭିଡିଛନ୍ତି।



- ବ୍ରେଣ୍ଟ କ୍ରୁଡ୍ ବ୍ୟାରେଲ ପିଛା ୮୦ ଡଲାର ଟପିଲା
- ସର୍ବନିମ୍ନ ସ୍ତରଠାରୁ ୩୦% ବଢ଼ିଛି ତେଲ ଦର
- ଅଗଷ୍ଟରେ ୧୮.୬ ମିଲିୟନ ଟନ ତେଲ ଆମଦାନୀ

ଟଙ୍କା ମୂଲ୍ୟକୁ ନିୟନ୍ତ୍ରଣ କରିବା ପାଇଁ ସରକାର ଅନେକ ପଦକ୍ଷେପ ଘୋଷଣା କରିଥିଲେ ହେଁ ଡଲାର ବିନିମୟରେ ଟଙ୍କା ମୂଲ୍ୟ ୭୨ ସ୍ତର ଉପରେ ରହିଛି। ତେଲ ଆମଦାନୀ ବୃଦ୍ଧି ଯୋଗୁ ସିଏଡି ବଢ଼ୁଛି। ଏହାମଧ୍ୟ ଟଙ୍କାକୁ ଦୁର୍ବଳ କରୁଛି। ଏହି କାରଣରୁ ଗତ ୧୫ରେ ତୈଳ କମ୍ପାନୀମାନଙ୍କ ମୁଖ୍ୟମାନେ ଏକାଠି ବୈଠକରେ ବସି ସମ୍ଭାବ୍ୟ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଥମ ପଦକ୍ଷେପ ସ୍ୱରୂପ ସ୍ୱଳ୍ପ ଅବଧି ପାଇଁ ବିଦେଶରୁ ତେଲ କିଣିବା ବନ୍ଦ କରିବାକୁ ନିଷ୍ପତ୍ତି ହୋଇଛି। ଏ ସମ୍ପର୍କରେ ସୂଚନା ଦେଇ ଇଣ୍ଡିଆନ ଅଏଲ କର୍ପୋରେଶନର ଅଧକ୍ଷ ସଞ୍ଜୀବ ସିଂହ କହିନ୍ତି ଯେ, ଶନିବାର(ସେପ୍ଟେମ୍ବର ୧୫) ତୈଳ ବିପଣନ କମ୍ପାନୀମାନେ ଏକାଠି ବସି ତୈଳ ଆମଦାନୀ ସଂକ୍ରାନ୍ତରେ ଆଲୋଚନା କରିଛନ୍ତି। ଅଶୋଧିତ ତେଲ ଆମଦାନୀ କମାଇବା ନେଇ ଏହି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହାଛଡା ଗତ ୩-୪ ମାସ ହେବ ଏସିଆନ ପ୍ରିମିୟମ ବ୍ୟାରେଲ ପିଛା ୩ରୁ ୫ ପ୍ରତିଶତ ବଢ଼ିଯାଇଛି। ତେଲ ଆମଦାନୀ କମାଇବା ନିଷ୍ପତ୍ତି ନେବାରେ ଏହା ମଧ୍ୟ ଆଉ ଏକ କାରଣ ବୋଲି ସେ ଉଲ୍ଲେଖ କରିଛନ୍ତି। ସୂଚନାଥାଉ କି, ଓପେକ୍ ପକ୍ଷରୁ ଏସିଆନ ପ୍ରିମିୟମ ନାମରେ ଏସିଆର ଦେଶଗୁଡିକରୁ ଅତିରିକ୍ତ ଚାର୍ଜ ନିଆଯାଇଥାଏ। ସୂଚନାଥାଉକି, ତୈଳ ବିପଣନ କମ୍ପାନୀମାନେ ମାସକ ପାଇଁ ତେଲ ସାଇତି ରଖନ୍ତି। ଆମଦାନୀ ବନ୍ଦ କରିଦେଲେ ମଧ୍ୟ ଯୋଗାଡ ପ୍ରଭାବିତ ହେବ ନାହିଁ ବୋଲି ମତପ୍ରକାଶ ପାଇଛି। ଉଲ୍ଲେଖଥାଉ କି, ଭାରତ ଅଗଷ୍ଟରେ ୧୮.୬ ମିଲିୟନ ଟନ ତେଲ ଆମଦାନୀ କରିଥିଲା। ଏଥିପାଇଁ ଦେଶକୁ ୯.୮ ବିଲିୟନ ଡଲାର ବ୍ୟୟ କରିବାକୁ ପଡିଥିଲା। ଗତବର୍ଷର ସମାନ ସମୟରେ ଭାରତ ୧୮.୧ ମିଲିୟନ ଟନ ତେଲ ଆମଦାନୀ କରିଥିଲା ଓ ଏଥିପାଇଁ ମାତ୍ର ୬.୪ ବିଲିୟନ ଡଲାର ଖର୍ଚ୍ଚ କରାଯାଇଥିଲା।

### ୯୦ ଟଙ୍କା ଅତିକ୍ରମ କଲା ପେଟ୍ରୋଲ ଦର

**ନୂଆଦିଲ୍ଲୀ, ୨୪-୯(ପିଟି):** ଆଉ ୧୦ ଟଙ୍କା ବଢ଼ିଲେ ଦେଶରେ ପେଟ୍ରୋଲ ଦର ୧୦୦ ଟଙ୍କା ଅତିକ୍ରମ କରିଯିବ। ମିଳିଥିବା ସୂଚନା ଅନୁସାରେ ମୁମ୍ବାଇ ସହରରେ ସୋମବାର ପେଟ୍ରୋଲ ଲିଟର ପିଛା ଦର ୯୦ ଟଙ୍କା ଅତିକ୍ରମ କରି ଯାଇଛି। ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ସୋମବାର ପେଟ୍ରୋଲ ଲିଟର ୧୧ ପଇସା ଏବଂ ଡିଜେଲ ଲିଟର ୫ ପଇସା ବୃଦ୍ଧି ପାଇଛି। ଫଳରେ ଏଠାରେ ଇଣ୍ଡିଆନ୍ ଅଏଲ୍ କର୍ପୋରେଶନ(ଆଇଓସି)ର ଫୁଏଲ୍ ଷ୍ଟେଶନରେ ଦର ୯୦ ଟଙ୍କା ୮ ପଇସା ରହିଥିବା ବେଳେ ଏଚ୍‌ପିସିଏଲ୍‌ର ଦର ୯୦ ଟଙ୍କା ୧୭ ପଇସା ରହିଛି। ସେହିଭଳି ବିପିସିଏଲ୍ ପେଟ୍ରୋଲ ଦର ୯୦ ଟଙ୍କା ୧୪ ପଇସା କଷୁଛି। ରାଜଧାନୀ ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ଦର ୮୨ ଟଙ୍କା ୭୨ ପଇସା ଏବଂ ଡିଜେଲ ଦର ୭୪ ଟଙ୍କା ୨ ପଇସା ହୋଇଛି। ସ୍ଥାନୀୟ ସୂଚନା ଅନସାରେ ଭୁବନେଶ୍ୱରରେ ପେଟ୍ରୋଲ ଦର ୮୧ ଟଙ୍କା ୫୪ ପଇସା ଏବଂ ଡିଜେଲ ଦର ୭୯ ଟଙ୍କା ୪୩ ପଇସାକୁ ବୃଦ୍ଧି ପାଇଛି।

### ଅଦାଲତରେ ଜବାବ ଦେଲେ ମାଲ୍ୟା

# ଋଣ ଫେରାଇବାକୁ ଚାହୁଁଥିଲି, ଇଡି ରୋକିଲା

**ମୁମ୍ବାଇ,୨୪-୯**



ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପକ୍ଷରୁ ସମ୍ପତ୍ତି ବାଜ୍ୟାପ୍ତ ମାମଲାରେ ପଳାତକ ମଦ ବ୍ୟବସାୟୀ ବିଜୟ ମାଲ୍ୟା ସୋମବାର ସ୍ଥାନୀୟ ଅଦାଲତରେ ନିଜର ଜବାବ ଉପସ୍ଥାପନ କରିଛନ୍ତି। ସେ ତାଙ୍କର ବକେୟା ଋଣ ଫେରାଇ ଦେବାକୁ ଚାହୁଁଥିଲେ, କିନ୍ତୁ ଇଡି ତାହା କରାଇ ଦେଲେନି ବୋଲି ମାଲ୍ୟା ଅଭିଯୋଗ କରିଛନ୍ତି।

ଇଡିର ଆବେଦନ ଉପରେ ପିଏମ୍‌ଏଲ୍‌ଏ ଅଦାଲତରେ ଶୁଣାଣି ବେଳେ ମାଲ୍ୟା ନିଜର ଓକିଲ ଏମ୍.ଏସ୍ ଆଜମୀଙ୍କ ମାଧ୍ୟମରେ ଜବାବରେ ଦର୍ଶାଇଛନ୍ତି ଯେ, ଗତ ୨-୩ ବର୍ଷ ହେଲା ସେ ବ୍ୟାଙ୍କଗୁଡିକୁ ଋଣ ଫେରାଇବା ଲାଗି ପ୍ରୟାସ କରୁଥିଲେ। ବ୍ୟାଙ୍କକୁ ଟଙ୍କା ଫେରସ୍ତ ଲାଗି ପ୍ରକ୍ରିୟା ଆରମ୍ଭ କରିବା ପରିବର୍ତ୍ତେ ଇଡି ପ୍ରତି ପଦକ୍ଷେପରେ ତାଙ୍କୁ ରୋକିଥିଲା। ଇଡିର ଆବେଦନକୁ ବିରୋଧ କରି ମାଲ୍ୟା କହିଛନ୍ତି ଯେ, ସେ ଲଣ୍ଡନରେ ଚାଲିଥିବା ପ୍ରତ୍ୟର୍ପଣ ମାମଲାରେ ସର୍ବଦା ସହଯୋଗ କରିଆସୁଛନ୍ତି। ଇଡିର ଆବେଦନ ଏବଂ ସମ୍ପତ୍ତି ଜବତ କରିବା ପ୍ରୟାସ ଜନତା ଏବଂ ରାଷ୍ଟ୍ର ହିତକୁ ବିରୁଦ୍ଧାଚରଣ କରୁଛି। ସେ ଭାରତ ଆସିବାକୁ ଚାହୁଁନାହାନ୍ତି ଏହା କହିବା ସମ୍ପୂର୍ଣ୍ଣ ଭୁଲ୍ ହେବ। ଲଣ୍ଡନରେ ରହୁଥିବାରୁ ସେଠାକାର ଆଇନ ଅନୁଯାୟୀ କାର୍ଯ୍ୟ କରୁଥିବା ସେ ଦର୍ଶାଇଛନ୍ତି। ଏଭଳି ସ୍ଥିତିରେ ତାଙ୍କୁ ପଳାତକ ଆର୍ଥିକ ଅପରାଧୀ ଘୋଷଣା କରାଯିବା ଅନୁଚିତ। ଉଲ୍ଲେଖଥାଉକି, ଲଣ୍ଡନରେ ମାଲ୍ୟାଙ୍କ ପ୍ରତ୍ୟର୍ପଣ ମାମଲାର ଶୁଣାଣି ଶେଷ ହୋଇଛି ଏବଂ ଡିସେମ୍ବର ୧୦ରେ ରାୟ ପ୍ରକାଶ ପାଇବ। ସେହିଦିନ ପର୍ଯ୍ୟନ୍ତ ଏହି ମାମଲାକୁ ଟାଳି ଦେବା ଲାଗି ମାଲ୍ୟାଙ୍କ ଓକିଲ ଯୁକ୍ତି ଦର୍ଶାଇଥିଲେ। ଅନ୍ୟପକ୍ଷରେ ଏହି ମାମଲାରେ ଏକାଧିକ ପକ୍ଷଙ୍କ ଆବେଦନ ଉପରେ ଇଡି ତାଙ୍କ ପକ୍ଷ ରଖିଛନ୍ତି। ସୂଚନାଥାଉ କି, ମାଲ୍ୟା ୯ହଜାର କୋଟି ଟଙ୍କାର ଋଣ ନେଇ ପରିଶୋଧ କରିବା ପରିବର୍ତ୍ତେ ଲଣ୍ଡନ ଫେରାର ହୋଇଯାଇଛନ୍ତି। ଦେଶ ତଥା ବିଦେଶରେ ଥିବା ତାଙ୍କର ସମସ୍ତ ଜବତ ସମ୍ପତ୍ତିକୁ ବାଜ୍ୟାପ୍ତ ପାଇଁ ଇଡି ପକ୍ଷରୁ ପିଏମ୍‌ଏଲ୍‌ଏ ଅଦାଲତରେ ଆବେଦନ କରାଯାଇଛି।

# ବଜାରରେ କମୁଛି ନଗଦ

**ମୁମ୍ବାଇ,୨୪-୯**

**ମେ'ରୁ ହ୍ରାସ ଧାରା ଆରମ୍ଭ**



ବିମୁଦ୍ରୀକରଣ ପରେ ନଗଦ ଅର୍ଥର ପ୍ରବାହ ବହୁଗୁଣିତ ହୋଇଥିଲା। ଯେତିକି ଟଙ୍କା ବ୍ୟାଙ୍କକୁ ଫେରିଥିଲା ତା'ର ୯୯.୯ ପ୍ରତିଶତ ପୁନର୍ବାର ବଜାରରେ ପ୍ରଚଳନ ହୋଇସାରିଥିଲା। ତେବେ ଚଳିତ ବର୍ଷ ମେ'ରୁ ବଜାରରେ ଟଙ୍କାର ପ୍ରବାହ ଧୀରେ ଧୀରେ କମିବାରେ ଲାଗିଛି ବୋଲି ଷ୍ଟେଟ ବ୍ୟାଙ୍କର ରିପୋର୍ଟରେ ପ୍ରକାଶ କରାଯାଇଛି। ତେଲ ଦର ବଢ଼ିବା ଏବଂ ରିଜର୍ଭ ବ୍ୟାଙ୍କ ପକ୍ଷରୁ ବିଦେଶୀ ମୁଦ୍ରା ବଜାରରେ ହସ୍ତକ୍ଷେପ ଯୋଗୁ ଏବେ ବଜାରରେ ନଗଦ ଅର୍ଥର ଅଭାବ ପରିଲକ୍ଷିତ ହେଉଛି। ଏସ୍‌ବିଆଇ ରିସର୍ଚ୍ଚ ରିପୋର୍ଟରେ କୁହାଯାଇଛି ଯେ, ଜାନୁୟାରୀ ୨୦୧୭ରେ ବଜାରରେ ନଗଦ ଅର୍ଥର ପରିମାଣ ୯ଲକ୍ଷ କୋଟି ଟଙ୍କା ଥିବା ବେଳେ ଚଳିତ ବର୍ଷ ସେପ୍ଟେମ୍ବର ୧୪ ତାରିଖ ସୁଦ୍ଧା ଏହା ବଢ଼ି ୧୯.୫ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଯାଇଛି। ତେବେ ଚଳିତ ବର୍ଷ ମେ'ରେ ଏହା ୧୯ରୁ ୧୯.୬ ଲକ୍ଷ କୋଟି ଟଙ୍କା ଥିଲା। ତେଲ ଦର ବଢ଼ିବା କାରଣରୁ ଗ୍ରାମାଞ୍ଚଳର ଲୋକେ ଅଦରକାରୀ ଖର୍ଚ୍ଚକୁ କମାଇବା ଆରମ୍ଭ କରିଛନ୍ତି। ଏହା ପ୍ରଥମ କାରଣ ବୋଲି କୁହାଯାଉଛି। ଦ୍ୱିତୀୟତଃ ଆର୍‌ବିଆଇ ବୈଦେଶିକ ମୁଦ୍ରା ବଜାରରେ ଡଲାର ବିକ୍ରି କରିବାରୁ ଡିଲର/ବ୍ୟାଙ୍କମାନେ ବଜାରରୁ ଟଙ୍କା କାଢ଼ିବା ଆରମ୍ଭ କରିଛନ୍ତି। ଏହା ଦ୍ୱିତୀୟ କାରଣ ହୋଇପାରେ ବୋଲି ରିପୋର୍ଟରେ ଦର୍ଶାଯାଇଛି। ତେବେ ଏହି କାରଣରୁ ବଜାରରେ ନଗଦ ଅର୍ଥ ପ୍ରଚଳନ ଉପରେ ସେଭଳି ପ୍ରଭାବ ପଡିବ ନାହିଁ ବୋଲି ଏଥିରେ କୁହାଯାଇଛି। ଆଉ ଏକ କାରଣ ରହିଛି, ଯାହାକି ବିଶେଷ ଗୁରୁତ୍ୱପୂର୍ଣ୍ଣ ବୋଲି ମନେକରାଯାଉନି। ରିଜର୍ଭ ବ୍ୟାଙ୍କ ଚିରାଫଟା ନୋଟ୍ ବଦଳାଉଥିବାରୁ ନଗଦ ଅର୍ଥର ଅଭାବ ଦେଖିବାକୁ ମିଳୁଛି ବୋଲି ମନେକରାଯାଉଥିବା ରିପୋର୍ଟରେ କୁହାଯାଇଛି।



# ଏସ୍‌ଏସ୍‌ଓୟୁକୁ କାର୍ ପ୍ରଦାନ କଲା ଫକ୍ସୱାଗନ

**ପୁଣେ, ୨୪-୯**

ପ୍ରମୁଖ ବିଳାସମୟ କାର୍ ନିର୍ମାତା ଫକ୍ସୱାନ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡେ ସିମ୍ବୋସିସ୍ ସ୍କିଲ୍ ଆଣ୍ଡ୍ ଓପନ ୟୁନିଭର୍ସିଟି (ଏସ୍‌ଏସ୍‌ଓୟୁ) ସହିତ ଚୁକ୍ତି ସ୍ୱାକ୍ଷର କରିଛି। ଏହି ଚୁକ୍ତି ଆଧାରରେ ଏସ୍‌ଏସ୍‌ଓୟୁର ଅଟୋମୋବାଇଲ୍ ବିଭାଗର ଛାତ୍ରୀଛାତ୍ରଙ୍କ ପାଠପଢା ସୁବିଧା ପାଇଁ କମ୍ପାନୀ ଏହାର ଭେଣ୍ଟୋ ମଡେଲ୍ କାର୍ ପ୍ରଦାନ କରିଛି। ଏହି ଯାନ ଏସ୍‌ଏସ୍‌ଓୟୁର ଅଟୋମୋବାଇଲ୍ ଟ୍ରେନିଂ ଲାବୋରେଟୋରିରେ ରଖାଯିବ। ଫକ୍ସୱାଗନର ସଭ ।ପତି ତଥା ପ୍ରବନ୍ଧ ନିର୍ଦ୍ଦେକ ଏ. ଲରେମାନ୍ ଏବଂ ଏସ୍‌ଏସ୍ ଓପନ୍ ୟୁନିଭର୍ସିଟିର ପ୍ରୋ-ଚାନ୍ସେଲର ଡ. ସ୍ୱାତି ମଜୁମଦାର ଏହି ଚୁକ୍ତିରେ ସ୍ୱାକ୍ଷର କରିଛନ୍ତି। ସୂଚନା ଅନୁସାରେ ଭାରତରେ କମ୍ପାନୀ ପକ୍ଷରୁ ଫକ୍ସୱାଗନ ଏକାଡେମୀ ପରିଚାଳିତ ହେଉଛି। ମାନୁଫାକ୍ଟରିଂ ଶିଳ୍ପର ବିଭିନ୍ନ କୌଶଳ ଉପରେ ତାଲିମ୍ ପ୍ରଦାନ କ୍ଷେତ୍ରରେ ଏହି ଏକାଡେମୀ କାର୍ଯ୍ୟ କରୁଛି।

### ଫେସବୁକର ଭାରତ ମୁଖ୍ୟ ଅଜିତ ମୋହନ



**ନୂଆଦିଲ୍ଲୀ,୨୪-୯**

ଷ୍ଟାର ଇଣ୍ଡିଆର ଓଭର ଦି ଟପ୍ ଭିଡିଓ ସେବା ପ୍ରଦାନକାରୀ ହଟ୍‌ଷ୍ଟାରର ସିଇଓ ଅଜିତ ମୋହନଙ୍କୁ ଫେସବୁକ ଭାରତ ପାଇଁ ଭାଇସ ପ୍ରେସିଡେଣ୍ଟ ତଥା ଏମ୍‌ଡି ଭାବେ ନିଯୁକ୍ତ କରିଛି। ଷ୍ଟାର ଇଣ୍ଡିଆ ସିଇଓ ଉଦୟ ଶଙ୍କର ଏଠାରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ଅବସରରେ ଏହା ଘୋଷଣା କରିଥିଲେ। ଗତବର୍ଷ ଅକ୍ଟୋବରରେ ଉମଙ୍ଗ ବେଦି ଏମ୍‌ଡି ପଦରୁ ଇସ୍ତଫା ଦେବା ପରେ ଏହି ପଦଟି ଖାଲି ପଡିଥିଲା। ଫେସବୁକ ଭାରତରେ ଏହାର ପରିଚାଳନା ବୋର୍ଡରେ ଆମୂଳଚୂଳ ପରିବର୍ତ୍ତନ କରିବା ପରେ ମୋହନଙ୍କୁ ଭାରତ ପାଇଁ ଭାଇସ ପ୍ରେସିଡେଣ୍ଟ ନିଯୁକ୍ତ କରିବା ବିଶେଷ ଗୁରୁତ୍ୱ ବହନ କରେ। କମ୍ପାନୀ ଭାରତରେ କାରବାର ଉପରେ ବେଶ୍ ଗୁରୁତ୍ୱ ଦେଉଛି। ଫେସବୁକ୍ ଇଙ୍କର ବିଜନେସ ଏବଂ ମାର୍କେଟିଂ ପାର୍ଟନରଶିପ୍ ଭାଇସ ପ୍ରେସିଡେଣ୍ଟ ଡେଭିଡ୍ ଫିସର କହିଛନ୍ତି ଯେ, ଅଜିତଙ୍କ ଅଭିଜ୍ଞତା ଭାରତରେ କମ୍ପାନୀର କାରବାର ବୃଦ୍ଧିରେ ସହାୟକ ହେବ।

# ୧୫% ଅଧିକ ବେଗରେ ଗଡ଼ିବ ଭାରତୀୟ ରେଳ

**ନୂଆଦିଲ୍ଲୀ, ୨୪-୯**

ଭାରତୀୟ ରେଳପଥ ଏହାର ସମସ୍ତ ନେଟ୍‌ୱର୍କକୁ ବିଦ୍ୟୁତୀକରଣ କରିବ। ଅର୍ଥାତ୍ ଡିଜେଲ ପରିବର୍ତ୍ତେ ସବୁ ଟ୍ରେନ୍ ବିଦ୍ୟୁତ୍‌ରେ ଚାଲିବ। ୨୦୨୧-୨୨ ସୁଦ୍ଧା ଯଦି ଏହା ସମ୍ପୂର୍ଣ୍ଣ ହୋଇଯାଏ ତାହାଲେ ରେଳଗୁଡିକର ଘଣ୍ଟାପ୍ରତି ବେଗ ଆଉ ୧୦ରୁ ୧୫% ବୃଦ୍ଧି ପାଇବ। ରେଳ ବୋର୍ଡ ପକ୍ଷରୁ ଏହା କୁହାଯାଇଛି। ବର୍ତ୍ତମାନ ସୁଦ୍ଧା ପ୍ରାୟ ୨୯ ହଜାର କିଲୋମିଟର ବିଦ୍ୟୁତୀକରଣ ହୋଇସାରିଛି। ୧୩,୦୦୦ କିଲୋମିଟର ରେଳପଥର ବିଦ୍ୟୁତୀକରଣ ପାଇଁ ବୋର୍ଡ ମଞ୍ଜୁରୀ ପ୍ରଦାନ କରିସାରିଥିବା ବେଳେ ଏବେ ଆହୁରି ୨୦,୦୦୦ କିଲୋମିଟର ରେଳପଥରେ ବିଦ୍ୟୁତୀକରଣ ପ୍ରକ୍ରିୟା ଚାଲିଛି। ଭାରତୀୟ ରେଳ ପାଖରେ ବର୍ତ୍ତମାନ ଯେତେ ପରିମାଣରେ ଡିଜେଲ ଇଞ୍ଜିନ ରହିଛି ତାହାକୁ ବିଦ୍ୟୁତ୍‌ଚାଳିତ ଇଞ୍ଜିନ୍‌ରେ ପରିଣତ କରିବାକୁ ହେଲେ ଇଞ୍ଜିନ ପିଛା ପ୍ରାୟ ୨ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଅଧିକାରୀ ଜଣକ କହିଛନ୍ତି।

# ମୋବାଇଲ ଫୋନ୍ ବ୍ୟବହାର: ଭାରତରେ ପୁରୁଷ ଆଗୁଆ

**ନୂଆଦିଲ୍ଲୀ, ୨୪-୯(ପି.ଟି.)**

ଭାରତରେ ନାରୀମାନଙ୍କ ତୁଳନାରେ ପୁରୁଷମାନେ ଅଧିକ ସଂଖ୍ୟାରେ ମୋବାଇଲ୍ ଫୋନ୍ ବ୍ୟବହାର କରୁଛନ୍ତି। ଚଳିତ ବର୍ଷ ମାର୍ଚ୍ଚ ସୁଦ୍ଧା ଟେଲିକମ୍ୟୁନିକେଶନ ବିଭାଗ ଯେଉଁ ତଥ୍ୟ ଦେଇଛି ସେଥିରୁ ଜଣାପଡିଛି, ଦେଶରେ ବର୍ତ୍ତମାନ ପ୍ରାୟ ୯୯ କୋଟି ମୋବାଇଲ୍ ଉପଭୋକ୍ତା ଅଛନ୍ତି। ଏଥି ମଧ୍ୟରୁ ମହିଳା ଉପଭୋକ୍ତାଙ୍କ ସଂଖ୍ୟା ମାତ୍ର ୧୭ କୋଟି ୨୪ ଲକ୍ଷ ୨୦ ହଜାର। ଅର୍ଥାତ୍ ମାତ୍ର ୧୭.୪% ମହିଳା ମୋବାଇଲ୍ ବ୍ୟବହାର କରୁଛନ୍ତି। ଅନ୍ୟ ପକ୍ଷରେ ୭୯ କୋଟି ୫୮ ଲକ୍ଷ୯୦ ହଜାର ପୁରୁଷ ଉପଭୋକ୍ତା ଥିବା ବେଳେ ବାକି ୨କୋଟି ୨୫ ଲକ୍ଷ ମୋବାଇଲ୍ ଉପଭୋକ୍ତାଙ୍କ ପରିଚୟ ଜଣାନାହିଁ।

ଏହି ତଥ୍ୟକୁ ଟେଲିକମ୍ ବିଭାଗ ତର୍ଜମାକରି ଜାଣିବାକୁ ପାଇଛି ଯେ, ସବୁଠାରୁ ବ୍ୟସ୍ତବହୁଳ ସହର ତଥା ଦେଶର ଅର୍ଥନୈତିକ ରାଜଧାନୀ ମୁମ୍ବାଇରେ ମାତ୍ର ୧୧.୮୫% ମହିଳା ମୋବାଇଲ୍ ଫୋନ୍ ବ୍ୟବହାର କରନ୍ତି। ଦିଲ୍ଲୀରେ ଏହି ସଂଖ୍ୟା ପ୍ରାୟ ୧୫% ହୋଇଥିବାରୁ ମୁମ୍ବାଇ ତୁଳନାରେ ଏହା ଅଧିକ ବୋଲି ରିପୋର୍ଟରେ କୁହାଯାଇଛି। ଉତ୍ତର ଭାରତରେ ପାଖାପାଖି ୩୧% ମହିଳା ମୋବାଇଲ୍ ବ୍ୟବହାର କରୁଛନ୍ତି। ମୁମ୍ବାଇ ତୁଳନାରେ ଦିଲ୍ଲୀରେ ମହିଳା ମୋବାଇଲ୍ ୟୁଜରଙ୍କ ସଂଖ୍ୟା ଅଧିକ।

ଏ ସମ୍ପର୍କରେ ଟେଲିକମ୍ ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ କହିବା ଅନୁସାରେ, ମହିଳାମାନେ ମୋବାଇଲ୍ ବ୍ୟବହାର କରୁଥିଲେ ମଧ୍ୟ ତାହା ସେମାନଙ୍କ ନାମରେ ପଞ୍ଜୀକୃତ ହୋଇନାହିଁ। ତେଣୁ ସେମାନଙ୍କ ସଂଖ୍ୟା ତୁଳନାତ୍ମକ ଭାବେ କମ୍ ରହିଛି। ଅଧିକାଂଶ କ୍ଷେତ୍ରରେ ପରିବାରର ମୁରବିଙ୍କ ନାମରେ ପଞ୍ଜୀକରଣ ହୋଇଥିବାରୁ ମହିଳା ଓ ପିଲାମାନେ ବ୍ୟବହାର କରୁଥିଲେ ମଧ୍ୟ ତାହା ହିସାବରେ ଦର୍ଶାଯାଇ ପାରୁନାହିଁ।

**ମାତ୍ର ୧୭.୪% ମହିଳା**



- ଦେଶରେ ମୋବାଇଲ୍ ଉପଭୋକ୍ତା ୯୯ କୋଟି
- ୨.୨୫ କୋଟି ବ୍ୟବହାରକାରୀଙ୍କ ପରିଚୟ ନାହିଁ
- ମୁମ୍ବାଇରେ ୧୧.୮୫% ମହିଳା ଉପଭୋକ୍ତା



ଭାରତ ଓ ପାକିସ୍ତାନ ମଧ୍ୟରେ ଦ୍ୱିପାକ୍ଷିକ କ୍ରିକେଟ ସିରିଜ କ୍ଷତିପୂରଣ ବିବାଦ ଆପୋସ ଆଲୋଚନା ମାଧ୍ୟମରେ ସମାଧାନ ହେବ।

–ଏହେସାନ ମନି, ପାକିସ୍ତାନ କ୍ରିକେଟ ବୋର୍ଡ ନୂଆ ମୁଖ୍ୟ



ମ୍ୟାନେଜର ଜୋସ୍ ମୋରିନୋଙ୍କ ରକ୍ଷଣାତ୍ମକ ନୀତି ଯୋଗୁ ଆମ ଦଳ ଓଭରହାମ୍ପଟନ ୱାଣ୍ଡରର୍ସ ବିପକ୍ଷ ମ୍ୟାଚ ଡ୍ର'ରଖିଥିଲା ।

–ପଲ୍ ପୋଗ୍ବା, ମାଞ୍ଚେଷ୍ଟର ୟୁନାଇଟେଡ ଷ୍ଟାର ଖେଳାଳି

## ସଂକ୍ଷେପରେ

### ଈଶାନ କିଶାନଙ୍କ ବିସ୍ଫୋରକ ଶତକ

**ଚେନ୍ନାଇ,୨୪।୯:** ଝାଡ଼ଖଣ୍ଡ ବ୍ୟାଟ୍ସମ୍ୟାନ ଈଶାନ କିଶାନ ସୋମବାର ଖେଳାଯାଇଥିବା ଚଳିତ ବିଜୟ୍ ହଜାରେ ଟ୍ରଫି ଦିନିକିଆ ଟୁର୍ନାମେଣ୍ଟର ଏକ ମ୍ୟାଚ୍‌ରେ ବିସ୍ଫୋରକ ଶତକ ମାରିଛନ୍ତି। ଏଥିଯୋଗୁ ଆସାମ ପକ୍ଷରୁ ଧାର୍ଯ୍ୟ ୨୨୩ ରନ୍‌ର ବିଜୟ୍ ଲକ୍ଷ୍ୟକୁ ଝାଡ଼ଖଣ୍ଡ ଦଳ ୧୯ ଓଭର୍ ପୂର୍ବରୁ ଓ ହାତରେ ୮ ଉଇକେଟ ରଖି ହାସଲ କରିନେଇଛି। ସ୍ଥାନୀୟ ଏମ୍.ଏ. ଚିଦାମ୍ବରମ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ମ୍ୟାଚ୍‌ରେ ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଆସାମ ନିର୍ଦ୍ଧାରିତ ୫୦ ଓଭରରେ ୯ ଉଇକେଟ ହରାଇ ୨୨୨ ରନ୍ କରିଥିଲା। ଦଳ ପକ୍ଷରୁ ଶିବଶଙ୍କର ରାୟ୍ ୪୬, ୱାସିର ରେହମାନ ୪୩ ଓ ରୋମାରିଓ ଶର୍ମା ୪୨ ରନ୍ କରିଥିଲେ। ବୋଲିଂରେ ଝାଡ଼ଖଣ୍ଡ ପାଇଁ ଶାହବାଜ ନଦୀମ ୩ ଓ ଅନୁକୂଳ ରାୟ୍ ୨ ଉଇକେଟ ନେଇଥିଲେ। ଜବାବରେ ବ୍ୟାଟିଂ ଆରମ୍ଭରୁ କିଶାନ ବିସ୍ଫୋରକ ବ୍ୟାଟିଂ କରିଥିଲେ। ସେ ୯୧ ବଲର ସମ୍ମୁଖୀନ ହୋଇ ୧୩୯ ରନ୍ କରିଥିଲେ। ତାଙ୍କର ଏହି ଇନିଂସ୍‌ରେ ୯ ଛକା ଓ ୧୨ ଚୌକା ସାମିଲ ଥିଲା। କିଶାନ ଦଳର ଅନ୍ୟତମ ଓପନର ଆନନ୍ଦ ସିଂ(୫୮)ଙ୍କ ସହ ମିଶି ଦଳୀୟ ସ୍କୋରକୁ ୨୫ ଓଭର୍‌ରେ ୨୦୦ ରନ୍‌ରେ ପହଞ୍ଚାଇ ଦେଇଥିଲେ। ଏଥିଯୋଗୁ ଝାଡ଼ଖଣ୍ଡ ୩୧ ତମ ଓଭର୍‌ରେ ୨ ଉଇକେଟ ହରାଇ ବିଜୟ୍ ଲକ୍ଷ୍ୟ ହାସଲ କରି ନେଇଥିଲା।

### ଶେହଜାଦଙ୍କୁ ପ୍ରଲୋଭିତ କରାଯାଇଥିଲା



**ଦୁବାଇ, ୨୪।୯ (ପି.ଟି.):** ଆସନ୍ତା ଆଫଗାନ ଟି୨୦ ପ୍ରିମିୟର ଲିଗ୍‌ରେ ଏକ ସ୍ପଟ ଫିକ୍ସିଂ ପାଇଁ ଆଫଗାନିସ୍ତାନ ଉଇକେଟକିପର ବ୍ୟାଟ୍ସମ୍ୟାନ ମହମ୍ମଦ ଶେହଜାଦ ପ୍ରଲୋଭନର ଶିକାର ହୋଇଥିବା ଏକ ରିପୋର୍ଟରେ ପ୍ରକାଶ ପାଇଛି। ଶେହଜାଦ ବର୍ତ୍ତମାନ ଏସିଆ କପ୍ ଖେଳୁଛନ୍ତି। ଏ ବିଷୟ୍ ଇଣ୍ଟରନ୍ୟାଶନାଲ କ୍ରିକେଟ କାଉନ୍‌ସିଲ (ଆଇସିସି)ର ଦୁର୍ନୀତି ନିବାରଣ ୟୁନିଟ୍ (ଏସିୟୁ)ର ନଜରକୁ ଆସିବା ପୂର୍ବରୁ ଆଫଗାନ ଖେଳାଳି ଟିମ୍ ମ୍ୟାନେଜମେଣ୍ଟକୁ ଅବଗତ କରାଇ ଦେଇଥିଲେ। ଆଫଗାନ ପ୍ରିମିୟର ଟି୨୦ ଲିଗ୍ ଅକ୍ଟୋବର ୫ରୁ ୨୩ ପର୍ଯ୍ୟନ୍ତ ହେବ। ଏସିଆ କପ୍ ବେଳେ ଶେହଜାଦଙ୍କୁ ଆପ୍ରୋଚ କରାଯାଇଥିବା ଆଇସିସିର ଜଣେ ଅଫିସିଆଲ ୱେବ୍‌ସାଇଟ୍‌ରେ ପ୍ରକାଶ କରିଛନ୍ତି। ଶେହଜାଦ ଉପଯୁକ୍ତ ମାଧ୍ୟମ ଜରିଆରେ ଦୃଷ୍ଟି ଆକର୍ଷଣ କରିଛନ୍ତି। ଦୁର୍ନୀତି ନିବାରଣ ୟୁନିଟ୍ ଏହାର ତଦନ୍ତ କରିବ। ଶେହଜାଦ ହେଉଛନ୍ତି ଆଫଗାନିସ୍ତାନ କ୍ରିକେଟ ଦଳର ଜଣେ ପ୍ରମୁଖ ଖେଳାଳି। ଇତିମଧ୍ୟରେ ସେ ୭୫ ଅନ୍ତର୍ଜାତୀୟ ଦିନିକିଆ ଓ ୬୫ ଟି୨୦ ଖେଳି ସାରିଛନ୍ତି। ତାଙ୍କ ଦେଶ ଜୁନ୍‌ରେ ଭାରତ ବିପକ୍ଷରେ ଏକମାତ୍ର ଟେଷ୍ଟ ମ୍ୟାଚରେ ମଧ୍ୟ ଖେଳିଛନ୍ତି। ଏଠାରେ ଏକ ଇଭେଣ୍ଟରେ ଯୋଗଦାନପୂର୍ବକ ଆଇସିସି ଦୁର୍ନୀତି ନିବାରଣ ମୁଖ୍ୟ ଆଲେକ୍ସ ମାର୍ଶାଲ କହିଛନ୍ତି ଗତ ୧୨ ମାସ ମଧ୍ୟରେ ୫ ଅନ୍ତର୍ଜାତୀୟ ଅଧିନାୟକଙ୍କୁ ଆପ୍ରୋଚ କରାଯାଇଛି। ସେମାନଙ୍କ ମଧ୍ୟରୁ ୪ ଜଣ ହେଉଛନ୍ତି ଟେଷ୍ଟ ଖେଳୁଥିବା ଦେଶର।

### ଭାରତ-ଇରାନ ମ୍ୟାଚ୍ ଡ୍ର

କୁଆଲାଲୁମ୍ପୁର, ୨୪।୯ (ପି.ଟି.)-ଗୋଲକିପର ନୀରଜ କୁମାରଙ୍କ ଚମତ୍କାର ପ୍ରଦର୍ଶନ ଯୋଗୁ ଏଠାରେ ଚାଲିଥିବା ୧୬ ବର୍ଷରୁ କମ୍ ଏସିଆନ ଫୁଟ୍‌ବଲ କନଫେଡେରେଶନ (ଏଏଫ୍‌ସି) ଚାମ୍ପିୟନଶିପ୍‌ରେ ଭାରତ ଶକ୍ତିଶାଳୀ ଇରାନ ବିପକ୍ଷ ମ୍ୟାଚ ଗୋଲଶୂନ୍ୟ ଡ୍ର ରଖିପାରିଛି। ଭାରତକୁ ଦୀର୍ଘ ୩୩ ବର୍ଷରେ ପ୍ରଥମ ଥର ଏହି ସଫଳତା ମିଳିଛି। ଖେଳର ୭୬ତମ ମିନିଟ୍‌ରେ ପଞ୍ଜାବ ଯୁବ ଗୋଲକିପର ଏକ ପେନାଲ୍ଟିକୁ ରୋକିଦେବା ଫଳରେ ଇରାନ ମ୍ୟାଚରୁ ପୁରା ପଏଣ୍ଟ ପାଇବାରେ ବିଫଳ ହୋଇଥିଲା। ଭାରତ ସମସ୍ତ ବୟସ ବର୍ଗରେ ଶେଷ ଥର ପାଇଁ ଇରାନ ବିପକ୍ଷ ମ୍ୟାଚ ଡ୍ର ରଖିଥିଲା ୧୯୮୪ରେ। ତାହା ଥିଲା ସିଙ୍ଗାପୁରରେ ଅନୁଷ୍ଠିତ ଏସିଆ କପ୍ ଫାଇନାଲ୍। ଏହି ଗେମ୍ ମଧ୍ୟ ଗୋଲଶୂନ୍ୟ ରହିଥିଲା। ସ୍ଥାନୀୟ ବୁକିତ୍ ଜଲିଲ୍ ଷ୍ଟାଡିୟମଠାରେ ସୋମବାର ଖେଳାଯାଇଥିବା ମ୍ୟାଚର ପ୍ରଥମ ଭାଗରେ ଇରାନ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ଦଳକୁ ଯେଉଁ ଦୁଇଟି ଗୋଲ ଦେବାର ସୁଯୋଗ ମିଳିଥିଲା ନୀରଜ ତାହାକୁ ଅଟକାଇ ଦେଇଥିଲେ। ମ୍ୟାଚରେ ଅଧିକାଂଶ ସମୟ ବଲ୍ ଯଦିଓ ଇରାନ ନିୟନ୍ତ୍ରଣରେ ରହିଥିଲା ଭାରତ ଦ୍ୱିତୀୟାର୍ଦ୍ଧ ଖେଳର ଶେଷ ଭାଗରେ ଦୁଇଟି ସହଜ ସୁଯୋଗ ପାଇ ହାତଛଡ଼ା କରିଥିଲା। ଭାରତ ଏହାର ପରବର୍ତ୍ତି ମ୍ୟାଚ ଆସନ୍ତା ୨୭ ତାରିଖରେ ଇଣ୍ଡୋନେସିଆକୁ ଭେଟିବ।

# ମିଡିଲ ଅର୍ଡର ଉପରେ ନଜର

**ଦୁବାଇ, ୨୪।୯(ପି.ଟି.)**

ଏସିଆ କପ୍ ସୁପର୍ ଫୋର୍ ପର୍ଯ୍ୟାୟର ଏକ ମୁକାବିଲାରେ ଭାରତୀୟ କ୍ରିକେଟ ଦଳ ମଙ୍ଗଳବାର ଆଫଗାନିସ୍ତାନକୁ ଭେଟିବ। କ୍ରମାଗତ ୨ଟି ମ୍ୟାଚ୍ ଜିତି ଫାଇନାଲରେ ସ୍ଥାନ ପକ୍କା କରିସାରିଥିବାରୁ ରୋହିତ୍ ଶର୍ମାଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ପାଇଁ ସୁପର୍ ଫୋର୍‌ର ଏହି ଅନ୍ତିମ ମ୍ୟାଚ୍ ଗୁରୁତ୍ୱହୀନ ହୋଇପଡ଼ିଛି। କିନ୍ତୁ ଫାଇନାଲ ପୂର୍ବରୁ ମଧ୍ୟକ୍ରମ ବ୍ୟାଟ୍ସମ୍ୟାନଙ୍କ ପରୀକ୍ଷା ଲାଗି ଏହି ମ୍ୟାଚ୍ ସହାୟକ ହେବ ବୋଲି ଆଶା କରାଯାଉଛି। ଅପରପକ୍ଷରେ ଲିଗ୍ ପର୍ଯ୍ୟାୟରେ ଶ୍ରୀଲଙ୍କା ଓ ବାଂଲାଦେଶ ପରି ଶକ୍ତିଶାଳୀ ଦଳକୁ ଚକ୍‌ମା ଦେଖାଇଥିବା ଆଫଗାନିସ୍ତାନ କିନ୍ତୁ ସୁପର୍ ଫୋର୍‌ରେ ସେହି ପ୍ରଦର୍ଶନକୁ ଦୋହରାଇବାରେ ବିଫଳ ହୋଇଥିଲା। ସୁପର ଫୋର୍‌ରେ ପାକିସ୍ତାନ ଓ ବାଂଲାଦେଶଠାରୁ ହାରି ଫାଇନାଲ ଦୌଡ଼ରୁ ବାଦ୍ ପଡ଼ିସାରିଥିଲେ ମଧ୍ୟ ଭାରତ ବିପକ୍ଷରେ ଫଳାଫଳ ଓଲଟ ପାଲଟ କରିବା ଲକ୍ଷ୍ୟରେ ରହିଛି ଆଫଗାନିସ୍ତାନ।

ଭାରତୀୟ ଦଳ ଏସିଆ କପର ପ୍ରଥମ ମୁକାବିଲାରେ ହଂକଂ ବିପକ୍ଷରେ କଡ଼ା ମୁକାବିଲାର ସମ୍ମୁଖୀନ ହୋଇଥିଲେ ମଧ୍ୟ ଏହାପରେ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଦୁଇଥର ଏବଂ ବାଂଲାଦେଶକୁ ହରାଇ ଶୁକ୍ରବାର ହେବାକୁ ଥିବା ଫାଇନାଲ ମ୍ୟାଚ୍‌ରେ ସ୍ଥାନ ପକ୍କା କରିସାରିଛି। ଦୁଇ ଓପନର ଶିଖର ଧାୱନ (୩୨୭ ରନ) ଓ ଅଧିନାୟକ ରୋହିତ୍ ଶର୍ମା (୨୬୯ ରନ) ପ୍ରତିଯୋଗିତାରେ ପ୍ରଭାବୀ ପ୍ରଦର୍ଶନ କରି ଦଳକୁ ଫାଇନାଲରେ ପହଞ୍ଚାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ପ୍ରତିଯୋଗିତାରେ ଭାରତୀୟ ମିଡିଲ ଅର୍ଡର (ମହେନ୍ଦ୍ର ସିଂ ଧୋନୀ, କେଦାର ଯାଦବ ଓ ଦୀନେଶ କାର୍ତ୍ତିକ)ଙ୍କୁ ସେହିଭଳିଆ ବ୍ୟାଟିଂ ସୁଯୋଗ ମିଳିନାହିଁ। ତେଣୁ ଆଫଗାନିସ୍ତାନ ବିପକ୍ଷ ମ୍ୟାଚ୍ ଭାରତୀୟ ମିଡିଲ ଅର୍ଡର ବ୍ୟାଟ୍ସମ୍ୟାନଙ୍କ ପାଇଁ ଭଲ ଅଭ୍ୟାସ ସଦୃଶ ହେବ। ଚଳିତ ଏସିଆ କପ୍‌ରେ ରୋହିତ୍ ଓ ଧାୱନ ବର୍ତ୍ତମାନ ସୁଦ୍ଧା ଯଥାକ୍ରମେ ୨୮୪ ଓ ୩୨୧ଟି ବଲ୍ ସାମ୍ନା କରିଥିବାବେଳେ ଅମ୍ବାତି ରାୟୁଡୁ (୧୬୨) ୩ୟ ସ୍ଥାନରେ ରହିଛନ୍ତି। କିନ୍ତୁ କାର୍ତ୍ତିକ (୭୮ ବଲ), ଧୋନୀ (୪୦) ଓ କେଦାର (୨୭)ଙ୍କୁ ପର୍ଯ୍ୟାପ୍ତ ବ୍ୟାଟିଂ ସୁଯୋଗ ମିଳିନାହିଁ। ଆଫଗାନିସ୍ତାନ ତାରକା ସ୍ପିନର ରଶିଦ ଖାଁ ଓ ମୁଜିବ୍ ଉର୍ ରେହମାନଙ୍କୁ ଭାରତୀୟ ମଧ୍ୟକ୍ରମ ବ୍ୟାଟ୍ସମ୍ୟାନ କେଉଁଭଳି ମୁକାବିଲା କରୁଛନ୍ତି ତାହା ଏହି ମ୍ୟାଚ୍‌ରେ ଦେଖିବାକୁ ମିଳିବ। ସେହିଭଳି ଭାରତୀୟ ବୋଲିଂ ବିଭାଗ (ଯଶପ୍ରୀତ୍ ବୁମ୍‌ରା (୭ଟି ଉଇକେଟ୍), ଭୁବନେଶ୍ୱର କୁମାର (୬), ଯୁଜବେନ୍ଦ୍ର ଚହଲ (୫) ଓ କୁଳଦୀପ ଯାଦବ (୫) ପ୍ରତିଯୋଗିତାରେ ପ୍ରଭାବୀ ପ୍ରଦର୍ଶନ କରିବାରେ ସଫଳ ହୋଇଛନ୍ତି। କିନ୍ତୁ ଫାଇନାଲ ପୂର୍ବରୁ ଆଫଗାନିସ୍ତାନ ମ୍ୟାଚ୍‌ରୁ ବୁମ୍‌ରା ଓ ଭୁବନେଶ୍ୱରଙ୍କୁ ବିଶ୍ରାମ ଦିଆଯିବାର ଯଥେଷ୍ଟ ସମ୍ଭାବନା ରହିଛି। ନବାଗତ ଦୀପକ ଚହର, ସିଦ୍ଧାର୍ଥ କାଉଲ ଓ ଖଲିଲ୍ ଅହମ୍ମଦଙ୍କୁ ଏହି ମ୍ୟାଚ୍‌ରେ ଖେଳିପାରନ୍ତି। ଅପରପକ୍ଷରେ ଆଫଗାନିସ୍ତାନ ଫାଇନାଲ ଦୌଡ଼ରୁ ବାଦ୍ ପଡ଼ିସାରିଥିଲେ ମଧ୍ୟ ନିଜର ଅନ୍ତିମ ମ୍ୟାଚ୍‌ରେ ଭାରତକୁ ହରାଇ ଟୁର୍ନାମେଣ୍ଟରେ ଆଉ ଏକ ବିପର୍ଯ୍ୟୟ ଘଟାଇବା ଲକ୍ଷ୍ୟରେ ରହିଛି। ପୂର୍ବରୁ ଆଫଗାନିସ୍ତାନ ଲିଗ୍ ପର୍ଯ୍ୟାୟରେ ଶ୍ରୀଲଙ୍କା ଓ ବାଂଲାଦେଶ ପରି ଦଳକୁ ଚକ୍‌ମା ଦେବାରେ ସଫଳ ହୋଇଥିଲା।

**ଏସିଆ କପ୍ ପଏଣ୍ଟ ଟେବୁଲ**

| ସୁପର୍ ଫୋର୍ | ମ୍ୟାଚ୍ | ବିଜୟ | ପରାଜୟ | ଟାଇ | ପଏଣ୍ଟ | ନେଟ୍ ରନ୍‌ରେଟ୍ |
|---|---|---|---|---|---|---|
| ଭାରତ | ୨ | ୨ | ୦ | ୦ | ୪ | +୧.୩୩୩ |
| ପାକିସ୍ତାନ | ୨ | ୧ | ୧ | ୦ | ୨ | -୦.୫୫୬ |
| ବାଂଲାଦେଶ | ୨ | ୧ | ୧ | ୦ | ୨ | -୦.୬୪୫ |
| ଆଫଗାନିସ୍ତାନ | ୨ | ୦ | ୨ | ୦ | ୦ | -୦.୦୬୫ |

■ ଭାରତୀୟ ଦଳ: ରୋହିତ୍ ଶର୍ମା (ଅଧିନାୟକ), ଶିଖର ଧାୱନ, ଅମ୍ବାତି ରାୟୁଡୁ, ଦିନେଶ କାର୍ତ୍ତିକ, କେଦାର ଯାଦବ, ମହେନ୍ଦ୍ର ସିଂ ଧୋନୀ, ରବିନ୍ଦ୍ର ଜାଡେଜା, କୁଳଦୀପ ଯାଦବ, ଯୁଜବେନ୍ଦ୍ର ଚହଲ, ଭୁବନେଶ୍ୱର କୁମାର, ଯଶପ୍ରୀତ୍ ବୁମ୍‌ରା, ଖଲିଲ୍ ଅହମ୍ମଦ, ଦୀପକ ଚହର, ସିଦ୍ଧାର୍ଥ କାଉଲ ଓ ମନୀଷ ପାଣ୍ଡେ।

■ ଆଫଗାନିସ୍ତାନ ଦଳ: ମହମ୍ମଦ ଶେହଜାଦ, ଇସାନୁଲହା ଜାମାତ୍, ଜାଭେଦ ଅହମ୍ମଦି, ରହମତ୍ ଶାହ, ଅସଘର ଷ୍ଟାନିକଜାଇ, ହସମତ୍ ଶାହିଦି, ମହମ୍ମଦ ନବି, ଗୁଲାବଦିନ ନବି, ରଶିଦ୍ ଖାଁ, ନଜିବୁଲ୍ଲା ଜର୍ଡାନ, ମୁଜିବ ଉର୍ ରେହମାନ, ଅଫତାବ ଆଲାମ, ସମିଉଲ୍ଲା ଶେନୱାରି, ମୁନିର ଅହମ୍ମଦ, ସୟିଦ୍ ଅହମ୍ମଦ ଶେରଜାଦ୍, ଅସ୍ରଫ୍ ଓ ମହମ୍ମଦ ଫଦାର।

ସ୍ଥାନ: ଦୁବାଇ
ସମୟ: ସନ୍ଧ୍ୟା ୫ଟା
ପ୍ରସାରଣ: ଷ୍ଟାର୍ ସ୍ପୋର୍ଟ୍ସ

# ପ୍ରେସିଡେଣ୍ଟ୍ସ କପ୍ ଗଲ୍ଫ: ଲକ୍ଷ୍ମୀ ଚାମ୍ପିୟନ

**ଭୁବନେଶ୍ୱର, ୨୪।୯(ସ୍ପୋର୍ଟ୍ସ ବ୍ୟୁରୋ)**



ଟ୍ରଫି ସହ ଲକ୍ଷ୍ମୀ ସ୍ୱାଇଁ।

ଭୁବନେଶ୍ୱର ଗଲ୍ଫ କ୍ଲବ୍ (ବିଜିସି) ନୂଆ ସିଜନର ପ୍ରଥମ ପ୍ରତିଯୋଗିତା ପ୍ରେସିଡେଣ୍ଟ୍ସ କପ୍‌ରେ ଲକ୍ଷ୍ମୀ ସ୍ୱାଇଁ ଚାମ୍ପିୟନ ହୋଇଛନ୍ତି। ୧୯-୨୪ ବର୍ଗରେ ଲକ୍ଷ୍ମୀ ବିଜୟିନୀ ହୋଇଥିବାବେଳେ ଏ.ସି. ବେହେରା ରନର୍ସଅପ୍ ହୋଇଛନ୍ତି। ମୁଖ୍ୟ ବର୍ଗ ୦-୧୮ରେ ଅଜୟ ନେଗି ଚାମ୍ପିୟନ ଏବଂ ହକି ଅଲିମ୍ପିଆନ୍ ଦିଲ୍ଲୀପ ତିର୍କି ରନର୍ସଅପ୍ ହୋଇଥିଲେ। ଶୈଳେନ୍ଦ୍ର ଉପାଧ୍ୟାୟ ଶ୍ରେଷ୍ଠ ଗ୍ରସ୍ ସମ୍ମାନ ପାଇଥିଲେ। ବରିଷ୍ଠ ବର୍ଗରେ ରମେଶ ରାୟ, କେସି ବେହେରା ପ୍ରଥମ ଦୁଇ ସ୍ଥାନରେ ରହିଥିଲେ। ମହିଳାରେ ଶୁଭ୍ରା ମିଶ୍ର ଟ୍ରଫି ହାତେଇଥିଲେ। ପୁଣି ଥରେ ପୁରୁଷଙ୍କ ମଧ୍ୟରେ ଖେଳି ଲକ୍ଷ୍ମୀ ସ୍ୱାଇଁ ବିଜୟିନୀ ହେବା ଉଲ୍ଲେଖନୀୟ ବିଷୟ ହୋଇଛି। ଏହା ପୂର୍ବରୁ ନୂଆଦିଲ୍ଲୀରେ ଅନୁଷ୍ଠିତ ଆମନ୍ତ୍ରଣୀୟ ଡିପ୍ଲୋମ୍ୟାଟ୍ସ କପ୍ ଗଲ୍ଫର ମହିଳା ବର୍ଗରେ ବିଜୟିନୀ ହୋଇଥିବା ଲକ୍ଷ୍ମୀ ଅନ୍ୟ ଏକ କ୍ୟାଲେଣ୍ଡର୍ ବାହାର ପ୍ରତିଯୋଗିତା ଗୋଲଡେନ୍ ଆଞ୍ଚରରେ ମଧ୍ୟ ନିଜ ୧୯-୨୪ ଓପନ୍ ବର୍ଗରେ ସ୍କୋର୍ ଟାଇ ହେବାରୁ ରନର୍ସଅପ୍ ହୋଇଥିଲେ।

# ଭାରତୀୟ ମହିଳା ଦଳ ସିରିଜ ଜିତିଲା

**କଲମ୍ବୋ, ୨୪।୯(ପି.ଟି.)**

ଅଞ୍ଜୁ ପାଟିଲ ଓ ଜେମିମା ରୋଡ୍ରିଗୁଏଜଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ ସୋମବାର ଏଠାରେ ଅନୁଷ୍ଠିତ ୪ର୍ଥ ଟି୨୦ ମ୍ୟାଚ୍‌ରେ ଭାରତୀୟ ମହିଳା ଦଳ ୭ ଉଇକେଟ୍‌ରେ ଘରୋଇ ଶ୍ରୀଲଙ୍କାକୁ ପରାସ୍ତ କରିଛି। ଏହି ବିଜୟ ସହ ହରମନ୍‌ପ୍ରୀତ୍ କୌରଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ୫ ମ୍ୟାଚ୍‌ବିଶିଷ୍ଟ ସିରିଜକୁ ଆଗୁଆ ୩-୦ରେ କବ୍‌ଜା କରିନେଇଛି। ସିରିଜର ଅନ୍ତିମ ତଥା ୫ମ ମ୍ୟାଚ୍ ମଙ୍ଗଳବାର ଖେଳାଯିବ। ଦ୍ୱିତୀୟ ଟି୨୦ ମ୍ୟାଚ୍‌ଟି ବର୍ଷା ଯୋଗୁ ବାତିଲ ହୋଇଥିଲା। ପୂର୍ବରୁ ଦୁଇଦେଶ ମଧ୍ୟରେ ଖେଳାଯାଇଥିବା ୩ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜକୁ ମଧ୍ୟ ଭାରତ ୨-୧ରେ ଜିତିଥିଲା।

ସ୍ଥାନୀୟ କଲମ୍ବୋ କ୍ରିକେଟ କ୍ଲବ ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଟସ୍ ଜିତି ଭାରତ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ବର୍ଷା ଯୋଗୁ ମ୍ୟାଚ୍‌କୁ ୧୭ ଓଭର ବିଶିଷ୍ଟ କରାଯାଇଥିଲା। ବ୍ୟାଟିଂ ଆମନ୍ତ୍ରଣ ପାଇ ଶ୍ରୀଲଙ୍କା ନିର୍ଦ୍ଧାରିତ ଓଭରରେ ୫ ଉଇକେଟ୍ ହରାଇ ୧୩୪ ରନ କରିଥିଲା। ଦଳ ପକ୍ଷରୁ ଶଶୀକଳା ସିରିବର୍ଦ୍ଧନେ ସର୍ବାଧିକ ୪୦ ଓ ଅଧିନାୟିକା ଚାମିରା ଆଟାପାଟୁ ୩୧ରନ କରିଥିଲେ। ଭାରତ ପକ୍ଷରୁ ଅଞ୍ଜୁ ପାଟିଲ ୩ଟି ଉଇକେଟ ଅକ୍ତିଆର କରିଥିଲେ। ଦୀପ୍ତି ଶର୍ମା ଓ ରାଧା ଯାଦବଙ୍କୁ ଗୋଟିଏ ଲେଖାଏ ଉଇକେଟ୍ ମିଳିଥିଲା। ଜବାବରେ ଭାରତ ୭ ଉଇକେଟ୍ ଓ ୮ଟି ବଲ୍ ବଳକା ଥାଇ ସହଜସାଧ୍ୟ ବିଜୟ ଲାଭ କରିଥିଲା। ବୋଲିଂ ଭଳି ବ୍ୟାଟିଂରେ ମଧ୍ୟ ଅଞ୍ଜୁ ୫୪ ରନର (୪୨ ବଲ, ୭ ଚୌକା) ଅପରାଜିତ ଅର୍ଦ୍ଧଶତକୀୟ ଇନିଂସ ଖେଳି ଦଳର ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଜେମିମା ମଧ୍ୟ ୩୭ ବଲରୁ ୫୨ ରନର ଦ୍ରୁତ ଅପରାଜିତ ଇନିଂସ ଖେଳିଥିଲେ। ସିରିଜରେ ୧୮ ବର୍ଷୀୟା ଜେମିମାଙ୍କ ଏହା ଲଗାତର ୨ୟ ଅର୍ଦ୍ଧଶତକ ଥିଲା।



ଅର୍ଦ୍ଧଶତକୀୟ ଇନିଂସ୍ ଅବସରରେ ଅଞ୍ଜୁ ପାଟିଲ।

**ସଂକ୍ଷିପ୍ତ ସ୍କୋର**

**ଶ୍ରୀଲଙ୍କା–** ୧୭ ଓଭରରେ ୧୩୪/୫ (ଶଶୀକଳା ୪୦, ଯଶୋଦା ମେଣ୍ଡିସ ୧୯, ନୀଳାକ୍ଷି ଡି ସିଲ୍‌ଭା ୧୫, ଅଞ୍ଜୁ ୩/୩୬)।
**ଭାରତ–** ୧୫.୨ ଓଭରରେ ୧୩୭/୩ (ଜେମିମା ୫୨*, ଅଞ୍ଜୁ ୫୪*, ମିଥାଲି ରାଜ ୧୧, ଓଶାଡି ରଣସିଂଘେ ୩/୩୩)।

### ପୂର୍ବତନ ବିସିସିଆଇ ସଭାପତି ବି.ଏନ୍. ଦତ୍ତଙ୍କ ପରଲୋକ

**କୋଲକାତା, ୨୪।୯**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ପୂର୍ବତନ ସଭାପତି ବିଶ୍ୱନାଥ ଦତ୍ତଙ୍କ ପରଲୋକ ଘଟିଛି। ଫୁସଫୁସ ଜନିତ ସଂକ୍ରମଣ କାରଣରୁ ସୋମବାର ତାଙ୍କର ମୃତ୍ୟୁ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୯୨ ବର୍ଷ ହୋଇଥିଲା। ତାଙ୍କ ପୁଅ ସୁବ୍ରତ ଦତ୍ତ ଏବେ ସର୍ବଭାରତୀୟ ଫୁଟବଲ ମହାସଂଘ ଉପସଭାପତିପଦରେ ଅଛନ୍ତି। "ଚଳିତ ମାସ ୧୦ ତାରିଖରୁ ମୂତ୍ର ପଥ ସଂକ୍ରମିତ ହେବା କାରଣରୁ ମେଡିକାଲରେ ଭର୍ତ୍ତି ହୋଇଥିଲେ। ଏକ ସପ୍ତାହ ମଧ୍ୟରେ ତାଙ୍କ ଫୁସ୍‌ଫୁସ ସାଙ୍ଘାତିକ ଭାବେ ପ୍ରଭାବିତ ହୋଇଥିଲା ଏବଂ ଆଉ ଭଲ ହୋଇ ନ ଥିଲା। ସେ ସକାଳ ୪.୭ଟାରେ ଭୋୱାନିପୋରେ ସ୍ଥିତ ବାସଭବନରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ" ବୋଲି ତାଙ୍କ ପୁଅ କହିଛନ୍ତି। ବିଶ୍ୱନାଥ ୧୯୮୯ରେ ବିସିସିଆଇ ସଭାପତି ପଦରେ ଥିଲେ। ଏଥିପୂର୍ବରୁ ସେ ୧୯୮୨ରୁ ୮୮ ପର୍ଯ୍ୟନ୍ତ ଉପ ସଭାପତି ଦାୟିତ୍ୱ ତୁଲାଇଥିଲେ। ଏହି ସମୟରେ ସେ ପୂର୍ବତନ ସଭାପତି ଜଗମୋହନ ଡାଲମିଆଙ୍କ ନିକଟତର ଥିଲେ।

### ପୁନିତ୍-ନେଗୀ ମେଘାଳୟକୁ ଜିତାଇଲେ

**ଆନନ୍ଦ, ୨୪।୯(ପି.ଟି.)**

**ବିଜୟ ହଜାରେ ଟ୍ରଫି**

ବିଜୟ ହଜାରେ ଟ୍ରଫି ଏକଦିବସୀୟ କ୍ରିକେଟ ପ୍ରତିଯୋଗିତାରେ ସୋମବାର ପ୍ଲେଟ୍ ଗ୍ରୁପ୍‌ର ଅନୁଷ୍ଠିତ ଏକ ମ୍ୟାଚ୍‌ରେ ମେଘାଳୟ ୨୫୬ ରନର ବୃହତ ବ୍ୟବଧାନରେ ଅରୁଣାଚଳ ପ୍ରଦେଶକୁ ପରାସ୍ତ କରିଛି। ପୁନିତ୍ ବିସ୍ତଙ୍କ କ୍ୟାରିୟର ଶ୍ରେଷ୍ଠ ୧୩୫ ରନ ଓ ଏବଂ ଅଭୟ ନେଗୀଙ୍କ ୭ ଉଇକେଟ୍ ସଫଳତା ବଳରେ ମେଘାଳୟ ଏହି ବୃହତ ବିଜୟ ଲାଭ କରିଛି। ତୃତୀୟ ମ୍ୟାଚ୍‌ରୁ ୨ୟ ବିଜୟ ସହ ମେଘାଳୟ ପ୍ଲେଟ୍ ଗ୍ରୁପ୍ ତାଲିକାର ୩ୟ ସ୍ଥାନରେ ରହିଛି।

ଗୁଜରାଟର ଶାସ୍ତ୍ରୀ ମଇଦାନରେ ଖେଳାଯାଇଥିବା ଏହି ମ୍ୟାଚ୍‌କୁ ବର୍ଷା ଲାଗି ୪୩ ଓଭର ବିଶିଷ୍ଟ କରାଯାଇଥିଲା। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ମେଘାଳୟ ବ୍ୟାଟ୍ସମ୍ୟାନଙ୍କ ମିଳିତ ସଫଳତା ଯୋଗୁ ନିର୍ଦ୍ଧାରିତ ଓଭରରେ ୪ ଉଇକେଟ୍ ହରାଇ ୩୧୭ ରନର ଏକ ବୃହତ ସ୍କୋର କରିଥିଲା। ଦଳ ପକ୍ଷରୁ ବିସ୍ତ ୯୦ ବଲରୁ ୧୩୫ ରନର ଦ୍ରୁତ ଇନିଂସ ଖେଳିଥିଲେ। ସେହିଭଳି ଅଧିନାୟକ ଜାସନ ଲାମ୍ବା ୪୨, ଯୋଗେଶ ନାଗର ୫୬*, ଗୁରନ୍ଦର ସିଂ ୩୫* ଓ ରାଜେଶ ଡାଟି ୨୯ ରନ କରିଥିଲେ। ଜବାବରେ ୩୧୮ ରନର ଲକ୍ଷ୍ୟକୁ ପିଛା କରିଥିବା ଅରୁଣାଚଳ ପ୍ରଦେଶ ବ୍ୟାଟ୍ସମ୍ୟାନ ନେଗୀଙ୍କ ବୋଲିଂକୁ ସାମ୍ନା କରି ନ ପାରି ୨୬ ଓଭରରେ ୬୧ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ନିଜର ୩ୟ ଘରୋଇ ମ୍ୟାଚ୍ ଖେଳୁଥିବା ନେଗୀ (୬-୦-୧୭-୭) ସୁନ୍ଦର ବୋଲିଂ ଫିଗର ହାସଲ କରିଥିଲେ। ଓପନର ସମର୍ଥ ସେଠ୍ (୧୫) ଓ ସଙ୍ଗ ଟାକୋ (୧୬)ଙ୍କୁ ଛାଡ଼ିଦେଲେ ଅରୁଣାଚଳ ପ୍ରଦେଶର ଅନ୍ୟକୌଣସି ବ୍ୟାଟ୍ସମ୍ୟାନ ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିଲେ। ସେହିଭଳି ଭଦୋଦରାରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚ୍‌ରେ ଉତ୍ତରାଖଣ୍ଡ ୬ ଉଇକେଟ୍‌ରେ ନାଗାଲାଣ୍ଡକୁ ପରାସ୍ତ କରିଛି। ନାଗାଲାଣ୍ଡ ପ୍ରଥମେ ବ୍ୟାଟିଂ କରି ୨୦୬ ରନ କରିଥିବାବେଳେ ଉତ୍ତରାଖଣ୍ଡ ୪ ଉଇକେଟ୍ ହରାଇ ମ୍ୟାଚ୍ ଜିତିନେଇଥିଲା। ଓଡ଼ିଶା ଛାଡ଼ି ଉତ୍ତରାଖଣ୍ଡ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ସୌରଭ ରାୱତ ୬୦ ରନର ଅପରାଜିତ ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ।

### ଫାଓ ଲିଗ୍: ୟଙ୍ଗ ଉତ୍କଳ କ୍ଲବ ବିଜୟୀ



ଓଡ଼ିଶା ପୋଲିସ ଓ କଟକ ସ୍ପୋର୍ଟ୍ସ ହଷ୍ଟେଲ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

**କଟକ ଅଫିସ, ୨୪।୯:** ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ଫାଓ ପ୍ରଥମ ଡିଭିଜନ ଲିଗ୍‌ରେ ସୋମବାର ଦୁଇଟି ମ୍ୟାଚ୍ ଖେଳାଯାଇଥିଲା । ଗୋଟିଏ ମ୍ୟାଚ୍‌ରେ ୟଙ୍ଗ ଉତ୍କଳ କ୍ଲବ ବିଜୟୀ ହୋଇଥିବା ବେଳେ ଅନ୍ୟଏକ ମ୍ୟାଚ୍ ଡ୍ର ରହିଛି । ୟଙ୍ଗ ଉତ୍କଳ କ୍ଲବ ୩-୦ ଗୋଲରେ ରାଧାଗୋବିନ୍ଦ କ୍ଲବକୁ ପରାସ୍ତ କରିଥିଲା । କ୍ଲବ ପକ୍ଷରୁ ରାକେଶ ସାହୁ ୯ମ ମିନିଟରେ ପ୍ରଥମ ଗୋଲ ଦେଇଥିବା ବେଳେ ଦୀନବନ୍ଧୁ ଦାସ ୭୦ତମ, ୭୪ତମ ମିନିଟରେ ୨ଟି ଗୋଲ ସ୍କୋର କରିଥିଲେ । ଓଡ଼ିଶା ପୋଲିସ ଓ ସ୍ପୋର୍ଟ୍ସ ହଷ୍ଟେଲ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ଗୋଲଶୂନ୍ୟ ଭାବେ ଶେଷ ହୋଇଥିଲା ।

# ଭାରତ କ୍ଲିୟର ଫେଭରାଇଟ

**ମାହେଲା ଜୟବର୍ଦ୍ଧନେ**

ଏସିଆ କପ୍ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଭାରତ ଫାଇନାଲରେ ପ୍ରବେଶ କରି ସାରିଛି। ଏବେ କେବଳ ଏହି ଦଳ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ କିମ୍ବା ବାଂଲାଦେଶ ସହିତ ଖେଳିବ ତାହା ଦେଖିବାକୁ ବାକି ଅଛି। ଉତ୍ସାହୀ ପ୍ରଦର୍ଶନ ଦେଇ ଆସିଥିବା ଆଫଗାନିସ୍ତାନ ବିପକ୍ଷରେ ରୋମାଞ୍ଚକ ବିଜୟ ଦ୍ୱାରା ବାଂଲାଦେଶ ଫାଇନାଲ ଖେଳିବା ଆଶା ଉଜ୍ଜୀବିତ ରଖି ପାରିଛି।

ନିୟମିତ ଅଧିନାୟକ ତଥା ଶ୍ରେଷ୍ଠ ବ୍ୟାଟ୍ସମ୍ୟାନଙ୍କ ଅନୁପସ୍ଥିତି ସତ୍ତ୍ୱେ ଭାରତ କ୍ଲିୟର ଫେଭରାଇଟ ହୋଇ ପାରିଛି। ୱେଷ୍ଟଇଣ୍ଡିଜ ବିପକ୍ଷ ଟେଷ୍ଟ ସିରିଜ ପାଇଁ ବିରାଟ ବିଶ୍ରାମ ନେଇଛନ୍ତି। ସତର୍କହିବାକୁ ଗଲେ ମୁଖ୍ୟ ଖେଳାଳିଙ୍କୁ ବିଶ୍ରାମ ଦେଇ ମଧ୍ୟ ଭାରତୀୟ ଦଳ ଶକ୍ତିଶାଳୀ ଅଛି। ସବୁ ଦୃଷ୍ଟି କୋଣରୁ ଦେଖିଲେ ଭାରତ ଅନ୍ୟ ଦଳଗୁଡ଼ିକଠାରୁ ଆଗରେ ରହିଛି। ଏହାର ବ୍ୟାଟିଂ ବିଭାଗ ଶକ୍ତିଶାଳୀ ଏବଂ ସ୍ଥିର ପ୍ରଦର୍ଶନ ଦେବାରେ ସକ୍ଷମ ହୋଇଛି। ପିଚ୍ ଅନୁସାରେ ଏହାର ବୋଲରମାନେ ଉପଯୋଗୀ ସାବ୍ୟସ୍ତ ହୋଇ ପାରିଛନ୍ତି।

ଭାରତ ସହିତ ଫାଇନାଲ ଖେଳିବାକୁ ଯେଉଁ ଦଳ ଆସୁ ନା କାହିଁକି ସେମାନେ ପୂରା ଟୁର୍ନାମେଣ୍ଟରେ ସ୍ଥିର ପ୍ରଦର୍ଶନ ଦେବାରେ ସଂଘର୍ଷ କରୁଥିବା ପରିଲକ୍ଷିତ ହୋଇଛି। ତେବେ ଉଭୟ ପାକିସ୍ତାନ ଓ ବାଂଲାଦେଶ ମ୍ୟାଚ ଜିତିବାର ଦକ୍ଷତା ରଖିଥିବାରୁ ଭାରତକୁ ବିପଦରେ ପକାଇ ପାରିବେ ନାହିଁ ବୋଲି କହି ହେବନି। ପାକିସ୍ତାନ ବ୍ୟାଟିଂ ବିଭାଗରେ ସ୍ଥିରତା ନାହିଁ। ସବୁଠାରୁ ବିସ୍ମୟକର ହେଲା ଏହାର ବୋଲରମାନେ ସଂଘର୍ଷ କରୁଛନ୍ତି। ମାତ୍ର ଗୋଟିଏ ଫ୍ରଣ୍ଟ ଲାଇନ ସ୍ପିନର ସେମାନଙ୍କୁ ସହାୟକ ହୋଇ ପାରୁନାହିଁ। ଫାଷ୍ଟ ବୋଲରମାନେ ପ୍ରତିଷ୍ଠା ଅନୁସାରେ ବୋଲିଂ କରିବାରେ ଅସମର୍ଥ ରହିଛନ୍ତି।

ବାଂଲାଦେଶ କଥା କହିବାକୁ ଗଲେ ତାମିମ ଇକବାଲଙ୍କ ଅନୁପସ୍ଥିତି ଦଳପାଇଁ ବଡ଼ କ୍ଷତି ସଦୃଶ ହୋଇଛି। ଟପ୍ ଅର୍ଡରରେ ସେ ଜଣେ ଭଲ ବ୍ୟାଟ୍ସମ୍ୟାନ ଏବଂ ଦଳର ଲାଇନ୍‌ଅପ୍ ସମସ୍ୟାକୁ ଅନେକ ପରିମାଣରେ ସମାଧାନ କରିବାର ଦକ୍ଷତା ରଖିଛନ୍ତି। ଏହି ଦଳ କଠିନ ସମୟ ଦେଇ ଗତି କରୁଛି, ମାତ୍ର ଦଳର ଅଧିକାଂଶ ଖେଳାଳି ଅଭିଜ୍ଞ ହୋଇଥିବାରୁ ପାକିସ୍ତାନ ବିପକ୍ଷରେ ବିଜୟୀ ହୋଇପାରିବେ ବୋଲି ବିଶ୍ୱାସ ରଖିବା ଉଚିତ।

ଆଫଗାନିସ୍ତାନର ପ୍ରଭାବୀ ପ୍ରଦର୍ଶନ ଦେବାରେ ସକ୍ଷମ ହୋଇଛି। ତିନିଜଣ ସ୍ପିନରଙ୍କ ଉପସ୍ଥିତିରେ ଏହାର ବୋଲିଂ ବିଭାଗ ଶକ୍ତିଶାଳୀ ବୋଲି ସମସ୍ତେ ଜାଣନ୍ତି। ତେବେ ଏହାର ବ୍ୟାଟିଂ ବିଭାଗ କିପରି କାମ କରୁଛି ତା' ଉପରେ ଅନେକ କିଛି ନିର୍ଭର କରିବ। ସମସ୍ତେ ଦଳରେ ନିଜର ଭୂମିକା ସମ୍ପର୍କରେ ଜାଣିଛନ୍ତି। ଏମାନେ ସ୍ଥିର ପ୍ରଦର୍ଶନ ଦେବାରେ ମଧ୍ୟ ସକ୍ଷମ ହୋଇଛନ୍ତି।

ଟୁର୍ନାମେଣ୍ଟରେ ଶ୍ରୀଲଙ୍କାର ପ୍ରଦର୍ଶନ ସବୁଠାରୁ ନୈରାଶ୍ୟଜନକ ରହିଲା। ବିଶେଷ କରି ଟପ୍ ଅର୍ଡର ବ୍ୟବସ୍ଥିତ ନ କରି ଦଳ ଟୁର୍ନାମେଣ୍ଟକୁ ଆସିଥିବାରୁ ମୋତେ ସବୁଠାରୁ ଦୁଃଖ ଲାଗିଲା। ଶ୍ରୀଲଙ୍କା ଦୀର୍ଘଦିନଧରି ବ୍ୟାଟିଂ ଅର୍ଡରକୁ ନେଇ ଚିନ୍ତାରେ ରହିଛି। କେବଳ ସେତିକି ନୁହେଁ ଫିଲ୍ଡିଂ ଅତ୍ୟନ୍ତ ଦୁର୍ବଳ ଏବଂ ଖେଳାଳିଙ୍କ ଶାରୀରିକ ଭାଷା ନକାରାତ୍ମକ। ଦଳରେ ସବୁବେଳେ ବିଫଳତାକୁ ନେଇ ଭୟ ରହିଥିବା ଅନୁଭବ ହେଉଛି। ପ୍ରତ୍ୟେକ ପ୍ରତ୍ୟେକଙ୍କ ଉପରେ ଆସ୍ଥା ରଖୁଥିବାପରି ଜଣା ପଡୁନାହିଁ। ଦଳଗତ ଭିତ୍ତିରେ କିପରି ଖେଳିବାକୁ ହେବ ସେଥିପାଇଁ ସେମାନେ ଯୋଜନା ପ୍ରସ୍ତୁତ କରିବା ଆବଶ୍ୟକ।

(ଗେମ୍ ପ୍ଲାନ)

#WhatDrivesYou
EXIDE

“ଏସିଆ କପ୍‌ରେ ଶ୍ରୀଲଙ୍କା କ୍ରିକେଟ ଦଳର ନୈରାଶ୍ୟଜନକ ପ୍ରଦର୍ଶନ ନେଇ କ୍ରିକେଟ ବୋର୍ଡ ମୋତେ ଏକାକୀ ଦାୟୀ କରିବା ଠିକ୍ ନୁହେଁ।
–ଆଞ୍ଜେଲୋ ମାଥ୍ୟୁସ, ପୂର୍ବତନ ଶ୍ରୀଲଙ୍କା ଅଧିନାୟକ



“ପାକିସ୍ତାନ କ୍ରିକେଟ ଦଳ ବର୍ତ୍ତମାନ ଭଲ ପ୍ରଦର୍ଶନ କରିପାରୁ ନ ଥିବାର ମୁଖ୍ୟ କାରଣ ହେଉଛି ଘୋର ଆତ୍ମବିଶ୍ୱାସର ଅଭାବ।
–ମିକି ଆର୍ଥର, ପାକିସ୍ତାନ କୋଚ୍



## ସଂକ୍ଷେପରେ

### ଜୁଭେଣ୍ଟସକୁ ଜିତାଇଲେ ରୋନାଲ୍ଡୋ

**ମିଲାନ,୨୪।୯(ଏପି):** ଚାମ୍ପିୟନ୍ସ ଲିଗ୍ ମ୍ୟାଚ୍‌ରେ ମିଳିଥିବା ରେଡ୍‌କାର୍ଡକୁ ଭୁଲି ଷ୍ଟାର ଖେଳାଳି କ୍ରିଷ୍ଟିଆନୋ ରୋନାଲ୍ଡୋ ସଫଳତାର ସହ ପଡ଼ିଆକୁ ଫେରିଛନ୍ତି। ତାଙ୍କ ପ୍ରତିନିଧିତ୍ୱରେ ଇଟାଲିଆନ କ୍ଲବ ଜୁଭେଣ୍ଟସ ୨-୦ ଗୋଲରେ ଫ୍ରେସିନୋନକୁ ହରାଇ ଦେଇଛି। ପର୍ତ୍ତୁଗୀଜ ଷ୍ଟାର ମ୍ୟାଚ୍‌ର ୮୧ତମ ମିନିଟ୍‌ରେ ଗୋଲ ଦେଇ ଦଳକୁ ୧-୦ ଗୋଲର ଅଗ୍ରଣୀ ଆଣି ଦେଇଥିଲେ। ଚଳିତ ସିଜନରେ ଏହା ତାଙ୍କର ୩ୟ ଗୋଲ। ସେହିଭଳି ଅତିରିକ୍ତ ସମୟରେ ଫେଡେରିକୋ ବେମାର୍ଡେସ୍କି (୯୦+୪) ଜୁଭେଣ୍ଟସ ପାଇଁ ୨ୟ ଗୋଲ ଦେଇଥିଲେ। ଉଲ୍ଲେଖଥାଉ କି, ଗତ ବୁଧବାର ଅନୁଷ୍ଠିତ ଭାଲେନସିଆ ବିପକ୍ଷ ମ୍ୟାଚ୍‌ରେ ରୋନାଲ୍ଡୋଙ୍କ ପ୍ରତିପକ୍ଷ ଦଳର ଖେଳାଳିଙ୍କ ଚୁଟି ଟାଣିବା ଲାଗି ରେଡ୍‌କାର୍ଡ ଦିଆଯାଇଥିଲା। ଚାମ୍ପିୟନ୍ସ ଲିଗ୍ ଇତିହାସରେ ପ୍ରଥମ ଥର ପାଇଁ ରୋନାଲ୍ଡୋଙ୍କୁ ରେଡ୍‌କାର୍ଡ ମିଳିଥିଲା। ରେଫରିଙ୍କ ବିବାଦୀୟ ନିଷ୍ପତ୍ତି ପରେ ୟୁରୋପିଆନ ଫୁଟ୍‌ବଲ ପରିଚାଳକ ସଂସ୍ଥା (ୟୁଫା) ପକ୍ଷରୁ ରେଡ୍‌କାର୍ଡ ପୁନର୍ବିଚାର କରାଯିବ ବୋଲି ଘୋଷଣା ହୋଇଥିଲା।

### ମେସିଙ୍କ ରେକର୍ଡ

**ବାର୍ସିଲୋନା,୨୪।୯:** ଅନ୍ୟତମ ଶ୍ରେଷ୍ଠ ଫୁଟ୍‌ବଲର ଲିଓନେଲ ମେସି ରବିବାର ଏକ ରେକର୍ଡର ଅଧିକାରୀ ହୋଇଛନ୍ତି। ସେ ଅଣ ସ୍ପାନିଶ ଖେଳାଳି ଭାବେ ଲା ଲିଗା ଲିଗ୍‌ରେ ସର୍ବାଧିକ ମ୍ୟାଚ୍ ଖେଳିବାର କୃତିତ୍ୱ ହାସଲ କରିଛନ୍ତି। ଆର୍ଜେଣ୍ଟିନାର ଷ୍ଟାର ଖେଳାଳିଙ୍କ ଗୋଲ ସତ୍ତ୍ୱେ ବାର୍ସିଲୋନା ସମ୍ପୂର୍ଣ୍ଣ ପଏଣ୍ଟ ହାତେଇବାରେ ବିଫଳ ହୋଇଛି। ବାର୍ସିଲୋନା ଓ ଗିରୋନା ମଧ୍ୟରେ ରବିବାର ଖେଳାଯାଇଥିବା ମ୍ୟାଚ୍ ୨-୨ ଗୋଲରେ ବରାବର ରହିଥିଲା। ଲିଗ୍ ସର୍ବାଧିକ ଗୋଲ ସ୍କୋରର ମେସି ନିଜ ଦଳର ପୂର୍ବତନ ସଦସ୍ୟ ଡାନି ଆଲଭେସ(ବ୍ରାଜିଲ)ଙ୍କୁ ଅତିକ୍ରମ କରିଛନ୍ତି। ବାର୍ସିଲୋନା ଦଳ ପକ୍ଷରୁ ମେସି ୧୯ତମ ମିନିଟ୍‌ରେ ଖାତା ଖୋଲିଥିଲେ। ଏହାପରେ କ୍ଲେମେଣ୍ଟ ଲେନଗ୍ଲେଟଙ୍କୁ ରେଡ୍‌କାର୍ଡ ମିଳିଥିଲା। ପ୍ରତିପକ୍ଷ ଦଳ ଲାଗି କ୍ରିଷ୍ଟିଆନ ଷ୍ଟୁଆନି (୪୫ ଓ ୫୧ତମ) ଦୁଇଟି ଗୋଲ ଦେଇଥିଲେ। ଜବାବରେ ଜେରାର୍ଡ ପିକ୍ୟୁ (୬୩ତମ) ଗୋଲ ଦେଇ ମ୍ୟାଚ୍‌କୁ ସମାନ ସ୍ତରକୁ ଆଣିଥିଲେ।

### ୟୁରୋପ ଟିମ୍ ଜିତିଲା ଲାଭର କପ୍

**ଶିକାଗୋ,୨୪।୯:** କିମ୍ବଦନ୍ତୀ ପୁରୁଷ ସିଙ୍ଗଲ୍ସ ଟେନିସ୍ ଖେଳାଳି ରୋଜର ଫେଡେରର ଓ ଆଲେକ୍ସଜାଣ୍ଡର ଜେଭରେଭଙ୍କ ଚମତ୍କାର ପ୍ରଦର୍ଶନ ଯୋଗୁ ୟୁରୋପ ଦଳ ୧୩-୮ ବ୍ୟବଧାନରେ ୱାର୍ଲ୍ଡ ଟିମ୍‌କୁ ହରାଇ ଦେଇଛି। ଫଳରେ କ୍ରମାଗତ ଦ୍ୱିତୀୟ ଥର ଲାଗି ୟୁରୋପ ଦଳ ଲାଭର କପ୍ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟରେ ଚାମ୍ପିୟନ ହୋଇଛି। ରବିବାର ଖେଳାଯାଇଥିବା ପ୍ରଥମ ସିଙ୍ଗଲ୍ସ ମ୍ୟାଚ୍‌ରେ ଫେଡେରରଙ୍କୁ ଆମେରିକୀୟ ଖେଳାଳି ଜନ ଇସ୍ନର କଡ଼ା ଟକ୍କର ଦେଇଥିଲେ। ଏହାସତ୍ତ୍ୱେ ପୂର୍ବତନ ନଂ ୧ ଖେଳାଳି ୬-୭(୫/୭), ୭-୬(୧୦/୮), ୧୦-୭ ସେଟ୍‌ରେ ମୁକାବିଲାକୁ ଜିତି ନେଇଥିଲେ। ତାଙ୍କ ଭଳି ଜର୍ମାନୀ ଖେଳାଳି ଜେଭରେଭ, କେଭିନ ଆଣ୍ଡରସନଙ୍କୁ ୬-୭(୩/୭), ୭-୫, ୧୦-୭ ସେଟ୍‌ରେ ହରାଇବା ସହ ୟୁରୋପ ଦଳର ଟ୍ରଫି ବଜାୟ ରଖିବା ନିଶ୍ଚିତ କରିଥିଲେ। ଉଲ୍ଲେଖଥାଉ କି, ଏହି ପ୍ରତିଯୋଗିତାର ଡବଲ୍ସ ବିଭାଗରେ ଫେଡେରର ଓ ନୋଭାକ ଜୋକୋଭିଚ୍‌ଙ୍କ ଯୋଡ଼ିକୁ ଆଣ୍ଡରସନ ଓ ଆମେରିକୀୟ ଖେଳାଳି ଜ୍ୟାକ ସକ ହରାଇ ଦେଇଥିଲେ।





ଜାତୀୟ ଓପନ ଆଥଲେଟିକ୍ସ ଚାମ୍ପିୟନ୍‌ଶିପ୍ ପୂର୍ବରୁ ସୋମବାର କଳିଙ୍ଗ ଷ୍ଟାଡ଼ିୟମ୍‌ରେ ଆଥ୍ଲେଟଙ୍କ ଅଭ୍ୟାସ।

# ଜାତୀୟ ଓପନ ଆଥଲେଟିକ୍ସ ଆଜିଠାରୁ

- ପର୍ଯ୍ୟାୟକ୍ରମେ ପହଞ୍ଚିଲେ ତାରକା ଆଥଲେଟ୍
- ଅପରାହ୍ନରେ କଳିଙ୍ଗ ଷ୍ଟାଡିୟମରେ ଅଭ୍ୟାସ
- ଓଡ଼ିଶାରୁ ଭାଗନେବେ ୧୬ ପ୍ରତିଯୋଗୀ
- ଜଉନା ମୁର୍ମୁ ଓଏନ୍‌ଜିସି ଓ ପୂର୍ଣ୍ଣିମା ହେମ୍ବ୍ରମ ରେଲୱେରୁ ପ୍ରତିନିଧିତ୍ୱ କରିବେ
- ପ୍ରଥମ ଦିବସରେ ୫ ଇଭେଣ୍ଟର ଫାଇନାଲ ଏବଂ ପଦକ ପ୍ରଦାନ ଉତ୍ସବ ହେବ

**ଭୁବନେଶ୍ୱର, ୨୪।୯(କ୍ରୀଡ଼ା ପ୍ରତିନିଧି)**

କଳିଙ୍ଗ ଷ୍ଟାଡିୟମର ଆଥଲେଟିକ୍ସ ଷ୍ଟାଡିୟମ ପୁଣି ଚଳଚଞ୍ଚଳ। ଏଠାରେ ମଙ୍ଗଳବାରଠାରୁ ଆରମ୍ଭ ହେବାକୁ ଯାଉଛି ଜାତୀୟ ଓପନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ୫୮ତମ ସଂସ୍କରଣ। ୨୮ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ପ୍ରତିଯୋଗିତା ପାଇଁ ସୋମବାର ଦେଶର ବିଭିନ୍ନ ଭାଗରୁ ଆଥଲେଟ୍‌ମାନେ ପର୍ଯ୍ୟାୟକ୍ରମେ ଭୁବନେଶ୍ୱରରେ ପହଞ୍ଚିଛନ୍ତି। ଅନେକ ଆଥଲେଟ୍ ଅପରାହ୍ନରେ କଳିଙ୍ଗ ଷ୍ଟାଡିୟମ ଟ୍ରାକ୍‌ରେ ସେମାନଙ୍କ ପ୍ରସ୍ତୁତିକୁ ଅନ୍ତିମ ରୂପ ଦେଇଛନ୍ତି। ସକାଳ ୭ଟାରେ ପୁରୁଷ ୧୫୦୦ ମିଟର ରେସ୍ ସହ ପ୍ରତିଯୋଗିତା ଆରମ୍ଭ ହେବ। ପ୍ରଥମ ଦିବସରେ ୧୦୦ ମିଟର ମହିଳା ଓ ପୁରୁଷ ପ୍ରିଲିମିନାରୀ ରାଉଣ୍ଡ ସହ ସେମିଫାଇନାଲ ମଧ୍ୟ ଅନୁଷ୍ଠିତ ହେବ। ଏହା ବ୍ୟତୀତ ପୁରୁଷ ଡେକାଥଲନ, ଡିସ୍‌କସ୍ ଥ୍ରୋ, ଶଟ୍‌ପୁଟ୍, ମହିଳା ୪୦୦ ମିଟର, ୧୦୦ ମିଟର ହର୍ଡଲ୍ସ ଆଦି ଡଜନରୁ ଊର୍ଦ୍ଧ୍ୱ ଇଭେଣ୍ଟ ଆୟୋଜିତ ହେବ। ୫ଟି ବିଭାଗର ଫାଇନାଲ ଓ ପଦକ ପ୍ରଦାନ ଉତ୍ସବ ପ୍ରଥମ ଦିବସରେ ଅନୁଷ୍ଠିତ ହେବ। ଏଗୁଡ଼ିକ ହେଲା ମହିଳା ଜାଭେଲିନ ଥ୍ରୋ, ଟ୍ରିପଲ ଜମ୍ପ, ୧୦୦୦୦ ମିଟର ରେସ୍, ପୁରୁଷ ପୋଲ୍ ଭଲ୍ଟ ଓ ୧୦,୦୦୦ ମିଟର ରେସ୍।

ପ୍ରତିଯୋଗିତାରେ ଓଡ଼ିଶାର ୧୬ ପ୍ରତିଯୋଗୀ ଅଂଶଗ୍ରହଣ କରିବେ ବୋଲି ଓଡ଼ିଶା ଆଥଲେଟିକ୍ ଆସୋସିଏଶନ ପକ୍ଷରୁ ସୋମବାର ସ୍ପଷ୍ଟ କରାଯାଇଛି। ଏମାନଙ୍କ ମଧ୍ୟରେ ୫ ମହିଳା ପ୍ରତିଯୋଗୀ ସାମିଲ। ଏମାନଙ୍କ ବ୍ୟତୀତ ଓଡ଼ିଶାର ଅନ୍ୟତମ ତାରକା ଆଥଲେଟ୍ ଜଉନା ମୁର୍ମୁ ଓଏନ୍‌ଜିସି ପକ୍ଷରୁ ପ୍ରତିନିଧିତ୍ୱ କରିବେ। ସେହିପରି ହେପ୍‌ଟାଥଲେଟ୍ ପୂର୍ଣ୍ଣିମା ହେମ୍ବ୍ରମ ମହିଳା ୧୦୦ ମିଟର ହର୍ଡଲ୍ସରେ ଭାଗ୍ୟ ପରୀକ୍ଷା କରିବେ। ସେ ରେଲୱେ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ‘‘ଏସିଆନ ଗେମ୍ସ ପୂର୍ବରୁ ମୁଁ ହାମ୍‌ଷ୍ଟ୍ରିଙ୍ଗ ଇଞ୍ଜୁରିରେ ଥିଲି। ତେଣୁ ସେଠାରେ ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିଲି। ଏବେ ମୁଁ ସମ୍ପୂର୍ଣ୍ଣ ଫିଟ୍ ନାହିଁ, ଯନ୍ତ୍ରଣା ଅଛି। ଏଠାରେ ମୁଁ କେବଳ ୧୦୦ ମିଟର ହର୍ଡଲ୍ସରେ ଭାଗନେବି। ଏଥିରେ ଯେତେଦୂର ସମ୍ଭବ ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ଚେଷ୍ଟା କରିବି। ତେବେ ଆହତ ସମସ୍ୟା ଯେପରି ବଢ଼ି ନ ଯିବ ତା ଉପରେ ଧ୍ୟାନ ଦେବି, ନଚେତ ଭବିଷ୍ୟତରେ ଅଧିକ ଅସୁବିଧା ହେବାର ସମ୍ଭାବନା ରହିଛି’’ ବୋଲି ସୋମବାର ଭୁବନେଶ୍ୱରରେ ପହଞ୍ଚିବାପରେ ପୂର୍ଣ୍ଣିମା ପ୍ରକାଶ କରିଛନ୍ତି। ପ୍ରଥମ ଦିବସରେ ହେବାକୁଥିବା ପଦକ ଇଭେଣ୍ଟ ମଧ୍ୟରେ ମହିଳା ୧୦୦୦୦ ମିଟର ଅନ୍ୟତମ। ଏଥିରେ ଭାଗନେବେ ଓଡ଼ିଶାର ସମସାଦ ଆରା ବେଗମ। ତେଣୁ ସ୍ଥାନୀୟ ଖେଳାଳିଭାବେ ପ୍ରଥମ ଦିବସରେ ସମସାଦଙ୍କ ଉପରେ ବିଶେଷ ନଜର ରହିବ। ଏହା ବ୍ୟତୀତ ଜଉନା, ପୂର୍ଣ୍ଣିମା ଏବଂ ଦୀର୍ଘଦିନଧରି ଟ୍ରାକ୍ ବାହାରେ ରହିଥିବା ଧାବକ ଅମିୟ ମଲିକ ମଧ୍ୟ ନଜରରେ ରହିବେ।



ପୂର୍ଣ୍ଣିମା ହେମ୍ବ୍ରମ ଓ ଅମିୟ ମଲିକ।

## କୋରିଆ ଓପନରୁ ଓହରିଲେ କିଡାମ୍ବି

**ସିଓଲ,୨୪।୯(ପି.ଟି.)**

ପୂର୍ବତନ ପୁରୁଷ ସିଙ୍ଗଲ୍ସ କିଡାମ୍ବି ଶ୍ରୀକାନ୍ତ ମଙ୍ଗଳବାରଠାରୁ ଆରମ୍ଭ ହେବାକୁ ଯାଉଥିବା ୬ ଲକ୍ଷ ଡଲାର ପୁରସ୍କାର ରାଶି ବିଶିଷ୍ଟ କୋରିଆ ଓପନ ୱାର୍ଲ୍ଡ ଟୁର ସୁପର ୫୦୦ ଟୁର୍ନାମେଣ୍ଟରୁ ଓହରି ଯାଇଛନ୍ତି। ଦୁଇ ସପ୍ତାହ ମଧ୍ୟରେ କ୍ରମାଗତ ଦୁଇ ଟୁର୍ନାମେଣ୍ଟ ଖେଳିବା କାରଣରୁ ସେ ବିଶ୍ରାମ ନେଇଛନ୍ତି। ଏଥିଯୋଗୁ ଲଣ୍ଡନ ଅଲିମ୍ପିକ୍ ବ୍ରୋଞ୍ଜ ପଦକଧାରୀ ସାଇନା ନେହ୍ୱାଲ ଓ ସମୀର ବର୍ମା ଟୁର୍ନାମେଣ୍ଟରେ ଭାରତୀୟ ପ୍ରତିନିଧି ଦଳର ନେତୃତ୍ୱ ନେବେ। ଏସିଆନ୍ ଗେମ୍ସରେ ବ୍ରୋଞ୍ଜ ପଦକ ଜିତିବା ପରେ ସାଇନା ଜାପାନ ଓପନରୁ ଓହରି ଯାଇଥିଲେ। ଚଳିତ ବର୍ଷର ପ୍ରଥମ ଟାଇଟଲ ଲକ୍ଷ୍ୟରେ ଥିବା ବିଶ୍ୱର ୧୦ମ ର୍‍ୟାଙ୍କଧାରୀ ସାଇନା ପ୍ରଥମ ରାଉଣ୍ଡରେ କୋରିଆ କିମ୍ ହ୍ୟୋ ମିନଙ୍କୁ ଭେଟିବେ। ସେହିଭଳି ପୁରୁଷ ସିଙ୍ଗଲ୍ସ ବର୍ଗରେ ସମୀର ଡେନମାର୍କ ଶଟଲର ଆନ୍ଦ୍ରେସ ଆଣ୍ଟୋନସେନଙ୍କ ବିପକ୍ଷରେ ଅଭିଯାନ ଆରମ୍ଭ କରିବେ।

## ସହଜ ବିଜୟ ସହ କ୍ୱାର୍ଟରରେ ତାମିଲନାଡୁ

**କଟକ ଅଫିସ,୨୪।୯**

କଟକରେ ଚାଲିଥିବା ୨୪ତମ ଜାତୀୟ ସିନିୟର ମହିଳା ଫୁଟବଲ ଚାମ୍ପିୟନଶିପରେ ସୋମବାର ଗୋଟିଏ ମ୍ୟାଚ୍ ଖେଳାଯାଇଥିଲା । ଏଥିରେ ତାମିଲନାଡୁ ୯-୦ ଗୋଲରେ ମହାରାଷ୍ଟ୍ରକୁ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି । ତାମିଲନାଡୁ ପକ୍ଷରୁ ଫରୱାର୍ଡ ଇନ୍ଦୁମଥୀ ସର୍ବାଧିକ ୫ଟି ଗୋଲ ସ୍କୋର କରିଛନ୍ତି । ସେ ୩୦ତମ, ୪୧ତମ, ୫୫ତମ, ୬୩ତମ, ୬୯ତମ ମିନିଟରେ ଏହି ଗୋଲ ଦେଇଥିଲେ । ଆଉ ସୁମିତ୍ରା ୪୯ତମ, ୬୮ତମ ମିନିଟରେ ୨ଟି ଗୋଲ ଦେଇଥିବା ବେଳେ ଏମ. ନନ୍ଦିନୀ ୫୧ତମ ମିନିଟରେ ଗୋଟିଏ ଗୋଲ ଦେଇଛନ୍ତି । ମଙ୍ଗଳବାର ପ୍ରତିଯୋଗିତାର ଅନ୍ତିମ ଦୁଇଟି ଲିଗ ପର୍ଯ୍ୟାୟ ମ୍ୟାଚ୍ ଖେଳାଯିବ । ବର୍ତ୍ତମାନ ସୁଦ୍ଧା ଘରୋଇ ଓଡ଼ିଶା ଦଳକୁ ମିଶାଇ ରେଲୱେ, ବେଙ୍ଗଲ, ଦିଲ୍ଲୀ, ମଣିପୁର, ତାମିଲନାଡୁ, ହରିୟାଣା କ୍ୱାର୍ଟରରେ ସ୍ଥାନ ସୁରକ୍ଷିତ କରିଛନ୍ତି ।

## ଚାଣ୍ଡିମଲଙ୍କୁ ଦିନିକିଆ ଦଳର ନେତୃତ୍ୱ

**କଲମ୍ବୋ,୨୪।୯**

ଚଳିତ ଏସିଆ କପ୍‌ରେ ପ୍ରାରମ୍ଭିକ ପର୍ଯ୍ୟାୟରୁ ବିଦାୟ ନେବା ପରେ ଶ୍ରୀଲଙ୍କା ଦଳରେ ବଡ଼ ଧରଣର ପରିବର୍ତ୍ତନ ହୋଇଛି। ଶ୍ରୀଲଙ୍କା ଜାତୀୟ ଚୟନକର୍ତ୍ତା ଦିନେଶ ଚାଣ୍ଡିମଲଙ୍କୁ ଦିନିକିଆ ଦଳର ଅଧିନାୟକ ଘୋଷଣା କରିଛନ୍ତି। ଏସିଆ କପ୍‌ରେ ଦଳର ନେତୃତ୍ୱ ନେଇଥିବା ଆଞ୍ଜେଲୋ ମାଥ୍ୟୁସଙ୍କୁ ପଦରୁ ବହିଷ୍କୃତ କରାଯାଇଛି। ଶ୍ରୀଲଙ୍କା କ୍ରିକେଟ ପକ୍ଷରୁ ପ୍ରକାଶ କରାଯାଇଥିବା ବିଜ୍ଞପ୍ତିରେ କୁହାଯାଇଛି, ଜାତୀୟ ଚୟନକର୍ତ୍ତା ଦିନେଶ ଚାଣ୍ଡିମଲଙ୍କୁ ଦିନିକିଆ ଦଳର ନେତୃତ୍ୱ ଦେବା ଲାଗି ରବିବାର ନିଷ୍ପତ୍ତି ନେଇଥିଲେ। ସେ ଇଂଲଣ୍ଡ ସିରିଜ୍‌ରେ ଦଳର ନେତୃତ୍ୱ ନେବେ। ସେମାନେ ମାଥ୍ୟୁସଙ୍କୁ ପଦ ଛାଡ଼ିବା ଲାଗି ନିବେଦନ କରିଥିଲେ। ଫଳରେ ଟେଷ୍ଟ ଅଧିନାୟକ ଚଣ୍ଡିମାଲ ସମସ୍ତ ଫର୍ମାଟରେ ଦଳର ନେତୃତ୍ୱ ନେବେ। ସେ ପୂର୍ବରୁ ୭ ଦିନିକିଆ ଅଧିନାୟକ ଦାୟିତ୍ୱ ତୁଲାଇଥିଲେ। ସେଥି ମଧ୍ୟରୁ ଦଳ ୫ ବିଜୟ ହାସଲ କରିଛି। ଅନ୍ୟପକ୍ଷରେ ଚଳିତ ବର୍ଷ ଜାନୁୟାରୀରେ ମାଥ୍ୟୁସଙ୍କୁ ପୁଣି ଥରେ ଅଧିନାୟକ ପଦରେ ନିଯୁକ୍ତ କରାଯାଇଥିଲା। ତାଙ୍କ ନେତୃତ୍ୱରେ ଶ୍ରୀଲଙ୍କା ମୋଟ ୧୦୬ ଦିନିକିଆ ଖେଳିଥିବାବେଳେ ୪୯ ବିଜୟ ଓ ୫୧ ପରାଜୟ ରେକର୍ଡ ରହିଛି। ଉଲ୍ଲେଖଥାଉ କି, ବାଂଲାଦେଶ ଓ ଆଫଗାନିସ୍ତାନଠାରୁ ଦଳ ପରାଜିତ ହେବା ପରେ ମାଥ୍ୟୁସଙ୍କୁ ପ୍ରବଳ ସମାଲୋଚିତ ହେବାକୁ ପଡ଼ିଥିଲା। ପଦ ତ୍ୟାଗ କରିବା ସମ୍ପର୍କରେ ମାଥ୍ୟୁସ ଲେଖିଛନ୍ତି, ଦଳର ପରାଜୟରେ ମୁଁ ମଧ୍ୟ ଦୋଷୀ। ମାତ୍ର ଏଥିନେଇ ମୁଁ ଏକମାତ୍ର ଦାୟୀ ନୁହେଁ। ପରାଜୟ ଲାଗି ମୋତେ ଦାୟୀ କରାଯାଉଥିବାରୁ ମୁଁ ଦୁଃଖିତ। କିନ୍ତୁ ଚୟନକର୍ତ୍ତା ଓ ମୁଖ୍ୟ କୋଚ୍‌ଙ୍କ ନିଷ୍ପତ୍ତିକୁ ସମ୍ମାନ ଜଣାଇ ପଦତ୍ୟାଗ କରୁଛି।

## ଭିନେଶଙ୍କ ସ୍ଥାନରେ ରିତୁ, ପିଙ୍କି ଫେରିଲେ

**ବିଶ୍ୱ କୁସ୍ତି ଚାମ୍ପିୟନ୍‌ଶିପ୍**

**ନୂଆଦିଲ୍ଲୀ, ୨୪।୯ (ପି.ଟି.)**

ଭିନେଶ ଫୋଗଟ୍ ଆଘାତପ୍ରାପ୍ତ ହୋଇପଡ଼ିବାରୁ ବିଶ୍ୱ କୁସ୍ତି ଚାମ୍ପିୟନଶିପ୍ ପାଇଁ ୫୦ କେଜି କାଟେଗୋରିରେ ତାଙ୍କ ସ୍ଥାନରେ ରିତୁ ଫୋଗଟଙ୍କୁ ଭାରତୀୟ ଦଳରେ ନିଆଯାଇଛି। ଭାରତୀୟ କୁସ୍ତି ମହାସଂଘ(ଡବ୍ଲ୍ୟୁଏଫ୍‌ଆଇ) ତରଫରୁ ସୋମବାର ଏହି ସୂଚନା ପ୍ରଦାନ କରାଯାଇଛି। ଶୁକ୍ରବାର ଅଭ୍ୟାସ ବେଳେ ପଦକ ଫେଭରାଇଟ୍ ଭିନେଶଙ୍କ କହୁଣିରେ ଆଘାତ ଲାଗିଛି। ନିକଟରେ ପ୍ରଥମ ପସନ୍ଦ ପିଙ୍କି ରି-ଟ୍ରାଏଲରେ ଅଂଶଗ୍ରହଣ କରିବା ଲାଗି ରାଜି ନ ହେବାରୁ ଡବ୍ଲ୍ୟୁଏଫ୍‌ଆଇ ୫୩ କେଜି ପାଇଁ ରିତୁଙ୍କୁ ମନୋନୀତ କରିଥିଲା। ମାତ୍ର ଏବେ ଦୃଶ୍ୟପଟର ପରିବର୍ତ୍ତନ ଘଟିଛି। ଡବ୍ଲ୍ୟୁଏଫ୍‌ଆଇ ଆଗରେ କୌଣସି ବିକଳ୍ପ ନ ଥିବାରୁ ରିତୁଙ୍କୁ ତାଙ୍କ ପ୍ରକୃତ ୱେଟ୍ କାଟେଗୋରି ୫୦କେଜି ପାଇଁ ମନୋନୀତ କରାଯାଇଛି। ଫଳସ୍ୱରୂପ ପିଙ୍କି ଆଉ ସମ୍ମାନଜନକ ୟୁନାଇଟେଡ୍ ୱାର୍ଲ୍ଡ ରେସ୍‌ଲିଂ ଇଭେଣ୍ଟ ମିସ୍ କରିବେ ନାହିଁ। ସେ ବର୍ତ୍ତମାନ ୫୩ କେଜି ଶ୍ରେଣୀରେ ଭାଗନେବେ। ଡବ୍ଲ୍ୟୁଏଫ୍‌ଆଇ ଆସିଷ୍ଟାଣ୍ଟ ସେକ୍ରେଟାରୀ ବିନୋଦ ତୋମାର କହିଛନ୍ତି ବର୍ତ୍ତମାନର ପରିସ୍ଥିତି ଅନୁସାରେ ଆମେ ରିତୁଙ୍କୁ ୫୦ କେଜିରେ ଭାଗ ନେବାଲାଗି କହିଛୁ। ଭିନେଶ ଦୁର୍ଭାଗ୍ୟଜନକ ଭାବେ ଆଘାତପ୍ରାପ୍ତ ହୋଇଛନ୍ତି। ତାଙ୍କର ଅନୁପସ୍ଥିତି ଆମେ ଅନୁଭବ କରିବୁ। ୫୩ କେଜି ଶ୍ରେଣୀରେ ପିଙ୍କି ପ୍ରତିନିଧିତ୍ୱ କରିବେ।

ଗତବର୍ଷ ରିତୁ ପୋଲାଣ୍ଡରେ ଅନୁଷ୍ଠିତ ୨୩ ବର୍ଷରୁ କମ୍ ବିଶ୍ୱ ଚାମ୍ପିୟନଶିପ୍‌ରେ ଏକ ରୌପ୍ୟ ଜିତିଥିଲେ। ତୁର୍କୀରୁ ବିମାନ ଆସିବାରେ ବିଳମ୍ବ ହେବାରୁ ଉଭୟ ରିତୁ ଓ ତାଙ୍କ ଭଉଣୀ ସଙ୍ଗୀତା ଏସିଆନ ଗେମ୍ସ ଟ୍ରାଏଲରେ ଭାଗ ନେଇ ପାରି ନ ଥିଲେ। ରିତୁ ଓ ଭିନେଶ ହେଉଛନ୍ତି ୫୦କେଜି କାଟେଗୋରିରେ ଦେଶର ଶ୍ରେଷ୍ଠ ରେସ୍‌ଲର। ଭିନେଶ ଚଳିତ ବର୍ଷ ଗୋଲ୍ଡକୋଷ୍ଟ ଏବଂ ଜାକର୍ତ୍ତା ଓ ପାଲେମବାଙ୍ଗଠାରେ ଅନୁଷ୍ଠିତ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ବିଶ୍ୱ ଚାମ୍ପିୟନଶିପ୍ ଅକ୍ଟୋବର ୨୦ରୁ ୨୮ ପର୍ଯ୍ୟନ୍ତ ହଙ୍ଗେରୀର ବୁଦାପେଷ୍ଟଠାରେ ଅନୁଷ୍ଠିତ ହେବ।



ଜାତୀୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତା ପାଇଁ ମନୋନୀତ ଓଡ଼ିଶା ଦଳ।

## ଜାତୀୟ ଶକ୍ତି ଉତ୍ତୋଳନରେ ଭାଗନେବ ଓଡ଼ିଶା

**ଭୁବନେଶ୍ୱର, ୨୪।୯(ସ୍ପୋର୍ଟ୍ସ ବ୍ୟୁରୋ)**

ଉତ୍ତରପ୍ରଦେଶର ଲକ୍ଷ୍ନୌଠାରେ ଆସନ୍ତା ୨୯ରୁ ଅନ୍‌ଇକ୍ୟୁପଟ ବିଭାଗର ଶକ୍ତିଉତ୍ତୋଳନ ପ୍ରତିଯୋଗିତା (ମହିଳା/ପୁରୁଷ) ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶା ଦଳ ଅଂଶଗ୍ରହଣ କରିବ। ସବ୍‌ଜୁନିୟର ବିଭାରେ ଓଡ଼ିଶାର ଦେବାଶିଷ ଦେ, ଅଭିଷେକ ମହାନ୍ତି ଓ ଶିବମ ମହାନ୍ତି ଭାଗନେବେ। ସେହିଭଳି ରଞ୍ଜନ ହାଁସଦା, ବିଶ୍ୱଜିତ୍ ଜେନା, ସୁଦାମ ସିଂ, ଆଶିଷ କୁମାର ବେକ୍, ଶରତ ନାଏକ, ଦିନେଶ ଚନ୍ଦ୍ର ସାହୁ ଓ ଦୁଷ୍ମନ୍ତ ସାହୁ ଜୁନିୟର ବାଳକରେ ଏବଂ ସୀମାରାଣୀ ସିଂ, ଭାରତୀ ପାତ୍ର, ଲକ୍ଷ୍ମୀମଣି ସିଂ, ରୂପାଲି ପଲେଇ, ଦେବୀ ସିଂ, ଧନମଣି ଟୁଡୁ, ବନ୍ଦିତା ଟୁଙ୍ଗ୍ ଓ ପଦ୍ମାବତୀ ସିଂ ଜୁନିୟର ବାଳିକାରେ ରାଜ୍ୟ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ଅପରପକ୍ଷରେ ପୁରୁଷ ସିନିୟରରେ ସୋନୁ ସାହୁ, ବସନ୍ତ ମାଲେକା, ବିଚିତ୍ର ନାୟକ, ମନୋଜ କୁମାର ସାହୁ, ରାକେଶ କୁମାର ଶତକଥୀ, ଦୀପକ କୁମାର ନାୟକ, ସୌମ୍ୟରଞ୍ଜନ ସାହୁ, ତିରନଦୀପ୍ ସିଂ ଓ ସନ୍ତୋଷ କୁମାର ବାରିକ ଏବଂ ସିନିୟର ମହିଳାରେ ଲକ୍ଷ୍ମୀମଣି ସିଂ, ରୂପାଲି ପଲେଇ, ଦେବୀ ସିଂ, ଅନୁପମା ସ୍ୱାଇଁ, ଚନ୍ଦ୍ରବଦନୀ ମହନ୍ତ, ସଙ୍ଗୀତା ସିଂ ଓ ସଯୁକ୍ତା ସାହୁ ରାଜ୍ୟ ଦଳରେ ସ୍ଥାନ ପାଇଛନ୍ତି। ସେହିପରି ସୁଜିତ କୁମାର ଗିରି, ବିଟିଭି ରାମଣାମୂର୍ତ୍ତୀ, ପ୍ରଫୁଲ କୁମାର ଅମଲତ୍ୟା, ନାରାୟଣ ସେଠୀ, ଭାସ୍କର ବେହେରା ଓ ରାଜେନ୍ଦ୍ର ପରିଡ଼ା ମାଷ୍ଟର୍ସ ବର୍ଗରେ ଓଡ଼ିଶାରୁ ଭାଗନେବେ।

ଏହି ପ୍ରତିଯୋଗିତାରେ ସଞ୍ଜୟ କୁମାର ନାୟକ, ସତ୍ୟବ୍ରତ ବେହେରା, ସନ୍ତୋଷ କୁମାର ବାରିକ ଓ ସଂଗ୍ରାମ କେଶରୀ ବେହେରା ଓଡ଼ିଶା ଦଳର କୋଚ୍ ଓ ମ୍ୟାନେଜର ଭାବେ ଗସ୍ତ କରିଛନ୍ତି। ଓଡ଼ିଶାର ଖେଳାଳି ଓ ଅଫିସିଆଲଙ୍କୁ ସଂଘର ସଭାପତି ତଥା ଏମ୍‌ପି କଳିକେଶ ନାରାୟଣ ସିଂଦେଓ, ଉପସଭାପତି ଡ. ହରିପ୍ରସାଦ ପଟ୍ଟନାୟକ, କୋଷାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ, ସଂଘର ଉପି ସଦସ୍ୟ ନବକୁମାର ସାହୁ ଓ ସମ୍ପାଦକ ଚିତ୍ତରଞ୍ଜନ ସ୍ୱାଇଁ ଶୁଭେଚ୍ଛା ଜଣାଇଛନ୍ତି।

## ସଂକ୍ଷେପରେ

### ଡେଙ୍ଗୁରେ କଲେଜ ଛାତ୍ରଙ୍କ ମୃତ୍ୟୁ ଅଭିଯୋଗ

କୁଜଙ୍ଗ,୨୪।୯(ସ୍ୱ.ପ୍ର): କୁଜଙ୍ଗ ବ୍ଲକ ମହ୍ଲାସାହୀ ପଞ୍ଚାୟତ ଅରଖିଆ ଗ୍ରାମର ଜଣେ କଲେଜ ଛାତ୍ରଙ୍କ ଡେଙ୍ଗୁ ରୋଗରେ ମୃତ୍ୟୁ ଘଟିଥିବା ପରିବାର ଲୋକେ କହିଛନ୍ତି। ସୂଚନା ଅନୁଯାୟୀ, ଅରଖିଆର ସନ୍ତୋଷ ନାୟକଙ୍କ ପୁଅ ସୌମ୍ୟରଞ୍ଜନ ନାୟକ(୧୮) ରାହାମା ଶାରଳା ମହାବିଦ୍ୟାଳୟ +୨ ବିଜ୍ଞାନ ବିଭାଗରେ ପଢୁଥିଲେ। କିଛିଦିନ ହେବ ସେ ଡେଙ୍ଗୁରେ ପୀଡିତ ହୋଇ ଘରୋଇ ଡାକ୍ତରଙ୍କ ପାଖରେ ଚିକିତ୍ସିତ ହୋଇ ଆସୁଥିଲେ। କିନ୍ତୁ ଏହି ଜ୍ୱର ବଢିବାରୁ କଟକ ବଡ଼ ଡାକ୍ତରଖାନାରେ ଗତ ସପ୍ତାହରେ ଭର୍ତ୍ତି ହୋଇଥିଲେ। ସେଠାରେ ରବିବାର ତାଙ୍କର ମୃତ୍ୟୁ ଘଟିଥିଲା। କୁଜଙ୍ଗ ଅଞ୍ଚଳରେ ଆବଶ୍ୟକ ସଚେତନତାର ଅଭାବ ଓ ସ୍ୱାସ୍ଥ୍ୟ ବିଭାଗର ସ୍ଥାଣୁତା ଯୋଗୁ ବହୁ ଲୋକ ଡେଙ୍ଗୁ ଜ୍ୱରରେ ପୀଡିତ ହୋଇଥିବା ଜଣାପଡିଛି। ଏହି ବ୍ଲକ କୋଠି ଗ୍ରାମରେ ୩୦ରୁ ଉର୍ଦ୍ଧ୍ୱ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିଲେ ମଧ ପ୍ରଶାସନ ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେଇନାହିଁ।

### କୃମି ନାଶକ ବଟିକା ସେବନ ପାଇଁ ତାଲିମ

ବିରିଡି,(ଡି.ଏନ.ଏ), ୨୪। ୯: ସ୍ୱାସ୍ଥ୍ୟ, ପରିବାର କଲ୍ୟାଣ ବିଭାଗ ଓ ଜାତୀୟ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ବିରିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ବିରିଡ଼ି ବ୍ଲକ ଶିକ୍ଷା ଅଧିକାରୀଙ୍କ ସମନ୍ୱୟରେ ସୋମବାର କୃମି ନାଶକ ବଟିକା ସେବନ ପାଇଁ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅଳକା ହାଇସ୍କୁଲ, ଅଲାଣ୍ଡୋ ହାଇସ୍କୁଲ ଏବଂ ଚିନ୍ତାମଣୀ ବିଦ୍ୟାପୀଠ ଠାରେ ବ୍ଲକର ୧୯୪ ସ୍କୁଲର ୧୯୪ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ନେଇ ଏହି କାର୍ଯ୍ୟକ୍ରମ ହୋଇଥିଲା। ଶିବିରରେ ଡା. ବରଦା ପ୍ରସନ୍ନ ଜେନା, ଡା. ଲୋକନାଥ ସାହୁ, ଏବିଇଓ ସଚ୍ଚିଦାନନ୍ଦ ବେହେରା, ପିଏଚଇଓ ଭବାନୀଶଙ୍କର ହାଲଦାର, ବିପିଏମ ହରିହର ଚଇନି, ସିଆରସିସି ପ୍ୟାରିସ୍ ସ୍ୱାଇଁ, ଇସ୍ତାକ ଅଲ୍ଲୀ ଖାଁ ଉପସ୍ଥିତ ଥିଲେ। କୃମି ନାଶକ ବଟିକାର ଉପକାରିତା, ସେବନ ମାତ୍ରା, ସେବନ ପ୍ରଣାଳୀ, ପାର୍ଶ୍ୱ ପ୍ରତିକ୍ରିୟା ଓ ଏହାର ପରିଚାଳନା ସହ ସଠିକ ତଥ୍ୟ ପ୍ରଦାନ ସମ୍ବନ୍ଧରେ ଡାକ୍ତରମାନେ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ବୁଝାଇଥିଲେ। ଆସନ୍ତା ୨୬ ତାରିଖରେ ହେବାକୁ ଥିବା ଜାତୀୟ କୃମି ନାଶକ ଦିବସ ଏବଂ ବାଦ ପଡିଥିବା ଛାତ୍ରୀଛାତ୍ରଙ୍କୁ ଅକ୍ଟୋବର ୩ ତାରିଖ ଦିନ କୃମି ନାଶକ ବଟିକା ସେବନ କରାଇବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

# ଭୁଶୁଡୁଛି ଦାମଙ୍କ ଦୁର୍ଗ, ୩୦ରେ ବିଜେଡିର ଶକ୍ତି ପ୍ରଦର୍ଶନ

- କୁଳମଣିଙ୍କ ବାସଭବନରେ ଏକାଠି ହେଲେ ଦଳୀୟ କର୍ମକର୍ତ୍ତା
- ଆସିଲେନି ମାତ୍ର ୪ ସରପଞ୍ଚ ଓ ୩ ସମିତିସଭ୍ୟ
- କୁଜଙ୍ଗ ବ୍ଲକ ବିଜେଡି ସଭାପତି ଓ ପଞ୍ଚାୟତ ସମିତି ଅଧକ୍ଷ ଅନୁପସ୍ଥିତ
- ଆଜି କୁଜଙ୍ଗ ଆସିପାରନ୍ତି ଦାମ

କୁଜଙ୍ଗ,୨୪।୯(ସ୍ୱ.ପ୍ର.)

ବରିଷ୍ଠ ନେତା ତଥା ପାରାଦୀପ ବିଧାୟକ ଦାମୋଦର ରାଉତ ବିଜୁ ଜନତା ଦଳରୁ ବହିଷ୍କୃତ ହେବା ପରେ ନୂଆ ରାଜନୈତିକ ଦଳ ଗଠନ କରିବେ ବୋଲି ଚର୍ଚ୍ଚା ଚାଲିଥିବାବେଳେ ନିଜ ନିର୍ବାଚନମଣ୍ଡଳୀରେ ତାଙ୍କର ବିପର୍ଯ୍ୟୟ ଘଟିବାକୁ ଯାଉଛି। ଇତିମଧ୍ୟରେ ପ୍ରଥମେ ପାରାଦୀପ ଓ ପରେ କୁଜଙ୍ଗରେ ଦାମଙ୍କ ଦୁର୍ଗ ଭୁଶୁଡିବା ଆରମ୍ଭ କରିଛି। ଆଶ୍ଚର୍ଯ୍ୟଜନକ ଭାବେ ଦାମଙ୍କ ଅନେକ ଅନୁଗତ ତାଙ୍କ ଶିବିର ଖାଲି କରିଦେଉଛନ୍ତି। ରବିବାର ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଇଙ୍ଗିତରେ ଭୁବନେଶ୍ୱରସ୍ଥିତ ଦଳୀୟ କାର୍ଯ୍ୟାଳୟରେ ପାରାଦୀପ ନିର୍ବାଚନମଣ୍ଡଳୀର କର୍ମୀମାନଙ୍କ ବୈଠକ ହୋଇଥିଲା। ସେଠାରୁ ଗୁରୁମନ୍ତ୍ର ଆଣିଥିବା ନେତୃତ୍ୱମାନେ ୨୪ ଘଣ୍ଟା ମଧ୍ୟରେ ସୋମବାର ଦାମଙ୍କ ଏକାନ୍ତ ଅନୁଗତ ତଥା ଅତ୍ୟନ୍ତ ବିଶ୍ୱସ୍ତ ଏମ୍‌ପି ଡା. କୁଳମଣି ସାମଲଙ୍କ ବାସଗୃହ ସମ୍ମୁଖରେ ଏକାଠି ହୋଇଥିଲେ। ଆସନ୍ତା ୩୦ ତାରିଖରେ କୁଜଙ୍ଗ ବ୍ଲକ ପଡ଼ିଆରେ ଏକ ବିଶାଳ ଜନସମାବେଶ କରି ବିଜେଡିର ଶକ୍ତି ପ୍ରଦର୍ଶନ କରିବାକୁ ଏଥିରେ ନିଷ୍ପତ୍ତି ହୋଇଛି। ସୋମବାର ଅନୁଷ୍ଠିତ ସଭାରେ ପାରାଦୀପ ପୌର ପରିଷଦ ବିଜେଡି ଅଧକ୍ଷ ସୁମନ୍ତ ବିଶ୍ୱାଳ ଅଧକ୍ଷତା କରିଥିଲେ। ଦାମଙ୍କ ଅନୁଗତ ପାରାଦୀପର ବହୁ ବିଜେଡି ନେତାଙ୍କ ସମେତ କୁଜଙ୍ଗ ବ୍ଲକର ଦଳୀୟ ସମର୍ଥିତ ସମସ୍ତ ସରପଞ୍ଚ ଓ ସମିତି ସଦସ୍ୟମାନେ ଏଥିରେ ଯୋଗଦେବା ଆଶ୍ଚର୍ଯ୍ୟ ସୃଷ୍ଟି କରିଛି।


କୁଜଙ୍ଗରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ବିଜେଡି ନେତା ଓ କର୍ମୀମାନେ।

ତେବେ ଦାମଙ୍କ ଅନୁଗତ ହାତଗଣତି ୫ଜଣ ସରପଞ୍ଚ ଓ ୩ଜଣ ସମିତି ସଭ୍ୟଙ୍କ ସମେତ କୁଜଙ୍ଗ ବ୍ଲକ ବିଜେଡି ଅଧକ୍ଷ, କୁଜଙ୍ଗ ପଞ୍ଚାୟତ ସମିତି ଅଧକ୍ଷ ଏଥିରେ ଅନୁପସ୍ଥିତ ଥିଲେ। ଆଗଧାଡିର ନେତା ପାରାଦୀପ ପୌରାଧକ୍ଷ ବସନ୍ତ କୁମାର ବିଶ୍ୱାଳ, କୁଜଙ୍ଗର ପୂର୍ବତନ ଅଧକ୍ଷ ନରେନ୍ଦ୍ର କୁମାର ପରିଡା, ପୂର୍ବତନ ଜିଲା ପରିଷଦ ଅଧକ୍ଷା ସବିତା ମହାପାତ୍ର, ବିଜେଡି ମହିଳା ସମ୍ପାଦିକା ସବିତା ମହାପାତ୍ର, ସଂଗ୍ରାମ ମନ୍ତ୍ରୀ, କୈଳାସ ଷଡ଼ଙ୍ଗୀ, ସଞ୍ଜୟ କୁମାର ବେହେରା, ସଞ୍ଜୟ କୁମାର ସ୍ୱାଇଁ, ରଞ୍ଜିତ ପଣ୍ଡା ଓ କୁଜଙ୍ଗ ବ୍ଲକ ପୂର୍ବତନ ଉପାଧକ୍ଷ ପ୍ରକାଶ ପରିଡାଙ୍କ ସମେତ ବହୁ ନେତୃତ୍ୱ ଯୋଗଦେଇ ଦାମଙ୍କୁ ବାଦ ଦେଇ ସଂଗଠନକୁ ଆଗେଇନେବାକୁ ଆହ୍ୱାନ ଦେଇଥିଲେ। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ, ଏମ୍‌ପି ଡା. କୁଳମଣି ସାମଲ ଦାମଙ୍କ ସମର୍ଥନରେ ଦଳୀୟ ଟିକେଟ ପାଇ ଜିତିଥିଲେ। କୁଳମଣିଙ୍କ ରାଜନୈତିକ କ୍ୟାରିୟର ଆରମ୍ଭରେ ଦାମ ତାଙ୍କୁ ପ୍ରଥମେ କୁଜଙ୍ଗ ମହୋତ୍ସବର ଅଧକ୍ଷ ଓ ପରେ କୁଜଙ୍ଗ ଜଗନ୍ନାଥ ମନ୍ଦିର ପରିଚାଳନା ବୋର୍ଡର ଅଧକ୍ଷ କରାଇଥିଲେ। ଏହା ପରେ ତାଙ୍କୁ ଏମ୍‌ପି ଟିକେଟ ଦେବାକୁ ମଧ ଦାମ ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ ସୁପାରିଶ କରିଥିବା କଥା କୁଜଙ୍ଗ ଅଞ୍ଚଳରେ ପ୍ରାୟ ସମସ୍ତେ ଜାଣନ୍ତି। କିନ୍ତୁ ଦାମବାବୁ ବହିଷ୍କୃତ ହେବା ପରେ ଏମ୍‌ପିଙ୍କ ସମେତ ଅନ୍ୟ ଅନୁଗତମାନେ ଦଳ ଆଗ ବ୍ୟକ୍ତି ପଛ ବୋଲି ଅନୁଭବ କରିଛନ୍ତି। ଅନ୍ୟପକ୍ଷରେ ଦାମଙ୍କ ଶିବିର ଖାଲି ହେଉଥିବାରୁ ଦାମ ଯେ ହାତବାନ୍ଧି ବସିବେ ତାହା ସମ୍ଭବ ନୁହେଁ। ରାଜ୍ୟ ରାଜନୀତିକୁ ଦୋହଲାଉଥିବା ଦାମବାବୁ ତାଙ୍କର ସମସ୍ତ ଅନୁଗତଙ୍କୁ ବିନା ଆକଟରେ ଦୂରତ୍ୱ ରକ୍ଷା କରିବାକୁ ସୁଯୋଗ ଦେବା ଘଟଣାକୁ ସହଜରେ ହଜମ କରି ହେଉନି। ତେଣୁ ଠିକ୍ ସମୟରେ ବିଗୁଲ ବଜେଇ ସମସ୍ତଙ୍କୁ ସେ ନିଜ ପକ୍ଷକୁ ଆଣିବେ କିମ୍ବା ପ୍ୟାରୀଙ୍କ ପରି ବାକ୍ୟବାଣ ମାରି ଶେଷରେ ପରାଜିତ ହେବେ ତାହାକୁ ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଛି। ଏଭଳି ସ୍ଥିତିରେ ଦାମବାବୁ ଦୁର୍ଗ ରକ୍ଷା ନିମନ୍ତେ ମଙ୍ଗଳବାର କୁଜଙ୍ଗ ଆସୁଥିବା ସୂଚନା ମିଳିଛି। ଏମ୍‌ପିଙ୍କ ବାସଭବନରେ ହୋଇଥିବା ଏହି ବୈଠକକୁ ରାଜନୈତିକ ମହଲରେ ବେଶ୍ ଗୁରୁତ୍ୱ ଦିଆଯାଉଛି। ଏହି ବୈଠକରେ ଜିଲା ସଭାପତି ବିଷ୍ଣୁ ଦାସଙ୍କ ସମର୍ଥକ ତଥା ଦାମବାବୁଙ୍କ ବହୁ କଠୋର ବିରୋଧୀମାନେ ଯୋଗଦେଇ ନ ଥିଲେ। ତେଣୁ ଦାମଙ୍କ ବିନା ଯେ, ପାରାଦୀପରେ ବିଜୁ ଜନତା ଦଳ ରଥ ସହଜରେ ଆଗକୁ ଯିବ ତାହା ସନ୍ଦେହ ସୃଷ୍ଟି କରୁଛି।

# ବଢୁଛି କୁଳମଣିଙ୍କ ଗୁରୁତ୍ୱ, ୩ ପି'ଙ୍କୁ ଦାୟିତ୍ୱ

ପାରାଦୀପ,୨୪।୯(ସ୍ୱ.ପ୍ର.)

**ପାରାଦୀପ ନିର୍ବାଚନମଣ୍ଡଳୀ**

ବିଧାୟକ ଦାମୋଦର ରାଉତଙ୍କ ବହିଷ୍କାର ପ୍ରସଙ୍ଗକୁ ନେଇ ଯେତିକି ରାଜନୈତିକ ଉଷ୍ମତା ବୃଦ୍ଧି ପାଇବାରେ ଲାଗିଛି, ପାରାଦୀପ ନିର୍ବାଚନମଣ୍ଡଳୀରେ ସମୀକରଣ ସେତିକି ବଦଳିବାରେ ଲାଗିଛି। ଏହି ନିର୍ବାଚନମଣ୍ଡଳୀରେ କିଏ ବିଜେଡିର ନେତୃତ୍ୱ ନେବ ତାହା ଅଦ୍ୟାବଧି ସ୍ପଷ୍ଟ ହୋଇପାରୁ ନ ଥିବାବେଳେ ଜଣଙ୍କ ପରେ ଜଣେ ଆଶାୟୀ ନେତା ଚର୍ଚ୍ଚାକୁ ଆସୁଛନ୍ତି। ଏହି କ୍ରମରେ ଏବେ ଏମ୍‌ପି ଡା. କୁଳମଣି ସାମଲଙ୍କ ମୁହଁ ସାମ୍ନାକୁ ଆସିଛି। ରବିବାର ଭୁବନେଶ୍ୱରସ୍ଥିତ ଦଳୀୟ କାର୍ଯ୍ୟାଳୟରେ ପାରାଦୀପ ନିର୍ବାଚନମଣ୍ଡଳୀ ବିଜେଡି କର୍ମୀଙ୍କ ବୈଠକ ପରେ ଏବେ କୁଳମଣିଙ୍କ ଗୁରୁତ୍ୱ ବୃଦ୍ଧି ପାଇଥିବା ମନେ ହେଉଛି। ଏଭଳି ସ୍ଥିତିରେ ସୋମବାର କୁଜଙ୍ଗସ୍ଥିତ କୁଳମଣିଙ୍କ ବାସଭବନରେ କର୍ମୀଙ୍କ ବୈଠକ ହେବା, ତାଙ୍କ ଗୁରୁତ୍ୱକୁ ବଢାଇ ଦେଇଛି। ଯଦିଓ ପାରାଦୀପରୁ କିଏ ଦଳର ପ୍ରାର୍ଥୀ ହେବ ତାହା ସ୍ପଷ୍ଟ ହୋଇପାରୁନି ତେବେ ବର୍ତ୍ତମାନ ଏହି ନିର୍ବାଚନମଣ୍ଡଳୀରେ ସମସ୍ତ କାର୍ଯ୍ୟ କୁଳମଣିଙ୍କ ସଂଯୋଜନାରେ ହେବ ବୋଲି ସୂଚନା ମିଳିଛି। ଆଉ ଏହି କାର୍ଯ୍ୟରେ ତାଙ୍କୁ ୩ ପି' ସହଯୋଗ କରିବେ ବୋଲି ସ୍ଥିର ହୋଇଛି। ସେମାନେ ହେଲେ ଜଗତ୍‌ସିଂହପୁର ଜିଲା ବିଜେଡି ପର୍ଯ୍ୟବେକ୍ଷକ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ସହ ପର୍ଯ୍ୟବେକ୍ଷକ ମନ୍ତ୍ରୀ ପ୍ରତାପ ଜେନା ଓ ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ତଥା ବାଲିକୁଦା ଏରସମା ବିଧାୟକ ପ୍ରଶାନ୍ତ ମୁଦୁଲି। ସେମାନେ ମିଳିତ ଭାବେ ପାରାଦୀପର ବିଜେଡି କର୍ମୀମାନଙ୍କୁ ସଂଗଠିତ କରି ରଖିବେ। ଏଥପାଇଁ ଆସନ୍ତା ୩୦ ତାରିଖରେ ଦଳ ଏଠାରେ ନିଜର ଶକ୍ତି ପ୍ରଦର୍ଶନ କରିବ। ପରବର୍ତ୍ତୀ ସମୟରେ ପରିସ୍ଥିତିକୁ ଦୃଷ୍ଟିରେ ରଖି ନବୀନ ଉପଯୁକ୍ତ ପ୍ରାର୍ଥୀ ଚୟନ କରିବେ। ତେବେ ଏଠାରୁ ବିଜେଡି ଯାହାକୁ ପ୍ରାର୍ଥୀ କରିବ, ସେ ବିରୋଧୀ କଂଗ୍ରେସ ଓ ଭାଜପାର ପ୍ରଭାବଶାଳୀ ନେତାଙ୍କୁ ଟକ୍କର ଦେବାର କ୍ଷମତା ରଖିଥିବା ଆବଶ୍ୟକ। ସେହିଭଳି ନେତା ତାଲିକାରେ ବିଜେଡିର ଯେଉଁମାନଙ୍କ ନାମ ଆଗଧାଡିରେ ରହିଛି, ସେମାନଙ୍କ ମଧ୍ୟରୁ ଦୁଇ ଜଣ ନେତାଙ୍କୁ ଟିକେଟ ମିଳିବା ଆଶା ଗତ ରବିବାର ଭୁବନେଶ୍ୱର ବୈଠକ ପରେ ମଉଳି ଯାଇଛି। ଏଭଳି ସ୍ଥିତିରେ ଭିନ୍ନ ରଣନୀତି ଓ ଗୁପ୍ତ ବୈଠକରେ ନେତା ଓ କର୍ମୀମାନେ ରହିଛନ୍ତି।

# ପାନୀୟଜଳ ପ୍ରକଳ୍ପକୁ ନେଇ ଉତ୍ତେଜନା

ରାହାମା,୨୪।୯(ଡି.ଏନ୍.ଏ)

ସାଇଲୋ ପଞ୍ଚାୟତ ଭରାଲୋ ଗ୍ରାମରେ ପାନୀୟ ପ୍ରକଳ୍ପର ପାଇପ୍ ବିଛାକୁ ନେଇ ସୋମବାର ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। କେତକ ମୁଷ୍ଟିମେୟ ବ୍ୟକ୍ତି ଏହି ପ୍ରକଳ୍ପ ଆରମ୍ଭ ପୂର୍ବରୁ ବେଆଇନ ଭାବେ ନିଜ ଘରକୁ ପାଇପ୍ ସଂଯୋଗ କରିବା ଓ ଗ୍ରାମର କିଛି ଅଂଶକୁ ପାଣି ପ୍ରକଳ୍ପର ପାଇପ୍ ବିଛା ଯାଉ ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଗ୍ରାମର ବହୁ ବ୍ୟକ୍ତି ଏହି ପାନୀୟ ପ୍ରକଳ୍ପ ନିକଟରେ ପ୍ରତିବାଦ କରିବା ସହ ବିକ୍ଷୋଭ କରିଥିଲେ। ପ୍ରକାଶ ଯେ ଏହି ଗ୍ରାମରେ ପ୍ରକଳ୍ପ ବସାଯାଉଥିବା ବେଳେ ଏବେ ସୁଧା ଗ୍ରାମର ପାଠାଗାର ଠାରୁ ପାଇପ୍ ବିଛା ଯାଇନାହିଁ। ତେଣୁ ୧୦୦ ପରିବାର ପ୍ରକଳ୍ପରୁ ପାନୀୟ ଜଳ ପାଇବା ଆଶଙ୍କା ସୃଷ୍ଟି ହୋଇଛି। ଫଳରେ ଗ୍ରାମରେ ଅସନ୍ତୋଷ ପ୍ରକାଶ ପାଇଛି। ସବୁ ଅଞ୍ଚଳକୁ ପାଇପ୍ ତୁରନ୍ତ ବିଛାଯିବାକୁ ଗ୍ରାମବାସୀ ଦାବି କରିଛନ୍ତି।


ପାନୀୟ ଜଳ ପ୍ରକଳ୍ପକୁ ନେଇ ଭରାଲୋ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି।

### ଦୁର୍ଗାପୂଜା ପ୍ରସ୍ତୁତି ବୈଠକ ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ଗୁରୁତ୍ୱ

ବିରିଡି,(ଡି.ଏନ.ଏ)/ବାଲିଆ, ୨୪।୯ : ବିରିଡ଼ି ବ୍ଲକ ଅନ୍ତର୍ଗତ ବାଲିଆ ଗୋପୀନାଥପୁର ଦୁର୍ଗାପୂଜା ଓ ଭସାଣୀ ପାଇଁ ଏକ ପ୍ରସ୍ତୁତି ବୈଠକ ରବିବାର ଗୋପୀନାଥପୁର ପଞ୍ଚାୟତ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଛି। ସରପଞ୍ଚ ସ୍ୱର୍ଣ୍ଣପ୍ରଭା ଭୋଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ବାଲିଆ ଗୋପୀନାଥପୁର ଗ୍ରାମର ୧୭ଟି ବିଭିନ୍ନ ମେଢର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମିତି ସଭ୍ୟ ସୁନିଲ ଦାସ, ଆଇଆଇସି ରଞ୍ଜୀତ ମହାନ୍ତିଙ୍କ ସହ ମେଢର ସମସ୍ତ କର୍ମକର୍ତ୍ତା ଯୋଗ ଦେଇଥିଲେ। ବିଶେଷକରି ଗତବର୍ଷ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଯେଉଁ ଶାନ୍ତି କମିଟି କରାଯାଇଥିଲା ତାହାକୁ ଭସାଣୀରେ କେହି ମାନୁ ନ ଥିବା କେତେକ ଅଭିଯୋଗ କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପ୍ରତି ମେଢରେ ୫ ଜଣ ଉତ୍ତରଦାୟୀ ରହିବେ। ଯେଉଁ ମେଢରେ ସାଉଣ୍ଡ ଲାଗିବ ତା'ର ମାଲିକମାନେ ପ୍ରଥମେ ଥାନାରେ ଚୁକ୍ତି କରି ଆସିବେ। ତେବେ ଆଉ ଏକ ବୈଠକ ଦଶହରା ପୂର୍ବରୁ ବସିବ ବୋଲି ଆଇଆଇସି ମହାନ୍ତି କହିଥିଲେ। ବୈଠକରେ ପୂର୍ବ କମିଟିର ସଭ୍ୟ ମାନସ ସାହୁ ଓ ଶିଳ୍ପୀ ଶ୍ରୀମନ୍ତ ସାହୁଙ୍କ ସହ ବରିଷ୍ଠ ଶିକ୍ଷକ ବିଷ୍ଣୁ ଚରଣ ରଥଙ୍କ ବିୟୋଗରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସୁନିଲ ଦାସ ଧନ୍ୟବାଦ ଦେଇଥିଲେ।









3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ



ଭଲ ବହି ପଢ଼ି ଭଲ କାମ କଲେ ଖରାପ ଲୋକଟି ମଧ୍ୟ ଧୀରେ ଧୀରେ ଭଲ ହୋଇଯାଏ।

- ଆରିଷ୍ଟଟଲ୍



## ସଂକ୍ଷେପରେ

### କୋରମ୍ ଅଭାବରୁ ବ୍ୟାସନଗର ପୌର ପରିଷଦ ବୈଠକ ବାତିଲ

ଯାଜପୁରରୋଡ,୨୪।୯(ନି.ପ୍ର.)- କୋରମ ଅଭାବରୁ ସୋମବାର ବ୍ୟାସନଗର ପୌରପରିଷଦ ବୈଠକ ବାତିଲ୍ ହୋଇଛି। ପ୍ରଥମେ ପୌରାଧ୍ୟକ୍ଷା ସବିତା ରାଉତଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଆୟୋଜିତ ହୋଇଥିଲା। ହେଲେ ୨୬ କାଉନସିଲରଙ୍କ ମଧ୍ୟରୁ ୫ଜଣ ଯୋଗ ଦେଇଥିଲେ। ସହରର ବିକାଶ ଓ ଅସମ୍ପୂର୍ଣ୍ଣ ପ୍ରକଳ୍ପ, ଡ୍ରେନ୍ ନିର୍ମାଣ ଓ ବିଦ୍ୟୁତ୍ ସଂଯୋଗ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥାନ୍ତା। କିନ୍ତୁ କାଉନସିଲରମାନଙ୍କ ଅନୁପସ୍ଥିତି ଯୋଗୁ ବୈଠକ ସ୍ଥଗିତ ରହିଥିଲା।

### ଭାଜପା ମଣ୍ଡଳସ୍ତରୀୟ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ

ବିରଜାକ୍ଷେତ୍ର,୨୪।୯(ଡି.ଏନ୍.ଏ)- ବରୁଆଁ ଛକରେ ଭାଜପାମଣ୍ଡଳ ତରଫରୁ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ମାଧ୍ୟମରେ ଅଳିଆ ସଫା କରାଯାଇଥିଲା। ରାସ୍ତାର ଦୁଇ ପାର୍ଶ୍ୱ ଓ ଛକ ଉପରେ ପଡ଼ି ରହିଥିବା ଅଳିଆକୁ ଭାଜପା କର୍ମକର୍ତ୍ତାମାନେ ସଫା କରିଥିଲେ। ଏହି କାର୍ଯ୍ୟକ୍ରମରେ ସୁଦୀପ୍ତ କୁମାର ପଣ୍ଡା, ସୁଧାଂଶୁ ବେହେରା, ସରପଞ୍ଚ ସୁରେଶ ରାଉତ, ସୁଧାକର ସାହୁ, ବୀରସେନ ଖୁଣ୍ଟିଆ, ଅମୂଲ୍ୟ ନାୟକ, ଜିତେନ୍ଦ୍ର ବିଶ୍ୱାଳ, ବିଶ୍ୱଜିତ୍ ବରାଳ, ମହେନ୍ଦ୍ର ରାଉତ, ମହେନ୍ଦ୍ର ପହି, ମନ୍ମଥ ବରାଳ, ଅରୁଣ ନାୟକ, ମନୋଜ ଜେନା, ରାଜେନ୍ଦ୍ର ଓଝା, ଭାନୁପ୍ରତାପ ନାୟକ, ଚକ୍ରଧର ସାହୁ, ଦେବେନ୍ଦ୍ର ନାୟକ, ରାଜକିଶୋର ପରିଡ଼ା, ଦେବ ପାଣି, ଭରତ ନାୟକ ପ୍ରମୁଖ ସାମିଲ ହୋଇଥିଲେ।

### ଦୁର୍ଗାପୂଜା ପାଇଁ ପ୍ରସ୍ତୁତି

ଯାଜପୁରରୋଡ,୨୪।୯(ନି.ପ୍ର.)- ମୁକୁନ୍ଦପୁର ଗ୍ରାମର ଦୁର୍ଗା ପୂଜା ପାଇଁ ସୋମବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଯାଜପୁରରୋଡ ସମେତ କୋରେଇ ବ୍ଲକର ବିଭିନ୍ନ ପୂଜା କମିଟି ସଦସ୍ୟ ଏକ ଶୋଭାଯାତ୍ରାରେ ବୈତରଣୀ ନଦୀପଠାକୁ ଆସି ପୂଜାର୍ଚ୍ଚନା କରିବା ପରେ ମାଟି ଉଠାଣ କରିଛନ୍ତି। ପୂଜାକୁ ସରସ ସୁନ୍ଦର କରିବା ପାଇଁ ସ୍ଥାନୀୟ ଅଞ୍ଚଳ ଚଳଚଞ୍ଚଳ ହୋଇଉଠିଛି।

### ଅଗ୍ନିଶମ କର୍ମଚାରୀଙ୍କ କାର୍ଯ୍ୟ ବନ୍ଦ ଆନ୍ଦୋଳନ

ରତ୍ନଗିରି,୨୪।୯(ଡି.ଏନ୍.ଏ.)- ବିଭିନ୍ନ ଦାବି ନେଇ ଓଡ଼ିଶା ଅଗ୍ନିଶମ ସେବା କେନ୍ଦ୍ର ବରୀ ପକ୍ଷରୁ ସୋମବାରଠାରୁ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରାଯାଇଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ପ୍ରକାଶ କରିଛନ୍ତି। ଓଡ଼ିଶା ପୋଲିସଙ୍କ ସହିତ ଦରମା ଓ ଭତ୍ତା ପ୍ରଦାନ, ଅଗ୍ନିଶମ ସେବା ସଂସ୍ଥାର ହାବିଲଦାର ଓ ଫାୟାରମ୍ୟାନ୍ ଆସୋସିଏଶନ୍‌କୁ ସରକାରୀ ପଞ୍ଜୀକରଣ କରିବା, ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ଦରମା ଭୁକ୍ତ କରିବା, ଅବସରପ୍ରାପ୍ତ କର୍ମଚାରୀଙ୍କୁ ପେନସନ୍ ପ୍ରଦାନ ଆଦି ଦାବି ସାମିଲ ଥିଲା।

### ମଦ ଜବତ, ଜଣେ କୋର୍ଟ ଚାଲାଣ

କୋରେଇ,୨୪।୯(ସ୍ୱ.ପ୍ର.)- ଚୋରା ମଦ ବ୍ୟବସାୟ ଅଭିଯୋଗରେ କୋରେଇ ଥାନା ଅନ୍ତର୍ଗତ ପରମାନନ୍ଦପୁର ଛକରେ ଚଢାଉ କରି କୋରେଇ ପୋଲିସ ସୋମବାର ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ପରମାନନ୍ଦପୁର ଗ୍ରାମର ତ୍ରିଲୋଚନ ସିଂ। ଏ ନେଇ ପୋଲିସ ଏକ ମାମଲା(୧୯୫/୧୮) ରୁଜୁ କରି କୋର୍ଟ ଚାଲାଣ କରିଛି। କୌଣସିସୂତ୍ରରୁ ଖବରପାଇ କନଷ୍ଟେବଲ ଆଲୋକ ରଥ ସଦଳବଳ ପହଞ୍ଚି ତ୍ରିଲୋଚନଙ୍କୁ ଗିରଫ କରିଥିଲେ।

### ୮୬ ୟୁନିଟ୍ ରକ୍ତ ସଂଗ୍ରହ

ବାଲିଚନ୍ଦ୍ରପୁର,୨୪।୯(ସ୍ୱ.ପ୍ର.)- ବଡଚଣା ଭାଜପା ପକ୍ଷରୁ ରବିବାର ବାଲିଚନ୍ଦ୍ରପୁର ତାରିଣୀ ମଣ୍ଡପଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟାଞ୍ଜଳି ସେବା ସପ୍ତାହ ଅବସରରେ ଆୟୋଜିତ ଶିବିରକୁ ରାଜ୍ୟ ଭାଜପା ମୁଖପାତ୍ର ଅମର ନାୟକ ଯୋଗଦେଇ ଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ରାଜ୍ୟ କିଶାନ ମୋର୍ଚ୍ଚା ସଂଯୋଜକ ଅଶୋକ ସାମଲ, ଜିଲା ଭାଜପା ଉପସଭାପତି ଜ୍ଞାନରଞ୍ଜନ ସାହୁ, ଦେବଜାନୀ ପ୍ରଧାନ, ପାଣ୍ଡବ ଚରଣ ଧଳ, ରମେଶ ପୃଷ୍ଟି, ସୁମନ୍ତ ସାମଲ, ଉଜ୍ଜ୍ୱଳ କେଶରୀ ସାମଲ, ମହେଶ ଜେନା, ଦୀପକ ସାମଲ, ମାନଗୋବିନ୍ଦ ରାଉତ, ସ୍ନେହାସି ଚକ୍ରବର୍ତ୍ତୀ, ପୂର୍ଣ୍ଣିମା ଶତପଥୀ, ଲିପିନା ସିଂହ ପ୍ରମୁଖ ଉପସ୍ଥିତ ଥିଲେ। ଯାଜପୁର ରେଡକ୍ରସ୍ ତରଫରୁ ସଂଗ୍ରାମ କେଶରୀ ମିଶ୍ରଙ୍କ ନେତୃତ୍ୱରେ ଭରତ ଚନ୍ଦ୍ର ସାହୁ, ଲଳିତ ମୋହନ ସାହୁ, ହୃଷିକେଶ ଜେନା, ଯଶୋବନ୍ତ ଜେନା, ତନ୍ମୟ ସାହୁ ପ୍ରମୁଖ ଡାକ୍ତର ରକ୍ତଦାତାଙ୍କଠାରୁ ୮୬ ୟୁନିଟ୍ ରକ୍ତ ସଂଗ୍ରହ କରିଥିଲେ। ଗୌତମ ବିଶ୍ୱାଳ, ଅଶୋକ ବିଶ୍ୱାଳ, ରଞ୍ଜନ ସିଂହ, କାଳିଆ ବିଶ୍ୱାଳ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ଆଇଡିସିରେ ଅବସରପ୍ରାପ୍ତ କର୍ମଚାରୀଙ୍କୁ ମିଳୁଛି ପୁନଃନିଯୁକ୍ତି

# ଶିକ୍ଷିତ ଯୁବତୀଯୁବକଙ୍କୁ ଉପେକ୍ଷା

- ତଳିଆ କର୍ମଚାରୀଙ୍କ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ସୀମିତ
- ପୂର୍ବତନ ସିଏମ୍‌ଡିଙ୍କ ଉପରେ ନିଆଯାଉନି କାର୍ଯ୍ୟାନୁଷ୍ଠାନ
- ଶ୍ରମିକଙ୍କ ମଧ୍ୟରେ ବୃଦ୍ଧି ପାଉଛି ଅସନ୍ତୋଷ

ଯାଜପୁର ଅଫିସ,୨୪।୯

ବିଭିନ୍ନ କ୍ଷେତ୍ରରେ ବୈଷୟିକ ଡିଗ୍ରୀଧାରୀ ବେକାର ଯୁବତୀଯୁବକଙ୍କୁ ଆଇନଗତ ଭାବେ ନିଯୁକ୍ତି ନ ଦେଇ ରାଜ୍ୟ ସରକାରଙ୍କ ଶିଳ୍ପ ଉନ୍ନୟନ ନିଗମ(ଆଇଡିସି) ଅବସରପ୍ରାପ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ପୁନଃନିଯୁକ୍ତି ପ୍ରଦାନ କରି ଆସୁଛି। ଏନେଇ ମୁଖ୍ୟମନ୍ତ୍ରୀ, ଆଇଡିସି ଅଧ୍ୟକ୍ଷ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଭିଜିଲାନ୍ସ ଡିଜି ଦେବାଶିଷ ପାଣିଗ୍ରାହୀ ପ୍ରମୁଖଙ୍କ ଦୃଷ୍ଟି ଆକର୍ଷଣ କରାଯିବା ପରେ ବି କୌଣସି ସୁଫଳ ମିଳିନାହିଁ। କେତେକ ପଦକ୍ଷେପ ନିଆଯାଇଥିଲେ ହେଁ ତଳିଆ କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେଉଥିବାବେଳେ ବଡବଡିଆଙ୍କୁ ମାଫ କରାଯାଉଥିବା ପୁଣି ଅଭିଯୋଗ ଉଠିଛି।

ଆଇଡିସି ଭୁବନେଶ୍ୱରସ୍ଥିତ କର୍ପୋରେଟ କାର୍ଯ୍ୟାଳୟ, ଯାଜପୁରରୋଡର ଫେରୋକ୍ରୋମ କାରଖାନା, ସୁକିନ୍ଦାର ତଳଙ୍ଗୀ ଖଣି, ବଡ଼ବିଲର କଳିଙ୍ଗ ଆଇରନ ୱାର୍କ୍ସ, ଭଦ୍ରାସାହିର ରୋଇଡ଼ା–ସି ଖଣିରେ ନାନା ଦୁର୍ନୀତି, ହରିଲୁଟ, ପ୍ରିୟାପ୍ରୀତିତୋଷଣ, ପରିଚାଳନାଗତ ତ୍ରୁଟି ଆଦି ଯାବତୀୟ ବେନିୟମ କାର୍ଯ୍ୟଗୁଡିକ ଉପରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏନେଇ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ରୋଇଡ଼ା–ସି ଖଣିରେ ତୁରନ୍ତ ଲମ୍ପ ବିକ୍ରି ଓ ସାମ୍ପଲ ଦେବା ବନ୍ଦ, ଫେରୋକ୍ରୋମରେ ୨୦୧୨ରେ ଜାଲ ସାର୍ଟିଫିକେଟ ଦେଇ ଚାକିରି ନିୟମିତ କରିଥିବା କର୍ମଚାରୀଙ୍କୁ କାରଣ ଦର୍ଶାଅ ନୋଟିସ ହେବା, ହିସାବ ବାହାରେ ଅଯଥା ନିଆଯାଉଥିବା ଓଭର ଡ୍ୟୁଟି ବନ୍ଦ ହେବା, କଳିଙ୍ଗ ଓ ଫେରୋକ୍ରୋମ କାରଖାନାରେ ବେଆଇନ ଭାବେ ୧୧ଜଣ ସହକାରୀ ପରିଚାଳକଙ୍କ ମଧ୍ୟରୁ ୧୦ଜଣଙ୍କୁ ଚାକିରିରୁ ବହିଷ୍କାର, ନିଜ ନାମରେ କ୍ୱାର୍ଟର ନେଇ ଚଢ଼ା ଦାମରେ ବାହାର ଲୋକଙ୍କୁ ଭଡ଼ା ଦେଇଥିବା କର୍ମଚାରୀ, ଅଧିକାରୀ, ଶ୍ରମିକଙ୍କଠାରୁ କ୍ୱାର୍ଟର ଫେରାଇ ଆଣିବା ଭଳି କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା। ଏହା ସହିତ ଅବସର ପରେ ପୁନଃ ନିଯୁକ୍ତି ପାଇଥିବା କେତେକ କର୍ମଚାରୀଙ୍କୁ ବାହାର କରିବା, ଖାଇବା ଛୁଟି ସମୟ କଡ଼ାକଡ଼ି ହେବା, ଫେରୋକ୍ରୋମ ଉତ୍ପାଦ ବିଭାଗର ମୁଖ୍ୟଙ୍କ ଘର କାମ ଓ କ୍ଲବ କାମ କରି ୨ଟି ହାଜିରାକୁ ବନ୍ଦ କରି ଗୋଟିଏ ହାଜିରା ଦେବା, ଜଣେ ଶ୍ରମିକ ନେତାଙ୍କ ପୁଅ ସିକୁରିଟି ଡ୍ରେସ ନ ପିନ୍ଧିବାରୁ ତାଙ୍କୁ ଡ୍ୟୁଟି ବାରଣ କରିବା, ଶ୍ରମିକ ନେତା ବୋଲାଇ କାମ ନ କରି ଦରମା ନେଉଥିବା କର୍ମଚାରୀ ଓ ଶ୍ରମିକଙ୍କୁ କାମରେ ନିୟୋଜିତ କରିବା, ମେକାନିକାଲ ବିଭାଗର ଜଣେ ଅଧିକାରୀ କାରଖାନାର ୧ଲକ୍ଷ ଟଙ୍କା ମୂଲ୍ୟର ପମ୍ପ ନେଇ ନିଜ ଗାଁ ଘରେ ଲଗାଇଥିଲେ ଓ ତାକୁ ମରାମତି କରି ଫେରାଇବା ଭଳି ବହୁ ଉଲ୍ଲେଖନୀୟ ପଦକ୍ଷେପ ନିଆଯାଇଛି। କିନ୍ତୁ ବହୁ ଦୁର୍ନୀତିର କେନ୍ଦ୍ର ବିନ୍ଦୁ ପାଲଟିଥିବା ବଡବଡିଆ ହାକିମ ଯଥା ପୂର୍ବତନ ସିଏମ୍‌ଡିଙ୍କ ଉପରେ ଅଦ୍ୟାବଧି ସେଭଳି କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ଶ୍ରମିକ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ସିଏମଡିଙ୍କ କାର୍ଯ୍ୟାନୁଷ୍ଠାନକୁ ସଙ୍କୁଚିତ କରିବା ପାଇଁ ସେଠାରେ ଏକ ର୍ୟାକେଟ କାମ କରୁଛି ବୋଲି ଶୁଣାଯାଉଛି। ଫଳରେ ଦୁର୍ନୀତି ଓ ପ୍ରୀୟାପ୍ରିତି ତୋଷଣ ଉପରେ କାର୍ଯ୍ୟାନୁଷ୍ଠାନ ନେବାରେ ବିଳମ୍ବ ହେଉଛି ବୋଲି ଚର୍ଚ୍ଚା ଜୋର ଧରିଛି। ଯାହା କାରଖାନା, ଖଣି ସମେତ ନିଗମର ପ୍ରକୃତ ହିତରେ ପ୍ରତିବନ୍ଧକ ସାଜିଛି ବୋଲି ଶ୍ରମିକ ନେତା ଅଭିଯୋଗ ଆଣିଛନ୍ତି। ପୂର୍ବରୁ ଫେରୋକ୍ରୋମ କାରଖାନାରେ ବହୁ ବର୍ଷ ଧରି ଡେପୁଟି ମ୍ୟାନେଜର ଥିବା ଜଣେ ଅଧିକାରୀ ଭୁବନେଶ୍ୱର ନିଗମ କାର୍ଯ୍ୟାଳୟକୁ ବଦଳି ହୋଇ ସେଠାରୁ ସେ ମାର୍ଚ୍ଚ ୨୦୧୭ରେ ଅବସର ନେଇଥିଲେ। ପୁଣି ତାଙ୍କୁ ଆଶ୍ଚର୍ଯ୍ୟଜନକ ଭାବେ ଅଧିକ ଦରମା ଦିଆଯାଇ ନିଯୁକ୍ତି ଦିଆଯାଇଛି। ସରକାର ଏବେ ସବୁ ପୁନଃନିଯୁକ୍ତିକୁ ଉଚ୍ଛେଦ ପାଇଁ ନିର୍ଦ୍ଦେଶ ଦେଇଥିଲେ ବି ଆଇଡିସିରେ ଏହା କଡ଼ାକଡ଼ି ଭାବେ ପାଳନ ନ ହେବା ଦୁର୍ଭାଗ୍ୟଜନକ। ଏପରି ଅନେକ ଅବସରପ୍ରାପ୍ତ କର୍ମଚାରୀଙ୍କୁ ପୁନଃନିଯୁକ୍ତି ଦିଆଯାଇଥିବାରୁ ଶିକ୍ଷିତ ବେକାର ଯୁବତୀଯୁବକଙ୍କ ନିଯୁକ୍ତି ଆଶା ମଉଳି ଯାଇଛି। ଏ ସଂକ୍ରାନ୍ତରେ ଫେରୋକ୍ରୋମ ଏମଡି ବୀରକିଶୋର ସାହୁଙ୍କୁ ପଚାରିବାରୁ, ଅଭିଯୋଗ ଉପରେ ତଦନ୍ତ ଚାଲିଛି। ଉପଯୁକ୍ତ ସମୟରେ ଠିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

### ମାରପିଟ୍ ଘଟଣାରେ ୯ ଅଟକ

କୋରେଇ,୨୪।୯(ସ୍ୱ.ପ୍ର.)

ମାରପିଟ୍ ଘଟଣାରେ ପାଣିକୋଇଲି ପୋଲିସ ସୋମବାର ୯ ଜଣଙ୍କୁ ଅଟକ ରଖିଛି। ସେମାନେ ହେଲେ ପୁଷ୍ପଲତା ପରମାଣିକ, ସସ୍ମିତା ପରମାଣିକ, ନଳିନୀ ପରମାଣିକ, ଉର୍ମିଳା ସାହୁ, ସୁମିତ୍ରା ପାତ୍ର, ପ୍ରକାଶ ଭଦ୍ର, ଧର୍ମେନ୍ଦ୍ର ଦଳାଇ, ସଦାଶିବ ଖୁଣ୍ଟିଆ, ଶିଶିର ପରମାଣିକ। ଏ ନେଇ ଏକ ମାମଲା (୧୪୫/୧୮)ରୁଜୁ କରି ତଦନ୍ତ ଜାରି ରଖିଛି।

ପ୍ରକାଶ ଯେ, ଯାଜପୁରରୋଡ ଥାନା ଅନ୍ତର୍ଗତ କୋପଣ୍ଡ ଗ୍ରାମର ଜଣେ ଯୁବତୀଙ୍କର ପାଣିକୋଇଲି ଥାନା ଅନ୍ତର୍ଗତ ମୂଳାପାଳ ପଞ୍ଚାୟତ ଅନ୍ତର୍ଗତ ସରସଦା ଗ୍ରାମର ଶଙ୍କର୍ଷଣ ଜେନାଙ୍କ ସହ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଦୁହେଁ ୩ ମାସ ତଳେ ଘରୁ ପଳାଇଥିଲେ। ଏ ନେଇ ଯୁବତୀଙ୍କ ପରିବାର ପକ୍ଷରୁ ଯାଜପୁରରୋଡ ଥାନାରେ ଅଭିଯୋଗ ହୋଇଥିଲା। ଦୁହେଁ ଏବେ ଫେରାର ଥିବାବେଳେ ରବିବାର କୋପଣ୍ଡ ଗ୍ରାମର କିଛି ଲୋକ ସୋମବାର ସରସଦାରେ ପହଞ୍ଚିଥିଲେ। ଶଙ୍କର୍ଷଣଙ୍କୁ ଖୋଜିବା ନାମରେ ପଡୋଶୀ କୀର୍ତ୍ତନ ଯେନାଙ୍କ ଘରେ ପଶି ଗାଳିଗୁଲଜ କରିଥିଲେ। ଏଥିସହ ଭଙ୍ଗାରୁଜା କରି ୧୮ ହଜାର ଟଙ୍କା ଲୁଟ୍ କରିଥିଲେ। ଏ ନେଇ କୀର୍ତ୍ତନ ଥାନାରେ ଅଭିଯୋଗ କରିଥିଲେ।

## ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ଚାରାରୋପଣ

କୋରେଇ,୨୪।୯(ସ୍ୱ.ପ୍ର.)

କୋରେଇ ବ୍ଲକ ଅନ୍ତର୍ଗତ ଧନେଶ୍ୱର ପଞ୍ଚାୟତସ୍ଥିତ ଆଲଡ଼ା ଆଦିବାସୀ ସାହିରେ ସତ୍ୟ ଅଭିରାମ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଆନୁକୂଲ୍ୟରେ ସୋମବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଆକାଶ ଦାସ ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଚାରାରୋପଣ କରିଥିଲେ। ଧନେଶ୍ୱର ସରପଞ୍ଚ ନିର୍ମଳା ରାଉତ, ସ୍ୱୟଂ ସହାୟକ ଗୋଷ୍ଠୀ ସଭାପତି ମଧୁସ୍ମିତା ମାଝୀ, ସମ୍ପାଦିକା ମମତା ରାଉତ ପ୍ରମୁଖ ଯୋଗଦେଇ ୩ ଶହରୁ ଉର୍ଦ୍ଧ୍ୱ ବୃକ୍ଷରୋପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିଇଓ ଚତୁର୍ଭୁଜ ନାୟକ, ଜିଆରଏସ ରଞ୍ଜନ ପ୍ରତିହାରୀ, ସଖୀ ବେହେରା, ଭାରତୀ ସିଅଳ, ଶାନ୍ତିଲତା ମାଝି, ସତ୍ୟଭାମା ମଲିକ ପ୍ରମୁଖ ଯୋଗଦେଇଥିଲେ। ପରେ ଅନୁଷ୍ଠିତ ଏକ ମିଶ୍ରଣ ପର୍ବରେ ଧନେଶ୍ୱର ପଞ୍ଚାୟତ ୧୩ ନଂ. ୱାର୍ଡର ସଭ୍ୟା ରଜନୀ ବେହେରା ବିଧାୟକଙ୍କ ଉପସ୍ଥିତିରେ ବିଜେଡିରେ ଯୋଗଦେଇଥିଲେ। ସରପଞ୍ଚ ରାଉତଙ୍କ ସମେତ ପଞ୍ଚାୟତ ବିଜେଡି ସଭାପତି ବଳରାମ ରାଉତ, ଛାତ୍ର ବିଜେଡି ସଭାପତି ରାକେଶ କୁମାର ପ୍ରତିହାରୀ ଓ ଘନଶ୍ୟାମ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।



ବିଧାୟକ ଆକାଶ ଦାସ ନାୟକ ଚାରାରୋପଣ କରୁଛନ୍ତି।

### ଅପହୃତା ନାବାଳିକା ଉଦ୍ଧାର

କୋରେଇ,୨୪।୯(ସ୍ୱ.ପ୍ର.)

କୋରେଇ ପୋଲିସ ସୋମବାର ୨ ଅପହୃତା ନାବାଳିକାଙ୍କୁ ଉଦ୍ଧାର କରିଛି। ୨୦୧୭ରେ ଧନେଶ୍ୱର ଗ୍ରାମର ଜଣେ ନାବାଳିକାଙ୍କୁ ପାଣିକୋଇଲି ଥାନା ଅନ୍ତର୍ଗତ କେଉଁଟ ନଗୁଆ ଗ୍ରାମର ଜଣେ ଯୁବକ ଅପହରଣ କରିନେଇଥିଲେ। ଏ ନେଇ ନାବାଳିକାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ଏ ନେଇ ପୋଲିସ ଏକ ମାମଲା(୩୭/୧୭) ରୁଜୁ କରି ତଦନ୍ତ ଜାରି ରଖିଥିଲା। ଏଏସଆଇ ସଲିଳ କୁମାର ମଲ୍ଲିକ ନାବାଳିକା ଓ ଅପହରଣକାରୀଙ୍କୁ ଧରିଛନ୍ତି। ସେହିପରି ଓଷଳା ଗ୍ରାମର ଜଣେ ନାବାଳିକାଙ୍କୁ ଉଦ୍ଧାର କରାଯାଇଛି। ଏ ନେଇ ପୋଲିସ ଏକ ମାମଲା(୧୦୪/୧୮) ରୁଜୁ କରିଛି। ସୋମବାର ଉଭୟଙ୍କର ଡାକ୍ତରୀମାଇନା କରାଯାଇଛି।

## ବଣିକ ସଂଘର ବୈଠକ

ଯାଜପୁରରୋଡ,୨୪।୯(ନି.ପ୍ର.)

ବ୍ୟାସନଗର ବଣିକ ସଂଘ ପକ୍ଷରୁ ରବିବାର ସନ୍ଧ୍ୟାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମହାସଂଘ କରିବାର ନିଷ୍ପତ୍ତି ନିଆଯାଇଛି। ବହୁରାଷ୍ଟ୍ରୀୟ କମ୍ପାନୀର ଖୁଚୁରା ବଜାରରେ ଅନୁପ୍ରବେଶ ଓ ଖୁଚୁରା ବଜାରରେ ବିଦେଶୀ ପୁଞ୍ଜି ବିନିଯୋଗ ଦ୍ୱାରା ବଜାରରେ ଖୁଚୁରା ବ୍ୟବସାୟରେ ମାନ୍ଦା ଅବସ୍ଥା ସୃଷ୍ଟି ହୋଇଅଛି। ଅପରପକ୍ଷରେ ବ୍ୟାସନଗର ସହରର ବ୍ୟବସାୟ ପରିମଳ ରାସ୍ତାଘାଟ ଦୂରାବସ୍ଥାକୁ ନେଇ ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା। ଏହାର ଆଶୁ ପ୍ରତିକାର ନିମନ୍ତେ ବ୍ୟାସନଗର ବଣିକ ସଂଘର ଆବାହକତ୍ୱରେ ମହାସଂଘ ଗଠନ ସମ୍ପର୍କରେ ଆଲୋଚନା ହୋଇଥିଲା। ଉକ୍ତ ବୈଠକରେ ବ୍ୟାସନଗର ବଣିକ ସଂଘର ସଭାପତି ବସନ୍ତ ପାତ୍ର, ସମ୍ପାଦକ ରାଜେନ୍ଦ୍ର ସାମଲ, ଅସିତା ବିଶ୍ୱାଳ, ଚୋରଦା ଆଂଚଳିକ ବଣକ ସଂଘର ସଭାପତି ନିମାଇଁ ଚରଣ ରାଉତ, ସଂପାଦକ ସନ୍ତୋଷ କୁମାର ମହାନ୍ତି, ଶିଶିର କୁମାର ରାଉତ, ଦିନେଶ ମସ୍କରା, ଧବଳଗିରି ବଜାର କମିଟି, କୋର୍ଟ ଛକ ବଜାର କମିଟି, କନ୍ହେଇପୁର ବଜାର କମିଟି, ୟୁଥମର୍ଚ୍ଚାଣ୍ଟ ଆସୋସିଏଶନ ବସଷ୍ଟାଣ୍ଡ, ରାଧାନାଥ ବଣିକ ସଂଘ, ଗୋପବନ୍ଧୁ ବଣିକ ସଂଘ, ନିୟୁ ମାର୍କେଟ ବଣିକ ସଂଘ ଓ ଲକ୍ଷ୍ମୀ ପୂଜା ବଜାର କମିଟି, ବ୍ୟାଙ୍କ ଷ୍ଟ୍ରିଟ ନଟପଦା ବଜାର କମିଟିର ସଭ୍ୟମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ସ୍ୱଚ୍ଛ ଭାରତ ଅଭିଯାନ ପାଇଁ ଭାଜପାର ପ୍ରସ୍ତୁତି

ବିରଜାକ୍ଷେତ୍ର,୨୪।୯(ଡି.ଏନ୍.ଏ)- ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ପାଣିକୋଇଲିଠାରେ ଭାଜପା ପକ୍ଷରୁ ଏକ 'ସ୍ୱଚ୍ଛ ଭାରତ ଅଭିଯାନ' କାର୍ଯ୍ୟକ୍ରମ ହେବାକୁ ସ୍ଥିର କରାଯାଇଛି। ଏହି ଅଭିଯାନର ସମ୍ପୂର୍ଣ୍ଣ ରୂପରେଖ ପ୍ରସ୍ତୁତି ପାଇଁ ରବିବାର ପାଣିକୋଇଲିଠାରେ ବରିଷ୍ଠ ଭାଜପା କାର୍ଯ୍ୟକର୍ତ୍ତାଙ୍କୁ ନେଇ ଏକ ବୈଠକ ହୋଇଥିଲା। ବରିଷ୍ଠ ନେତା ପୂର୍ବତନ ଜିଲା ଉପସଭାପତି ପଦ୍ମଲୋଚନ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବ୍ୟାସନଗର ପୌରାଞ୍ଚଳ ସଭାପତି ନିତ୍ୟାନନ୍ଦ ମହାଳିକ, ପୂର୍ବତନ ଜିଲା ଯୁବମୋର୍ଚ୍ଚା ସଭାପତି ପ୍ରତ୍ୟୁଷ ନାୟକ, ପୂର୍ବତନ ଦଶରଥପୁର ବ୍ଲକ ସଭାପତି ସୁଶାନ୍ତ ମହାପତ୍ର, ପୂର୍ବତନ ଜିଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ଦୀପକ କୁମାର ଦାଶ, ବରିଷ୍ଠ ଜିଲା କାର୍ଯ୍ୟକର୍ତ୍ତା ଉତ୍ସବ ମହାରଣା, କରୁଣାକର ମାଝୀ, ପର୍ଶୁରାମ ମହାଳିକ, ପୀତବାସ ସ୍ୱାଇଁ, ଦିଲ୍ଲୀପ ନାୟକ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସରସ ସୁନ୍ଦର ଓ ସଫଳ କରିବା ଉପରେ ମତାମତ ରଖିଥିଲେ। ପାଣିକୋଇଲି ବଜାର ସଫେଇ ସହ ଡାକ୍ତରଖାନା ପରିସରକୁ ସଫାକରି ପରିସରରେ ବୃକ୍ଷରୋପଣ କରାଯିବାକୁ ବୈଠକରେ ସିଦ୍ଧାନ୍ତ ନିଆଯାଇଥିଲା। କରୁଣାକର ମାଝୀ ଧନ୍ୟବାଦ ଦେଇଥିଲେ।

### ଆମ ପୋଲିସ ପକ୍ଷରୁ ଯୋଗ ଶିବିର

ଯାଜପୁରରୋଡ,୨୪।୯(ନି.ପ୍ର.)

ଯାଜପୁରରୋଡ ଆମ ପୋଲିସ ପକ୍ଷରୁ ସୋମବାର ୫ ଦିନିଆ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ଥାନାଅଧିକାରୀ ଅମିତାଭ ମହାପାତ୍ର ଆନୁଷ୍ଠାନିକ ଭାବେ ଶିବିର ଉଦ୍‌ଘାଟନ କରିଥିଲେ। ପତଞ୍ଜଳୀ ପକ୍ଷରୁ ଯୋଗ ଶିକ୍ଷା ଦିଆଯାଉଛି। ଥାନା ପରିସରରେ ଦୈନିକ ୧୦୦ରୁ ଉର୍ଦ୍ଧ୍ୱ ଲୋକ ଯୋଗ ଶିଖୁଛନ୍ତି।

## ବାପା ରେଞ୍ଜର ଥିବାରୁ ପୋଲିସ ବିଭାଗ ପ୍ରତି ଆଗ୍ରହ

୨୪ ଜାନୁୟାରୀ ୨୦୧୮ରୁ ଯାଜପୁରରୋଡ ଥାନାଅଧିକାରୀ ଭାବେ ଦାୟିତ୍ୱ ତୁଲାଉଛନ୍ତି ଅମିତାଭ ମହାପାତ୍ର। ସେ ଦାୟିତ୍ୱ ନେବା ପରେ ଯାଜପୁରରୋଡ ଥାନା ମଡେଲ ଥାନାରେ ପରିଣତ ହୋଇଛି। ଅମିତାଭ ଜଣେ ଦକ୍ଷ ପୋଲିସ ଅଫିସର ଭାବେ ବେଶ୍ ପରିଚିତ। ସେ ରସାୟନ ବିଜ୍ଞାନରେ ସ୍ନାତକୋତ୍ତର କରିଛନ୍ତି। ବାପା ଜଣେ ରେଞ୍ଜର ଥିବାରୁ ପୋଲିସ ବିଭାଗ ପ୍ରତି ମନ ବଳାଇଥିଲେ। ତାଙ୍କୁ ଧରିତ୍ରୀ ପକ୍ଷରୁ ପଚରାଯାଇଥିବା ୫ଟି ପ୍ରଶ୍ନ।

**୫ଟି ପ୍ରଶ୍ନ**



**ଯାଜପୁରରୋଡ ଥାନାଅଧିକାରୀ ଅମିତାଭ ମହାପାତ୍ର**

**▸ ଆପଣ କାହିଁକି ପୋଲିସ ବିଭାଗରେ ଯୋଗଦେଲେ?**

ମୋ ବାପା ଜଣେ ରେଞ୍ଜର ଥିବାରୁ ପୋଲିସ ବିଭାଗ ପ୍ରତି ଆଗ୍ରହ ଦେଖାଦେଲା। ମୁଁ ପ୍ରଶାସନିକ ପରୀକ୍ଷାରେ କୃତିତ୍ୱ ହାସଲ କରିଥିଲେ ମଧ୍ୟ ଏହି ବିଭାଗକୁ ଚୟନ କଲି। ଲୋକଙ୍କ ସମସ୍ୟା, ଚୋରି, ଡକାୟତି ଓ ଅସାମାଜିକ କାର୍ଯ୍ୟକଳାପକୁ ଦମନ କରିବା ପାଇଁ ଏହି ବିଭାଗରେ ଯୋଗଦେଇଛି।

**▸ ଆପଣ ସକାଳୁ ଉଠି କ'ଣ କରନ୍ତି?**

ମୁଁ ସକାଳ ୭.୩୦ରେ ଶଯ୍ୟାତ୍ୟାଗ କରି ଯୋଗ କରେ। ଟିକେ ବୁଲାବୁଲି କରିବା ପରେ ଦିତ୍ୟକର୍ମ ସାରି ଥାନାକୁ ଆସେ।

**▸ କ'ଣ ଖାଇବାକୁ ଭଲ ଲାଗେ?**

ମୁଁ ସମ୍ପୂର୍ଣ୍ଣ ନିରାମିଷାଶୀ। ସ୍ତ୍ରୀଙ୍କ ହାତରନ୍ଧା ଖାଇବାକୁ ଭଲ ଲାଗେ। ବାହାର ଖାଦ୍ୟ ଖାଏ ନାହିଁ।

**▸ ରାଜନୈତିକ ନେତାଙ୍କ ଦ୍ୱାରା ପ୍ରଭାବିତ ହୁଅନ୍ତି କି?**

ମୁଁ କୌଣସି ରାଜନୈତିକ ନେତାଙ୍କ ଦ୍ୱାରା ପ୍ରଭାବିତ ହୁଏ ନାହିଁ। ଆଇନ ଅନୁସାରେ କାର୍ଯ୍ୟ କରେ। ସାଧାରଣ ଲୋକଙ୍କୁ ନ୍ୟାୟ ଦେବା ମୋର କର୍ତ୍ତବ୍ୟ।

**▸ ଆପଣ କ'ଣ କରିବାକୁ ଭଲ ପାଆନ୍ତି?**

ମୁଁ ବିଭିନ୍ନ ସ୍ୱେଚ୍ଛାସେବୀ ଅଣରାଜନୈତିକ ଅନୁଷ୍ଠାନରେ ଯୋଗଦେବାକୁ ଭଲପାଏ। ଯାଜପୁରରୋଡର ବହୁ ଅନୁଷ୍ଠାନରେ ଯୋଗଦେଇ ସମାଜ ପ୍ରତି ବାର୍ତ୍ତା ଦିଏ। ଲେଖାଲେଖି କରିବାକୁ ଭଲ ଲାଗେ।

**ରିପୋର୍ଟ: ଅଭିମନ୍ୟୁ ମିଶ୍ର, ଯାଜପୁରରୋଡ**

## କାର୍ଯ୍ୟ ବନ୍ଦ ଆନ୍ଦୋଳନରେ ଅଗ୍ନିଶମ କର୍ମଚାରୀ

ଯାଜପୁରରୋଡ,୨୪।୯(ନି.ପ୍ର.)

ବିଭିନ୍ନ ଦାବି ନେଇ ଯାଜପୁରରୋଡ ଅଗ୍ନିଶମ କର୍ମଚାରୀଙ୍କ ପକ୍ଷରୁ ସୋମବାରଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ ହୋଇଛି। ତୁରନ୍ତ ସମସ୍ୟାର ସମାଧାନ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ଗ୍ରହଣ କରିବେ ବୋଲି କହିଛନ୍ତି। ଓଡିଶା ପୋଲିସ୍ କର୍ମଚାରୀଙ୍କ ପରି ସମାନ ଦରମା ଓ ଭତ୍ତା ପ୍ରଦାନ, ଚୁକ୍ତି ଭିତ୍ତିକ କର୍ମଚାରୀଙ୍କୁ ନିୟମିତ ଦରମାଭୁକ୍ତ କରିବା ଅବସରପ୍ରାପ୍ତ କର୍ମଚାରୀଙ୍କୁ ପେନସନ ଓ ଅବସରକାଳୀନ ପ୍ରାପ୍ୟ ପ୍ରଦାନ ଆଦି ଦାବି ସାମିଲ ରହିଛି।

## ନବ ନିର୍ମାଣ କୃଷକ ସଂଗଠନର ବୈଠକ

ବିରଜାକ୍ଷେତ୍ର,୨୪।୯(ଡି.ଏନ୍.ଏ)

ଚାଷୀଙ୍କ ହକ୍ ପ୍ରାଇସ୍, ପ୍ରେଷ୍ଟିଜ, ପେନ୍‌ସନକୁ ନେଇ ସମଗ୍ର ରାଜ୍ୟରେ ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଯେଉଁ ଆନ୍ଦୋଳନ ଚାଲିଛି ତାକୁ ସଫଳ କରିବା ପାଇଁ ଆସନ୍ତା ୨୯ରୁ ନଭେମ୍ବର ୫ ତାରିଖ ପର୍ଯ୍ୟନ୍ତ ସପ୍ତାହ ବ୍ୟାପୀ ପଦଯାତ୍ରା ଓ ସତ୍ୟାଗ୍ରହ ଅନୁଷ୍ଠିତ ହେବ। ଏ ନେଇ ନବ ନିର୍ମାଣ କୃଷକ ସଂଗଠନର ଯାଜପୁର ବ୍ଲକ କମିଟି ବୈଠକ ବିଚିତ୍ରପୁର ପଞ୍ଚାୟତ ବାଣପୁରଠାରେ ଶନିବାର ଅନୁଷ୍ଠିତ ହୋଇଥିଲା। ସଂଗଠନର ଉପଦେଷ୍ଟା ସୁରେନ୍ଦ୍ର କୁମାର ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ୨୬ଟି ପଞ୍ଚାୟତରୁ ନବ ନିର୍ମାଣ କୃଷକ ସଂଗଠନ ପ୍ରତିନିଧି ମଣ୍ଡଳୀ ଯୋଗ ଦେଇଥିଲେ। ଜିଲା ସଂଯୋଜକ ଦୁର୍ଗା ପ୍ରସାଦ ଦାସ ପ୍ରାରମ୍ଭିକ ସୂଚନା ଓ ସଂଘର ଆଭିମୁଖ୍ୟ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ଆଗାମୀ ୨୯ ତାରିଖ ଆନ୍ଦୋଳନକୁ ସଫଳ କରିବାକୁ ସଂଗଠନର କର୍ମକର୍ତ୍ତାଙ୍କୁ ନିବେଦନ କରିଥିଲେ। ରାଜ୍ୟ ସହସଂଯୋଜକ ନିମାଇଁ ରାୟ ଯୋଗଦେଇ ଦେଶ ସ୍ୱାଧୀନତାର ୭୨ ବର୍ଷ ପରେ ବି କୌଣସି ସରକାର ଚାଷୀଙ୍କ ପାଇଁ କିଛି କରିନାହାନ୍ତି ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ। ଅକ୍ଟୋବର ୨୯ରୁ ଯାଜପୁର ଜିଲାର କୁଆଖିଆ ଓ ଗଞ୍ଜାମର ବାଲୁ ଗାଁରୁ ଜାତୀୟ ରାଜପଥରେ ୨ଟି ଶୋଭାଯାତ୍ରା ଭୁବନେଶ୍ୱର ଅଭିମୁଖେ ଚାଷୀମାନେ ପଦଯାତ୍ରାରେ ବାହାରି ସତ୍ୟାଗ୍ରହରେ ସାମିଲ ହେବେ ବୋଲି ସହ ସଂଯୋଜକ ନିମାଇ ରାୟ ସୂଚନା ଦେଇଥିଲେ। ପ୍ରତି ଗ୍ରାମରେ ଚାଷୀ ଜାଗରଣ ସୃଷ୍ଟି କରିବାକୁ ସଙ୍ଗଠନର ସଦସ୍ୟଙ୍କୁ ଆହ୍ୱାନ ଦେଇଥିଲେ। ବୈଠକରେ ଗଙ୍ଗାଧର ନାୟକ, ଭାସ୍କର ପରିଡ଼ା, ପ୍ରତାପ ନାୟକ ସମେତ ନବ ନିର୍ମାଣ କୃଷକ ସଙ୍ଗଠନର ଯାଜପୁର ବ୍ଲକର ୨୬ଟି ପଞ୍ଚାୟତରୁ ଆସିଥିବା ସଦସ୍ୟମାନେ ଯୋଗଦେଇ ସେମାନଙ୍କ ମତାମତ ରଖିଥିଲେ।

## ରୌପ୍ୟକାନ୍ତଙ୍କ ମୃତ୍ୟୁ ଘଟଣା: ତଦନ୍ତ ଦାବି କଲା ଭାଜପା

ବରୀ/ରତ୍ନଗିରି,୨୪।୯(ସ୍ୱ.ପ୍ର./ଡି.ଏନ୍.ଏ.)

ଭାଜପା ପକ୍ଷରୁ ବିଶ୍ୱରଞ୍ଜନ ମଲ୍ଲିକଙ୍କ ନେତୃତ୍ୱରେ ଶତାଧିକ କର୍ମୀ ବରୀ ଥାନାରେ ପହଞ୍ଚି ଥାନା ଘେରାଉ କରିବା ସହ ନିରପେକ୍ଷ ତଦନ୍ତ ଦାବି କରିଥିଲେ। ଏ ନେଇ ରାମଚନ୍ଦ୍ରପୁରଠାରେ ଭାଜପା ପକ୍ଷରୁ ସୋମବାର ଖବରଦାତା ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଏହି ଘଟଣାକୁ ରାଜନୀତିକରଣ କରା ନ ଯାଉ। ଆବଶ୍ୟକ ପଡ଼ିଲେ ସିବିଆଇ ତଦନ୍ତ କରାଯିବ ବୋଲି ଭାଜପା ନେତା ମଲ୍ଲିକ ଖବରଦାତା ସମ୍ମିଳନୀରେ କହିଛନ୍ତି। ରବିବାର ବିଜେଡି ବରୀ ଥାନା ଘେରାଉ କରିବା ସହ ତଦନ୍ତ ଦାବି କରିଥିଲା। ସେହିପରି କଂଗ୍ରେସ ପକ୍ଷରୁ ଯୁବ କଂଗ୍ରେସ ନେତାଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ବିଜେଡି ପକ୍ଷରୁ ସିବିଆଇ ତଦନ୍ତ ଦାବି କରାଯାଇଛି ବୋଲି ବରୀ ନିର୍ବାଚନମଣ୍ଡଳୀ ଯୁବ ସଭାପତି ଅଶୋକ କୁମାର ସାମଲ ଖବରଦାତା ସମ୍ମିଳନୀରେ କହିଥିଲେ।

ପ୍ରକାଶ ଯେ, ଗତ ୯ ତାରିଖରେ ରୌପ୍ୟକାନ୍ତ ସାଙ୍ଗମାନଙ୍କ ସହ ଭୋଜି କରିବାକୁ ଯାଇ ଘରକୁ ଫେରି ନ ଥିଲେ। ୧୦ ତାରିଖରେ ସେ ନିଖୋଜ ହେବା ନେଇ ପରିବାର ଲୋକେ ଅଭିଯୋଗ କରିଥିଲେ। ଗତ ୧୧ ତାରିଖରେ କଳାମାଟିଆ ଗ୍ରାମସ୍ଥିତ ଏକ ପୋଖରୀରୁ ମୃତଦେହ ଉଦ୍ଧାର କରାଯାଇ ପୋଲିସ ପକ୍ଷରୁ ଏକ ଅପମୃତ୍ୟୁ ମାମଲା(୧୨/୧୮) ରୁଜୁ କରାଯାଇଥିଲା। ପରେ ପରିବାର ଲୋକେ ରୌପ୍ୟକାନ୍ତଙ୍କୁ ହତ୍ୟା କରାଯାଇଥିବା ନେଇ ପୁନଶ୍ଚ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ ଅଭିଯୋଗ ରଖି ନ ଥିଲା। ଗତ ୧୫ ତାରିଖରେ ପରିବାର ଲୋକେ ଏସ୍‌ପିଙ୍କୁ ଭେଟି ତଦନ୍ତ ଦାବି କରିଥିଲେ। ଗତ ୨୦ ତାରିଖରେ ବ୍ୟବଚ୍ଛେଦ ରିପୋର୍ଟ ଆସିଥିଲେ ମଧ୍ୟ ଏଥିରେ ମୃତ୍ୟୁର କାରଣ ଉଲ୍ଲେଖ ନାହିଁ। ଅଧିକ ପରୀକ୍ଷା ପାଇଁ ଏହି ରିପୋର୍ଟ ଫୋରେନ୍ସିକ ଲ୍ୟାବ୍‌କୁ ପଠାଯାଇଛି। ଏ ସଂକ୍ରାନ୍ତରେ ଥାନା ଅଧିକାରିଣୀ ରୋଜାଲିନ ପଟେଲଙ୍କୁ ପଚାରିବାରେ, ମୃତଦେହ ବ୍ୟବଛେଦ ରିପୋର୍ଟ ଆସିଛି। ହେଲେ ମୃତ୍ୟୁର କାରଣ ଉଲ୍ଲେଖ ନ ଥିବାରୁ ଅଧିକ ତଦନ୍ତ ପାଇଁ ଫୋରେନ୍ସିକ ଲ୍ୟାବ୍‌କୁ ପଠାଯାଇଛି। ରିପୋର୍ଟ ଆସିଲେ ଆଇନ ଅନୁଯାୟୀ ପୋଲିସ କାମ କରିବ ବୋଲି କହିଛନ୍ତି।



ଭାଜପା ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୨୫ ସେପ୍ଟେମ୍ବର, ୨୦୧୮



ଭକ୍ତି, ସତ୍ କର୍ମ ଓ ବିଶ୍ୱାସ ସମସ୍ତ ସୁଖର ଖଣି। କିନ୍ତୁ ସତ୍‌ସଙ୍ଗ ବିନା କେହି ଏହା ପାଇପାରେ ନାହିଁ। ବହୁ ପୁଣ୍ୟ ଫଳରେ ସାଧୁସଙ୍ଗ ମିଳିଥାଏ।

- ତୁଳସୀ ଦାସ

# ଉଦୟଗିରିରେ ଆଉ ହେବନି ଉତ୍‌ଖନନ

ଯାଜପୁର ଅଫିସ,୨୪।୯

ଭାରତ ବର୍ଷର ଏକ ଅଦ୍ୱିତୀୟ ପର୍ଯ୍ୟଟନ କ୍ଷେତ୍ର ତଥା ବୌଦ୍ଧକୀର୍ତ୍ତିର ମୁଖଶାଳା ଭାବରେ ପରିଚିତ ଉଦୟଗିରିର ଅଧିକ ଖନନର ଆବଶ୍ୟକତା ନାହିଁ ବୋଲି ଏଏସ୍‌ଆଇ (ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା) ଅନୁଭବ କରିଛି। ଫଳରେ ଉଦୟଗିରିରୁ ଆଉ ବୌଦ୍ଧ କୀର୍ତ୍ତିରାଜି ମିଳିବା ନେଇ ଗବେଷକ ଓ ଐତିହାସିକଙ୍କ ଆଶା କ୍ଷୀଣ ହୋଇଛି। ଅନ୍ୟପକ୍ଷେ ଗତ ୫ବର୍ଷ ମଧ୍ୟରେ ଉଦୟଗିରିର ସଂରକ୍ଷଣ, ରକ୍ଷଣାବେକ୍ଷଣ ଓ ପୁନରୁଦ୍ଧାର ନାମରେ ୧କୋଟି ୩୭ଲକ୍ଷ ୨୧ହଜାର ୪୭୮ଟଙ୍କା ଖର୍ଚ୍ଚ ହୋଇଥିବା ସୂଚନା ମିଳିଛି। ହେଲେ ଏହି ଅନୁଦାନର ସିଂହଭାଗ ଅର୍ଥ ମିଳିମିଶି ଚଳୁ କରି ଦେଇଥିବାରୁ ଆଜି ବି ଉଦୟଗିରି ଅବହେଳିତ ଓ ଜରାଜୀର୍ଣ୍ଣ ଅବସ୍ଥାରେ ପଡି ରହିଛି ବୋଲି ଅଭିଯୋଗ ହେଉଛି।

ଐତିହାସିକଙ୍କ ମତରେ ଉଦୟଗିରିର ବହୁ ଭାଗ ଉତ୍‌ଖନନର ଆବଶ୍ୟକତା ରହିଛି। ୧୯୯୮ ମସିହାରେ ଏଏସ୍‌ଆଇ ପକ୍ଷରୁ ଉଦୟଗିରିର ଖନନକୁ ବନ୍ଦ କରି ଦିଆଯାଇଥିଲା। ସେହିଦିନଠାରୁ ସମ୍ପୂର୍ଣ୍ଣ ଖନନ ପାଇଁ ବହୁ ଗବେଷକ, ଐତିହାସିକ ଓ ସାମାଜିକ ଅନୁଷ୍ଠାନ ପକ୍ଷରୁ ଦାବି ହେଉଥିଲେ ମଧ୍ୟ ଏଏସ୍‌ଆଇ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଏଏସ୍‌ଆଇ ପକ୍ଷରୁ ହୋଇଥିବା ଖନନରୁ ମାଧବପୁର ଏବଂ ସିଂହପ୍ରସ୍ଥ ନାମରେ ୨ଟି ବିଶାଳ ବୌଦ୍ଧ ମହାବିହାର, ବିଶାଳ ଧାନୀମହାସ୍ତୁପ, ଚୈତ୍ୟଗୃହ କମ୍ପ୍ଲେକ୍ସ, ମଧ୍ୟଯୁଗୀୟ ପ୍ରସ୍ତର ଖୋଦିତ ବାମ୍ଫି, ଶତାଧିକ ବୌଦ୍ଧଧର୍ମ ସମ୍ପର୍କିତ ମୂର୍ତ୍ତି ଓ କେତେକ ଶିଳାଲେଖ ଆବିଷ୍କୃତ ହୋଇଛି। ଏଭଳି ଏକ ବିରଳ ବୌଦ୍ଧପୀଠର ଉପଯୁକ୍ତ ସଂରକ୍ଷଣ ଓ ରକ୍ଷଣାବେକ୍ଷଣ ଅଭାବରୁ ଅନେକ ବିରଳ କୀର୍ତ୍ତିରାଜି ଧ୍ୱଂସ ହେବାକୁ ବସିଲାଣି। ପ୍ରଥମେ ୧୯୮୬ ଜାନୁୟାରୀ ୧ରୁ ଉଦୟଗିରି ବୌଦ୍ଧପୀଠରେ ଏଏସ୍‌ଆଇ ଦ୍ୱାରା ବିଧିବଦ୍ଧ ଖନନ କାର୍ଯ୍ୟ ଆରମ୍ଭ ହୋଇଥିଲା। ୧୯୮୭ ମାର୍ଚ୍ଚରେ ହୋଇଥିବା ଖନନରୁ ଏକ ବିଶାଳ ଧାନୀ ମହାସ୍ତୁପ ଏବଂ ସ୍ତୁପର ଉତ୍ତର-ପଶ୍ଚିମ ଓ ଦକ୍ଷିଣ-ଉତ୍ତର କୋଣରେ ବୁଦ୍ଧ ମହାବିହାର ମଧ୍ୟ ଆବିଷ୍କୃତ ହୋଇଥିଲା। ୪୫ଫୁଟ ଲମ୍ବ ଓ ଓସାର ବିଶିଷ୍ଟ ଏହି ମାଧବପୁର ବୌଦ୍ଧ ମହା ବିହାରଟି ଅଷ୍ଟମ-ନବମ ଶତାବ୍ଦୀର ଏକ ବିରଳ କୀର୍ତ୍ତିରାଜି



ବୋଲି ଏଏସ୍‌ଆଇ ପକ୍ଷରୁ କୁହାଯାଇଥିଲା। ସେହିଭଳି ୧୯୯୮ରେ ଦ୍ୱିତୀୟ ପର୍ଯ୍ୟାୟ ଖନନ ସମୟରେ ସିଂହପ୍ରସ୍ଥ ମହାବିହାର ଓ ବିରଳ ଚୈତ୍ୟଗୃହ ମଣ୍ଡଳ ଆବିଷ୍କୃତ ହୋଇଥିଲା। ଏହାପରଠାରୁ ଖନନ ବନ୍ଦ ହୋଇରହିଛି। ଏଠାରେ ଅନୁଷ୍ଠିତ ହୋଇ ଆସୁଥିବା ଆନ୍ତର୍ଜାତିକ ବୌଦ୍ଧ ସମ୍ମିଳନୀରେ ଅନେକ ଗବେଷକ, ଐତିହାସିକମାନେ ଉଦୟଗିରିରେ ଖନନ କଲେ ବହୁ ବୌଦ୍ଧ କୀର୍ତ୍ତିରାଜିର ଆବିଷ୍କାର ହୋଇପାରିବ ବୋଲି ଦାବି କରି ଆସୁଛନ୍ତି। ହେଲେ ଏହି ଦାବିକୁ କେହି ଗ୍ରହଣ କରୁ ନ ଥିବା ଭଳି ମନେ ହେଉଛି। ତେବେ ଯେଉଁ ଆବିଷ୍କାର ହୋଇଛି ତାର ମଧ୍ୟ ଉପଯୁକ୍ତ ସଂରକ୍ଷଣ ଓ ରକ୍ଷଣାବେକ୍ଷଣ ହୋଇ ପାରିନାହିଁ। ସିଂହପ୍ରସ୍ଥ ବୌଦ୍ଧବିହାର ଏବେ ଭଗ୍ନସ୍ତୁପରେ ପରିଣତ ହେଲାଣି। ଏହାର ଉପରି ଭାଗ ଅନାବନା ଗଛରେ ପରିପୂର୍ଣ୍ଣ ହୋଇଥିବାବେଳେ ଦ୍ୱାର ବନ୍ଧକୁ ଛୋଟଛୋଟ ପଥର ଥାକ କରାଯାଇ ରଖାଯାଇଛି। ସେହିପରି ପ୍ରକୋଷ୍ଠଗୁଡିକର କାନ୍ଥ ସବୁ ଯେକୌଣସି ସମୟରେ ଭୁଶୁଡ଼ି ପଡ଼ିବା ଆଶଙ୍କା ଦେଖାଦେଇଛି। ଅପରପକ୍ଷରେ ଏଏସ୍‌ଆଇ ପକ୍ଷରୁ କୀର୍ତ୍ତିରାଜିର ରକ୍ଷଣାବେକ୍ଷଣ ନାମରେ ୨୦୧୩-୧୪ ବର୍ଷରେ ୧,୬୩,୮୦୯ ଟଙ୍କା, ୨୦୧୪-୧୫ ବର୍ଷରେ ୨୦,୭୯,୬୮୭ ଟଙ୍କା, ୨୦୧୫-୧୬ ବର୍ଷରେ ୨୦,୧୬,୯୧୪ ଟଙ୍କା, ୨୦୧୬-୧୭ରେ ୩୦,୬୭,୮୭୬ ଟଙ୍କା ଓ ୨୦୧୭-୧୮ରେ ୬୩,୯୩,୧୯୨ ଟଙ୍କା ଖର୍ଚ୍ଚ କରାଯାଇଛି। ହେଲେ ଉଦୟଗିରିର କିର୍ତ୍ତୀରାଜିଗୁଡିକୁ ଦେଖିଲେ ଉପରୋକ୍ତ ୧କୋଟି ୩୭ଲକ୍ଷ ଟଙ୍କା ସଂରକ୍ଷଣ କାମରେ ନୁହେଁ ବରଂ ହରିଲୁଟ ହୋଇଥିବା ସ୍ପଷ୍ଟ ଜଣାପଡ଼ିଛି। ଏ ସଂକ୍ରାନ୍ତରେ ଏଏସଆଇ ୱାର୍କ ସେକ୍ସନର ବି.ସି. ମହାନ୍ତି ସୂଚନା ଅଧିକାର ଆଇନର ପ୍ରଶ୍ନର ଉତ୍ତରରେ (ପତ୍ରସଂଖ୍ୟା ୨୭୦୭/୭।୮।୨୦୧୮) ଦର୍ଶାଇଛନ୍ତି ଯେ, ଉଦୟଗିରିରେ ଯଥେଷ୍ଟ କୀର୍ତ୍ତିରାଜି ମିଳି ସାରିଥିବାରୁ ଆଉ ଖନନର ଆବଶ୍ୟକତା ନାହିଁ। ଏପରିକି ଏଏସ୍‌ଆଇ ପକ୍ଷରୁ ଉଦୟଗିରିର ଖନନ ନେଇ ପରବର୍ତ୍ତୀ କୌଣସି ଯୋଜନା ନାହିଁ ବୋଲି ମହାନ୍ତି ଉଲ୍ଲେଖ କରିଛନ୍ତି।

■ ରକ୍ଷଣାବେକ୍ଷଣ ନାମରେ ୧.୩୭କୋଟି ଟଙ୍କା ହରିଲୁଟ

■ ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଛି ବୌଦ୍ଧ କୀର୍ତ୍ତିରାଜି

## ସଂକ୍ଷେପରେ

### ଖାଇବାକୁ ଆସି ଲୁଟିନେଲେ ହୋଟେଲ ମାଲିକଙ୍କ ବାଇକ୍, ଅଭିଯୁକ୍ତ ଗିରଫ

ବିରଜାକ୍ଷେତ୍ର,୨୪।୯(ଡି.ଏନ୍.ଏ): ଯାଜପୁର ସହରର ମେଡ଼ିକାଲ ଛକରେ ଥିବା ଏକ ହୋଟେଲକୁ ରବିବାର ରାତିରେ ଦଶରଥପୁର ବ୍ଲକ ଅନ୍ତର୍ଗତ ଅଳକୁଣ୍ଡ ନୂଆଗାଁର ମିର୍ଜା ଇସ୍ରାଇଲ ଓ ତାଙ୍କ ସାଙ୍ଗମାନେ ଖାଇବାକୁ ଆସିଥିଲେ। ସେମାନେ ହୋଟେଲରେ ଖାଉଥିବାବେଳେ ଇସ୍ରାଇଲ ହୋଟେଲରୁ ଖାଇସାରି ପାଖରେ ଥିବା ହୋଟେଲ ମାଲିକ ମିଲୁଙ୍କ ବାଇକ୍ ଧରି ଖସି ପଳାଇ ଯାଇଥିଲେ। ମିଲୁ ଏହା ଦେଖି ପାଟି କରିବା ସହ ତାଙ୍କ ସାଙ୍ଗଙ୍କୁ ଅଟକାଇ ପୋଲିସକୁ ଖବର ଦେଇଥିଲେ। ଯାଜପୁର ଥାନାର ଭାରପ୍ରାପ୍ତ ଅଧିକାରୀ ମାନସ ରଞ୍ଜନ ଚକ୍ର ଘଟଣାସ୍ଥଳରେ ପହଞ୍ଚି ଅଳକୁଣ୍ଡ ନୂଆଗାଁରୁ ଇସ୍ରାଇଲଙ୍କୁ ଗିରଫ କରିବା ସହ ବାଇକ୍ ଜବତ କରିଥିଲେ।

### ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ପାଇଁ ଭାଜପାର ପ୍ରସ୍ତୁତି

କୋରେଇ,୨୪।୯(ସ୍ୱ.ପ୍ର.): ଗାନ୍ଧୀ ଜୟନ୍ତୀ ଅବସରରେ ପାଣିକୋଇଲିରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ କରିବାକୁ ଭାଜପା ପକ୍ଷରୁ ବରିଷ୍ଠ କର୍ମକର୍ତ୍ତାଙ୍କୁ ନେଇ ରବିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ଜିଲା ଉପସଭାପତି ପଦ୍ମଲୋଚନ ମଲ୍ଲିକ ଅଧ୍ୟକ୍ଷତା କରିଥିଲେ। ବ୍ୟାସନଗର ମଣ୍ଡଳ ସଭାପତି ନିତ୍ୟାନନ୍ଦ ମହାଳିକ, ପୂର୍ବତନ ଜିଲା ଯୁବମୋର୍ଚ୍ଚା ସଭାପତି ପ୍ରତ୍ୟୁଷ ନାୟକ, ସମ୍ପାଦକ ଦୀପକ ଦାଶ, ପୂର୍ବତନ ଦଶରଥପୁର ବ୍ଲକ ସଭାପତି ସୁଶାନ୍ତ ମହାପାତ୍ର, କରୁଣାକର ମାଝୀ, ପର୍ଶୁରାମ ମହାଳିକ, ପୀତବାସ ୱାଇଁ, ଦିଲୀପ ନାୟକ, ଆଲୋକ ନାୟକ ପ୍ରମୁଖ କାର୍ଯ୍ୟକ୍ରମର ସଫଳତା ଉପରେ ମତ ରଖିଥିଲେ। ପାଣିକୋଇଲି ବଜାର ଓ ଡାକ୍ତରଖାନା ସଫେଇ ସହ ବୃକ୍ଷରୋପଣ କରାଯିବାକୁ ସ୍ଥିର କରାଯାଇଥିଲା।

### କଂଗ୍ରେସ ନେତାଙ୍କ ସ୍ମୃତିଚାରଣ ସଭା

ଧର୍ମଶାଳା, ୨୪।୯(ଡି.ଏନ୍.ଏ.): ଧର୍ମଶାଳା ବ୍ଲକ ଚୋରମୁହାଁ ପଞ୍ଚାୟତ ଅନ୍ତର୍ଗତ ନାଉପାଳ ଗ୍ରାମର କଂଗ୍ରେସ ନେତା କୈଳାସ ଚନ୍ଦ୍ର ମହାନ୍ତିଙ୍କ ବିୟୋଗରେ ଏକ ଶୋକସଭା ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରଶାନ୍ତ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶୋକସଭାରେ ଧର୍ମଶାଳା ବ୍ଲକ କଂଗ୍ରେସ କମିଟିର ପୂର୍ବତନ ସଭାପତି ଶ୍ୟାମସୁନ୍ଦର ସାମଲ, କାହ୍ନୁ ଚରଣ ଦାଶ, ଦୁର୍ଗା ପ୍ରସନ୍ନ ଦାଶ, ଅଧୀର କୁମାର ଜେନା, ଶ୍ରୀନାଥ ମିଶ୍ର, କିଷାନ ପଣ୍ଡା, ମାନସ ରଞ୍ଜନ କର, ସଞ୍ଜୟ କୁମାର ରାୟ, ଭିକାରୀ ଚରଣ ମଲିକ, ନିହାର ମୁଦୁଲି, ବସନ୍ତ କୁମାର ପରିଡ଼ା, ନିରଞ୍ଜନ ଦଳାଇ ପ୍ରମୁଖ ସ୍ୱର୍ଗତ ମହାନ୍ତିଙ୍କ ସ୍ମୃତିଚାରଣ କରିଥିଲେ।

### ଧାରଣାରେ ବସିଲେ ଅଗ୍ନିଶମ କର୍ମଚାରୀ

ବିରଜାକ୍ଷେତ୍ର,୨୪।୯(ଡି.ଏନ୍.ଏ)

ରାଜ୍ୟ ଅଗ୍ନିଶମ କର୍ମଚାରୀ ମହାସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ ଡାକରାରେ ଯାଜପୁର ଜିଲାର ଅଗ୍ନିଶମ କର୍ମଚାରୀମାନେ ସାମିଲ ହୋଇ ସୋମବାରଠାରୁ ଅଗ୍ନିଶମ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିରହିଛନ୍ତି। ଓଡ଼ିଶା ପୋଲିସ କର୍ମଚାରୀ ସହିତ ସମାନ ଦରମା, ଭତ୍ତା, ଅଗ୍ନିଶମ ସଂସ୍ଥାର ହାବିଲଦାର ଓ ଫାୟାରମ୍ୟାନ ସଂଘକୁ ସରକାରୀ ପଞ୍ଜୀକରଣ କରିବା, ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ନିୟମିତ ଦରମା ପ୍ରଦାନ କରିବା, ଅବସର ଗ୍ରହଣ କରିଥିବା କର୍ମଚାରୀଙ୍କୁ ପେନସନ୍, ଅଗ୍ନିଶମ ସେବା ସଂସ୍ଥାର ଖାଲି ପଡ଼ିଥିବା ପଦବୀଗୁଡ଼ିକୁ ତୁରନ୍ତ ପୂରଣ କରିବା ନେଇ ଅଗ୍ନିଶମ ବିଭାଗର ଡ୍ରାଇଭର, ହାବିଲଦାର, ଫାୟାରମ୍ୟାନ ଅନିର୍ଦ୍ଧିଷ୍ଟକାଳ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିବେ ବୋଲି ସୂଚନା ଦେଇଛନ୍ତି। ଯାଜପୁର ଜିଲାର ୧୧ଟି ଅଗ୍ନିଶମ ବିଭାଗର ୨୨୦ରୁ ଊର୍ଦ୍ଧ୍ୱ କର୍ମଚାରୀ କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ ହୋଇଥିଲେ। ଯାଜପୁର ସହରର ୨୧ଜଣ କର୍ମଚାରୀ କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ ହୋଇ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିରହିଛନ୍ତି।





ଧରିତ୍ରୀ ଓ ଓଡ଼ିଶା ପୋଷ୍ଟର 'ପ୍ଲାଷ୍ଟିକ ଫ୍ରି ଓଡ଼ିଶା' ଅଭିଯାନକୁ ସମର୍ଥନ ଜଣାଉଛନ୍ତି ଯାଜପୁର ଟାଉନସ୍ଥିତ ନରସିଂହ ଚୌଧୁରୀ ମହାବିଦ୍ୟାଳୟର ଛାତ୍ର (ବାମ), ବରୀସ୍ଥିତ ସାମନ୍ତ ସିଂହାର ନୋଡାଲ୍ ହାଇସ୍କୁଲର ଛାତ୍ରୀଛାତ୍ର।

## ଖାଦ୍ୟ ଆୟୁକ୍ତଙ୍କ ଗୋବରଘାଟି ହାଇସ୍କୁଲ ପରିଦର୍ଶନ

ଡୁବୁରୀ,୨୪।୯(ଡିଏନଏ)

ରାଜ୍ୟ ଖାଦ୍ୟ ଆୟୁକ୍ତ ରଙ୍ଗଲାଲ ଜାମୁଦା ସୋମବାର କଳିଙ୍ଗନଗର ଗସ୍ତରେ ଆସି ଗୋବରଘାଟି ଆଶ୍ରମ ହାଇସ୍କୁଲ ପରିଦର୍ଶନ କରି ସ୍କୁଲର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଖାଦ୍ୟ ଆୟୁକ୍ତଙ୍କ ସହ ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସ ଏହି ଗସ୍ତ ବେଳେ ଉପସ୍ଥିତ ଥିଲେ। ଏହି ଅବସରରେ ଆଦିବାସୀ ବହୁମୁଖୀ ଜନବିକାଶ ସଂଘ ପକ୍ଷରୁ ସ୍କୁଲ ସ୍ଥାନାନ୍ତରକୁ ବିରୋଧ କରି ଖାଦ୍ୟ ଆୟୁକ୍ତଙ୍କୁ ୪ଦଫା ଦାବି ସମ୍ବଳିତ ପତ୍ର ପ୍ରଦାନ କରାଯାଇଛି। ସଂଘ ସଭାପତି ବିରେନ୍ ଜାମୁଦାଙ୍କ ନେତୃତ୍ୱରେ ଦିଆଯାଇଥିବା ଏହି ଦାବିପତ୍ରକୁ ଜାମୁଦା ଗ୍ରହଣ କରି ବିଭିନ୍ନ ଦାବିଗୁଡିକର ବିଚାର କରାଯିବା ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାଯାଇଛି। ପ୍ରକାଶ ଯେ, ଜିଲା ପ୍ରଶାସନ ପକ୍ଷରୁ ଟାଟା କାରଖାନା ସଂଲଗ୍ନ ଗୋବରଘାଟି ହାଇସ୍କୁଲ ବିଭିନ୍ନ ସମସ୍ୟା ଦେଇ ଗତି କରୁଛି। ଏହାକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଗତ କିଛିଦିନ ଧରି ଉଦ୍ୟମ କରାଯାଉଛି। ହେଲେ ସ୍ଥାନୀୟ ଅଞ୍ଚଳର ଲୋକେ ବିଭିନ୍ନ ସମସ୍ୟା ସମାଧାନ କରିବା ପାଇଁ ଦାବି କରି ଆସୁଥିବା ବେଳେ ଏହାକୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଇଚ୍ଛା ପ୍ରକାଶ କରୁନାହାନ୍ତି। ଏହି ପରିପ୍ରେକ୍ଷୀରେ ଖାଦ୍ୟ ଆୟୁକ୍ତ ଜିଲାପାଳଙ୍କ ସହ ସମ୍ପୃକ୍ତ ସ୍କୁଲକୁ ଆସି ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି।

## ଦେଶୀ ମଦ ବିକ୍ରି: ସ୍ତ୍ରୀ ଜେଲରେ, ସ୍ୱାମୀ ବି ଗଲେ

କଳିଙ୍ଗନଗର,୨୪।୯(ଡି.ଏନ୍.ଏ)

କଳିଙ୍ଗନଗର ଥାନା ଅଞ୍ଚଳରେ ଚୋରା ଦେଶୀ ମଦ ବିକ୍ରି ଅଭିଯୋଗରେ ପୂର୍ବରୁ ସ୍ତ୍ରୀ ଜେଲରେ ଥିବା ବେଳେ ସୋମବାର ପୋଲିସ ତାଙ୍କ ସ୍ୱାମୀଙ୍କୁ ଗିରଫ କରିଛି। ଗିରଫ ମଦ ବେପାରୀ ହେଲେ ଆମେସିଂ ତମଶୟ(୩୦)। ତାଙ୍କ ନିଜଘର ୱେଷ୍ଟସିଂ ଭୂମି ଜିଲାର ଖାରଖଣ୍ଡ ଅଞ୍ଚଳରେ। ସେ ଓ ତାଙ୍କ ସ୍ତ୍ରୀ ସୁମିତ୍ରା ଦୀର୍ଘଦିନ ହେବ ଗୋବରଘାଟି ପଞ୍ଚାୟତ ରହି ମଦ ବେପାର କରୁଥିଲେ। ଏ ନେଇ ତାଙ୍କ ନାଁରେ ବହୁବାର ଅଭିଯୋଗ ହୋଇଥିଲା। ଫଳରେ ପୋଲିସ ସୁମିତ୍ରାଙ୍କୁ କିଛିଦିନ ତଳେ ଗିରଫ କରି ଜେଲ ପଠାଇଥିଲା। ଏହାପରେ ତମଶୟ ଏହି କାରବାର ଜାରି ରଖିଥିଲେ। ଫଳରେ ସୋମବାର ପୋଲିସ ତାଙ୍କୁ ମଧ୍ୟ ଗିରଫ କରିବା ସହ ତାଙ୍କଠାରୁ ୨୦ଲିଟର ଦେଶୀମଦ ଓ ଏକ ମୋଟର ସାଇକେଲ ଜବତ କରିଛି। ଏ ନେଇ ଏକ ମାମଲା (ନଂ-୧୩୯/୧୮) ରୁଜୁ କରି ତାଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ବରୀ ବଜାରକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ପାଇଁ ଦାବି

ବରୀ,୨୪।୯(ସ୍ୱ.ପ୍ର.)

ବରୀ ବ୍ଲକର ବରୀ ବଜାର ହେଉଛି ଏକ ପ୍ରମୁଖ ବଜାର। ଏହି ବଜାରକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ଭାବେ ଘୋଷଣା କରିବା ପାଇଁ ୨୩ନଂ. ଜୋନ ଜିଲା ପିରଷଦ ସଦସ୍ୟ ରବୀନ୍ଦ୍ର କୁମାର ଜେନା ସୋମବାର ରାଜ୍ୟ ସରକାରଙ୍କ ସହରାଞ୍ଚଳ ବିକାଶ ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦୈନିକ ୧୦ହଜାର ଲୋକ ଏହି ବଜାର ଉପରେ ନିର୍ଭର କରନ୍ତି। ୫୦୦ରୁ ଅଧିକ ବ୍ୟବସାୟୀ ପ୍ରତିଷ୍ଠାନ ଏଠାରେ ରହିଛି। ବରୀ ମାଉଣ୍ଡରେ ତହସିଲ, ସବରେଜିଷ୍ଟ୍ରାର, ବିଦ୍ୟୁତ ସବଡିଭିଜନ, ଉପଡାକଘର, ପ୍ରାଣୀ ଚିକିତ୍ସା କେନ୍ଦ୍ର, ଜାତୀୟକରଣ ବ୍ୟାଙ୍କ, କୃପାସିନ୍ଧୁ ବିଦ୍ୟା ଭବନ, ରମାଦେବୀ ଗୋପବନ୍ଧୁ ଆଶ୍ରମ, ମାତୃମଙ୍ଗଳ କେନ୍ଦ୍ର ରହିଛି। ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଗୋପବନ୍ଧୁ ଚୌଧୁରୀ ମହାବିଦ୍ୟାଳୟ ଆଦି ବିଭିନ୍ନ ସରକାରୀ ଦପ୍ତର ମଧ୍ୟ ରହିଛି। ବିଜ୍ଞାପିତ ଅଞ୍ଚଳ ପରିଷଦ ପାଇଁ ସମସ୍ତ ଭିତ୍ତିଭୂମି ରହିଥିବା ଜେନା ଦାବିପତ୍ରରେ ଦର୍ଶାଇଛନ୍ତି। ବିଜ୍ଞାପିତ ଅଞ୍ଚଳ ପରଷଦ ଭାବେ ଘୋଷଣା କରାଗଲେ ରାସ୍ତାଘାଟର ଉନ୍ନତୀକରଣ ହେବ ବୋଲି କୁହାଯାଇଛି।

## ଅଗ୍ନିଶମ କର୍ମଚାରୀଙ୍କ ଆନ୍ଦୋଳନ

ଚଣ୍ଡିଖୋଲ, ୨୪।୯(ଡି.ଏନ୍.ଏ.)

ଅଗ୍ନିଶମ କର୍ମଚାରୀଙ୍କ ବିଭିନ୍ନ ଦାବି ନେଇ ଅଲ୍ ଓଡ଼ିଶା ଅଗ୍ନିଶମ କର୍ମଚାରୀ ସଂଘ କାର୍ଯ୍ୟବନ୍ଦ ଆନ୍ଦୋଳନ ଡାକରା ଦେଇଛି। ଏହାକୁ ନେଇ ସୋମବାର ଚଣ୍ଡିଖୋଲ ଅଗ୍ନିଶମ କର୍ମଚାରୀମାନେ କାର୍ଯ୍ୟାଳୟଠାରେ ଧାରଣା ଦେଇଥିଲେ। ଓଡ଼ିଶା ଅଗ୍ନିଶମ କର୍ମଚାରୀଙ୍କୁ ଓଡ଼ିଶା ପୋଲିସ କର୍ମଚାରୀଙ୍କ ସହିତ ସମାନ ଦରମା ଓ ଭତ୍ତା ପ୍ରଦାନ, ସଂଘକୁ ସରକାରୀ ପଞ୍ଜୀକୃତ କରିବା, ଅବସରପ୍ରାପ୍ତ କର୍ମଚାରୀଙ୍କୁ ପେନସନ ଆଦି ବିଭିନ୍ନ ୬ ଦଫା ଦାବି ନେଇ ସଂଘ କାର୍ଯ୍ୟବନ୍ଦ ଆନ୍ଦୋଳନ ଡାକରା ଦେଇଛି। ଗଣଧାରଣାରେ ରାଜେନ୍ଦ୍ର ନାଥ ମାରାଣ୍ଡି, ଦାମୋଦର ପିଙ୍ଗୁଆ ପ୍ରମୁଖ ସମସ୍ତ କର୍ମଚାରୀ ଧାରଣାରେ ବସିଛନ୍ତି।

## ତହସିଲଦାରଙ୍କ ପରିବାର ପକ୍ଷରୁ ଧାବିକା ଦୂତୀ ଚାନ୍ଦଙ୍କୁ ସମ୍ବର୍ଦ୍ଧନା

ରସୁଲପୁର,୨୪।୯(ଡିଏନଏ)

ରସୁଲପୁର ତହସିଲଦାର ପ୍ରତାପ ଚନ୍ଦ୍ର ରାଉତଙ୍କ ପରିବାର ପକ୍ଷରୁ ସୋମବାର ସନ୍ଧ୍ୟାରେ ଧାବିକା ଦୂତୀ ଚାନ୍ଦଙ୍କୁ ଜନ୍ମମାଟିରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ତହସିଲଦାରଙ୍କ ସ୍ତ୍ରୀ ତାମସି ଓ ତାଙ୍କ ଝିଅ ସିସରନଙ୍କ ସହ ଦୌଡରାଣୀ ଦୂତୀ ଚାନ୍ଦଙ୍କ ଗାଁ ଗୋପାଳପୁରଠାରେ ପହଁଚି ଥିଲେ। ଜାତୀୟ ରାଜପଥ ପାର୍ଶ୍ୱସ୍ଥ ପୂର୍ତ୍ତବିଭଗର ଡାକ ବଙ୍ଗଳାଠାରେ ସମ୍ବର୍ଦ୍ଧନା ପର୍ବ ଆରମ୍ଭ ହୋଇଥିଲା। ସପରିବାର ବଙ୍ଗଳା ଫାଟକ ନିକଟରୁ ଦୂତୀଙ୍କୁ ପ୍ରକୋଷ୍ଠ ଭିତରକୁ ପାଛୋଟି ନେଇଥିଲେ। ସପରିବାର ଧାବିକାଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିବା ସହ ମିଠାଇ ଖୁଆଇ ଥିଲେ। ତହସିଲଦାରଙ୍କ ପରିବାର ସହ ଦୂତୀ ନିଜର ଅନୁଭୂତି ବାଣ୍ଟିଥିଲେ। ତାଙ୍କ ତହସିଲ ଅଧିନସ୍ଥ ଏକ ଗରିବ ପରିବାରର ଝିଅ ବିଶ୍ୱ ଦରବାରରେ ନାଁ କରିଥିବାରୁ ତହସିଲଦାର ରାଉତ ଓ ତାଙ୍କ ପରିବାର ଗର୍ବିତ ବୋଲି ପ୍ରକାଶ କରିଥିଲେ। ତହସିଲଦାରଙ୍କ ପରିବାର ପକ୍ଷରୁ ଏକ ନିଆରା ଢଙ୍ଗରେ ଦିଆଯାଇଥିବା ସମ୍ବର୍ଦ୍ଧନା ତାଙ୍କ ପାଇଁ ସ୍ୱତନ୍ତ୍ରତା ଆଣିଛି। ଏହାକୁ ନେଇ ସେ ବିଶେଷ ଖୁସି ପ୍ରକଟ କରିଛନ୍ତି। ଭବିଷ୍ୟତରେ ଆହୁରି ବହୁତ ବାଟ ଆଗକୁ ଯିବାକୁ ହେବ। ସେଥିପାଇଁ ସେ ଅଧ୍ୟବସାୟ ଜାରି ରଖିଛନ୍ତି ବୋଲି ଦୂତୀ ପ୍ରକାଶ କରିଛନ୍ତି। ସମ୍ବର୍ଦ୍ଧନା ଉତ୍ସବରେ ରାଜେନ୍ଦ୍ରପୁର ସରପଞ୍ଚ ସୁଶାନ୍ତ ବେହେରା, ଧାବିକା ଦୂତୀର ବାନ୍ଧବୀ ଖୁସୁବ୍ ମିଶ୍ର, ଅର୍ପିତା ବେହେରା, ବିଜୟଲକ୍ଷ୍ମୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



ତହସିଲଦାରଙ୍କ ପରିବାର ଗହଣରେ ଦୂତୀ ଚାନ୍ଦ।

## 'ହିନ୍ଦୀ ଭାଷା ହିଁ ଦେଶର ଏକତା, ସଂହତି ରକ୍ଷା କ୍ଷେତ୍ରରେ ସହାୟକ ହେବ'



ଉଦ୍‌ଯାପନୀ ଉତ୍ସବରେ ଅତିଥିମାନେ 'ଭାଷା କିରଣ' ପତ୍ରିକା ଉନ୍ମୋଚନ କରୁଛନ୍ତି।

ବିରଜାକ୍ଷେତ୍ର,୨୪।୯(ଡି.ଏନ୍.ଏ)

ହିନ୍ଦୀ ଶିକ୍ଷା ସଂସ୍ଥାନ, ଓଡ଼ିଶା ବିରଜାକ୍ଷେତ୍ର ଯାଜପୁରର ୬ଷ୍ଠ ବାର୍ଷିକ ହିନ୍ଦୀ ଦିବସ ରାଜ୍ୟସ୍ତରୀୟ ସମାରୋହ, ସମ୍ବର୍ଦ୍ଧନା ପର୍ବ, ପତ୍ରିକା ଲୋକାର୍ପଣ ତଥା ପୁରସ୍କାର ବିତରଣ କାର୍ଯ୍ୟକ୍ରମ ସଂସ୍ଥାନ ସଭାପତି ଅଜିତ୍ ପ୍ରସାଦ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ରବିବାର ଯାଜପୁରସ୍ଥିତ ଗୌତମବୁଦ୍ଧ ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ତାଳଚେର ମହାନଦୀ କୋଲ ଫିଲ୍‌ଡର ଉପପ୍ରବନ୍ଧକ ଦୀନେଶ କୁମାର ମାଲି ୬ଷ୍ଠ ବାର୍ଷିକ ସମାରୋହକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ରୂପେ ରଘୁନାଥ ବେହେରା, ହୃଷିକେଶ ପତି ଯୋଗଦେଇ ହିନ୍ଦୀ ଭାଷା ହିଁ ଦେଶର ଏକତା, ସଂହତି ରକ୍ଷା କ୍ଷେତ୍ରରେ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ। ସଂସ୍ଥାନର କାର୍ଯ୍ୟକାରୀ ସଭାପତି ଉପେନ୍ଦ୍ର ସାହୁ ହିନ୍ଦୀ ଶିକ୍ଷା ସଂସ୍ଥାନ ଗଠନ ଓ ଉଦ୍ଦେଶ୍ୟ ସମ୍ବନ୍ଧରେ ମତ ବ୍ୟକ୍ତ କରିବା ସହ ସଂସ୍ଥାନର ପରୀକ୍ଷା ଯୋଜକ ଜହିରୁଦ୍ଦିନ୍ ଖାଁ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ରବି ଶତପଥୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଓଡ଼ିଶାର ହିନ୍ଦୀ ସାହିତ୍ୟର ବିକାଶ କ୍ଷେତ୍ରରେ କାର୍ଯ୍ୟରତ ଭଦ୍ରକ ମହିଳା ମହାବିଦ୍ୟାଳୟର ପ୍ରାଧ୍ୟାପକ ଅବଦୁଲ ଉସମାନ୍ ଖାଁ, ଅନୁଗୋଳ ଡିଏଭି ବିଦ୍ୟାଳୟର ଅଧ୍ୟାପକ କୃଷ୍ଣ କହ୍ନେୟା ଆଚାର୍ଯ୍ୟ, ମୂଳ ହିନ୍ଦୀ ଭାଷୀ ଦୀନେଶ କୁମାର ମାଲିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୨୦୧୭-୧୮ରେ ସଂସ୍ଥାନର ଶ୍ରେଷ୍ଠ ପ୍ରଚାରକ ରୂପେ ସରସ୍ୱତୀ ଶିଶୁ ମନ୍ଦିର, ଯାଜପୁର ନଗରର ଶିକ୍ଷକ ଶରତ ଚନ୍ଦ୍ର ପରିଡ଼ାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ହିନ୍ଦୀ ଶିକ୍ଷା ସଂସ୍ଥାନ, ଓଡ଼ିଶାର ତ୍ରୈମାସିକ ମୁଖପତ୍ର 'ଭାଷା କିରଣ'ର ୯ମ ସଂଖ୍ୟା ଅତିଥିଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ସଂସ୍ଥାନ ଦ୍ୱାରା ଅନୁଷ୍ଠିତ ହିନ୍ଦୀ ଭାଷାରେ ତର୍କ ଏବଂ ଦେଶଭକ୍ତି ସଂଗୀତ ପ୍ରତିଯୋଗିତାରେ ସଫଳ ପ୍ରତିଭାଗୀ ତଥା ସଂସ୍ଥାନ ଦ୍ୱାରା ପରିଚାଳିତ ପରୀକ୍ଷାରେ ସଫଳ ଶ୍ରେଷ୍ଠ ଶତାଧିକ ପରୀକ୍ଷାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା। ମୁଖ୍ୟବକ୍ତା ରୂପେ ଲକ୍ଷ୍ମୀଧର ଦାଶ ଯୋଗଦେଇ ଓଡ଼ିଶାରେ ହିନ୍ଦୀର ବିକାଶ ଧାରାରେ ହିନ୍ଦୀ ଶିକ୍ଷା ସଂସ୍ଥାନର ସହଯୋଗ, ଉଦ୍ୟମ ପ୍ରଶଂସନୀୟ ବୋଲି ମତବ୍ୟକ୍ତ କରିଥିଲେ। ଅପରାହ୍ନ ଅଧିବେଶନରେ ଅନୁଷ୍ଠିତ ବିଭିନ୍ନ ବିଦ୍ୟାଳୟର ନୃତ୍ୟ, କଳା ପ୍ରଦର୍ଶନ ପ୍ରତିଯୋଗିତାକୁ ଜିଲା ହିନ୍ଦୀ ଶିକ୍ଷକ ସଂଘର ସମ୍ପାଦକ ସଞ୍ଜୟ କୁମାର ସାହୁ, ସଞ୍ଜୟ ବାରିକ, ମନୋଜ ସାହୁ, ଶରତ ସାହୁ ସହଯୋଗ ପ୍ରଦାନ ମାଧ୍ୟମରେ ନୃତ୍ୟାଙ୍ଗନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂସ୍ଥାନର ଉପସଭାପତି ବେଣୁଧର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

## କୁଷ୍ଠ ନିରାକରଣ ଅଭିଯାନ ପ୍ରସ୍ତୁତି

ଯାଜପୁର ଅଫିସ,୨୪।୯

■ ଚଳିତ ବର୍ଷ ୭୯ଜଣ କୁଷ୍ଠ ଆକ୍ରାନ୍ତ ଚିହ୍ନଟ

■ ୨୦୧୭-୧୮ରେ ୩୧୯ ଜଣ ଚିହ୍ନଟ ହୋଇଥିଲେ

ଯାଜପୁର ଜିଲା ସହ ସମଗ୍ର ରାଜ୍ୟରେ ୨୦୨୦ ମସିହା ସୁଦ୍ଧା ପ୍ରତି ୧୦ ହଜାରରେ ଜଣେରୁ କମ୍ ଆକ୍ରାନ୍ତଙ୍କ ସଂଖ୍ୟା ରଖିବାକୁ ଲକ୍ଷ୍ୟ ରଖାଯାଇଛି। ସେହିପରି କୁଷ୍ଠ ଆକ୍ରାନ୍ତଙ୍କ ମଧ୍ୟରେ ପ୍ରତି ମିଲିୟନରେ ଜଣଙ୍କ ଭିନ୍ନକ୍ଷମତା ରଖିବାର ଲକ୍ଷ୍ୟ ରଖାଯାଇଛି ବୋଲି ଅତିରିକ୍ତ ଜିଲାପାଳ ମହିର ପ୍ରସାଦ ମହାନ୍ତି ସୂଚନା ଦେଇଛନ୍ତି। ଯାଜପୁର ଜିଲାରେ ୨୦୧୭-୧୮ରେ ୩୧୯ଜଣଙ୍କୁ ଚିହ୍ନଟ କରାଯାଇ ଚିକିତ୍ସା ଚାଲୁଥିବାବେଳେ ସେମାନଙ୍କ ମଧ୍ୟରୁ ୧୩୫ ଜଣ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ସାରିଛନ୍ତି। ୨୦୧୮-୧୯ରେ ଏପର୍ଯ୍ୟନ୍ତ ୭୯ ଜଣଙ୍କୁ ଚିହ୍ନଟ କରାଯାଇ ଚିକିତ୍ସା ଚାଲିଛି ବୋଲି ସୋମବାର ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ କୁଷ୍ଠ ନିରାକରଣ ଅଭିଯାନ ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକରେ ସୂଚନା ଦିଆଯାଇଥିଲା। ଏଥିରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲାପାଳ ମହାନ୍ତି କୁଷ୍ଠ ନିରାକରଣ ପାଇଁ ସମସ୍ତଙ୍କ ସହଯୋଗ ଯେତିକି ଜରୁରୀ ସଚେତନତା ସୃଷ୍ଟି ମଧ୍ୟ ତତୋଧିକ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ସେଥିପାଇଁ ସେପ୍ଟେମ୍ବର ୨୭ରୁ ଅକ୍ଟୋବର ୬ ପର୍ଯ୍ୟନ୍ତ ରବିବାର ଓ ବୁଧବାର ବ୍ୟତୀତ ଏହି ଅଭିଯାନ ପ୍ରତ୍ୟେକ ଘରକୁ ଘର ବୁଲି କୌଣସି ଚର୍ମରେ ଚିକ୍କଣ ଓ ବଧିରା ଲାଗିବା ଲକ୍ଷଣ ସମ୍ପର୍କରେ ଅନୁଧ୍ୟାନ କରିବେ। କୁଷ୍ଠ ରୋଗର ଲକ୍ଷଣ ପରିପ୍ରକାଶ ହୁଏ ତେବେ ଏମଡିଟି ଔଷଧ ମାଧ୍ୟମରେ ମାତ୍ର ୬ରୁ ୧ ବର୍ଷ ମଧ୍ୟରେ ଜଣେ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ପାରିବ ବୋଲି ମହାନ୍ତି ସୂଚନା ଦେଇଥିଲେ। ଜିଲା ମ୍ୟାଲେରିଆ ଅଧିକାରୀ ପ୍ରଣତି ନାୟକ ବିସ୍ତୃତ ସୂଚନା ଦେଇ ପ୍ରଚାର ପ୍ରସାର ପାଇଁ ପୋଷ୍ଟର ଇତ୍ୟାଦି ବ୍ୟବସ୍ଥା, ଅକ୍ଟୋବର ୨ରେ ଗ୍ରାମସଭାରେ ଆଲୋଚନା, ଲୋକ ପ୍ରତିନିଧିମାନଙ୍କୁ ଅବଗତ ସହ ଆଶା ଓ ଅଙ୍ଗନବାଡି କର୍ମୀମାନଙ୍କୁ ତାଲିମ ପ୍ରଦାନ କରାଯାଇଛି ବୋଲି ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ରୁଦ୍ରପ୍ରତାପ କର, କୁଷ୍ଠରୋଗ ନିରାକରଣ ପରାମର୍ଶଦାତା ଡା. ଅମରେନ୍ଦ୍ର ମହାପାତ୍ର, ଡିଏସଡବ୍ଲୁଓ ଅମିତା ମିଶ୍ର, ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜନସ୍ୱାସ୍ଥ୍ୟ ବିଭାଗ ଏସଡିଓ ଅବନୀଚରଣ ଖୁଣ୍ଟିଆ, ଡିପିଏମ ଚିନ୍ମୟ ବରାଳ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ସଂକ୍ଷେପରେ

### 'ସେବା ମନୋଭାବ ନେଇ କାମ କର'

**ପୁରୀ ଅଫିସ, ୨୪।୯:** ବିଭିନ୍ନ କଲେଜ ଏବଂ ବିଶ୍ୱବିଦ୍ୟାଳୟରେ ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍)ର ୫୦ତମ ପ୍ରତିଷ୍ଠା ଦିବସ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏନ୍‌ଏସ୍‌ଏସ୍‌ର ସ୍ୱେଚ୍ଛାସେବୀମାନେ କ୍ୟାମ୍ପସ ସଫେଇ, ଚାରା ରୋପଣ ଆଦି କାର୍ଯ୍ୟକ୍ରମ କରିଥିଲେ। ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ଏନ୍‌ଏସଏସ ପ୍ରୋଗ୍ରାମ ଅଫିସର ଅଧାପକ ଦେବାଶିଷ ତ୍ରିପାଠୀଙ୍କ ନେତୃତ୍ୱରେ ଶତାଧିକ ଛାତ୍ରୀଛାତ୍ର କ୍ୟାମ୍ପସ ପରିସରରୁ ଏକ ଶୋଭାଯାତ୍ରାରେ ବାହାରି ଜି.ଏମ. ଆଇନ ମହାବିଦ୍ୟାଳୟ ନିକଟସ୍ଥ ସେବା ବସ୍ତିରେ ସେବା କାର୍ଯ୍ୟ ସମେତ ପ୍ଲାଷ୍ଟିକ ଓ ପଲିଥିନ ବର୍ଜନ ଲାଗି ଆହ୍ୱାନ ଦେଇଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ସ୍ନାତକୋତ୍ତର ପରିଷଦର ଅଧକ୍ଷ ପ୍ରଫେସର ହରିହର ହୋତା, ପ୍ରଫେସର ପ୍ରଭାତ ରଞ୍ଜନ ମହାପାତ୍ର, ଡ. ବସନ୍ତ କୁମାର ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ସେବା ମନୋଭାବ ନେଇ କାମ କରିବାକୁ ପରାମର୍ଶ ଦେଇଥିଲେ। ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ ଜୁନିୟର ଓ ଯୁକ୍ତ ୩ କଲେଜରେ ଏନ୍‌ଏସ୍‌ଏସ୍ ଦିବସ ପାଳିତ ହୋଇଯାଇଛି। ଯୁକ୍ତ ୩ ପ୍ରୋଗ୍ରାମ ଅଫିସର ଅଧାପକ ଗୌତମ ସେଠୀଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନେ କ୍ୟାମ୍ପସରେ ସଫେଇ କରିଥିଲେ। କଲେଜ ଅଧକ୍ଷ ପ୍ରଫେସର ଲକ୍ଷ୍ମୀଧର ମିଶ୍ର ଏନଏସଏସ୍ ଜାତୀୟ ପତାକା ଉତ୍ତୋଳନ କରି ଛାତ୍ରୀଛାତ୍ରଙ୍କୁ ସମାଜ ସେବାରେ ବ୍ରତୀ ହେବାକୁ କହିଥିଲେ। ଜୁନିୟର କଲେଜ ପ୍ରୋଗ୍ରାମ ଅଫିସର ଅଧାପିକା ଇନ୍ଦିରା ପଣ୍ଡାଙ୍କ ସଂଯୋଜନାରେ ଛାତ୍ରୀଛାତ୍ରମାନେ ଏନ୍‌ଏସଏସ୍ ଦିବସ ପାଳନ କରିଥିଲେ।

# ବେଦ ମାନବ ସମାଜର କଲ୍ୟାଣ ଲାଗି ଉଦ୍ଦିଷ୍ଟ

## ବେଦ ଜ୍ଞାନ ସପ୍ତାହ ଉଦ୍‌ଯାପିତ

ପୁରୀ ଅଫିସ, ୨୪।୯

ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ମହର୍ଷି ସାନ୍ଦୀପନି ରାଷ୍ଟ୍ରୀୟ ବେଦ ବିଦ୍ୟା ପ୍ରତିଷ୍ଠାନ ସହଯୋଗରେ ଚାଲିଥିବା ବେଦ ଜ୍ଞାନ ସପ୍ତାହ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ବୈଦିକ ମନୋବିଜ୍ଞାନ ଶୀର୍ଷକ ଆଲୋଚନାଚକ୍ରରେ ଯୋଗଦେଇ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ରାଧାମାଧବ ଦାଶ କହିଲେ, ବେଦ ମାନବ ସମାଜର କଲ୍ୟାଣ ଲାଗି ଉଦ୍ଦିଷ୍ଟ। ଉତ୍କଳ ବିଶ୍ୱବିଦ୍ୟାଳୟର ସଂସ୍କୃତ ବିଭାଗର ପୂର୍ବତନ ଅଧକ୍ଷ ପ୍ରଫେସର ଗୋପାଳକୃଷ୍ଣ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ବୈଦିକ ମନୋବିଜ୍ଞାନ ସମ୍ପର୍କରେ ସାରଗର୍ଭକ ମନ୍ତବ୍ୟ ପ୍ରଦାନ କରିଥିଲେ। ପ୍ରଫେସର ଦିବାକର ମହାପାତ୍ର, ବିଶ୍ୱବିଦ୍ୟାଳୟ କୁଳସଚିବ ଡ. ସଚ୍ଚିଦାନନ୍ଦ ମହାପାତ୍ର, ପ୍ରଫେସର କମଳେଶ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ବେଦ ଜ୍ଞାନ ସପ୍ତାହ କାର୍ଯ୍ୟକ୍ରମର ସଂଯୋଜିକା ଅଧାପିକା ପରାମ୍ବା ଯୋଗାମାୟା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ କହିଲେ, ସମାଜରେ ସମସ୍ତ ବର୍ଗର ଲୋକଙ୍କ ପାଖରେ ବେଦ ବିଦ୍ୟାର ଉପଯୋଗିତା ତଥା ବେଦର ବାଣୀ ପହଞ୍ଚାଇବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ। ଏହି ଅବସରରେ ପ୍ରଫେସର ଦିବାକର ମହାପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହିତ ବୈଦିକ ସୂକ୍ତ ପାଠ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସପ୍ତାହ ବ୍ୟାପୀ ଚାଲିଥିବା ଏହି କାର୍ଯ୍ୟକ୍ରମ ବିଶ୍ୱବିଦ୍ୟାଳୟରୁ ଆରମ୍ଭ ହୋଇ ସ୍ଥାନୀୟ ଗୁରୁକୁଳ ବେଦ ପାଠଶାଳା, ସରକାରୀ ମହିଳା ମହାବିଦ୍ୟାଳୟ, ପାପୁଡିଆ ମଠ, ରାଷ୍ଟ୍ରୀୟ ସଂସ୍କୃତ ବିଦ୍ୟାପୀଠ, ସଦାଶିବ ପରିସର, ଦିବ୍ୟଧାମ ଯୋଗାଶ୍ରମ ପ୍ରଭୃତି ସ୍ଥାନରେ ଆୟୋଜିତ ହୋଇ ସୋମବାର ବିଶ୍ୱବିଦ୍ୟାଳୟରେ ସମାପ୍ତ ହୋଇଛି।

ଏହି ଅବସରରେ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପରିସରରୁ ଚକ୍ରତୀର୍ଥ ରୋଡ୍‌ସ୍ଥିତ ଦିବ୍ୟଧାମ ଯୋଗାଶ୍ରମ ପର୍ଯ୍ୟନ୍ତ ବିଶ୍ୱ କଲ୍ୟାଣ ନିମିତ୍ତ ଉଦ୍ଦିଷ୍ଟ ବେଦ ବାଣୀର ଓଡ଼ିଆ ଅନୁବାଦ କରି ହାତରେ ପ୍ଲାକାର୍ଡ ଧରି ଶୋଭାଯାତ୍ରାରେ ବାହାରି ଭଗବତ୍ ଚେତନାର ଜାଗରଣ ସୃଷ୍ଟି କରିଥିଲେ। ବେଦରେ ବିଜ୍ଞାନ ବିଷୟକୁ ନେଇ ଏକ ଚିତ୍ର ପ୍ରଦର୍ଶନୀ ବେଦ ବିଭାଗରେ ଆୟୋଜିତ ହୋଇଥିଲା।

# ଭାଜପା ମହିଳା ମୋର୍ଚ୍ଚା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ଉଦ୍‌ଘାଟିତ

ପୁରୀ ଅଫିସ, ୨୪।୯



ଭାଜପା ମହିଳା ମୋର୍ଚ୍ଚା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସମାବେଶ।

ପୁରୀରେ ସୋମବାରଠାରୁ ଆରମ୍ଭ ହୋଇଛି ଦୁଇଦିନିଆ ଭାଜପା ମହିଳା ମୋର୍ଚ୍ଚା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ। ହୋଟେଲ ଗୋଲ୍‌ଡେନ ପ୍ୟାଲେସରେ ଏହାକୁ ରାଷ୍ଟ୍ରୀୟ ଅଧକ୍ଷ ଅମିତ ଶାହ ଉଦ୍‌ଘାଟନ କରିଛନ୍ତି। ଏହି ସମ୍ମିଳନୀରେ ସମଗ୍ର ଦେଶରୁ ୨୧୦ କାର୍ଯ୍ୟକାରିଣୀ ସଦସ୍ୟ ଯୋଗଦେଇଛନ୍ତି। ମହିଳା ମୋର୍ଚ୍ଚାର ଆଗାମୀ କାର୍ଯ୍ୟପନ୍ଥା ନେଇ ଏଥିରେ ଆଲୋଚନା କରାଯାଇଛି। ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଯାପିତ ହେବ। ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ମହିଳା ମୋର୍ଚ୍ଚା ରାଷ୍ଟ୍ରୀୟ ସଭାପତି ବିଜୟା ରାହାଟ୍‌କର ଗଣମାଧମକୁ କାର୍ଯ୍ୟକାରିଣୀରେ ଶାହ ଦେଇଥିବା ଭାଷଣ ସମ୍ପର୍କରେ କହିଥିଲେ ଯେ, ବର୍ତ୍ତମାନ ୧୯ଟି ରାଜ୍ୟରେ ଭାଜପା ସରକାର ରହିଛି। ୧୫ ଜଣ ମୁଖ୍ୟମନ୍ତ୍ରୀ ରହିଛନ୍ତି। ୧୦ ଜଣ ସଦସ୍ୟ ନେଇ ଆରମ୍ଭ ହୋଇଥିବା ଭାଜପାରେ ଏବେ ୧୧ କୋଟି ସଦସ୍ୟ ଅଛନ୍ତି। ଭାଜପାକୁ କୌଣସି ଶକ୍ତି ହରାଇବା ଅସମ୍ଭବ। ୨୦୧୯ ନିର୍ବାଚନ ଭାଜପା ବିଚାରଧାରାକୁ ନେଇ ଲଢ଼ିବ। କିନ୍ତୁ ବିପକ୍ଷମାନେ ନିଜର ଅସ୍ତିତ୍ୱ ପାଇଁ ଲଢେଇ କରିବେ। ଏହି ଯେଉଁ ସମ୍ମିଳନୀ ହୋଇଛି ଏହା ବହୁତ ଭଲ ହୋଇଥିବାରୁ ଶାହ ଧନ୍ୟବାଦ ଦେଇଛନ୍ତି। ମହିଳା ସଂରକ୍ଷଣ ବିଲ୍ ପାରିତ କରାଇବା ପାଇଁ ଭାଜପାର ଆଭିମୁଖ୍ୟ ସମ୍ପର୍କରେ ସେ କହିଥିଲେ ଯେ, ଭାଜପା ମହିଳାଙ୍କ କଲ୍ୟାଣ ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରିଛି। ମହିଳା ସଂରକ୍ଷଣ ପ୍ରସ୍ତାବ ଭାଜପା ହିଁ ଉଠାଇଥିଲା। କିନ୍ତୁ ବିରୋଧ ଯୋଗୁ ତାହା ହୋଇପାରି ନ ଥିଲା। ବର୍ତ୍ତମାନ ଉଭୟ ସଦନରେ ବହୁମତ ନାହିଁ। କିନ୍ତୁ ଏଥିପ୍ରତି ଭାଜପା ସଚେତନ ରହିଛି। ଆଗାମୀ ନିର୍ବାଚନରେ ଅଧିକ ସିଟ୍‌ରେ କିପରି ମହିଳାମାନେ ଲଢ଼ିପାରିବେ ସେନେଇ ଦଳ ଧ୍ୟାନ ଦେବ ବୋଲି ସେ କହିଥିଲେ। ଖବରଦାତା ସମ୍ମିଳନୀରେ ଭାଜପା ମହିଳା ମୋର୍ଚ୍ଚା ରାଜ୍ୟ ସଭାପତି ପ୍ରଭାତୀ ପରିଡ଼ା ଉପସ୍ଥିତ ଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚାପା ଉପରେ ଚାପା**
**ଅଜୀର୍ଣ୍ଣରେ ବାପା ।**

ଖାଦ୍ୟଲୋଭୀ ବ୍ୟକ୍ତି ଯେତେ ପେଟ ପୂରାଇ ଖାଇଲେ ମଧ ଆହୁରି ଖାଇବା ପାଇଁ ମନ ବଳାଇଥାନ୍ତି। ଅତ୍ୟଧିକ ଖାଦ୍ୟ ଗ୍ରହଣ କରିବା ସ୍ୱାସ୍ଥ୍ୟପକ୍ଷେ କ୍ଷତିକାର ହେଉଥିବା ଜାଣି ମଧ ଏପରି ଖାଦ୍ୟଲୋଭୀ ବ୍ୟକ୍ତି ନିଜ ଖାଦ୍ୟ ଉପରେ ନିୟନ୍ତ୍ରଣ ରଖିପାରି ନ ଥାନ୍ତି। ଖାଦ୍ୟ ହଜମ ନ ହୋଇ ଅତ୍ୟଧିକ ଖାଦ୍ୟ ଗ୍ରହଣ କଲେ ଅଜୀର୍ଣ୍ଣ ହେବା ସୁନିଶ୍ଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଚଟକୀ ରାଧା**
**ଘଇତାକୁ ଡାକୁ ଦଦା ଦଦା !**

ସାଧାରଣତଃ ମହିଳାମାନେ ନିଜର ସଠିକ୍ ବୟସ ଅନ୍ୟ ଆଗରେ ପ୍ରକାଶ କରିବାକୁ କୁଣ୍ଠିତ ହୋଇଥାନ୍ତି। ବୟସ ଯେତେ ଅଧିକ ହୋଇଥିଲେ ମଧ ତାହାକୁ କମ୍ କରି କହିବା ସେମାନଙ୍କ ପ୍ରକୃତିଗତ ଅଭ୍ୟାସ ହୋଇଥାଏ। ମହିଳାମାନଙ୍କର ଏପରି ବୟସ ଲୁଚାଇବାର ମାନସିକତାକୁ ଲକ୍ଷ୍ୟରେ ରଖି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ସୂଚନା ଅଧିକାର କର୍ମୀଙ୍କୁ ପୋଲିସର ମାଡ଼

**ପୁରୀ ଅଫିସ,୨୪।୯:** ଏକ ଦଳିତ ପରିବାରକୁ ନ୍ୟାୟ ପ୍ରଦାନ ଲାଗି ସଦର ଥାନାକୁ ଯାଇଥିବା ସୂଚନା ଅଧିକାର କର୍ମୀ ଲୋକନାଥ ନାୟକଙ୍କୁ ସଦର ଥାନାର ଜଣେ ଏଏସ୍‌ଆଇ ମାଡ଼ ମାରିଥିବା ସୋମବାର ଏସ୍‌ପିଙ୍କ ନିକଟରେ ଅଭିଯୋଗ ହୋଇଛି। ଲୋକନାଥ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ପୁରୀ ସଦର ବ୍ଲକ ଅନ୍ତର୍ଗତ ଗୋପୀନାଥ ପାଟଣାର କେତେକ ଦଳିତ ପରିବାରକୁ କେତେଜଣ ସବର୍ଣ୍ଣ ଜାତିର ଲୋକେ ମରଣାନ୍ତକ ଆକ୍ରମଣ କରିଥିଲେ। ଆକ୍ରମଣର ଶିକାର ହୋଇଥିବା ପରିବାର ଲୋକେ ରବିବାର ସଦର ଥାନାକୁ ଅଭିଯୋଗ କରିବାକୁ ଯାଇଥିଲେ। ଖବର ପାଇ ସୂଚନା ଅଧିକାର କର୍ମୀ ଲୋକନାଥ ଥାନାକୁ ଯାଇଥିଲେ। ସେହି ସମୟରେ ଥାନାରେ ଉପସ୍ଥିତ ଥିବା ଜଣେ ଏଏସ୍‌ଆଇ ତାଙ୍କୁ ଅଶାଳୀନ ଭାଷାରେ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଅନ୍ୟପଟେ ପୁରୀ ଜିଲା ସୂଚନା ଅଧିକାର ଅଭିଯାନର ସଂଯୋଜକ ଆଇନଜୀବୀ ଚିନ୍ମୟ ଦାଶ ସମ୍ପୃକ୍ତ ପୋଲିସ ଏଏସ୍‌ଆଇଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏ ନେଇ କୌଣସି ପଦକ୍ଷେପ ଗ୍ରହଣ କରା ନ ଗଲେ ସୂଚନା ଅଧିକାର କର୍ମୀମାନେ ରାସ୍ତାକୁ ଓହ୍ଲାଇବାକୁ ବାଧ ହେବେ ବୋଲି ସେ କହିଛନ୍ତି। ଏ ନେଇ ସଦର ଥାନା ଅଧିକାରୀ ଗୌରାଙ୍ଗ ଚରଣ ପୃଷ୍ଟିଙ୍କ ମତାମତ ମିଳିପାରିନାହିଁ।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

SPOT ADMISSION
B.Ed
CT(D.EL.Ed) & M.Ed
Admission Closing Soon
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

Get Instant Cash Against Gold
Gold Cash
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

FLY ASH BRICKS MACHINE
DEALERS REQUIRED ALL OVER ODISHA
M/s Rashmi Enterprises Rourkela Bisra
CONTACT
7749095348, 8249919890

SMS JOBS DHAMAKA
(PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167
9973805993

ଦୀପାବଳି ଧମାକା
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ।
CAPITAL SMALL FINANCE LIMITED
ପଞ୍ଜୀକରଣ ନଂ. KA76108CH8928
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ବ୍ୟବସାୟ ସବୁ ଋଣ 24ରୁ 48 ଘଣ୍ଟାରେ ଘରେ ବସି 2% ସୁଧ, 40% ରିହାତି।
D-244, Tejendra Nagar, Zundal, Zundal-382421, Tal.- Gandhinagar, Dist- Gandhinagar
MOB +91 8126993527
+91 8126673652
ଠକମାନଙ୍କ ପ୍ରତି ସାବଧାନ

BUSINESS
ବଂଶଲ ଗ୍ରୁପ୍ ଦ୍ୱାରା ନିଜର ଖାଲି ଜମି, ଛାତ, ପ୍ଲଟ୍ ଉପରେ ଡିଜିଟାଲ ଓ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। 60 ଲକ୍ଷ ଅଗ୍ରିମ, ଭଡ଼ା 40 ହଜାର।
ଦ୍ରଷ୍ଟବ୍ୟ: ଉପକରଣ ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି।
CONTACT 86979-80580
95578-79781

BARSHA FINANCE
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ସମସ୍ତ ପ୍ରକାର ଲୋନ୍ ନେଇପାରିବେ। ପର୍ସନାଲ, ବିଜ୍‌ନେସ, ଶିକ୍ଷା, ହୋମ୍, କୃଷି ଓ ପଶୁପାଳନ। ୨% ସୁଧରେ ବର୍ଷା ଫାଇନାନ୍ସ ଲୋନ୍ ଯୋଗାଇ ଦେଉଛି।
M: 8337960856, 8337960833

Dhanlaxmi Finance Services
ଓଡ଼ିଶା ସରକାରଙ୍କ ଦ୍ୱାରା ପଞ୍ଜୀକୃତ (Reg No.- od5348dh45)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଏବଂ ସବୁ ପ୍ରକାର ଋଣ 72 ଘଣ୍ଟାରେ ପାଆନ୍ତୁ । (1 ଲକ୍ଷରୁ 5 କୋଟି ପର୍ଯ୍ୟନ୍ତ) 1% ସୁଧ, 40% ରିହାତି।
74/8, Taaran, Punjab
dhanlaxmifin1991@gmail.com
Call Now: 09193648126

ମୋବାଇଲ ଉପକରଣ
ଆୟନୀ ଗ୍ରୁପ୍ ଭାରତର ସର୍ବପ୍ରଥମ କମ୍ପାନୀ (ରେଜି. odi577407) । ଖାଲି ଜମିରେ ଡିଜିଟାଲ ଉପକରଣ ଲଗାନ୍ତୁ। ଅଗ୍ରିମ 70,000,00 ଭଡ଼ା 50,000 + ଏକ ବାଇକ୍ + 1 ଲାପ୍‌ଟପ୍ ଫ୍ରି + ମାସିକ 60,000ର ଅନ୍ୟାନ୍ୟ ସୁବିଧା। (ଇଚ୍ଛୁକ ବ୍ୟକ୍ତି ନାମ-ଠିକଣା ଏସ୍‌ଏମ୍‌ଏସ୍/ଫୋନ୍ କରନ୍ତୁ)
9634734514
23/315, Block-23, Trilok Puri, Delhi

!! ଋଣ ଋଣ ଋଣ !!
ମହାରାଷ୍ଟ୍ର ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୯୦୦/-ରେ
୧00000-୯000000 ପର୍ଯ୍ୟନ୍ତ
0% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି ସମସ୍ତ ଋଣ ମାତ୍ର ୧ ଦିନରେ
Toll Free
18001214188
8556894339
Office Add.: 102, Dalamal House, 3rd Floor, Nariman Point, Mumbai

ଇନ୍‌ଫ୍ରା ଟେଲିକମ୍ ନେଟ୍‌ୱର୍କ କମ୍ପାନୀ
ଖାଲି ଜମି, ଚାଷଜମି, ଛାତ ଯେକୌଣସି ସ୍ଥାନରେ ନେଟ୍‌ୱର୍କ ଉପକରଣ ସ୍ଥାପନ କରନ୍ତୁ। ଅଗ୍ରିମ 30-90 ଲକ୍ଷ । ଭଡ଼ା - 30ରୁ 90 ହଜାର। ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଏବଂ ନେଟ୍‌ୱର୍କ ଉପକରଣ ସ୍ଥାପନ + ମାଗଣା ମୋବାଇଲ, ବାଇକ୍ + ମାସିକ 30,000 ର ଅନ୍ୟାନ୍ୟ ସୁବିଧାସୁଯୋଗ।
ନାମ ଓ ଠିକଣା ଦିଅନ୍ତୁ ତା'ପରେ ଆମେ ଆପଣଙ୍କୁ ସର୍ଭେ ଫଳାଫଳ ଦେବୁ।
Address:- Head Office
G-79 Aadrsh Nagar Krolbagh Delhi
Contact: 8009586581, 8881393751

DOORSANCHAR YOJNA
(A GOVT. APPROVED)
ସରକାରୀ ଯୋଜନାରେ ଅନ୍ତର୍ଗତ ଯାନ୍ତ୍ରିକ ଉପକରଣ ଗୁଡିକ ନିଜର ପ୍ଲଟ୍, କ୍ଷେତ, ଛାତ ଉପରେ ଶତ ପ୍ରତିଶତ ଗ୍ୟାରେଣ୍ଟେଡ୍ ଶୀଘ୍ର ଲଗାନ୍ତୁ
ଭଡା- ୧୨୦୦୦୦/- + ଆଡଭାନ୍ସ- ୧ କୋଟି ୨୦ ଲକ୍ଷ + କୋର୍ଟ ଏଗ୍ରିମେଣ୍ଟ
୨ ଚାକିରୀ + ରହିବା + ଖାଇବା Free
Office No.413, Commercial Complex, Paschim Vihar, New Delhi-64
08076675193
08700152155

ASHOKA FINANCE
ଫାଇନାନ୍ସ
ସରକାରୀ ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୧୩୮୦ରେ (୧-୯୦ ଲକ୍ଷ) ପର୍ଯ୍ୟନ୍ତ 0% ସୁଧ, ୬0% ରିହାତି। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଏଗ୍ରିକଲ୍‌ଚର, ରାଶନକାର୍ଡ, ଆଧାର କାର୍ଡ ସମସ୍ତ ଋଣ ୪୮ ଘଣ୍ଟାରେ।
H-33, Aroda, G. Noida, Delhi
8743042068
7900883466

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ
ସ୍ପେଶାଲିଷ୍ଟ: ବଶୀକରଣ ଓ ମୂଠକରଣୀ
ବାବା ଆଲାମ ଖାନ
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

FINANCE
ନବରାତ୍ର ଋଣ ଧମାକା । ଭାରତର ସବୁଠାରୁ ବଡ କମ୍ପାନୀ Kuber Finance ୧୨ଘଣ୍ଟା ମଧ୍ୟରେ ଯୋଗାଇ ଦେଉଛି 2% ବାର୍ଷିକ ସୁଧରେ ମାର୍କଶିଟ, ଆଧାରକାର୍ଡ, ପ୍ରପର୍ଟି, ବ୍ୟବସାୟ, ପ୍ରୋଜେକ୍ଟ ଋଣ ।
*ମହିଳା ଓ ଛାତ୍ରୀଛାତ୍ରଙ୍କ ପାଇଁ ସ୍ୱତନ୍ତ୍ର 50% ରିହାତି ।*
ଅନଲାଇନ ଠକେଇ ପ୍ରତି ସାବଧାନ।
9634685376
7895118679

ଫାଇନାନ୍ସ
ଓଡ଼ିଶା ଫାଇନାନ୍ସ ଭାରତୀୟ ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ସରକାରୀ ଜନକଲ୍ୟାଣ ଯୋଜନା ଦ୍ୱାରା ସବୁ ପ୍ରକାର ଋଣ ମାର୍କଶିଟ୍, ପ୍ରପର୍ଟି, ଆଧାର କାର୍ଡ, ପର୍ସନାଲ, କୃଷି, ରାଶନକାର୍ଡ ସମସ୍ତ ଋଣ ୪୦% ସବ୍‌ସିଡି, ୨% ସୁଧ।
(ଟଙ୍କା ନେଉନାହୁଁ, ଧୋକା ଦେଉନାହୁଁ)
9193648143
9193648156
Koharaulia, Liladewa, Sonbhadra Yogichaura, Uttar Pradesh, 231222

Urbasi Oil & Capsules
ନାରୀର ସୌନ୍ଦର୍ଯ୍ୟତା ପାଇଁ ବ୍ୟବହାର କରନ୍ତୁ।
Bhaskar's semegra (Oil & Capsules)
ଶକ୍ତି ବଢ଼ାଇ ଉତ୍ତେଜନା ଆଣି ମସ୍ତିରେ ରଖେ
ସବୁଠାରୁ ଉତ୍ତମ ଓ ସବୁଠାରୁ ଶସ୍ତା
60 Capsul only Rs. 270/-
ସମସ୍ତ ଔଷଧ ଦୋକାନରେ ଉପଲବ୍ଧ।
Stockist-Odisha Drug Distributor
Cell: 7873239883

ଠକମାନଙ୍କ ପ୍ରତି ସାବଧାନ
ନଂ.1 Govt. Approved Vision Group ଦ୍ୱାରା ଆପଣଙ୍କ ଖାଲି ଜମି, ପ୍ଲଟ୍‌ରେ ଡିଜିଟାଲ ଉପକରଣ ଲଗାନ୍ତୁ ମାତ୍ର 7 ଦିନରେ ଏବଂ ପାଆନ୍ତୁ: ଭଡ଼ା- 60,000/-, ଅଗ୍ରିମ- 45 ଲକ୍ଷ। ସିଧାସଳଖ କମ୍ପାନୀ ସହ ଯୋଗାଯୋଗ କରନ୍ତୁ।
ପୂଜା ବର୍ମା।
7526990563
A-65 - Anoop Nagar, Block-A, Bindapur, Indore

Ambujha Group
Govt. Registered Gold Medalist
କମ୍ପାନୀ ଦ୍ୱାରା ନିଜ ଖାଲି ଜମି, ଛାତ, ପ୍ଲଟ୍‌ରେ ସବୁ କମ୍ପାନୀର ଡିଜିଟାଲ୍ ଉପକରଣ ଲଗାନ୍ତୁ। ଅଗ୍ରିମ ୨0 ଲକ୍ଷ, ଭଡ଼ା - 45,000/- + ବାଇକ୍ ଓ ଅନ୍ୟାନ୍ୟ ସୁବିଧା ପାଆନ୍ତୁ ।
9671892171
7060089488
WZ-94B, TF, Gali No.3, Guru Nanak Nagar, Delhi

FINANCE
କମ ସୁଧ ଆକର୍ଷଣୀୟ ଛାଡ
Maa mangalam Finance
ସମସ୍ତ ଋଣ ୩ରୁ ୬ ଦିନ ମଧ୍ୟରେ ଘରେ ବସି ପାଆନ୍ତୁ । ଉଦ୍ୟୋଗ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ ଋଣ ଉପଲବ୍ଧ । ୩୦ହଜାର ପର୍ଯ୍ୟନ୍ତ ମହିଳାଙ୍କ ଗ୍ରାହକଙ୍କ ପାଇଁ ବିଶେଷ ଛାଡ । (ସର୍ତ୍ତାବଳୀ ଲାଗୁ)
E-36, Ground Floor, Krishna Apartment Boring Rd, Patna-24
9546657102

SMS JOB
କମ୍ପାନୀରେ SMS JOB କରି Part/Full Time ଘରେବସି ଶିକ୍ଷିତ ବେରୋଜଗାର ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ ।
କମ୍ପାନୀ ଦ୍ୱାରା Mobile+Laptop+ Bike + ୫୦୦୦୦ର ଉପହାର FREE
ନିଜର ନାମ, ଠିକଣା ଓ ଯୋଗ୍ୟତା SMS/CALL କରନ୍ତୁ
09631847145
09006905977

FINANCE
ଭାରତ ସରକାର ରେଜିଷ୍ଟ୍ରଡ କମ୍ପାନି 1980 ରୁ ଆପଣଙ୍କ ସେବାରେ
Regd. No : OD14813486
କରୁଛି କେବଳ ଆଧାରକାର୍ଡ, ପ୍ରପୋର୍ଟି, ମାର୍କସିଟ୍, ପର୍ସନାଲ୍, ହୋମ, ଜମି, ଏଜୁକେସନ୍, ବିଜ୍‌ନେସ୍, ଲଘୁ ଉଦ୍ୟୋଗ ପାଇଁ ସମସ୍ତ ଋଣ ଘରେ ବସି ମାତ୍ର ୨୪ଘଣ୍ଟାରେ 1% ସୁଧ 40% ରିହାତି
ବିଦ୍ୟାର୍ଥୀ ମାନଙ୍କୁ ସମ୍ପୂର୍ଣ୍ଣ ଅଗ୍ରାଧିକାର।
ଅଧିକ ବିବରଣୀ ପାଇଁ ସମ୍ପର୍କ କରନ୍ତୁ
31 UA, Bangalow Road, Kamla Nagar, New Delhi
7751976559

FINANCE
P.M.J.S.Y ସମସ୍ତ ଆଧାରକାର୍ଡ ଧାରକମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ ସୁଧରେ ସବୁ ପ୍ରକାର ଋଣ ଯୋଗାଇ ଦେଉଛି । ଋଣ ପଇସା ୪୮ ଘଣ୍ଟା ଭିତରେ ବ୍ୟାଙ୍କ ଆଉଣ୍ଟ ଖାତାରେ ଟ୍ରାନ୍ସଫର ହେବ । 30% ସବସିଡି ।
Ameerpt, Hyderabad
Pin- 5000106 (Telengana)
7787922501
7787907927
pmjansamridhi@gmail.com

LOAN
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ମାତ୍ର ବାର୍ଷିକ ୫% ସୁଧରେ ପର୍ସନାଲ, ବିଜନେସ, ମାର୍କସିଟ, କୃଷି ଓ ଗ୍ରୁପ ଲୋନ SAMPARK FINANCE ରୁ ନେଇପାରିବେ। ଡକୁମେଣ୍ଟ Email- fileodisha@gmail.com ରେ ପଠାଇ ପାରିବେ।
405 D, Shamalldas Gandhi Marg, Mumbai, Maharastra, India-400002
ଯୋଗାଯୋଗ-
7991052261
7991052595

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

BHARATI FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Business, Personal, Property, Home, କୃଷି, ଶିକ୍ଷା ଓ Marksheet ସମସ୍ତ ପ୍ରକାର Loan Bharati Finance ଯୋଗାଇ ଦେଉଛି। 2% ସୁଧ।
M : 7750921669
8337956019

ଟଙ୍କା ନେଉନାହୁଁ, ଧୋକା ଦେଉନାହୁଁ। ପ୍ରଥମେ କାମ ପରେ ଦାମ୍, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, ଆଧାରକାର୍ଡ, ରାଶନକାର୍ଡ, ଭେହିକିଲ୍, ବ୍ୟବସାୟ, ସମସ୍ତ ଋଣ 2% ସୁଧ, 40% ରିହାତି ଘରେ ବସି ଉପଲବ୍ଧ।
DHANLAXMI FINANCE
Ram Nagar, Narnel, Haryana
7310612716
7310613702

!! ବିନା ଗ୍ୟାରେଣ୍ଟର!!
ମହାବୀର ଫାଇନାନ୍ସ
ସ୍ୱରୋଜଗାର ପାଇଁ ଅଷ୍ଟମ/ଦଶମ ପାସ୍ ମହିଳା / ପୁରୁଷ
ମାର୍କଶିଟ୍, ବ୍ୟବସାୟ, ଦୋକାନୀ, ପ୍ରପର୍ଟି
2,00,000-25,00,000 ପର୍ଯ୍ୟନ୍ତ
1% ସୁଧ, 25% ରିହାତି
20 ବର୍ଷରେ ଫେରସ୍ତ
7292015349
8447083534
41/14, SECTOR-1, PUSHP VIHAR, DELHI-110017


**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ସାପ କାମୁଡ଼ାରେ ଯୁବକ ମୃତ

**ପୋଲସରା,୨୪।୯(ଡି.ଏନ.ଏ.):** ପୋଲସରା ଏନଏସି ପାଟିଗଡ଼ ଗ୍ରାମର ଜଣେ ଯୁବକଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ସେ ହେଲେ ସୁର ସେଠୀ (୩୭)। ସୁର ସୋମବାର ନିଜ ଧାନ ଖେତ ଦେଖିବା ସମୟରେ ତାଙ୍କୁ ନାଗସାପ କାମୁଡ଼ି ଦେଇଥିଲା। ସେ ଚିତ୍କାର କରି ତଳେ ଟଳି ପଡ଼ିଥିଲେ। ଚିତ୍କାର ଶୁଣି ଆଖପାଖ ଲୋକେ ୧୦୮ ଆମ୍ବୁଲାନ୍ସ ଯୋଗେ ପୋଲସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିବା ପରିବାର ପକ୍ଷରୁ ସୂଚନା ମିଳିଛି।

### ମାଙ୍କଡ଼ କାମୁଡ଼ାରେ ୨ ଆହତ

**ହିଞ୍ଜିଳିକାଟୁ,୨୪।୯(ଡି.ଏନ୍.ଏ.):** ହିଞ୍ଜିଳିକାଟୁ ବ୍ଲକ କଞ୍ଚୁରୁ ପଞ୍ଚାୟତ କଣ୍ଟେଇକୋଳି ଗ୍ରାମରେ ଗତ ୨ଦିନରେ ମାଙ୍କଡ଼ କାମୁଡ଼ାରେ ୨ଜଣ ଆହତ ହୋଇଛନ୍ତି। ରବିବାର ଗ୍ରାମର ଖଗେଇ ଗଉଡ଼ ଓ ସୋମବାର ନୟନୀ ଦାସ ମାଙ୍କଡ଼ କାମୁଡାରେ ଆହତ ହୋଇଥିଲେ। ଆହତମାନେ ପ୍ରଥମେ ହିଞ୍ଜିଳିକାଟୁ ଡାକ୍ତରଖାନା ଓ ପରେ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ଚିକିତ୍ସା ପାଇଁ ଯାଇଛନ୍ତି। ସୂଚନାଯୋଗ୍ୟ, ଗତ ଦେଢ଼ ମାସ ହେଲା କଣ୍ଟେଇକୋଳି ଓ କଞ୍ଚୁରୁରେ ମାଙ୍କଡ଼ ଆତଙ୍କ ଦେଖାଦେଇଛି। ଗତ ମାସରେ ମାଙ୍କଡ଼ କାମୁଡ଼ାରେ କଣ୍ଟେଇକୋଳି ଗ୍ରାମର ୯ଜଣ ଆହତ ହୋଇଥିଲେ। ଏ ନେଇ ହିଞ୍ଜିଳିକାଟୁ ବନ ବିଭାଗ ବିଟ ହାଉସର ଭାରପ୍ରାପ୍ତ ଅଧିକାରୀ କମଳ ପାତ୍ରଙ୍କ ପାଖରେ କୌଣସି ଅଭିଯୋଗ ହୋଇ ନ ଥିବା ସେ କହିଛନ୍ତି। ଜିଲାପାଳ ଓ ବନ ବିଭାଗ ଉପରିସ୍ଥ ଅଧିକାରୀଙ୍କ ସହ ଯୋଗାଯୋଗ କରି ମାଙ୍କଡ଼କୁ କାବୁ କରିବା ପାଇଁ ଉଦ୍ୟମ କରାଯିବ ବୋଲି ବିଡ଼ିଓ ପ୍ରସନ୍ନ କୁମାର ପାତ୍ର କହିଛନ୍ତି।

### ବୁଧବାର ଯାଏ ବଢ଼ିଲା ଓକିଲଙ୍କ ଆନ୍ଦୋଳନ

**ଆସିକା,୨୪।୯ (ଡି.ଏନ୍.ଏ.):** କଟକରେ ଆଇନଜୀବୀଙ୍କୁ ଆକ୍ରମଣ କରିଥିବା ପୋଲିସ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଓ ଗିରଫ ଦାବି ନେଇ ୨୯ ତାରିଖରୁ ରାଜ୍ୟବ୍ୟାପୀ ଓକିଲଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଚାଲିଛି। ଏଭଳି ପରିସ୍ଥିତିରେ ସୋମବାର ଓକିଲ ସଂଘର ଏକ ବୈଠକରେ ଏହି ଆନ୍ଦୋଳନକୁ ପୁଣି ବୁଧବାର ପର୍ଯ୍ୟନ୍ତ ଚାଲୁ ରଖିବା ଲାଗି ନିଷ୍ପତ୍ତି ନିଆଯାଇଥିବା ସଂଘର ସଭାପତି ସୁରେନ୍ଦ୍ର ନାଥ ପଣ୍ଡା କହିଛନ୍ତି। ସରକାର ଓକିଲ ମାନଙ୍କ ଦାବି ନ ଶୁଣିଲେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ସେ କହିଛନ୍ତି।

### କ୍ଲଷ୍ଟରସ୍ତରୀୟ ସମ୍ବର୍ଦ୍ଧନା ଉତ୍ସବ



**ଟିକିଟି,୨୪।୯(ଡି.ଏନ.ଏ.):** ଟିକିଟି ବ୍ଲକ ଗିରିସୋଲା ଗ୍ରାମସ୍ଥିତ ମଦନମୋହନ ନୋଡାଲ ବିଦ୍ୟାଳୟ ପରିସରରେ ରବିବାର କ୍ଲଷ୍ଟରସ୍ତରୀୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଟିକିଟି ବିଇଓ ଏ ରାଜେଶ୍ୱରୀ, ଏବିଇଓ ପ୍ରଭଞ୍ଜନ ପଣ୍ଡା, ଆର୍ତ୍ତତ୍ରାଣ ବେହେରା, ସୁନ୍ଦୁପୁର ଓ ଗିରିସୋଲା ସିଆରସିସି ରାଜକିଶୋର ପଣ୍ଡା ଓ ତ୍ରିଲୋଚନ ପ୍ରଧାନ ଉପସ୍ଥିତ ରହି ଗିରିସୋଲା କ୍ଲଷ୍ଟରରେ ନୂତନ ଭାବେ ନିଯୁକ୍ତି ହୋଇଥିବା ୯ କନିଷ୍ଠ ଶିକ୍ଷକଙ୍କୁ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏଥିସହ ଇ.ଜଗନ୍ନାଥପୁର ପ୍ରାଥମିକ ବିଦ୍ୟାଳୟକୁ ମୋ ସ୍କୁଲ କାର୍ଯ୍ୟକ୍ରମରେ ଅଧିକ ଆର୍ଥିକ ସହାୟତା ପ୍ରଦାନ କରିଥିବା ଏମ୍. ସତ୍ୟବତୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶିକ୍ଷକ ନରସିଂହ ପତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଫୁଲ୍ଲ କୁମାର ଜାନି ଧନ୍ୟବାଦ ଦେଇଥିଲେ। ପ୍ରଧାନଶିକ୍ଷକ ରଘୁନାଥ ଘଡେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ସହକାରୀ ଶିକ୍ଷକଙ୍କ ବିୟୋଗ

**ଜଗନ୍ନାଥପ୍ରସାଦ,୨୪।୯:** ଜଗନ୍ନାଥପ୍ରସାଦ ବ୍ଲକ ଲଣ୍ଡେଇହିଲର ସହକାରୀ ଶିକ୍ଷକ ସୀମାଞ୍ଚଳ ଗୌଡ଼ଙ୍କ ରବିବାର ହୃଦ୍‌ଘାତରେ ପରଲୋକ ହୋଇଛି। ତାଙ୍କ ମୃତ୍ୟୁରେ ଶିକ୍ଷକ ମହାସଂଘର ରାଜ୍ୟ ସମ୍ପାଦକ ବୁଲୁ ବେହେରା, ବ୍ଲକ ସଭାପତି ଶ୍ରୀନିବାସ ପ୍ରଧାନ, ଉପସଭାପତି ଦିଲୀପ କୁମାର ଦେଣ୍ଡ୍ରାଙ୍କ ସମେତ ବହୁ ଶିକ୍ଷୟିତ୍ରୀ ଶିକ୍ଷକ ଗଭୀର ଶୋକ ପ୍ରକାଶ କରିଛନ୍ତି। ମୃତ ସୀମାଞ୍ଚଳଙ୍କ ପରିବାରକୁ ପ୍ରଶାସନ ପକ୍ଷରୁ ୫୨ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଥିବା ରାଜ୍ୟ ସମ୍ପାଦକ କହିଛନ୍ତି। ତାଙ୍କ ପରିବାରର ଜଣକୁ ଚାକିରି ଏବଂ ସରକାରୀ ସହାୟତା ପ୍ରଦାନ କରିବାକୁ ମହାସଂଘ ଦାବି କରିଛି।



ଧରିତ୍ରୀ, ଓଡ଼ିଶା ପୋଷ୍ଟ ପକ୍ଷରୁ ଚାଲିଥିବା ପ୍ଲାଷ୍ଟିକ୍ ମୁକ୍ତ ଓଡ଼ିଶା ଅଭିଯାନରେ ସାଇ ଗୁରୁକୁଳ ଆବାସିକ ବିଦ୍ୟାଳୟ ଛାତ୍ରୀଛାତ୍ର ସାମିଲ ହୋଇଛନ୍ତି ।

# 'ଆମେ ଚାହୁଁ ପ୍ଲାଷ୍ଟିକ ମୁକ୍ତ ଓଡ଼ିଶା'

## ଧରିତ୍ରୀ, ଓଡ଼ିଶା ପୋଷ୍ଟ ଅଭିଯାନରେ ସାଇ ଗୁରୁକୁଳ ଛାତ୍ରୀଛାତ୍ର ସାମିଲ

**ଭଞ୍ଜନଗର,୨୪।୯(ଡି.ଏନ.ଏ.)**

ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ପକ୍ଷରୁ ଚାଲିଥିବା ପ୍ଲାଷ୍ଟିକ୍ ମୁକ୍ତ ଓଡ଼ିଶା ଅଭିଯାନରେ ଭଞ୍ଜନଗର ସାଇ ଗୁରୁକୁଳ ଆବାସିକ ବିଦ୍ୟାଳୟ ଛାତ୍ରୀଛାତ୍ର ସାମିଲ ହେବାପାଇଁ ସୋମବାର ନିଷ୍ପତ୍ତି ନେଇଛନ୍ତି। ଏ ନେଇ ବିଦ୍ୟାଳୟରେ 'ଆମେ ଚାହୁଁ ପ୍ଲାଷ୍ଟିକ ମୁକ୍ତ ଓଡ଼ିଶା' ଉପରେ ଏକ ଆଲୋଚନାଚକ୍ର ହୋଇଥିଲା । ଏଥିରେ ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ (ଡିଏଫଓ) ରାମସାମୀ ପି. ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ଲାଷ୍ଟିକ୍ ବ୍ୟବହାର ଦ୍ୱାରା ମନୁଷ୍ୟକୁ ହେଉଥିବା ରୋଗ ଏବଂ ପରିବେଶ ଉପରେ ପଡୁଥିବା ତାହାର କୁପ୍ରଭାବ ସମ୍ପର୍କରେ କହିଥିଲେ। ତେଣୁ ସାଇ ଗୁରୁକୁଳ ଛାତ୍ରୀଛାତ୍ରମାନେ ନିଜ ଅନୁଷ୍ଠାନକୁ ପ୍ରଥମେ ପ୍ଲାଷ୍ଟିକ ମୁକ୍ତ କରନ୍ତୁ। ଏହାପରେ ଗ୍ରାମ, ସହରକୁ ପ୍ଲାଷ୍ଟିକ୍ ମୁକ୍ତ କରିବା ପାଇଁ ଡିଏଫଓ ଆହ୍ୱାନ ଦେଇଥିଲେ । କବିସମ୍ରାଟ ଉପେନ୍ଦ୍ର ଭଞ୍ଜ କଲେଜ ଅଧ୍ୟକ୍ଷ ଡ.ନୀଳାଞ୍ଚଳ ମୁନି ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ଲାଷ୍ଟିକ୍ ବ୍ୟବହାରର କୁପ୍ରଭାବ ଉପରେ ସମସ୍ତେ ସଚେତନ ହେବାକୁ କହିଥିଲେ। ବିଦ୍ୟାଳୟର ଚେୟାରମ୍ୟାନ୍ ଅଜିତ୍ ଶତପଥୀ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ପରିବେଶ ସୁରକ୍ଷା ପାଇଁ ଧରିତ୍ରୀ ଏବଂ ଦୈନିକ ଇଂଲିଶ ଖବର କାଗଜ ଓଡ଼ିଶା ପୋଷ୍ଟ ପକ୍ଷରୁ ଯେଉଁ ଅଭିଯାନ ଚାଲିଛି ତାହା ସ୍ୱାଗତଯୋଗ୍ୟ ପଦକ୍ଷେପ। ଏଭଳି କାର୍ଯ୍ୟକ୍ରମ ଦ୍ୱାରା ଅନେକ ଲୋକେ ସଚେତନ ହୋଇପାରୁଛନ୍ତି। ବିଦ୍ୟାଳୟକୁ ସମ୍ପୂର୍ଣ୍ଣ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ଚେୟାରମ୍ୟାନ୍ ସଭାରେ ଘୋଷଣା କରିଥିଲେ। ଅବସରପ୍ରାପ୍ତ ବନ ବିଭାଗ କର୍ମଚାରୀ ଶୂଳପାଣି ଶତପଥୀ ସଭା ସଂଯୋଜନା କରିଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମନୋରଞ୍ଜନ ମିଶ୍ର, ଅବସରପ୍ରାପ୍ତ ଶିକ୍ଷକ ସୁବାସ ଚନ୍ଦ୍ର ପାଢ଼ୀ, ନିର୍ଦ୍ଦେଶକ ଗୌର ଚନ୍ଦ୍ର ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ନିର୍ଦ୍ଦେଶକ ସାନ୍ତନୁ କୁମାର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପୂର୍ବରୁ ବିଦ୍ୟାଳୟ ପରିସରରେ ଅତିଥିମାନଙ୍କ ଦ୍ୱାରା ଚାରାରୋପଣ ହୋଇଥିଲା ।

## ବିଜୁ ଯୁବ ବାହିନୀର ବାଇକ୍ ରାଲି

**ହିଞ୍ଜିଳିକାଟୁ,୨୪।୯(ଡି.ଏନ୍.ଏ.)**

ହିଞ୍ଜିଳିକାଟୁ ମ୍ୟୁନିସପାଲିଟିରେ ସମସ୍ତ ଅଞ୍ଚଳକୁ ବାହ୍ୟ ମଳମୁକ୍ତ କରି ସୁସ୍ଥ ପରିବେଶ ଗଠନ ପାଇଁ ସୋମବାର ବିଜୁ ଯୁବ ବାହିନୀ ପକ୍ଷରୁ ବାଇକ ରାଲିରେ ସଚେତନତା କରାଯାଇଛି। ପୂର୍ବାହ୍ନରେ ପୌର କାର୍ଯ୍ୟାଳୟ ପରିସରରେ ଯୁବ ବାହିନୀର ସ୍ୱେଚ୍ଛାସେବୀମାନେ ସହରକୁ ବାହ୍ୟ ମଳମୁକ୍ତ କରିବାକୁ ଶପଥ ପାଠ କରିଥିଲେ। ପରେ ବାଇକ ରାଲିକୁ ପୌର କାର୍ଯ୍ୟାଳୟ ନିକଟରେ ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ସଞ୍ଜୟ କୁମାର ପଣ୍ଡା ଓ ମ୍ୟୁନିସିପାଲିଟି କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଶୋକ କୁମାର ପଣ୍ଡା ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଯୁବ ବାହିନୀର ପପୁ ପଣ୍ଡା, ବିନାୟକ ପଟ୍ଟନାୟକ, ରିଙ୍କୁ ପଣ୍ଡା, ଅଜିତ ଗୌଡ଼, ପ୍ରମୁଖ ଭାଗ ନେଇଥିଲେ।

### ଆଇଆରଇର ଡ୍ରେଜିଂ ପ୍ରସଙ୍ଗ

## ଜିଲାପାଳଙ୍କୁ ଭେଟିଲେ ଲୋକେ

**ଛତ୍ରପୁର,୨୪।୯(ଡି.ଏନ.ଏ.)**

ଛତ୍ରପୁର ଉପକଣ୍ଠ ଆଇଆରଇ (ଭାରତୀୟ ବିରଳ ମୃତ୍ତିକା) ପ୍ଲାଣ୍ଟର ଡ୍ରେଜିଂ କାମ ବନ୍ଦ କରି ବିଭିନ୍ନ ଦାବି ନେଇ ସ୍ଥାନୀୟ ଲୋକେ ଧାରଣା ଜାରି ରଖିଛନ୍ତି। ସୋମବାର ଧାରଣା ଷଷ୍ଠ ଦିବସରେ ପହଞ୍ଚିଛି । ଅପରପକ୍ଷରେ ଆଇଆରଇ ପକ୍ଷରୁ ଆନ୍ଦୋଳନକାରୀଙ୍କ ବିରୋଧରେ କୋର୍ଟରେ ମାମଲା ଏବଂ ଆର୍ଯ୍ୟପଲ୍ଲୀ ମେରାଇନ୍ ଥାନା ପୋଲିସ ଆଉ ଏକ ମାମଲା ରୁଜୁ କରିଛି। ସୋମବାର ଧାରଣାରେ ସାମିଲ ହୋଇଥିବା ଲୋକଙ୍କ ଏକ ପ୍ରତିନିଧି ଦଳ ଛତ୍ରପୁର ଆସି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଓ ଉପଜିଲାପାଳ ଦେବବ୍ରତ ସାହୁଙ୍କୁ ଭେଟି ଦାବି ସମ୍ପର୍କରେ ଜଣାଇଛନ୍ତି। ପୂର୍ବ ବୈଠକର ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା ପର୍ଯ୍ୟନ୍ତ ଡ୍ରେଜିଂ କାମ ଆରମ୍ଭ ନ କରାଯାଉ ବୋଲି ଲୋକେ ଜଣାଇଥିଲେ । ଏଥିସହ ଜମି ଓ ଘର ପାଇଁ କ୍ଷତିପୂରଣ ଦାବି କରିଥିଲେ।

## ୨୮ରେ ଭଞ୍ଜନଗରରେ ବନ୍ଦ ରହିବ ଦୋକାନ

**ଭଞ୍ଜନଗର,୨୪।୯(ଡି.ଏନ.ଏ.)**

ବିଦେଶୀ ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକ ଭାରତରେ ଆସି ବ୍ୟବସାୟ କରିବା ଦ୍ୱାରା ଦେଶର ଛୋଟବଡ଼ ବ୍ୟବସାୟୀମାନେ କ୍ଷତିଗ୍ରସ୍ତ ହେଉଛନ୍ତି। ଏହା ପ୍ରତିବାଦରେ ୨୮ ତାରିଖରେ ଦେଶର ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ଓ ଛୋଟବଡ଼ ଖୁଚୁରା ଦୋକାନ ବନ୍ଦ ରହିବ । ଉକ୍ତ ଆନ୍ଦୋଳନରେ ଭଞ୍ଜନଗର ବଣିକ ସଂଘ ମଧ୍ୟ ସାମିଲ ହେବ। ଏ ନେଇ ସୋମବାର ସନ୍ଧ୍ୟାରେ ଭଞ୍ଜନଗର ରଘୁନାଥ ମନ୍ଦିରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଆନ୍ଦୋଳନକୁ ସଫଳ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ସଭାପତି ପି.ମୃତ୍ୟୁଞ୍ଜୟ ସୁବୁଦ୍ଧିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସାଧାରଣ ସମ୍ପାଦକ ସୁଶାନ୍ତ ମହାପାତ୍ର, ଆଶିଷ ମିଶ୍ର, ଏ.ଗୌରୀ ଶଙ୍କର ପାତ୍ର, ଆର.ନାଗେଶ୍ୱର ପାତ୍ର ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ ।



ପ୍ରସ୍ତୁତି ବୈଠକରେ ଉପସ୍ଥିତ କର୍ମକର୍ତ୍ତା ।

## ଗୃହରକ୍ଷୀଙ୍କ ପାସିଂ ଆଉଟ୍ ପରେଡ୍

**ଛତ୍ରପୁର,୨୪।୯(ଡି.ଏନ.ଏ)**

ଗଞ୍ଜାମ ପୋଲିସ ଜିଲାରେ ନୂତନ ଭାବେ ନିଯୁକ୍ତି ପାଇଥିବା ଗୃହରକ୍ଷୀମାନଙ୍କ ପାସିଂ ଆଉଟ୍ ପ୍ୟାରେଡ୍ ସୋମବାର ଛତ୍ରପୁରସ୍ଥିତ ପୋଲିସ ପଡିଆରେ ଅନୁଷ୍ଠିତ ହୋଇଥିଲା । ଏସ୍‌ପି ବ୍ରିଜେଶ କୁମାର ରଏ ପ୍ୟାରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ । ଜନସାଧାରଣଙ୍କୁ ଉତ୍ତମ ସେବା ଯୋଗାଇଦେବାକୁ ସେ ପରାମର୍ଶ ଦେଇଥିଲେ। ଏହି ଅବସରରେ ପ୍ୟାରେଡ୍ ଓ ଅନ୍ୟାନ୍ୟ କ୍ରୀଡା ପ୍ରତିଯୋଗିତାର ଆୟୋଜନ ହୋଇଥିଲା। କୃତୀ ଗୃହରକ୍ଷୀମାନଙ୍କୁ ଏସ୍‌ପି ପୁରସ୍କୃତ କରିଥିଲେ ।



ଗୃହରକ୍ଷୀଙ୍କୁ ଏସପି ପୁରସ୍କୃତ କରୁଛନ୍ତି।

ପ୍ୟାରେଡ୍ ଶୃଙ୍ଖଳା ଓ ଉତ୍ତମ ବ୍ୟବହାର ପାଇଁ ହିମାଂଶୁ ଶେଖର

**୪ ଜଣଙ୍କୁ ପୁରସ୍କୃତ କଲେ ଏସ୍‌ପି**

ପାଣିଗ୍ରାହୀ, କ୍ରୀଡା ଓ ପ୍ୟାରେଡ୍ ପାଇଁ ଅଶ୍ୱିନୀ କୁମାର ଜେନା, ବିଭିନ୍ନ ଲିଖିତ ପରୀକ୍ଷା ପାଇଁ ଦାମୋଦର ଗୌଡ ଓ କମ୍ପ୍ୟୁଟର ଶିକ୍ଷାରେ ଅନନ୍ତ ନାରାୟଣ ସାହୁ ପୁରସ୍କୃତ ହୋଇଥିଲେ । କାର୍ଯ୍ୟକ୍ରମରେ ଅତିରିକ୍ତ ଏସପି ପ୍ରଦୀପ କୁମାର ମହାପାତ୍ର, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଜିତେନ୍ଦ୍ର କୁମାର ଦେହୁରୀ, ରିଜର୍ଭ ଇନ୍ସପେକ୍ଟର ସୁବଳ ସୋରୋନ୍ ପ୍ରମୁଖ ଉପସ୍ଥିତ ଥିଲେ। ଅଗଷ୍ଟ ୨୦ରୁ ଚଳିତ ମାସ ୨୩ ତାରିଖ ପର୍ଯ୍ୟନ୍ତ ନୂତନ ଭାବେ ନିଯୁକ୍ତି ପାଇଥିବା ଗୃହରକ୍ଷୀମାନେ ତାଲିମ ନେଇଥିଲେ ।

## ୫୦ତମ ଜାତୀୟ ସେବା ଦିବସ

**ପୋଲସରା,୨୪।୯(ଡି.ଏନ.ଏ.)**

ପୋଲସରା ସହରସ୍ଥିତ ପୋଲସରା ବିଜ୍ଞାନ ମହାବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ଦିବାକର ମିଶ୍ରଙ୍କ ଅଧ୍ୟକ୍ଷତାରେ ସୋମବାର ୫୦ତମ ଜାତୀୟ ସେବା ଦିବସ ପାଳିତ ହୋଇଯାଇଛି। ପ୍ରାତଃ ସମୟରେ ଜାତୀୟ ସେବା ଯୋଜନାର ପତାକା ଉତ୍ତୋଳନ କରାଯାଇଥିଲା। ଜାତୀୟ ସେବା ଯୋଜନା ୩ର କାର୍ଯ୍ୟକ୍ରମ ଅଧିକାରିଣୀ ଡ. ଜ୍ୟୋସ୍ନାରାଣୀ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଜାତୀୟ ସେବା କୁଇଜ୍ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା। କୁଇଜ ମାଷ୍ଟର ଜାତୀୟ ସେବା ଯୋଜନା ୟୁନିଟ ୨ର ଅଧିକାରୀ ଅନିଲ କୁମାର ଦାସ, ୟୁନିଟ ୧ର ବିରଞ୍ଚି ନାରାୟଣ ରଥ, ୟୁନିଟ ୪ର ଅଧିକାରୀ ପ୍ରକାଶ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ବହୁ ଛାତ୍ରୀ ଅଂଶଗ୍ରହଣ କରିଥିଲେ।

## ଭାଗବତ ଟୁଙ୍ଗି ଉନ୍ନତି ପାଇଁ ବୈଠକ

**ପାତ୍ରପୁର,୨୩।୯(ଡି.ଏନ୍.ଏ.)**

ପାତ୍ରପୁର ବ୍ଲକରେ ଥିବା ସମସ୍ତ ଭାଗବତ ଟୁଙ୍ଗିକୁ ଯେଭଳି ସରକାରୀ ସହାୟତା ମିଳିପାରିବ ସେ ନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ଏକ ସଂଘ ଗଠନ କରାଯିବ। ଏ ନେଇ ଏକ ପ୍ରସ୍ତୁତି ବୈଠକ କେଲୁଆ ବନଦୁର୍ଗା ମନ୍ଦିର ପରିସରରେ ରବିବାର ଦିବାକର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଭାଗବତ ପ୍ରଚାର ସମିତିର ଜିଲା ସମ୍ପାଦକ ଗୋବିନ୍ଦ ବିଷୋୟୀ ମୁଖ୍ୟ ଅତିଥି, ନରସିଂହ ପାତ୍ର, ମାଧବ ପ୍ରଧାନ, ଶ୍ରୀଧର ପ୍ରଧାନ, ପ୍ରମୋଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକରେ ୫୦ରୁ ଊର୍ଦ୍ଧ୍ୱ ଭାଗବତ ଟୁଙ୍ଗି ଥିବାବେଳେ ୮ଟିକୁ ସରକାରୀ ସହାୟତା ମିଳିଥିବାରୁ କ୍ଷୋଭ ପ୍ରକାଶ ପାଇଥିଲା। ବ୍ଲକର କେଉଁ ଗ୍ରାମରେ ଭାଗବତ ଟୁଙ୍ଗିର ଅବସ୍ଥାରେ ଅଛି ତଦାରଖ ପାଇଁ ଅସ୍ଥାୟୀ କମିଟି ଗଠନ ହୋଇଥିଲା। ସେଥିରେ ଦିବାକର ପ୍ରଧାନଙ୍କୁ ସଭାପତି, ନରସିଂହ ପାତ୍ର ଉପସଭାପତି, ମାଧବ ବାଡ଼ତ୍ୟା ସମ୍ପାଦକ, କେ. ଗୋପାଳ ସହସମ୍ପାଦକ ଓ ପ୍ରଦ୍ୟୁମ୍ନ ବାଗାତିଙ୍କୁ କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଛି।

## ସମର ଶିକ୍ଷାର୍ଥୀ ବାହିନୀ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ

**ଦିଗପହଣ୍ଡି,୨୪।୯(ଡି.ଏନ.ଏ.)**

ଦିଗପହଣ୍ଡିସ୍ଥିତ ବଡ଼ଖେମୁଣ୍ଡି ହାଇସ୍କୁଲ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ (ଏନ୍‌ସିସି) ପକ୍ଷରୁ ରବିବାର ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏନସିସି ଶିକ୍ଷକ ଏମ୍. ଗୌରାଙ୍ଗଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ହାଇସ୍କୁଲସ୍ଥିତ ବ୍ୟାୟାମ କେନ୍ଦ୍ର ଓ ଶିଶୁ ଉଦ୍ୟାନରେ ସମର ଶିକ୍ଷାର୍ଥୀ ବାହିନୀର ସମସ୍ତ ସଦସ୍ୟ ସଫେଇ କାର୍ଯ୍ୟକ୍ରମରେ ସାମିଲ ଥିଲେ।

## ବିଜୁ କନ୍ୟା ରତ୍ନ କାର୍ଯ୍ୟକ୍ରମ

**କୋଦଳା,୨୪।୯(ଡି.ଏନ୍.ଏ.)**

କୋଦଳା ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ଇ.ରାମଚନ୍ଦ୍ର ପାତ୍ରଙ୍କ ତତ୍ତ୍ୱାବଧାନରେ ସୋମବାର ବିଜୁ କନ୍ୟା ରତ୍ନ ଯୋଜନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁଶାନ୍ତ କୁମାର ସାହୁ, ସମ୍ମାନିତ ଅତିଥି ଶିଶୁ ସୁରକ୍ଷା ବିଭାଗରୁ ଜିଲା ପର୍ଯ୍ୟବେକ୍ଷକ ଅଳକା ସାହୁ, ଶିକ୍ଷା ବିଭାଗର ଅଧ୍ୟାପକ ଗଣେଶ ପ୍ରସାଦ ସାହୁ, କମର୍ସ ବିଭାଗର ଅଧ୍ୟାପକ କ୍ଷୀରୋଦ ଚନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗ ଦେଇ କନ୍ୟା ଶିଶୁ ବଞ୍ଚିରହିବା ସହ ତାଙ୍କର ବିକାଶ ପାଇଁ ସକ୍ଷମକାରୀ ପରିବେଶ ସୃଷ୍ଟି କରିବା ଓ ସମ୍ମାନ ବଜାୟ ରଖିବା ନେଇ ଛାତ୍ରୀଛାତ୍ରୀଙ୍କୁ ସଚେତନ କରିଥିଲେ।



କନ୍ଧମାଳ ଜିଲା ଫିରିଙ୍ଗିଆ ପଞ୍ଚାୟତ ସିମିଳିସାହିରୁ ସୋମବାର ଏକ ସାପ ଉଦ୍ଧାର କରାଯାଇ ବନ ବିଭାଗକୁ ହସ୍ତାନ୍ତର କରାଯାଇଛି ।

## ଅଗ୍ନିଶମ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

**ଭଞ୍ଜନଗର/ ଧରାକୋଟ/ ସୋରଡ଼ା/ ଶେରଗଡ଼/ ଖଲ୍ଲିକୋଟ/ ଛତ୍ରପୁର/ ଟିକିଟି/ ଜଗନ୍ନାଥପ୍ରସାଦ/ ବୁଗୁଡ଼ା/ ଦିଗପହଣ୍ଡି/ ପାଟପୁର/ ଫୁଲବାଣୀ ଅଫିସ/ ଫିରିଙ୍ଗିଆ/ରାଇକିଆ/ଜି.ଉଦୟଗିରି ୨୪।୯(ଡି.ଏନ୍.ଏ.)**

ଓଡିଶା ଅଗ୍ନିଶମ କର୍ମଚାରୀମାନେ ୬ ଦଫା ଦାବି ନେଇ ସୋମବାରଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ କରିଛନ୍ତି। ଓଡିଶା ପୋଲିସ କର୍ମଚାରୀଙ୍କ ସହିତ ସମାନ ଦରମା, ଓଡିଶା ଅଗ୍ନିଶମ ସେବା ସଂସ୍ଥାର ହାବିଲଦାର ଓ ଫାୟାର ଆସୋଶିଏଶନ ତୁରନ୍ତ ସରକାରୀ ପଞ୍ଜୀକରଣ କରିବା, ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ନିୟମିତ ଦରମା, ପେନସନ ଓ ଅନ୍ୟ ସରକାରୀ କର୍ମଚାରୀଙ୍କ ପରି ୮ ଘଣ୍ଟା ଡ୍ୟୁଟି ଓ ଖାଲି ପଡିଥିବା ପଦବୀ ପୂରଣ ଦାବି ନେଇ ଆନ୍ଦୋଳନ ଚାଲିଛି। ଭଞ୍ଜନଗର ଅଗ୍ନିଶମ ସେବା କେନ୍ଦ୍ରର ଫାୟାର ମ୍ୟାନ୍ ଓ ହାବିଲଦାର ମାନେ ସାମିଲ ହୋଇଛନ୍ତି। ସରକାର ଆନ୍ଦୋଳନର ମୁକାବିଲା କରିବା ପାଇଁ ବିକଳ୍ପ ବ୍ୟବସ୍ଥା କରିନାହାନ୍ତି । ଭଞ୍ଜନଗର ଥାନାରୁ ୪ ହୋମଗାର୍ଡ଼ ଯାଇଛନ୍ତି ସେଠାରେ ଡ୍ୟୁଟି କରିବା ପାଇଁ। ସେମାନେ କେବଳ ଫୋନ୍ ରିସିଭ୍ କରି ଅଫିସରଙ୍କୁ ଘଟଣା ସମ୍ପର୍କରେ ଜଣାଇବେ ଏବଂ କେନ୍ଦ୍ରକୁ ଜଗିବେ। ଏଭଳି ପରିସ୍ଥିତିରେ ଦୁର୍ଘଟଣା ନେଇ ଫୋନ ଆସିଲେ ପରିସ୍ଥିତି ଅସମ୍ଭାଳ ହେବାର ସମ୍ଭାବନା ରହିଛି । ଏ ନେଇ ଭଞ୍ଜନଗର ଦମକଳ କେନ୍ଦ୍ରର ଅଧିକାରୀ ଜିତେନ୍ଦ୍ର ବିଶ୍ୱାଳ କହିଛନ୍ତି, ଦୁର୍ଘଟଣା ନେଇ ଫୋନ୍ ଆସିଲେ ପରିସ୍ଥିତିକୁ ଦେଖି ପଦକ୍ଷେପ ନିଆଯିବ । ଧରାକୋଟ ଦମକଳ କେନ୍ଦ୍ରର ୧୩ କର୍ମଚାରୀ ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି। ସେମାନେ ଜରୁରୀ ସମୟରେ ସହଯୋଗ କରିବେନି ବୋଲି ନିଷ୍ପତ୍ତି ନେଇଛନ୍ତି। ସେହିପରି ସୋରଡ଼ା ଅଗ୍ନିଶମ କର୍ମଚାରୀ ମାନେ ଆନ୍ଦୋଳନ ଚଳାଇଥିବାରୁ ଜରୁରିକାଳୀନ ସେବା ବାଧାପ୍ରାପ୍ତ ହେବା ଆଶଙ୍କା ରହିଛି। ଶେରଗଡ଼ରେ ମଧ୍ୟ ଅଗ୍ନିଶମ କର୍ମଚାରୀମାନେ ଧାରଣା ଦେଇଛନ୍ତି।

ସେହିପରି ଖଲ୍ଲିକୋଟ କେଶପୁରଠାରେ ଥିବା ଅଗ୍ନିଶମ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶକ କରାଯାଇଥିଲା। ଫାୟାର ହାବିଲଦାର ପ୍ରକାଶ ସାମଲଙ୍କ ନେତୃତ୍ୱରେ ୯ ଫାୟାର ମ୍ୟାନ ଓ ୨ ଡ୍ରାଇଭର ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅପରାହ୍ନରେ କେଶପୁର ବଜାରରେ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସେଠାକୁ ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ହୋଇଥିବା ବେଳେ ଫାୟାର ଗାଡି ନ ଆସିବାରୁ ଆହତଙ୍କୁ ଅଟୋ ଭଡା କରି ଖଲ୍ଲିକୋଟ ଡାକ୍ତରଖାନାକୁ ନିଆଯାଇଥିଲା।

ଛତ୍ରପୁର ଦମକଳ କେନ୍ଦ୍ରର କର୍ମଚାରୀ ସୋମବାରଠାରୁ କାର୍ଯ୍ୟ ବନ୍ଦ କରି ଫାଟକ ସମ୍ମୁଖରେ ଧାରଣା ଦେଇଛନ୍ତି।ଏଥିରେ ଅଭିରାମ ନାୟକ, ରାମକୃଷ୍ଣ ନାୟକ, ରାକେଶ ମାନସିଂହ, ଚନ୍ଦ୍ରଶେଖର ସାମନ୍ତରାୟ, ଗୋବର୍ଦ୍ଧନ ବେହେରା, ଶେଖ୍ ବସିରୁଦ୍ଦିନ୍ , ଦିଲୀପ କୁମାର ନାୟକ, କିଶୋର ମାଳି ପ୍ରମୁଖ ସାମିଲ ଥିଲେ। ସେହିପରି ଟିକିଟିପେଣ୍ଟସ୍ଥିତ ଅଗ୍ନିଶମ ସେବାକେନ୍ଦ୍ର, ଜଗନ୍ନାଥପ୍ରସାଦ, ବୁଗୁଡ଼ା, ଆସିକା, ଦିଗପହଣ୍ଡି ଓ ସାନଖେମୁଣ୍ଡି ଅଗ୍ନିଶମ କର୍ମଚାରୀଙ୍କ ପକ୍ଷରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରି ବିକ୍ଷୋଭ ପ୍ରଦର୍ଶନ କରିବା ସହ ଧାରଣାରେ ବସିଛନ୍ତି ।

ଫୁଲବାଣୀ, ଫିରିଙ୍ଗିଆ, ରାଇକିଆ, ଜି.ଉଦୟଗିରିରେ ମଧ୍ୟ ଅଗ୍ନିଶମ କର୍ମଚାରୀମାନେ ସେମାନଙ୍କ ପୁରୁଣା ଦାବିକୁନେଇ ସୋମବାରରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି । ସରକାର କାହିଁ କି ସେମାନଙ୍କ ମୌଳିକ ଦାବି ପୂରଣ କରୁ ନାହାନ୍ତି ବୋଲି ଅସନ୍ତୋଷ ପ୍ରକାଶ କରିଛନ୍ତି । ଏଦିଗରେ ଯଥା ଶୀଘ୍ର ପଦକ୍ଷେପ ନିଆ ନ ଗଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଚାଲୁ ରହିବ ବୋଲି କର୍ମଚାରୀମାନେ କହିଛନ୍ତି ।



ଫୁଲବାଣୀଠାରେ ଆନ୍ଦୋଳନରେ ଯୋଗଦେଇଥିବା ଅଗ୍ନିଶମ କର୍ମଚାରୀମାନେ।



ଭକ୍ତି, ସତ୍ କର୍ମ ଓ ବିଶ୍ୱାସ ସମସ୍ତ ସୁଖର ଖଣି। କିନ୍ତୁ ସତ୍‌ସଙ୍ଗ ବିନା କେହି ଏହା ପାଇପାରେ ନାହିଁ। ବହୁ ପୁଣ୍ୟ ଫଳରେ ସାଧୁସଙ୍ଗ ମିଳିଥାଏ।

- ତୁଳସୀ ଦାସ

## ସଂକ୍ଷେପରେ

### ରଣପୁରରେ ଜିଲାପାଳଙ୍କ ଜନଶୁଣାଣି ଶିବିର: ୭୪ ଅଭିଯୋଗର ଶୁଣାଣି

**ରଣପୁର,୨୪।୯ (ସ୍ୱ.ପ୍ର.):** ରଣପୁର ବ୍ଲକ କାର୍ଯ୍ୟାଳୟରେ ସୋମବାର ନୟାଗଡ ଜିଲାପାଳ ଏନ ତିରୁମାଲା ନାୟକଙ୍କ ଦ୍ୱାରା ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ମୋଟ ୭୪ ଅଭିଯୋଗର ଶୁଣାଣି କରିଥିଲେ । ଏଥିମଧ୍ୟରୁ ଭତ୍ତା, ଶିକ୍ଷା, ଅଙ୍ଗନୱାଡି, ସ୍ୱାସ୍ଥ୍ୟ, ପାନୀୟଜଳ ଭଳି ୬୦ ଅଭିଯୋଗ ରହିଥିଲାବେଳେ ଗ୍ରାମ୍ୟ ବିବାଦ ୯, ଗ୍ରାମ୍ୟ ଗୃହ ନିର୍ମାଣ ୫ଟି ରହିଥିଲା। ଏହାର ତୁରନ୍ତ ଫଇସଲା କରିବା ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ବଜ୍ରକୋଟ ପଞ୍ଚାୟତ ହରିପୁର ଗ୍ରାମର କେତେକ ଚାଷୀ ଧାଡିରୁଆ ଧାନଫସଲ କରି ସଫଳ ହୋଇଥିଲେ ମଧ ସେମାନଙ୍କୁ ପ୍ରୋତ୍ସାହନ ରାଶି ମିଳି ନ ଥିବା ଅଭିଯୋଗ କରିଥିଲେ। ଶିବିରରେ ଅନ୍ୟମାନଙ୍କ ମଧରେ ନୟାଗଡ ଏସ୍‌ପି ଶଶିଭୂଷଣ ଶତପଥୀ, ସ୍ଥାନୀୟ ତହସିଲଦାର ସୁଶାନ୍ତ କୁମାର ପତି, ରଣପୁର ବିଡିଓ ମାନସ ରଞ୍ଜନ ସାମଲଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦାନ କରିଥିଲେ।

### ଖୁଦୁରୁକୁଣୀ ପାଇଁ ଇଟାମାଟି ଚଳଚଞ୍ଚଳ



ନୟାଗଡ଼ ଅଫିସ,୨୪।୯-ରବିବାର ଇଟାମାଟି ଅଞ୍ଚଳର ବିଭିନ୍ନ ସାହିରେ ଜାକଜକମରେ ଖୁଦୁରୁକୁଣୀ ପୂଜା ପାଳିତ ହୋଇଯାଇଛି। ଇଟାମାଟିର ତେଲିସାହି, କଂସାରି ସାହି ଆଦି ବିଭିନ୍ନ ସାହିରେ ଖୁଦୁରୁକୁଣୀ ପୂଜା କମିଟି ତରଫରୁ ହୋଇଥିବା ଆର୍କଷଣୀୟ ଲାଇଟ ତୋରଣ ସାଙ୍ଗକୁ ମୂର୍ତ୍ତି ସମସ୍ତଙ୍କୁ ବେଶ୍ ଆକର୍ଷିତ କରିଥିଲା। ସ୍ଥଏହାକୁ ଦେଖିବା ପାଇଁ ଲୋକଙ୍କ ଭିଡ ଜମିଥିଲା।

### ପୋଖରୀରେ ବୁଡ଼ି ବାଳକ ମୃତ

**ଟାଙ୍ଗୀ(ଖୋର୍ଦ୍ଧା),୨୪।୯(ଡି.ଏନ.ଏ.):** ଟାଙ୍ଗୀ ଥାନା ଅନ୍ତର୍ଗତ ସୋରଣ ଗ୍ରାମରେ ଥିବା ଏକ ପୋଖରୀରେ ବୁଡ଼ି ଜଣେ ବାଳକଙ୍କ ମୃତ୍ୟୁ ଘଟିଛି। ଗ୍ରାମର ଘୋଡ଼ାଦୌଡ଼ ନିକଟସ୍ଥ ନାମନାଥ ବେହେରାଙ୍କ ପୁଅ ତାର(୧୫) ସୋମବାର ପୋଖରୀରେ ବୁଡ଼ିଯିବାରୁ ମୃତ୍ୟୁ ଘଟିଥିବା ଖବର ମିଳିଛି । ଏ ନେଇ ଟାଙ୍ଗୀ ଥାନାରେ କୌଣସି ଅଭିଯୋଗ ହୋଇନଥିବା ଜଣାପଡ଼ିଛି।

### ମତ୍ସ୍ୟଜୀବୀମାନେ ଚିଲିକା ବ୍ଲକ, ତହସିଲ ଘେରିବେ ଆଜି

**ଖୋର୍ଦ୍ଧା ଅଫିସ,୨୪।୯:** ଚିଲିକା ମତ୍ସ୍ୟଜୀବୀ ମହାସଂଘର ୭ ଦଫା ଦାବି ପୂରଣ ନ ହେବାରୁ ମଙ୍ଗଳବାର ଆଇନ ଅମାନ୍ୟ ଆନ୍ଦୋଳନ କରାଯାଇ ଚିଲିକା ବ୍ଲକ, ତହସିଲରେ ଏକା ସମୟରେ ଘେରାଉ କରାଯିବ। ଏ ନେଇ ପ୍ରସ୍ତୁତି ପର୍ବ ସୋମବାର ଶେଷ ହୋଇଛି। ବିଧାନସଭା ମୌସୁମୀ ଅଧିବେଶନରେ ଚିଲିକା ବିଲ୍ ଗୃହୀତ କରାଇବାର ଦାବି ରହିଛି। ସେହିଭଳି ସମୁଦ୍ରରୁ ଚିଲିକାକୁ ସଂଯୋଗ ହୋଇଥିବା ଅରଖକୁଦା ମୁହାଣ, ପାଲୁରୁ କେନାଲରୁ ଆଲିମ ଜାଲ ଓ ସରୁ ଜାଲ ଉଚ୍ଛେଦ ପରି ଅନୁରୂପ ଦାବି ରହିଛି। ଅପରପକ୍ଷେ ଦହିଖିଆ ନାଳଠାରୁ ଟାଟା ବନ୍ଧ, ସିଡୁଆ ନାଳଠାରୁ ମଗର ମୁଖ ନାଳ, ସିଆଣ୍ଡି ନାଳଠାରୁ କଳାଖାଇ ନାଳ ଏବଂ ଚିଲିକାରୁ ସରୁଜାଲ ଉଚ୍ଛେଦ କରି ଚିଲିକାରେ ମତ୍ସ୍ୟ ଉତ୍ପାଦନ ବୃଦ୍ଧି କରାଇବା ଦାବି ମଧ ରହିଛି। ମତ୍ସ୍ୟଜୀବୀମାନଙ୍କର ନ୍ୟାଯ୍ୟ ଦାବି ଚିଲିକାରୁ ବେଆଇନ ଚିଙ୍ଗୁଡି ଘେରି ସୈରାତ୍ ଘୋଷଣା କରିଥିବା ପ୍ରକ୍ରିୟାକୁ ରାଜ୍ୟ ସରକାର ବନ୍ଦ କରିବା, ବେଆଇନ ଚିଙ୍ଗୁଡି ଘେରି ଉଚ୍ଛେଦ ଓ ବନ୍ଧ ଘେରି ଉଚ୍ଛେଦ ଦାବି ରହିଛି।

### ଖେତ ମଜଦୁରର ଗଣ ବିକ୍ଷୋଭ

**ଖୋର୍ଦ୍ଧା ଅଫିସ,୨୪।୯:** ଭାରତୀୟ ଖେତ ମଜଦୁର ୟୁନିୟନ ଖୋର୍ଦ୍ଧା ଜିଲା ପରିଷଦ ପକ୍ଷରୁ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଗୃହହୀନଙ୍କୁ ଜମିପଟ୍ଟା, ଖେତ ମୂଲିଆମାନଙ୍କୁ ବର୍ଷସାରା କାମ, ମୂଲିଆ ମଜୁରି ୪୨୦ ଟଙ୍କାକୁ ବୃଦ୍ଧି, ବର୍ଷ ବର୍ଷ ଧରି ଦଖଲରେ ଥିବା ଦଖଲକାରୀଙ୍କୁ ଜମିପଟ୍ଟା ତୁରନ୍ତ ପ୍ରଦାନ ଦାବିରେ ଏହି ବିକ୍ଷୋଭ ହୋଇଥିଲା।

## ପାଇଖାନା ନିର୍ମାଣର ଏକବର୍ଷ ପରେ ବି ବିଲ୍ ମିଳୁନି

# ବ୍ଲକ ଆଗରେ ମହିଳା ଗୋଷ୍ଠୀଙ୍କ ଧାରଣା

**ରଣପୁର,୨୪।୯ (ସ୍ୱ.ପ୍ର.)**

ଗ୍ରାମାଞ୍ଚଳରେ ବସବାସ କରୁଥିବା ପ୍ରତ୍ୟେକ ପରିବାର ବ୍ୟକ୍ତିଗତ ଭାବେ ପାଇଖାନା ନିର୍ମାଣ କରିବା ପାଇଁ ସ୍ୱଚ୍ଛ ଭାରତ ମିଶନରେ କେନ୍ଦ୍ର ସରକାର ବ୍ଲକ ମାଧ୍ୟମରେ ଅର୍ଥ ପ୍ରଦାନ କରୁଛନ୍ତି। ଏହି କାର୍ଯ୍ୟକୁ ସୁଚାରରୂପେ ତୁଲାଇବା ପାଇଁ ବ୍ଲକ ପ୍ରଶାସନ ତରଫରୁ ବିଭିନ୍ନ ଅଞ୍ଚଳରେ କାର୍ଯ୍ୟ କରୁଥିବା ସ୍ୱୟଂସହାୟକ ଗୋଷ୍ଠୀ (ଏସ୍‌ଏଚଜି)କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଉଛି। ହେଲେ ପାଇଖାନା ନିର୍ମାଣ ଶେଷହେବାର ଏକବର୍ଷ ପରେ ମଧ ବ୍ଲକ ତରଫରୁ ବିଲ୍ ପ୍ରଦାନ କରାଯାଉନାହିଁ। ରଣପୁର ବ୍ଲକରେ ଏଭଳି ଘଟଣା ନେଇ ସୋମବାର ୧୦ରୁ ଉର୍ଦ୍ଧ୍ୱ ସ୍ୱୟଂସହାୟକ ଗୋଷ୍ଠୀର ଶତାଧିକ ମହିଳାପୁରୁଷ ବ୍ଲକ ଅଫିସ ଆଗରେ ଧାରଣା ଦେଇଥିଲେ ।

ପ୍ରକାଶ ଯେ, ରଣପୁର ବ୍ଲକର ୩୭ ପଞ୍ଚାୟତ ମଧ୍ୟରୁ ୧୮ଟିରେ ବ୍ୟକ୍ତିଗତ ପାଇଖାନା ନିର୍ମାଣ କରିବା ପାଇଁ ୨୦୧୫ରେ ବ୍ଲକ ତରଫରୁ ୧୦ଟି ସ୍ୱୟଂସହାୟକ ଗୋଷ୍ଠୀକୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ୨୦୧୭ ଡିସେମ୍ବର ସୁଦ୍ଧା ସ୍ୱୟଂସହାୟକ ଗୋଷ୍ଠୀ ପ୍ରତ୍ୟେକ ପରିବାରରେ ପାଇଖାନା ନିର୍ମାଣ କାର୍ଯ୍ୟ ଶେଷ କରିଥିଲେ। ସମସ୍ତ କାର୍ଯ୍ୟର ବିଲ୍ ଓ ଭାଉଚରଗୁଡିକୁ ମଧ ବ୍ଲକ ଅଫିସରେ ଦାଖଲ କରିଥିଲେ । ଇତିମଧରେ ଏକବର୍ଷ ବିତିଯାଇଥିଲେ ମଧ୍ୟ ସେମାନଙ୍କୁ ବିଲ୍ ପ୍ରଦାନ କରାଯାଇ ନାହିଁ। ଏହାକୁ ବିରୋଧ କରି ନୟାଗଡ଼ର ସ୍ୱର ସ୍ୱୟଂ ସହାୟକ ଗୋଷ୍ଠୀ ସମ୍ପାଦକ ରଞ୍ଜିତ ପଟ୍ଟନାୟକ, ମା'ଶ୍ରଦ୍ଧାଞ୍ଜଳି ସମ୍ପାଦିକା କୁମାରୀ ଦଳବେହେରା, ମା'ସନ୍ତୋଷୀ ସମ୍ପାଦିକା ଅଞ୍ଜଳି ପାତ୍ର, ତ୍ରିନାଥ ସଭାନେତ୍ରୀ ଶାନ୍ତିଲତା ଦଳବେହେରାଙ୍କ ନେତୃତ୍ୱରେ ୧୦୦ରୁ ଉର୍ଦ୍ଧ୍ୱ ମହିଳାପୁରୁଷ ସକାଳ ୯ଟାରୁ ବ୍ଲକ ଅଫିସ ଆଗରେ ଧାରଣାରେ ବସିରହିଥିଲେ । ମଧ୍ୟାହ୍ନ ୧୨ଟାରେ ଜନଶୁଣାଣି ଶିବିରରେ ଯୋଗଦେବାକୁ ଆସିଥିବା ନୟାଗଡ଼ ଜିଲାପାଳ ଏନ ତିରୁମାଲା ନାୟକ ଏହି ଖବର ପାଇ ଧାରଣାସ୍ଥଳରେ ପହଞ୍ଚିଥିଲେ। ଜିଲାପାଳ ସ୍ୱୟଂସହାୟକ ଗୋଷ୍ଠୀ କର୍ମକର୍ତ୍ତାଙ୍କ ସହିତ ଆଲୋଚନା କରି ଆସନ୍ତା ୧୫ଦିନ ଭିତରେ ସମସ୍ତ ବିଲ୍ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।




ସ୍ୱୟଂସହାୟକ ଗୋଷ୍ଠୀର ମହିଳାପୁରୁଷ ବ୍ଲକ ଅଫିସ ଆଗରେ ଧାରଣା ଦେଇଛନ୍ତି।

# ତଅପୋଇ ମେଳା-୨୦୧୮ ଉଦ୍‌ଯାପିତ

**ଖଣ୍ଡପଡା,୨୪।୯(ସ୍ୱ.ପ୍ର.)**

ଭାଦ୍ରବମାସର ଶେଷ ରବିବାର ଖୁଦୁରୁକୁଣୀ ଓଷା ଅବସରରେ କଣ୍ଟିଲୋ ପଞ୍ଚାୟତ ପାଣୁସାହୁ ପାଟଣା ତିଅର ସାହିର ଚପଳମତି ତରୁଣୀ ଅନୁଷ୍ଠାନ ପକ୍ଷରୁ ତଅପୋଇ ମେଳା-୨୦୧୮ ମହାଆଡମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି । ଉତ୍କଳର ପରମ୍ପରା ସାଧବ ପୁଅର ନୌବାଣିଜ୍ୟ ବୋଇତ ବନ୍ଦାଣର ପ୍ରତ୍ୟେକ ଚରିତ୍ରକୁ ଅନୁଷ୍ଠାନର ତରୁଣୀମାନେ ପ୍ରଦର୍ଶନ କରିଥିଲେ। ସେମାନେ ସାଧବବୋହୂ, ସାଧବପୁଅ, ତଅପୋଇ ବେଶରେ ସୁସଜ୍ଜିତ ହୋଇ ଗ୍ରାମ ପରିକ୍ରମା କରିଥିଲେ। ମା' ମଙ୍ଗଳା ବେଶରେ ଶୋଭାଯାତ୍ରାରେ ଯାଉଥିବା ତରୁଣୀମାନଙ୍କ ନିଖୁଣ ଅଭିନୟ ଦେଖିବାକୁ ଗ୍ରାମଦାଣ୍ଡରେ ଭିଡ ଲାଗିରହିଥିଲା। ବୋଇତ ଉପରେ ସାତଭାଇ ଓ ତଅପୋଇ ବେଶରେ ତରୁଣୀମାନେ ଯାତ୍ରାରେ ସାମିଲ ହୋଇଥିଲେ। ସେମାନେ ବୋଇତ ବନ୍ଦାପନା କରିବା ସହ ମା' ମଙ୍ଗଳାଙ୍କୁ ପୂଜା କରିଥିଲେ । ଉକ୍ତ ସାହିର ଶତାଧିକ ମହିଳାପୁରୁଷ ବିଭିନ୍ନ ବେଶରେ ସୁସଜ୍ଜିତ ହୋଇ ନଗର ପରିକ୍ରମା କରିଥିବାବେଳେ ସାଧବ ପୁଅର ବିଗତ ଦିନର ସ୍ମୃତି ଜନମାନସରେ ଉଦ୍‌ଭାସିତ ହୋଇଉଠିଥିଲା । ଭାଇର ଭଉଣୀ ପ୍ରତି କେତେ ସ୍ନେହ ଶ୍ରଦ୍ଧା ରହିଥିଲା ତାହା ସାଧାରଣରେ ଜଣାଇବା ପାଇଁ ଏହିପ୍ରକାର ଆୟୋଜନ କରାଯାଇଛି ବୋଲି ଆୟୋଜକ ସୂଚନା ଦେଇଥିଲେ।



ସାଧବବୋହୂ, ସାଧବପୁଅ, ତଅପୋଇ ବେଶରେ ଗ୍ରାମ ପରିକ୍ରମା।

## ଆଦର୍ଶ ବାପା ବୋଉ ସମ୍ବର୍ଦ୍ଧନା ଉତ୍ସବ

# ବାପା ବୋଉ ହେଉଛନ୍ତି ଅମୂଲ୍ୟ ସମ୍ପଦ

**ନୟାଗଡ଼ ଅଫିସ,୨୪।୯**

ନୟାଗଡ଼ ସହରସ୍ଥିତ ରୋଟାରୀ ଭବନଠାରେ ରବିବାର ଜିଲା ବରିଷ୍ଠ ନାଗରିକ କଲ୍ୟାଣ ଟ୍ରଷ୍ଟ ଏବଂ ଶାନ୍ତି ଚାରିଟେବୁଲ୍ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଆଦର୍ଶ ବାପା ବୋଉ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲାରେ ପ୍ରଥମଥର ପାଇଁ ପାରିବାରିକ ପ୍ରତିବଦ୍ଧତା ଏବଂ ସାମାଜିକ ଅଙ୍ଗୀକାରବଦ୍ଧତାକୁ ବିଚାରକୁ ନେଇ ୨୦ ଜଣ ଆଦର୍ଶ ବୋଉ ବାପାଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ନାଗରିକ କଲ୍ୟାଣ ଟ୍ରଷ୍ଟର ସଭାପତି ସୁବୋଧ ଚନ୍ଦ୍ର ପଟ୍ଟନାୟକଙ୍କ ଅଧକ୍ଷତାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଜିଲାପାଳ ଡ. ଏନ୍. ତିରୁମାଲା ନାୟକ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବାପା ବୋଉଙ୍କୁ ଯେଉଁ ପୁଅମାନେ ବାଧ୍ୟବାଧକତାରେ ପାଳିକରି ପାଖରେ ରଖୁଛନ୍ତି ସେମାନଙ୍କୁ ତୀବ୍ର ନିନ୍ଦା କରିଥିଲେ। ବାପା ବୋଉଙ୍କୁ ବୃଦ୍ଧ ଅବସ୍ଥାରେ ସେବା କଲେ ଭଗବାନ ସହାୟକ ହୁଅନ୍ତି ବୋଲି ଜିଲାପାଳ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ମୁଖ୍ୟ ଅତିଥିଭାବେ ଜିଲା ଦୌରାଜଜ୍ ଅଶାନ୍ତ କୁମାର ଦାସ ଯୋଗଦେଇ ବରିଷ୍ଠ ନାଗରିକଙ୍କ ପାଇଁ ଆଇନଗତ ସୁବିଧା ସୁଯୋଗ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ବାପା ବୋଉ ହେଉଛନ୍ତି ଅମୂଲ୍ୟ ସମ୍ପଦ, ଯାହାର ବିକଳ୍ପ ନାହିଁ ବୋଲି ଜିଲା ଦୌରାଜଜ୍ ମତବ୍ୟକ୍ତ କରିଥିଲେ। ସମ୍ବର୍ଦ୍ଧିତ ବାପା ବୋଉମାନେ ହେଲେ ପ୍ରଫେସର ରାମଚନ୍ଦ୍ର ମିଶ୍ର, ହରପ୍ରସାଦ ମହାପାତ୍ର, ଲଳିତ ପଟ୍ଟନାୟକ, ଧିରେନ କୁମାର ପଟ୍ଟନାୟକ, ବିଜୟ ଚୌଧୁରୀ, ଦୁଃଖିଶ୍ୟାମ ଦାଶ, ଏମ୍ ଔରଙ୍ଗଜେବ୍, ଏସ୍.ଏ. ମନାନ୍, ଦଣ୍ଡପାଣି ନାହକ, ପ୍ରମୋଦ ପୃଷ୍ଟି, ଆରତି ପଟ୍ଟନାୟକ, ନିରୁପମା ପଟ୍ଟନାୟକ, ସରସ୍ୱତୀ ପ୍ରଧାନ, ବସରିନ୍ ବିବି, ରେଣୁବାଳା ମହାପାତ୍ର, ସବିତା ମହାନ୍ତି, ଶାନ୍ତିଲତା ମିଶ୍ର, ପୁଷ୍ପାଦେବୀ ଅଗ୍ରୱାଲ, ଜ୍ୟୋତିବାଳା ଟାଙ୍କ, ପ୍ରଭାସିନୀ ପାତ୍ର। ଅନ୍ୟମାନଙ୍କ ମଧରେ କାର୍ଯ୍ୟକାରୀ ସଭାପତି ପ୍ରମୋଦ ପଟ୍ଟନାୟକ, ସମ୍ପାଦକ ଅରୁଣ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଭବାନୀ ଶଙ୍କର ଦାଶ ଧନ୍ୟବାଦ ଦେଇଥିଲେ।



ଜିଲାପାଳ ଜଣେ ଦମ୍ପତିଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି। ନିକଟରେ ଉପସ୍ଥିତ ଜିଲା ଦୌରାଜଜ୍ ।

## ଭାଙ୍ଗ ଜବତ, ଜଣେ ଗିରଫ

**ବାଲୁଗାଁ,୨୪।୯(ଡ଼ି.ଏନ.ଏ.)**

ବାଲୁଗାଁ ଅବକାରୀ ବିଭାଗ ସୋମବାର ଚଢ଼ାଉ କରି ୧୬ନଂ. ଜାତୀୟ ରାଜପଥ ତଥା ବାଲୁଗାଁ ବାଇପାସ୍ ରାସ୍ତାରୁ ଚୋରା ଚାଲାଣ ହେଉଥିବା ୧୩କେ.ଜି. ଭାଙ୍ଗ ଜବତ କରିଛି। ଏଥିରେ ସମ୍ପୃକ୍ତ ବ୍ୟବସାୟୀଙ୍କୁ ଗିରଫ କରାଯାଇଛି। ସେ ହେଲେ ଲଳିତ କୁଅଁର । ଅବକାରୀ ଅଧିକାରିଣୀ ପ୍ରୀତିଧାରା ନାୟକ କୌଣସି ସୂତ୍ରରୁ ଖବର ପାଇ ସଦଳବଳ ଚଢ଼ାଉ କରି ଏହି ବେଆଇନ ଭାଙ୍ଗ ଚୋରା ଚାଲାଣକାରୀଙ୍କୁ ଧରିବାରେ ସକ୍ଷମ ହୋଇଥିଲେ । ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ବଦଳିଲେ ସିଡିପିଓ

**ଭାପୁର,୨୪।୯(ଡି.ଏନ୍.ଏ.)**

ନୟାଗଡ଼ ଜିଲା ଭାପୁର ବ୍ଲକ ମହିଳା ଓ ଶିଶୁ ବିକାଶ ଅଧିକାରୀ ହରପ୍ରିୟା ମେହେରଙ୍କ ବଦଳି ହୋଇଯାଇଛି। ସେ ଫୁଲବାଣୀ ଜିଲା ହରଭଙ୍ଗା ବ୍ଲକକୁ ସିଡ଼ିପିଓ ଭାବେ କାର୍ଯ୍ୟରେ ଯୋଗ ଦେବେ। ଭାପୁରକୁ ପୁରୀ ଜିଲା କଣାସ ବ୍ଲକର ସିଡିପିଓ ରେଣୁବାଳା ନନ୍ଦ ବଦଳି ହୋଇ ଆସିବେ। ରାଜ୍ୟ ମହିଳା ଓ ଶିଶୁ ବିକାଶ ମିଶନ ଶକ୍ତି ବିଭାଗର ଚିଠି ନମ୍ବର ୧୫୭୮୧ ତାରିଖରେ ୧୧/୯/୧୮ରେ ଏହି ନିର୍ଦ୍ଦେଶ ଦିଆଯାଇଛି। ଶ୍ରୀମତୀ ମେହେର ତାଙ୍କର ସମସ୍ତ ବକେୟା କାର୍ଯ୍ୟ ସମାପ୍ତ କରି ଚଳିତ ଶନିବାର ହରଭଙ୍ଗା ବ୍ଲକ୍‌କୁ ଯିବେ ବୋଲି କହିଛନ୍ତି।

# ପେଟ ପାଇଁ ବାଉଁଶରାଣୀ ନାଟ

**ନୟାଗଡ଼ ଅଫିସ,୨୪।୯**

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ସାମନାରେ ସୋମବାର ଭିଡ ଜମିଥିଲା। ଜଣେ ନାବାଳିକା ବାଉଁଶରାଣୀ ନାଟ କରୁଥିବା ଦେଖିବାକୁ ମିଳିଥିଲା। ବାପା ମା ତଳେ ରହିଥିବା ବେଳେ ନାବାଳିକା ଜଣଙ୍କ ରଶିରେ ଚାଲି ବିଭିନ୍ନ ନୃତ୍ୟ ପ୍ରଦର୍ଶନ କରୁଥିଲେ। କେତେବେଳେ ଖାଲି ପାଦରେ ତ କେତେବେଳେ ଚପଲ ପିନ୍ଧି ଆଉ କେତେବେଳେ ସାଇକେଲ୍ ରିମ୍‌ରେ ବିଭିନ୍ନ ନୃତ୍ୟ ଦେଖାଉଥିଲେ। ଯାହାକି ପଥଚାରୀଙ୍କୁ ଅଟକେଇ ରଖିବାରେ ସକ୍ଷମ ହୋଇଥିଲା। ସେହିଭଳି ବାଉଁଶ ନାଟରେ ଜଣେ ଶିଶୁ ମଧ ସାମିଲ ଥିବା ଦେଖିବାକୁ ମିଳିଥିଲା। ଦର୍ଶକମାନେ ନିଜ ଖୁସି ମୁତାବକ ଟଙ୍କା ସେଠାରେ ରଖାଯାଇଥିବା ଥାଳିରେ ପକାଉଥିଲେ। ପଡ଼ୋଶୀ ରାଜ୍ୟରୁ ଆସିଥିବା ଏହି ପରିବାର ପିଲାଙ୍କ ମାଧ୍ୟମରେ ବିପଦଜନକ ବାଉଁଶରାଣୀ ଖେଳ ଦେଖାଇ ପଇସା ରୋଜଗାର କରନ୍ତି। ପ୍ରତିଦିନ ଏହିଭଳି ନାଟ କଲେ ତାଙ୍କ ପରିବାର ଚଳେ ବୋଲି ପରିବାର ଲୋକେ କହିଛନ୍ତି। ନିଜ ପେଟ ପାଇଁ ଏପରି ବିପଦଜନକ ନାଟ କରାଯାଉଥିବା ବେଳେ ସରକାରଙ୍କ ବିଭିନ୍ନ ଯୋଜନା ଯେ ଏମାନଙ୍କ ପାଇଁ ଉପହାସ ତାହା ସ୍ପଷ୍ଟ ହୋଇଛି।



ନାବାଳିକା ଜଣଙ୍କ ବାଉଁଶରାଣୀ ଖେଳ ଦେଖାଉଛନ୍ତି।

## ଅଣ୍ଡା ବୋଝେଇ ଟ୍ରକ୍ ଓଲଟି ୨ ଗୁରୁତର

**ବାଲୁଗାଁ,୨୪।୯(ଡ଼ି.ଏନ.ଏ.)**

ସୋମବାର ଭୋର୍ ସମୟରେ ବ୍ରହ୍ମପୁରରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଏକ ଅଣ୍ଡା ବୋଝେଇ ଟ୍ରକ୍ ବାଲୁଗାଁ ବାଇପାସ୍ ରାସ୍ତାର କୋତରୀ ଛକଠାରେ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟିପଡ଼ିଛି। ଫଳରେ ଏଥିରେ ବସିଥିବା ଡ୍ରାଇଭର ଓ ହେଲ୍‌ପର୍ ଗୁରୁତର ଆହତ ହୋଇଛନ୍ତି। ଦୁର୍ଘଟଣାଗ୍ରସ୍ତ ଗାଡ଼ିରୁ ଅଣ୍ଡା କାର୍ଟୁନ୍ ବିକ୍ଷିପ୍ତ ହୋଇ ପଡ଼ିବା ଫଳରେ ଲକ୍ଷାଧିକ ଟଙ୍କାର ଅଣ୍ଡା ନଷ୍ଟ ହୋଇଛି । କିଛି ଅଣ୍ଡା କାର୍ଟୁନ ଲୋକେ ଲୁଟିନେଇଥିବା ଦେଖିବାକୁ ମିଳିଥିଲା। ତେବେ ଏ ସଂକ୍ରାନ୍ତରେ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାଯାଇଛି।

# ଜଙ୍ଗଲ ସୁରକ୍ଷା ମହାସଂଘର ସାଧାରଣ ପରିଷଦ ବୈଠକ

**ଗଣିଆ,୨୪।୯(ଡି.ଏନ୍.ଏ.)**

ଗଣିଆ ଶିଶୁରାଇଜ କାର୍ଯ୍ୟାଳୟଠାରେ ଗଣିଆ ଜୋନ୍ ଜଙ୍ଗଲ ସୁରକ୍ଷା ମହାସଂଘର ସାଧାରଣ ପରିଷଦ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଜୋନ୍ ସଭାପତି ଭିକାରୀ ଚରଣ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ କୋସ୍କା ଢୋଲମରା, କୁମ୍ଭାରପଡ଼ା, ବଳଭଦ୍ରପ୍ରସାଦ, ଆଡ଼କଟା, କରଡ଼ାପଡ଼ା, ଗଣିଆ, ବେଲପଡ଼ା, ରାସଙ୍ଗ, ଛାମୁଣ୍ଡିଆ, କିଶୋରପ୍ରସାଦ ଓ ସିଧାମୂଳା ଗ୍ରାମପଞ୍ଚାୟତର ଜଙ୍ଗଲ ସୁରକ୍ଷା କମିଟି କର୍ମକର୍ତ୍ତା ଯୋଗଦେଇଥିଲେ। ଜଙ୍ଗଲ ସୁରକ୍ଷା, ପରିଚାଳନା ଓ ଜଙ୍ଗଲ ସମ୍ବଳର ବ୍ୟବହାର ବିଧି ସହ ଅନ୍ୟାନ୍ୟ ସାଙ୍ଗଠନିକ ସମସ୍ୟା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ସେହିପରି ଜଙ୍ଗଲ ସୁରକ୍ଷା କାର୍ଯ୍ୟଧାରାକୁ ଆଗେଇନେବା ପାଇଁ ଆଞ୍ଚଳିକ କମିଟିଗୁଡ଼ିକୁ ତ୍ୱରାନ୍ୱିତ କରିବା ଲାଗି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ମହାସଂଘ ତରଫରୁ ସଭାପତି ଶରତ କୁମାର ନାୟକ, ସମ୍ପାଦକ ଶ୍ରୀବତ୍ସ ପଣ୍ଡା, ସଂଯୋଜକ ବିକ୍ରମ ନାୟକ ଓ ସୂର୍ଯ୍ୟମଣି ପଣ୍ଡା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ବୈଠକରେ ଉପସ୍ଥିତ ଜଙ୍ଗଲ ସୁରକ୍ଷା ମହାସଂଘ କର୍ମକର୍ତ୍ତା।

# ୬ ଦଫା ଦାବିରେ ଅଗ୍ନିଶମ କର୍ମଚାରୀଙ୍କ ଧାରଣା





ନୟାଗଡ଼ ଓ ଭାପୁରଠାରେ ଅଗ୍ନିଶମ କର୍ମଚାରୀମାନେ ଦମକଳ କେନ୍ଦ୍ର ଆଗରେ ଧାରଣା ଦେଇଛନ୍ତି।

**ନୟାଗଡ଼ ଅଫିସ,୨୪।୯**

ଓଡ଼ିଶା ଅଗ୍ନିଶମ କର୍ମଚାରୀଙ୍କୁ ଓଡ଼ିଶା ପୋଲିସ କର୍ମଚାରୀଙ୍କ ସହିତ ସମାନ ଦରମା ଓ ଭତ୍ତା ପ୍ରଦାନ, ଅଗ୍ନିଶମ ସେବାସଂସ୍ଥାର ହାବିଲଦାର ଆଣ୍ଡ ଫାୟାରମ୍ୟାନ୍ ଆସୋସିଏଶନକୁ ତୁରନ୍ତ ସରକାରୀ ପଞ୍ଜୀକରଣଭୁକ୍ତ କରିବା, ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ନିୟମିତ ଦରମାଭୁକ୍ତ କରିବା ସହିତ ଅଗ୍ନିଶମ କର୍ମଚାରୀଙ୍କୁ ନିଜ ଜିଲା ଏବଂ ଆବଶ୍ୟକସ୍ଥଳେ ନିକଟସ୍ଥ ଜିଲାରେ ନିଯୁକ୍ତି କରିବା, ଅଗ୍ନିଶମ ସେବାସଂସ୍ଥାରୁ ଅବସର ଗ୍ରହଣ କରିଥିବା କର୍ମଚାରୀଙ୍କୁ ତୁରନ୍ତ ପେନସନ୍ ଓ ଅବସରକାଳୀନ ପ୍ରାପ୍ୟ ପ୍ରଦାନ କରିବା, ରାଜ୍ୟର ଅନ୍ୟ ସରକାରୀ କର୍ମଚାରୀଙ୍କ ଭଳି ଅଗ୍ନିଶମ କର୍ମଚାରୀଙ୍କୁ ୮ ଘଣ୍ଟା ଡ୍ୟୁଟିରେ ମୁତୟନ କରିବା, ଅଗ୍ନିଶମ ସେବାସଂସ୍ଥାରେ ଖାଲି ପଡ଼ିଥିବା ପଦବୀଗୁଡ଼ିକ ତୁରନ୍ତ ପୂରଣ କରିବା ଭଳି ୬ ଦଫା ଦାବିରେ ରାଜ୍ୟବ୍ୟାପୀ ସମସ୍ତ ଦମକଳ କେନ୍ଦ୍ରରେ କର୍ମଚାରୀ ଧାରଣା ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ନୟାଗଡ଼ ଜିଲାରେ ମଧ ଏହି ଆନ୍ଦୋଳନ ଜାରି ରହିଛି। ସୋମବାର ସହରସ୍ଥିତ ଖଣ୍ଡପଡ଼ା ରୋଡ଼ଠାରେ ଥିବା ଦମକଳ କେନ୍ଦ୍ରଠାରେ କର୍ମଚାରୀମାନେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଦେଇଥିଲେ। ମୁଖ୍ୟ ଆଗ୍ନିକ ରାମପ୍ରସାଦ ମଲ୍ଲିକଙ୍କ ନେତୃତ୍ୱରେ ଗୌରାଙ୍ଗ ଚରଣ ନାୟକ, ରଶ୍ମିରଞ୍ଜନ ଜେନା, ପ୍ରସନ୍ନ କୁମାର ମଲ୍ଲିକ, ଦେବେନ୍ଦ୍ର ବେହେରା, ଆଦିତ୍ୟ ବେହେରାଙ୍କ ସମେତ ଏକାଧିକ କର୍ମଚାରୀ ଧାରଣାରେ ସାମିଲ ଥିଲେ।

**ଭାପୁର,(ଡି.ଏନ୍.ଏ.):** ରାଜ୍ୟରେ କାର୍ଯ୍ୟରତ ଅଗ୍ନିଶମ କର୍ମଚାରୀମାନେ ସେମାନଙ୍କ ୬ ଦଫା ଦାବି ପୂରଣ ନେଇ ସୋମବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନ ଆରମ୍ଭ କରିଛନ୍ତି। ସେମାନଙ୍କ ଦାବିଗୁଡ଼ିକ ହେଲା ପୋଲିସ କର୍ମଚାରୀଙ୍କ ସହ ସମାନ ଦରମା ଓ ଭତ୍ତା, ଚୁକ୍ତିଭିତ୍ତିକ କର୍ମଚାରୀମାନଙ୍କୁ ନିୟମିତ କରିବା, ଖାଲି ପଡ଼ିଥିବା ପଦବୀ ପୂରଣ, ହାବିଲଦାର ଓ ଫାୟାରମ୍ୟାନ ସଂଘ ପଞ୍ଜୀକରଣ ଓ ଅବସର ନେଇଥିବା କର୍ମଚାରୀମାନଙ୍କୁ ତୁରନ୍ତ ପେନସନ ପ୍ରଦାନ। ଭାପୁର ବ୍ଲକ କାର୍ଯ୍ୟାଳୟର ୧୧ଜଣ କର୍ମଚାରୀ ଏହି ଆନ୍ଦୋଳନରେ ସାମିଲ ହୋଇଥିବାରୁ ଏହି ଅତ୍ୟାବଶ୍ୟକୀୟ ସେବା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି।